ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୪/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 24/2023 Page 16 ₹ 7.00
୪୯ଶ ଭାଗ ୨୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 209 ମୂଲ୍ୟ₹୭/-



## ଅଲିବାଗ୍‌ରେ ୧.୫ ଏକର ଜମି କିଣିଲେ ସୁହାନା

ଅଭିନେତା ଶାହରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ମୁମ୍ବାଇର ଅଲିବାଗ୍‌ରେ ୧.୫ ଏକର ଚାଷଜମିକୁ ୧୨ କୋଟି ୯୧ ଲକ୍ଷ ଟଙ୍କାରେ କିଣିଛନ୍ତି।

୧୨

୧୫

## ଜୟସ୍ୱାଲଙ୍କ ପାଇଁ ସୁଯୋଗ

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ଯଶସ୍ୱୀ ଜୟସ୍ୱାଲ ସ୍ଥାନ ପାଇଛନ୍ତି। ଫଳରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ ହେବା ସମ୍ଭାବନା ବଢ଼ିଛି।



# ଏକାଠି ଲଢ଼ିବେ ୧୭ ଦଳ

**୧୭ ଦଳ ଏକାଠି ହୋଇଛନ୍ତି। ମିଳିମିଶି କାମ କରିବୁ ଏବଂ ମିଳିତ ଭାବେ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିବୁ। ପାଟନା ବୈଠକରେ ଏନେଇ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକ କଂଗ୍ରେସ ଶାସିତ ହିମାଚଳ ପ୍ରଦେଶର ଶିମ୍‌ଲାରେ ଜୁଲାଇ ୧୦ କିମ୍ବା ୧୨ରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଆସନରେ ଭାଜପାର ଜଣଙ୍କ ବିପକ୍ଷରେ ବିରୋଧୀଙ୍କ ପକ୍ଷରୁ ଜଣଙ୍କୁ ମିଳିତ ପ୍ରାର୍ଥୀ କରାଇବା ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି ଶୁକ୍ରବାର ବହୁପ୍ରତୀକ୍ଷିତ ମହାମେଳି ପରେ ଏହାର ଆୟୋଜକ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଏହି ବୈଠକକୁ ବିରୋଧୀ ଏକତାର ଆନୁଷ୍ଠାନିକ ଶୁଭାରମ୍ଭ ବୋଲି ବିବେଚନା କରାଯାଉଛି।**

ପାଟନା/ନୂଆଦିଲ୍ଲୀ/ଜମ୍ମୁ,୨୩।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

କେନ୍ଦ୍ରରେ ଭାଜପାକୁ ହରାଇବା ପାଇଁ ସବୁ ଦଳକୁ ଏକାଠି ହେବାକୁ ପଡ଼ିବ। ଏଥିଲାଗି ଆବଶ୍ୟକ ହେଲେ ବ୍ୟକ୍ତିଗତ ମତଭେଦ, ମହତ୍ତ୍ୱାକାଂକ୍ଷା ଓ ଦଳୀୟ ସ୍ୱାର୍ଥ ତ୍ୟାଗ କରିବାକୁ ହେବ। ନିର୍ବାଚନରେ ବିରୋଧୀ ମେଣ୍ଟ ବିଜୟୀ ହେଲେ ଆମ ଭିତରୁ ଜଣକୁ ପ୍ରଧାନମନ୍ତ୍ରୀ ଭାବେ ବାଛିବା। ଏପରି ସଂକଳ୍ପ ନେଇ ୧୭ ବିପକ୍ଷ ଦଳର ୩୨ ଜଣ ନେତା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରୀ ବାସଭବନରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ଏକତ୍ରିତ ହୋଇଥିଲେ। ବିରୋଧୀଙ୍କ ଏହି ବୈଠକ ୪ ଘଣ୍ଟା ଧରି ଚାଲିଥିଲା। ଏଥିରେ ଅଧ୍ୟକ୍ଷତା କରିଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଆମେ ଜାତୀୟ ସ୍ୱାର୍ଥ ପାଇଁ କାମ କରୁଛୁ। କିନ୍ତୁ ଭାଜପା ଦେଶର ସ୍ୱାର୍ଥ ବିରୋଧରେ ଯାଉଛି। ଗୈରିକ ଦଳ ଭାରତର ଇତିହାସକୁ ବଦଳାଇବାକୁ ଉଦ୍ୟମ କରୁଛି। ଏଥିଲାଗି ମିଳିତ ରଣନୀତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ଆମେ ଶିମ୍‌ଲାରେ ପୁଣି ଏକାଠି ହେବୁ ବୋଲି ନୀତୀଶ କହିଥିଲେ।

ସୂତ୍ରରୁ ଜଣାପଡ଼ିଛି ଯେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅମଲାତନ୍ତ୍ରୀ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ କଂଗ୍ରେସ ଖୋଲାଖୋଲି ଭାବେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି କହିଥିଲେ। ରାଜ୍ୟ ସଭାରେ କଂଗ୍ରେସ ସଦସ୍ୟମାନେ ଏହି ଅଧ୍ୟାଦେଶକୁ ରୋକିବାରେ ସମର୍ଥନ ନ କଲେ ଭବିଷ୍ୟତରେ ବିରୋଧୀଙ୍କ କୌଣସି ବୈଠକରେ ତାଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସାମିଲ ହେବ ନାହିଁ ବୋଲି ସେ କହିଥିଲେ। ଏହି ପ୍ରସଙ୍ଗକୁ ନେଇ ଏଏପି ଏବଂ କଂଗ୍ରେସ ମଧ୍ୟରେ ମତଭେଦ ଦେଖାଦେଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଶିମ୍‌ଲା ବୈଠକରେ ଏକ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ

☞ପୃଷ୍ଠା-୪



ପାଟନା ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ।

### ମିଶନ ୨୦୨୪

- ପାଟନା ବୈଠକରେ ୩୨ ବିରୋଧୀ ନେତା
- ଶିମ୍‌ଲା ବୈଠକରେ ପରବର୍ତ୍ତୀ ରଣନୀତି
- କେଁ ପୂରାଇଲେ କେଜ୍‌ରିୱାଲ
- ଶାହା କହିଲେ, ଫଟୋ ସେସନ୍ ଚାଲିଛି

# ଅତିରିକ୍ତ ଉପଜିଲାପାଳଙ୍କ ଘରୁ ମିଳିଲା ୩ କୋଟି

## ଭିଜିଲାନ୍ସ ଜାଲରେ ସରକାରୀ ବାବୁ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ଭଦ୍ରକ (ସନାତନ ରାଉତ)/ନବରଙ୍ଗପୁର, ୨୩।୬(ସଦାଶିବ ପ୍ରହରାଜ)

ରାଜ୍ୟରେ ସରକାରୀ ବାବୁମାନେ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରୁଛନ୍ତି। ଶୁକ୍ରବାର ଆଉଜଣେ ବଡ଼ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ପ୍ରଶାନ୍ତ କୁମାର ରାଉତ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ପ୍ରଶାନ୍ତଙ୍କ ନବରଙ୍ଗପୁର କାର୍ଯ୍ୟାଳୟସ୍ଥିତ କୋଠରି, ବାସଭବନ, ଭଦ୍ରକ ଜିଲା ବହୁଦରଡ଼ା ଗ୍ରାମସ୍ଥିତ ପୈତୃକ ଘର, ସମ୍ପର୍କୀୟ ଭାଇଙ୍କ ଘର ଓ ଭୁବନେଶ୍ୱର କାନନବିହାରସ୍ଥିତ ଘର (ଏଚ୍‌ଆଇଜି-୧୧୫) ଆଦି ରହିଛି। ତେବେ ଭିଜିଲାନ୍ସ ଅଧିକାରୀମାନେ ସନ୍ଧ୍ୟାସୁଦ୍ଧା ତାଙ୍କ ଘରୁ ନଗଦ ୩ କୋଟି



ପ୍ରଶାନ୍ତ କୁମାର ରାଉତ

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପରିବର୍ତ୍ତନ ସଙ୍କେତ

DSPL-109



OIPR-27029/13/0006/2324

## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୪ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ, ୨୩।୬:** ଜମ୍ମୁ-କଶ୍ମୀରର ମଚିଲ ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଶୁକ୍ରବାର ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛନ୍ତି। କଶ୍ମୀର ଜୋନ୍ ପୋଲିସର ସୂଚନା ଅନୁଯାୟୀ, ପାକ୍ ଅଧିକୃତ କଶ୍ମୀର(ପିଓକେ)ରୁ ୪ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିବାବେଳେ ସେନା ଯବାନ ଓ ପୋଲିସର ମିଳିତ ଅଭିଯାନରେ ସେମାନେ ପ୍ରାଣ ହରାଇଥିଲେ। ଗତ ଶୁକ୍ରବାର ମଧ ଆତଙ୍କବାଦୀମାନଙ୍କ ଆଉ ଏକ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଥିଲା। କେରନ ସେକ୍ଟରର ଜୁମାଗୁଣ୍ଡ ଅଞ୍ଚଳରେ ସୁରକ୍ଷା ବଳ ଗୁଳିରେ ୫ ଆତଙ୍କବାଦୀ ନିହତ ହୋଇଥିଲେ।

### ଅସଦାଚରଣ ପରେ ଚଳନ୍ତା ଟ୍ରେନ୍‌ରୁ ମହିଳାଙ୍କୁ ଫିଙ୍ଗିଦେଲେ

**ଭୋପାଳ, ୨୩।୬:** ଗଣବଳାତ୍କାର ଉଦ୍ୟମରେ ବାଧାଦେବାରୁ ୩ ଅଭିଯୁକ୍ତ ଜଣେ ମହିଳା ଯାତ୍ରୀଙ୍କୁ ଦ୍ରୁତଗାମୀ ଟ୍ରେନ୍‌ର ଜେନେରାଲ କମ୍ପାର୍ଟମେଣ୍ଟରେ ଉଲଗ୍ନ କରି ଅସଦାଚରଣ କରିବା ସହ ବାହାରକୁ ଫିଙ୍ଗିଦେଇଛନ୍ତି। ତାଙ୍କ ସହ ଥିବା ପୁରୁଷ ସହଯାତ୍ରୀଙ୍କୁ ମଧ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗିଦିଆଯାଇଛି। ଉଭୟେ ଗୁରୁତର ଆହତ ହୋଇଛନ୍ତି। ପୁରୁଷ ଯାତ୍ରୀ ଜଣକ ତାଙ୍କ ଚିରା ପୋଷାକରେ ମହିଳାଙ୍କୁ ଘୋଡ଼ାଇ ଘଞ୍ଚ ଜଙ୍ଗଲ ମଧରେ ପ୍ରବଳ ବର୍ଷାରେ ୫ କିଲୋମିଟର ନେବା ପରେ ଚିକିତ୍ସା ସହାୟତା ପାଇଥିଲେ। ବୃଦ୍ଧ ଦମ୍ପତି ମହିଳା ଜଣକୁ ଶାଢ଼ି ଦେବା ସହ ହସ୍ପିଟାଲ ନେବାରେ ସହାୟତା କରିଥିଲେ। ଗ୍ୱାଲିୟର ନିକଟରେ ଗତ ୧୯ ତାରିଖରେ ଏହି ଘଟଣା ଘଟିଛି। ପୋଲିସ ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଟ୍ରେନ୍‌ର ସାଧାରଣ ବଗିରେ ୬୦ ଯାତ୍ରୀ ଥିଲେ। ତେବେ ମହିଳାଙ୍କୁ ୩ ଜଣ ଉଲଗ୍ନ କରି ଅସଦାଚରଣ କରୁଥିବାବେଳେ କେହି ଜଣେ ହେଲେ ସହାୟତା ପାଇଁ ଆଗେଇ ଆସି ନ ଥିଲେ ବୋଲି ପୀଡ଼ିତା ଜଣକ ପୋଲିସକୁ କହିଛନ୍ତି। ୩୨ ବର୍ଷୀୟା ମହିଳାଙ୍କ ସହ ୨୨ ବର୍ଷୀୟ ସହଯାତ୍ରୀ ଲକ୍ଷ୍ନୌରୁ ଗୁଜରାଟ ଯାଉଥିଲେ। ସେମାନେ ନିର୍ଦ୍ଦିଷ୍ଟ ଟ୍ରେନ୍‌କୁ ହରାଇବା ପରେ ଗ୍ୱାଲିୟରରୁ ରାତି ୧୦ଟାରେ ସୁରଟ ଏକ୍ସପ୍ରେସ୍‌ର ସାଧାରଣ ବଗିରେ ଉଠିଥିଲେ।

### 'ଅପହରଣ' ନେଇ କଥା ହେଉଥିବା ବିମାନଯାତ୍ରୀ ଗିରଫ




**ମୁମ୍ବାଇ, ୨୩।୬:** ମୁମ୍ବାଇରୁ ନୂଆଦିଲ୍ଲୀ ଯାଉଥିବା ଭିସ୍ତାରା ଏୟାରଲାଇନ୍ସର ଏକ ବିମାନର ଜଣେ ଯାତ୍ରୀ ଫୋନ୍ ଯୋଗେ ବିମାନ ଅପହରଣ ଯୋଜନା ସମ୍ପର୍କରେ କଥା ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନଟି ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଛାଡ଼ିବାର ଥିଲା। ଉଡ଼ାଣ ପୂର୍ବରୁ ଉକ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯିବା ସହ ସୁରକ୍ଷା ବଳକୁ ହସ୍ତାନ୍ତର କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସେ ଫୋନ୍‌ରେ ଅପହରଣ ସମ୍ପର୍କରେ କଥା ହେଉଥିବାବେଳେ କେତେଜଣ କ୍ରିଉ ସଦସ୍ୟ ଓ ଅନ୍ୟମାନେ ଏହା ଶୁଣିପାରିଥିଲେ। ଏହା ପରେ ବିମାନକୁ ଭଲ ଭାବେ ଯାଞ୍ଚ କରାଯାଇଥିଲା। କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ମିଳିବା ପରେ ବିଳମ୍ବରେ ଉକ୍ତ ବିମାନ ନୂଆଦିଲ୍ଲୀ ଅଭିମୁଖେ ଉଡ଼ାଣ କରିଥିଲା। ଅଭିଯୁକ୍ତ ଯାତ୍ରୀଙ୍କ ଘର ହରିୟାଣାରେ ଓ ତାଙ୍କ ନାଁ ରିତେଶ ଜୁନେଜା। ତାଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ସେ ୨୦୨୧ରୁ ମେଡିକାଲରେ ଚିକିତ୍ସାଧୀନ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଆତଙ୍କବାଦୀ ଆକ୍ରମଣରେ ୮ ମୃତ

**ମେଦୁଗିରି, ୨୩।୬:** ଉତ୍ତର-ପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୮ ଜଣ କୃଷକ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳର ୧୦ ଜଣଙ୍କୁ ଅପହରଣ କରିନେଇଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଥିବା ଷ୍ଟେଟ୍ ଗଭର୍ନର ବାବାଗାନା ଜୁଲୁମ୍ କହିଛନ୍ତି। ଏଥିସହ ସତର୍କତାର ରହିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଇସ୍‌ଲାମିକ୍ ଆଇନ ଶାରିଆର ପ୍ରସାର ନିମନ୍ତେ ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଆକ୍ରମଣ କରୁଛନ୍ତି।

# ଦୁଃସାହସିକ ପର୍ଯ୍ୟଟନ

**ଅନେକ ସମୟରେ କ୍ଷଣିକ ଖୁସି ମଣିଷ ପାଇଁ ବିପଦ ସାଜେ। ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ ଯେତେ ରୋମାଞ୍ଚକର ସେତେ ବିପଦପୂର୍ଣ୍ଣ। ସମୁଦ୍ର ରାଣୀ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଦେଖିବା ପାଇଁ ବୁଡ଼ାଜାହାଜରେ ଯାଇଥିବା ୫ ଜଣଙ୍କ ମୃତ୍ୟୁ ଘଟିବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଘଟଣାକୁ ୫ ଦିନରୁ ଅଧିକ ସମୟ ବିତି ଯାଇଛି। କିନ୍ତୁ ବୁଡ଼ାଜାହାଜ ଟାଇଟାନ୍ କିମ୍ବା ସେଥିରେ ଯାଇଥିବା ପର୍ଯ୍ୟଟକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏବେ ବି ଗଭୀର ସମୁଦ୍ର ତଳେ ରେସ୍କ୍ୟୁ ଅପରେଶନ୍ ଚାଲିଛି। ମହାକାଶ ଏବଂ ଅଣ୍ଡର ୱାଟର ପର୍ଯ୍ୟଟନ ଆଗ୍ରହୀ ଲୋକଙ୍କ ପାଇଁ ବର୍ତ୍ତମାନ ସମୟରେ ବଡ଼ ବିପଦ ସାଜିଥିବା କୁହାଯାଇପାରେ।**

**ବୋଷ୍ଟନ୍/ୱାଶିଂଟନ୍, ୨୩।୬**
**(ପ୍ରସ୍ତୁତି: ଜ୍ୟୋତିର୍ମୟୀ ସେଠୀ)**

ନୂଆ ଜାଗାକୁ ଯାଇ ତା' ବିଷୟରେ ଜାଣିବା ଛଡ଼ା ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ ସ୍ପେସ୍ ଓ ଅଣ୍ଡରୱାଟର ସି' ଟ୍ରାଭେଲ୍ କରିବା ପସନ୍ଦ। ବିଶେଷ କରି ଧନିକ ଶ୍ରେଣୀର ଲୋକମାନେ ଏହି ଆଡ୍‌ଭାନ୍ସଡ୍ ଟ୍ରାଭେଲ୍ ପାଇଁ ଅଧିକ ମନ ବଳାଉଛନ୍ତି। ଉତ୍ତର ଆଟଲାଣ୍ଟିକ୍‌ରେ ଓସେନ୍‌ଗେଟ୍‌ର ବୁଡ଼ାଜାହାଜ ଟାଇଟାନ୍‌ରେ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଦେଖିବାକୁ ସମୁଦ୍ର ଭିତରକୁ ଯାଇଥିବା ଷ୍ଟକ୍‌ଟୋନ୍ ରଶ୍, ଶେହଜାଦା, ସୁଲେମାନ, ହାମିଶ ହାର୍ଡିଙ୍ଗ ଏବଂ ପଲ୍-ହେନରି ନାର୍ଜିଓଲେଟଙ୍କ ମୃତ୍ୟୁ ଘଟିଛି। ମୃତକମାନେ କୌଣସି ସାଧାରଣ ଲୋକ ନ ଥିଲେ। ସମସ୍ତେ ଅରବପତି ଥିବାବେଳେ ସେମାନଙ୍କୁ ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ କରିବା ପସନ୍ଦ ଥିଲା।

ରବିବାର ଟାଇଟାନ ନିଜର ଏହି ୮ ଦିନିଆ ସମୁଦ୍ର ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ ପାଖାପାଖି ୧ ଘଣ୍ଟା ୪୫ ମିନିଟ୍ ପରେ ବୁଡ଼ାଜାହାଜ ସହ ଅପରେଟିଂ ଟିମ୍‌ର ସଂଯୋଗ ତୁଟି ଯାଇଥିଲା। ସୂଚନା ମୁତାବକ ବୁଡ଼ାଜାହାଜରେ ଥିବା ୯୬ ଘଣ୍ଟାର ଅମ୍ଳଜାନ ଗୁରୁବାର ଶେଷ ହୋଇଯାଇଥିଲା। ୫ ଜଣଙ୍କ ସଲିଳ ସମାଧି ହୋଇଥିବା ଓସେନ୍‌ଗେଟ୍ ମୁଖ୍ୟ ବିଳମ୍ବିତ ରାତିରେ କହିଥିଲେ। ୧୬୦୦ ମିଟର ଗଭୀର ଜଳରାଶି ତଳେ ବୁଡ଼ାଜାହାଜର ବର୍ଜ୍ୟ ମିଳିଥିବା ଫାଷ୍ଟ କୋଷ୍ଟ ଗାର୍ଡ ଡିଷ୍ଟ୍ରିକ୍ଟର ରିୟର୍ ଆଡ୍‌ମିରାଲ ଜନ୍ ମଉଜର କହିଛନ୍ତି। ଅନ୍ୟପକ୍ଷେ ରବିବାର ସକାଳେ ଟାଇଟାନ୍ ସମୁଦ୍ର ମଧ୍ୟକୁ ପ୍ରବେଶ କରିବାର କିଛି ସମୟ ପରେ ଗଭୀର ଜଳରେ ଏକ ବିସ୍ଫୋରଣ ହେବାର ଶବ୍ଦ ଶୁଣିବାକୁ ମିଳିଥିବା ଆମେରିକୀୟ ନୌସେନା ମୁଖ୍ୟ ସୂଚନା ଦେଇଥିଲେ। ତେବେ ସମୁଦ୍ର ଭିତରେ ଟାଇଟାନ୍ ସହ କ'ଣ ଘଟିଥିଲା ତାକୁ ନେଇ ଅନେକ ପ୍ରଶ୍ନ ଉଙ୍କିମାରୁଥିବା ମଉଜର କହିଛନ୍ତି।




## ମହାକାଶ-ସମୁଦ୍ର ପର୍ଯ୍ୟଟନ

କମର୍ସିଆଲ କମ୍ପାନୀଗୁଡ଼ିକ ପ୍ରତିବର୍ଷ ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ ପାଇଁ କୋଟିପତିଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହାଛଡ଼ା ମହାକାଶ ଓ ସମୁଦ୍ର ପର୍ଯ୍ୟଟନ କ୍ଷେତ୍ରରେ ସରକାର ମଧ ମୋଟା ଅଙ୍କର ଅର୍ଥ ଏଥିରେ ବିନିଯୋଗ କରୁଛନ୍ତି। କମ୍ପାନୀ ଅର୍ଗାନାଇଜରଙ୍କ ମତରେ ଟ୍ରାଭେଲରୁ ଆସୁଥିବା ଅର୍ଥକୁ ଏ ସଂକ୍ରାନ୍ତୀୟ ଅଧିକ ତଥ୍ୟ ଯୋଗାଡ ଓ ଗବେଷଣା କ୍ଷେତ୍ରରେ ବ୍ୟବହାର କରାଯାଉଛି। କିନ୍ତୁ ଏହି ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ ଏବେ ସମାଜ ପାଇଁ ଘାତକ ସାଜିଛି।

ସମୁଦ୍ରର ଗଭୀର ଜଳରାଶିର ସ୍ଥିତି ଏବଂ ସେଠାରେ ବାସବାସ କରୁଥିବା ପ୍ରାଣୀଙ୍କ ସମ୍ବନ୍ଧରେ ଜାଣିବା ତଥା ରିସର୍ଚ୍ଚ ଉଦ୍ଦେଶ୍ୟରେ ଗବେଷକମାନେ ବୁଡ଼ାଜାହାଜ ଜରିଆରେ ସମୁଦ୍ର ମଧ୍ୟକୁ ଯାଇଥାନ୍ତି। ଏ ପ୍ରକାର ଅଭିଯାନର ଅର୍ଥନୀତି, ମିଲିଟାରି ଏବଂ ସାଇଣ୍ଟିଫିକ୍ ଉଦ୍ଦେଶ୍ୟ ପାଇଁ ଏଥିରେ ଅନେକ କମ୍ପାନୀ ସାମିଲ ହୋଇଥାନ୍ତି ବୋଲି ଅବସରପ୍ରାପ୍ତ ଆମେରିକୀୟ କୋଷ୍ଟ ଗାର୍ଡ କ୍ୟାପ୍‌ଟେନ୍ ଆଣ୍ଡ୍ରେୟୁ ନୋରିସ୍ କହିଛନ୍ତି। ବୁଡ଼ାଜାହାଜ ଯାତ୍ରାକୁ ୧୯୮୦ରେ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରାଯାଇଥିଲା। ବର୍ତ୍ତମାନ ଏହା ପ୍ରତ୍ୟେକ ଦେଶରେ ଉପଲବ୍ଧ।

### ଟାଇଟାନ୍‌ରେ ଯାତ୍ରା ପାଇଁ ୨,୦୫,୦୬,୯୩୭ ଟଙ୍କା

ଓସେନ୍‌ଗେଟ୍‌ର ଟାଇଟାନ୍ ବୁଡ଼ାଜାହାଜରେ ଯାତ୍ରା କରିବା ଲାଗି ଜଣେ ବ୍ୟକ୍ତିଙ୍କୁ ୨୫୦,୦୦୦ ଡଲାର (୨,୦୫,୦୬,୯୩୭ ଟଙ୍କା)ର ଆବଶ୍ୟକତା ପଡ଼ିଥାଏ। ପାଖାପାଖି ୪୦୦ ମାଇଲ୍ ଯାତ୍ରା କରୁଥିବା ଏହି ବୁଡ଼ାଜାହାଜ ୮ ଦିନ କାଳ ଗଭୀର ଜଳରେ ରହିଥାଏ। ମେରାଇନ୍ ଟେକନୋଲୋଜି ସୋସାଇଟି (ଏମ୍‌ଟିଏସ୍) ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ପର୍ଯ୍ୟଟକଙ୍କୁ ନେଇ ଅଣ୍ଡର ସି' ଟ୍ରାଭେଲ୍ କରୁଥିବା ବୁଡ଼ାଜାହଜ ବିପଦକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପଦକ୍ଷେପ ନେଇଥାଏ। ଗତ ୫୦ ବର୍ଷ ଧରି ଏ ପ୍ରକାର ଦୁର୍ଘଟଣା ଘଟି ନାହିଁ ବୋଲି ଏମ୍‌ଟିଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ବୁଡ଼ାଜାହାଜ ତୁଳନାରେ କାର୍ବନ ଫାଇବରେ ନିର୍ମିତ ଟାଇଟାନ ଅଧିକ ସୁରକ୍ଷିତ।

### ଟାଇଟାନିକ୍ ଦେଖିବାକୁ କମ୍ ଲୋକ ଆଗ୍ରହୀ

ଟାଇଟାନିକ୍ ଜାହାଜ ୧୯୧୨ ଏପ୍ରିଲ ୧୪ରେ ବୁଡ଼ିଯାଇଥିଲା। ୧୯୮୫ରେ ରୋବର୍ଟ ବାଲାର୍ଡ ଏହାର ଭଗ୍ନାବଶେଷକୁ ସମୁଦ୍ରର ଗଭୀର ଜଳ ମଧରେ ଠାବ କରିଥିଲେ। ଟାଇଟାନିକ ଏବଂ ସମୁଦ୍ରର ଭିତର ବାତାବାରଣ ଦେଖିବା ପାଇଁ ଲୋକଙ୍କ ଆଗ୍ରହ ବଢ଼ିଲା। ଆଗ୍ରହୀ ବ୍ୟକ୍ତିଙ୍କୁ ଟାଇଟାନିକ୍ ଦେଖାଇବା ପାଇଁ ଓସେନ୍‌ଗେଟ୍ ନିଷ୍ପତ୍ତି ନେଲା। ୨୦୧୦ରୁ ବର୍ତ୍ତମାନ ସୁଦ୍ଧା ଓସେନଗେଟ ଡଜନରୁ ଅଧିକ ଡାଇଭ୍ କରିସାରିଛି। ଗତ ୨୦ ବର୍ଷ ମଧରେ ଖୁବ୍ କମ୍ ଲୋକ ଟାଇଟାନିକ୍ ଜାହାଜ ଦେଖିବାକୁ ମନ ବଳାଇଛନ୍ତି। ଅଧିକାଂଶ ଲୋକେ ସମୁଦ୍ରଜୀବଙ୍କୁ ଦେଖିବା ପାଇଁ ଓସେନ୍‌ଗେଟ୍‌ର ବୁଡ଼ାଜାହାଜରେ ଯାତ୍ରା କରିଥାନ୍ତି।

### ହାମିଶ ହାର୍ଡିଙ୍ଗ



ବ୍ରିଟେନ୍‌ର ଘରୋଇ ବିମାନ ଉଡ଼ାଣ କମ୍ପାନୀ ଆକଶନ୍ ଏଭିଏଶନ୍‌ର ଅଧକ୍ଷ ହାମିଶ ହାର୍ଡିଙ୍ଗ (୫୮)। ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ ଲାଇସେନ୍ସଧାରୀ ହାର୍ଡିଙ୍ଗ ଜଣେ ସ୍କାଏ ଡାଇଭର। ଦକ୍ଷିଣ ମେରୁରେ ହାର୍ଡିଙ୍ଗ ବହୁ ଯାତ୍ରା କରିଥିବାବେଳେ ଗତବର୍ଷ ଆମାଜନ୍ ମାଲିକ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ କମ୍ପାନୀ ପକ୍ଷରୁ ସ୍ପେସ୍ ଟ୍ରାଭେଲ କରିଥିଲେ। ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ କରିବାକୁ ପସନ୍ଦ କରୁଥିବା ହାର୍ଡିଙ୍ଗଙ୍କର ରୋରି, ଗିଲ୍‌ସ ନାମରେ ଦୁଇଜଣ ପୁଅ ଅଛନ୍ତି।

### ଶେହଜାଦା ଓ ସୁଲେମାନ ଦାଉଦ



ପାକିସ୍ତାନର ଶେହଜାଦା (୪୮) ବ୍ରିଟେନରେ ରୁହନ୍ତି। ଶେହଜାଦାଙ୍କ ଇଙ୍ଗରୋ ଫର୍ଟିଲାଇଜର ଏବଂ ପେଟ୍ରୋକେମିକାଲ କମ୍ପାନୀ ପାଇଁ ସେ ଖୁବ୍ ଜଣାଶୁଣା। କିଙ୍ଗ ଚାର୍ଲ୍ସଙ୍କ ଚାରିଟି ପ୍ରିନ୍ସସ୍ ଟ୍ରଷ୍ଟ ଇଣ୍ଟରନ୍ୟାଶନାଲର ବୋର୍ଡ ମେମ୍ବର ହେଉଛନ୍ତି ଶେହଜାଦା। ଦକ୍ଷିଣ-ପଶ୍ଚିମ ଲଣ୍ଡନର ସର୍ବିଟୋନରେ ତାଙ୍କ ଘର। ଶେହଜାଦାଙ୍କ ସହ ଟାଇଟାନିକ୍ ଦେଖିଯାଇଥିବା ପୁଅ ସୁଲେମାନ (୧୯) ୟୁନିଭର୍ସିଟି ଅଫ୍ ଷ୍ଟ୍ରାଟକ୍ଲିଡ୍‌ର ବିଜ୍‌ନେଶ ସ୍କୁଲର ପ୍ରଥମ ବର୍ଷ ଛାତ୍ର।

### ପଲ-ହେନରି ନାର୍ଜିଓଲେଟ



ଫ୍ରାନ୍ସର ନୌସେନା କମାଣ୍ଡର ପଲ-ହେନରି ନାର୍ଜିଓଲେଟ (୭୭) ମିଷ୍ଟର ଟାଇଟାନିକ୍ ଭାବେ ବେଶ୍ ପରିଚିତ। ଟାଇଟାନିକ୍ ଜାହାଜ ସମ୍ପର୍କରେ ଦୀର୍ଘ ୩୫ ବର୍ଷ ଧରି ପଲ ଅଧ୍ୟୟନ କରୁଆସୁଛନ୍ତି। ଜାହାଜ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ସେ ଶହ ଶହ ଘଣ୍ଟା ସମୁଦ୍ର ତଳେ ଟାଇଟାନିକ୍ ଭଗ୍ନାବଶେଷ ନିକଟରେ କାଟୁଥିଲେ।

### ଷ୍ଟକ୍‌ଟୋନ୍ ରଶ୍



ଓସେନ୍‌ଗେଟ୍ ସିଇଓ ଷ୍ଟକ୍‌ଟୋନ୍ ରଶ୍ (୬୧) ଟାଇଟାନିକ୍ ମିଶନ୍‌ର ମୁଖ୍ୟ ଥିଲେ। ସେ କମ୍ପାନୀର ଫାଇନାନ୍ସିଆଲ ଓ ଇଞ୍ଜିନିୟରିଂ ଷ୍ଟ୍ରାଟେଜି ବୁଝାଶୁଝା କରୁଥିଲେ। ୧୯୮୧ରେ ମାତ୍ର ୧୯ ବର୍ଷ ବୟସରେ ସେ ୟୁନାଇଟେଡ୍ ଏୟାରଲାଇନ୍ସ ଜେଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ନାମ ଲେଖାଇଥିଲେ।

# ଆତଙ୍କବାଦ ବିରୋଧୀ ଲଢ଼େଇରେ 'ଯଦି, କିନ୍ତୁ'ର ସ୍ଥାନ ନାହିଁ

**ୱାଶିଂଟନ, ୨୩।୬**

ଆତଙ୍କବାଦ ମାନବଜାତିର ଶତ୍ରୁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଯଦି ଏବଂ କିନ୍ତୁ ରହିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ୯/୧୧ ଆକ୍ରମଣକୁ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ୨୬/୧୧ ମୁମ୍ବାଇ ଆକ୍ରମଣକୁ ଏକ ଦଶନ୍ଧିରୁ ଅଧିକ ହେଲାଣି। ଏବେ ବି ଆତଙ୍କବାଦ ଓ ମୌଳବାଦ ସାରା ବିଶ୍ୱ ପାଇଁ ବିପଦ ହୋଇ ରହିଥିବା ମୋଦି କହିଛନ୍ତି। ଏହିସବୁ ବିଚାରଧାରା ସେମାନଙ୍କୁ ନୂଆ ପରିଚୟ ଦେଇଥିଲେ ମଧ ଉଦ୍ଦେଶ୍ୟ ସମାନ ରହିଛି। ଆତଙ୍କବାଦ ସାରା ମାନବଜାତିର ଶତ୍ରୁ। ଆତଙ୍କବାଦର ପ୍ରାୟୋଜକ ଏବଂ ରପ୍ତାନିକାରୀ ଶକ୍ତିଙ୍କୁ ପରାଜିତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିବା ବେଳେ କଂଗ୍ରେସ ସଦସ୍ୟମାନେ 'ମୋଦି, ମୋଦି' ସ୍ଲୋଗାନ ଦେଇଥିଲେ।

ସେହିପରି ଚାଇନା ନାଁ ନ ନେଇ ପ୍ରଧାନମନ୍ତ୍ରୀ କହିଥିଲେ, ବୈଶ୍ୱିକ ଶୃଙ୍ଖଳା ଆମେରିକା ଚାର୍ଟରର ନିୟମାବଳୀ, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସାର୍ବଭୌମତ୍ୱକୁ ସମ୍ମାନ ଏବଂ ଆଞ୍ଚଳିକ ସଂହତି ଆଧାରରେ ଚାଲୁଛି। ବଳପ୍ରୟୋଗ ଓ ବିରୋଧର କଳାବାଦଲ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ଘୋଡ଼ାଇ ରଖିଛି। ଆଞ୍ଚଳିକ ସ୍ଥାୟିତ୍ୱ ଆମ ବନ୍ଧୁତ୍ୱ ପାଇଁ ମୁଖ୍ୟ ଚିନ୍ତାର ବିଷୟ ହୋଇଛି ବୋଲି ମୋଦି ଚାଇନାର ଆକ୍ରମଣାତ୍ମକ ଆଚରଣକୁ ଆକ୍ଷେପ କରି କହିଛନ୍ତି। ଇଣ୍ଡୋ-ପାସିଫିକ୍ ସମେତ ଏକ ମୁକ୍ତ ଓ ଉନ୍ମୁକ୍ତ ସୁରକ୍ଷିତ ଜଳରାଶି ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଦେଶଗୁଡ଼ିକର ବିକାଶ ଋଣ ବୋଝର ଚାପରେ ଶ୍ୱାସରୁଦ୍ଧ ନ ହେଉ ଏବଂ ଯୋଗାଯୋଗରୁ ରଣନୀତିକ ଉଦ୍ଦେଶ୍ୟର ଫାଇଦା ଉଠା ନ ଯାଉ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆମେରିକାର ଆଇନ ପ୍ରଣେତାମାନେ ମୋଦିଙ୍କ ଉଦ୍‌ବୋଧନକୁ ଉଚ୍ଚ ପ୍ରଶଂସା କରିଛନ୍ତି।

**ଆମେରିକା କଂଗ୍ରେସରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ**



ଆମେରିକା କଂଗ୍ରେସର ମିଳିତ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଭାରତୀୟମାନେ ସବୁ କ୍ଷେତ୍ରରେ ଦକ୍ଷ: ମୋଦି

**ୱାଶିଂଟନ, ୨୩।୬**

ଆମେରିକାରେ ଥିବା ଭାରତୀୟମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନେ କେବଳ ସ୍ପେଲିଂ ବି'ରେ ନୁହନ୍ତି ସବୁ କ୍ଷେତ୍ରରେ ପ୍ରତିଭାଶାଳୀ ଓ ଦକ୍ଷ। ଆମେରିକା ସହ ଭାରତର ସମ୍ପର୍କ ବଢ଼ାଇବାରେ ସେମାନେ ବଡ଼ ଭୂମିକା ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମହାକାଶଠାରୁ ସମୁଦ୍ର, ବିଜ୍ଞାନ ଏବଂ ସେମିକଣ୍ଡକ୍ଟର, ପ୍ରଯୁକ୍ତି ଏବଂ ବାଣିଜ୍ୟ, କୃଷି ଓ ଅର୍ଥ, କଳା ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଶକ୍ତି ଓ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ମାନବୀୟ ଉଦ୍ୟମ, ସବୁ କ୍ଷେତ୍ରରେ ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍ ମଧ ତାଙ୍କ ପ୍ରଶାସନରେ ଭାରତୀୟ-ଆମେରିକୀୟମାନଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

# ଜୈର ବୋଲସୋନାରୋଙ୍କ ରାଜନୈତିକ ଭବିଷ୍ୟତ ଅନିଶ୍ଚିତ

**ବ୍ରାସିଲିଆ୨୩।୬**

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ରାଜନୈତିକ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତିକରୁଛି। ଦେଶର ନିର୍ବାଚନ ପ୍ରକ୍ରିୟାକୁ ନେଇ ଅନାସ୍ଥାଭାବ ବିସ୍ତାର କରିବା ଉଦ୍ଦେଶ୍ୟରେ ସେ ମିଥ୍ୟା ଦାବି କରିଥିବା ଅଭିଯୋଗ ରହିଛି। ବ୍ରାସିଲିଆସ୍ଥିତ ଏକ ସଂଘୀୟ ନିର୍ବାଚନ ଅଦାଲତରେ ଗୁରୁବାର ଏହି ୬୮ ବର୍ଷୀୟ ଦକ୍ଷିଣପନ୍ଥୀ ନେତାଙ୍କ ବିରୋଧରେ ଶୁଣାଣି ଆରମ୍ଭ ହୋଇଛି। ସେ ଦୋଷୀ ସାବ୍ୟସ୍ତ ହେଲେ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ଅର୍ଥାତ୍ ବୋଲସୋନାରୋ ୭୬ ବର୍ଷରେ ଉପନୀତ ହେବା ପରେ ସ୍ୱାସ୍ଥ୍ୟ ମଧ ତାଙ୍କୁ ରାଜନୈତିକ ରୂପେ ସକ୍ରିୟ ହେବା ପାଇଁ ଅନୁମତି ଦେଇ ନ ପାରେ।

ଗତ ଅକ୍ଟୋବରରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପାଇଁ ପ୍ରଚାରବେଳେ ଲିବରାଲ ପାର୍ଟି ପ୍ରାର୍ଥୀ ବୋଲସୋନାରୋ ନିର୍ବାଚନର ବୈଧତାକୁ ନେଇ ପ୍ରଶ୍ନ ଉଠାଇ କହିଥିଲେ, ଦେଶର ମତଦାନ ବ୍ୟବସ୍ଥାରେ ହେରଫେର କରାଯାଇପାରିବ। ନିର୍ବାଚନ ଫଳାଫଳ ମଧ ଏପଟସେପଟ ହୋଇପାରେ। ତାଙ୍କର ଏହି ଅଗଣତାନ୍ତ୍ରିକ ଭାଷଣ ସେତେବେଳେ ଜାତୀୟ ଟି.ଭି. ଚ୍ୟାନେଲରେ ପ୍ରସାରିତ ଏବଂ ସାମାଜିକ ଗଣମାଧମରେ ଭାଇରାଲ୍ ହୋଇଥିଲା। ନିର୍ବାଚନରେ ତାଙ୍କ ପରାଜୟ ଲାଗି ଏହି ମନ୍ତବ୍ୟକୁ ଦାୟୀ କରାଯାଉଛି। ପୂର୍ବତନ ରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ଲେବର ପାର୍ଟି ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ବିଜୟକୁ ବୋଲସୋନାରୋଙ୍କ ସମର୍ଥକ ଗ୍ରହଣ କରି ନ ଥିଲେ। ଲୁଲା ଗତ ଜାନୁୟାରୀରେ ଶପଥ ନେବା ପରେ ସେମାନେ ସରକାରୀ ଅଫିସଗୁଡ଼ିକୁ ପଶି ଭଙ୍ଗାରୁଜା ସହ ବିଦ୍ରୋହ ଉଦ୍ୟମ କରିଥିଲେ। ତେଣୁ ନିର୍ବାଚନ ଫଳାଫଳ ପଲଟାଇବା ପାଇଁ ସେ ଦଙ୍ଗା ଉଦ୍ୟମ କରିଥିବା ଅଭିଯୋଗ ରହିଛି। ଆସନ୍ତା ଗୁରୁବାର ଏହା ଉପରେ ରାୟ ଆସିପାରେ।



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋ

# ଚାଷୀଙ୍କ ଜୀବିକା ପ୍ରତି ସରକାର ଉଦାସୀନ

**ପ୍ରାଣୀଧନ ବିଲ୍ ପ୍ରସ୍ତୁତି ଓ ପ୍ରତ୍ୟାହାରରୁ ସ୍ପଷ୍ଟ**

**ନୂଆଦିଲ୍ଲୀ, ୨୩।୬**

କେନ୍ଦ୍ର ସରକାର ଗତ ୭ ତାରିଖରେ ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ(ଆମଦାନୀ ଓ ରପ୍ତାନି) ବିଲ୍, ୨୦୨୩ ଆଣିଥିଲେ। ଏହା ପ୍ରଚଳିତ ପ୍ରାଣୀଧନ ଆମଦାନୀ(ସଂଶୋଧନ) ଆଇନ, ୨୦୦୧ ସ୍ଥାନରେ କାର୍ଯ୍ୟକାରୀ ହୋଇଥାନ୍ତା। ଏଥିପାଇଁ ଜନସାଧାରଣ ଏବଂ ଆମଦାନିକାରୀ ରପ୍ତାନିକାରୀମାନେ ୧୦ ଦିନ ମଧରେ ମତାମତ ରଖିବା ଲାଗି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତେବେ ପ୍ରାଣୀ କଲ୍ୟାଣ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉକ୍ତ ଚିଠା ବିଲ୍ ପ୍ରତ୍ୟାହାର କରିନିଆଗଲା ବୋଲି ବିଭାଗ ପକ୍ଷରୁ ଗତ ୨୦ ତାରିଖରେ କୁହାଯାଇଥିଲା। ପ୍ରାଣୀ ଅଧିକାର କର୍ମୀ ଏବଂ ଆର୍‌ଏସ୍‌ଏସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାରତୀୟ କିଷାନ ସଂଘ(ବିକେଏସ୍) ଓ ଅନ୍ୟ ସଂଗଠନଗୁଡ଼ିକ ବିଲ୍‌କୁ ସମାଲୋଚନା କରିଥିଲେ। ବିଲ୍‌କୁ ସ୍ଥଗିତ ରଖାଯାଇଥିଲେ ମଧ ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ ରପ୍ତାନି ଉପରେ ବାଣିଜ୍ୟିକ ନୀତିକୁ ନେଇ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। ପ୍ରାଣୀଧନର ତତ୍ତ୍ୱାବଧାରକମାନଙ୍କ ସମ୍ପର୍କରେ ସରକାର ବିଚାର କରିନାହାନ୍ତି। ଦେଶ ଭିତରକୁ ନୂଆ ରୋଗ ଯେପରି ଆସି ନ ପାରିବ ସେଥିପାଇଁ ପ୍ରାଣୀଧନ ଆମଦାନୀକୁ ନିୟନ୍ତ୍ରଣ କରିବା ନିମନ୍ତେ ମୂଳ ଆଇନ ୧୮୯୮ରେ ଅଣାଯାଇଥିଲା। ୨୦୦୧ରେ ଏଥିରେ ସଂଶୋଧନ କରାଯାଇ ପ୍ରାଣୀଧନ ଉତ୍ପାଦ ଯଥା ମାଂସ, ଅଣ୍ଡା, କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ, ପୋଷା ଜନ୍ତୁଙ୍କ ଖାଦ୍ୟ ଆଦିର ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ କେତେକ ଧାରା ଯୋଡ଼ାଯାଇଥିଲା। ସରକାର ପ୍ରତ୍ୟାହାର କରିନେଇଥିବା ନୂଆ ଚିଠା ବିଲ୍‌ରେ ଭାରତର ସମସ୍ତ ପୋଷା ଜୀବଜନ୍ତୁଙ୍କୁ ସାମିଲ କରିବା ପାଇଁ ପ୍ରାଣୀଧନର ସଂଜ୍ଞାକୁ ବିସ୍ତାରିତ କରାଯାଇଥିଲା। ପ୍ରାଣୀଧନ ଓ ଏହାର ଉତ୍ପାଦ ରପ୍ତାନିକୁ ସକ୍ରିୟତାର ସହ ପ୍ରୋତ୍ସାହିତ ଓ ବିକଶିତ କରିବା ଲାଗି ଆଇନରେ ଏକ ନୂଆ ଧାରାକୁ ସାମିଲ କରାଯାଇଥିଲା। ତେବେ ସରକାର ବିଲ୍ ପ୍ରସ୍ତୁତ କରିବା ଓ ତାକୁ ପ୍ରତ୍ୟାହାର କରିନେବା ବେଳେ ପ୍ରାଣୀଧନ ଉପରେ ନିର୍ଭର କରୁଥିବା ଦେଶର କୋଟି କୋଟି ଭୂମିହୀନ, କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କ ଜୀବନ ଓ ଜୀବିକାକୁ ବିଚାରକୁ ନେଇ ନ ଥିବା ସ୍ପଷ୍ଟ ହୋଇଛି। ଏହି ଚାଷୀମାନେ ହେଉଛନ୍ତି ଦେଶର ପ୍ରାୟ ୭୦ ପ୍ରତିଶତ ପ୍ରାଣୀଧନର କେୟାରଟେକର। ତେଣୁ ସରକାର ବିଲ୍ ପ୍ରତ୍ୟାହାର କରିନେଇଥିଲେ ମଧ ପ୍ରାଣୀଧନ ଓ ଏହାର ଉତ୍ପାଦ ଲାଗି 'ଭାରତରେ ପ୍ରସ୍ତୁତ-ଭାରତରୁ ରପ୍ତାନି' ନୀତି ଆଣିବା ନେଇ ଉତ୍ତରଦାୟିତ୍ୱରୁ ଓହରିଯାଇପାରିବେ ନାହିଁ।

ପ୍ରାଣୀଧନ ବିକାଶ, କୃଷି, ଜମି ଉପଯୋଗ ଏବଂ ଜଙ୍ଗଲ ନୀତି ଯୋଗୁ ଦେଶରେ ପ୍ରାଣୀଧନ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ରପ୍ତାନିଭିତ୍ତିକ ପ୍ରାଣୀ ଓ ଏହାର ଉତ୍ପାଦନ ନୀତି ଯୋଗୁ ସେମାନଙ୍କ ସଂଖ୍ୟା ଆହୁରି କମିବ। ଗୋରୁ, ମଇଁଷି, ଛେଳି, ମେଣ୍ଢା, କୁକୁର, ଘୋଡ଼ା, ମାଙ୍କଡ଼, ଘୁଷୁରି, ଓଟ ଆଦି ପ୍ରାଣୀଙ୍କ ସଂଖ୍ୟା ଯଥେଷ୍ଟ କମିଥିବାବେଳେ କେତେକ ସ୍ୱଦେଶୀ ପ୍ରାଣୀ ବିରଳ ହେବାକୁ ବସିଲେଣି। ଦୁଗ୍ଧ ଉତ୍ପାଦନ ବଢ଼ାଇବା ପାଇଁ ଡେଏରି ନୀତିର ଉଦ୍ୟୋଗୀକରଣ ସହ ମରୁଡ଼ି ମୁକାବିଲା, କ୍ଷୀର, ଗୋମାଂସ, ଖତ ଓ ଚମଡ଼ା ଉତ୍ପାଦଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ପାରମ୍ପରିକ ପ୍ରଜନନ ପ୍ରଣାଳୀରୁ ହଟି ହାଇବ୍ରିଡ୍ ଉପାୟରେ ପ୍ରାଣୀଙ୍କ ପ୍ରଜାତି ସୃଷ୍ଟି କରାଯିବା ଏହାର ଉଦ୍ଦେଶ୍ୟ। ଏଥିଯୋଗୁ ଗୃହପାଳିତ ପଶୁ ସେମାନଙ୍କ ଜିନ୍‌ଗତ ମୌଳିକତା ହରାଇବେ ବୋଲି ପ୍ରାଣୀଧନ ଅଧିକାର କର୍ମୀମାନେ ସମାଲୋଚନା କରୁଛନ୍ତି।

**ସର୍ପାଘାତରେ ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ**

କନ୍ଧମାଳ,୨୩।୬( ଆଦିତେଶ୍ୱର ମିଶ୍ର)- ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ଗୌରିବେଙ୍ଗସ ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସାପ କାମୁଡାରେ ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରକାଶ ଯେ, ଗୌରିବେଙ୍ଗସ ଗ୍ରାମର ସୌରିନ୍ଦ୍ରୀ ନାଏକ(୧୯) ଓ ଝରଣା ଭୋଇ(୧୮) ସଂପର୍କୀୟ ଭଉଣୀ ଅଟନ୍ତି । ପରିବାର ଲୋକ ପୁଟାଖେତ ଗ୍ରାମ ନିକଟରେ ଥିବା କେନ୍ଦୁପତ୍ର ଫଡିରେ କାମ ସାରି ଖାଇପିଇ ରାତିରେ ଶୋଇ ଯାଇଥିଲେ । ଶୋଇଥିବା ସମୟରେ ୨ ଜଣଙ୍କୁ ସାପ କାମୁଡି ଦେଇଥିଲା । ପରିବାର ଲୋକ ଉଭୟଙ୍କୁ କନ୍ଧମାଳ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।




# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ

- ପ୍ରଥମ ହେବ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ୍‌ର ରୂପାନ୍ତର
- ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳ ବିକାଶ କରାଯିବ
- ପିଲାଙ୍କ ପାଇଁ ହେବ ପ୍ରକୃତି ଶିକ୍ଷା ସମ୍ପର୍କିତ ଆକର୍ଷଣୀୟ କେନ୍ଦ୍ର
- ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୬(ଅନିଲ ଦାସ)

ନନ୍ଦନକାନନର ନବକଳେବର ହେବ। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ରୂପାନ୍ତର କରାଯିବ। ନୂଆ ଜୀବଜନ୍ତୁ ଆଣିବା, ଜଙ୍ଗଲ ଅଞ୍ଚଳର ବିକାଶ ସହ ଦର୍ଶକମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ସୃଷ୍ଟି କରାଯିବ। ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳକୁ ଏଥିରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ଶୁକ୍ରବାର ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତ୍ତନ ପାଇଁ ଅନେକ ପ୍ରସ୍ତାବ ରଖାଯାଇଛି। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକ୍‌ର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମେ' ୨୩ରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନୂଆ ଯୋଜନାରେ ପରିଦର୍ଶକମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରେଞ୍ଚେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିୟମ, ୱାଟର ବାର୍ଡ ଆଭିଆରି, ଦେଶ ବିଦେଶରୁ ନୂତନ ପ୍ରାଣୀ ଅଣାଯିବା, ଇମରସିଭ ଏନ୍‌କ୍ଲୋଜରସ୍ ପାଇଁ ବ୍ୟବସ୍ଥା ରହିଛି। ୨ ପର୍ଯ୍ୟାୟରେ ରୂପାନ୍ତର କାର୍ଯ୍ୟ ହେବ। ପ୍ରଥମ ପର୍ଯ୍ୟାୟ ୨୦୨୩ରୁ ୨୦୨୫ ମଧ୍ୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳର ବିକାଶ କରାଯିବ। ଏଥିରେ ରାତ୍ରି ସଫାରି ଓ ସଫାରି କମ୍ପ୍ଲେକ୍ସର ବିକାଶ କରାଯିବ। ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍‌ରେ ବିକଶିତ କରିବା ପାଇଁ ଯୋଜନା ରହିଛି। ଏଥିରେ ଆକ୍ଟିଭିଟିଭିତ୍ତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି। ଏଥିସହିତ ସିଟିଜେନ ସାଇନ୍ସ, ନୋ ୟୋର ଟ୍ରିଜ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇଣ୍ଟର୍ନସିଭ ଓ ଜୁ ଭଲ୍ୟୁଣ୍ଟିଅର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ।

ବର୍ତ୍ତମାନ ନନ୍ଦନକାନନରେ ୪୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ସମୁଦାୟ ୧୬୧ ପ୍ରଜାତିର ୪୦୧୨ ପ୍ରାଣୀ ଅଛନ୍ତି। ବର୍ତ୍ତମାନ ଦେଶବିଦେଶର ବିଭିନ୍ନ ସ୍ଥାନରୁ ଅଧିକ ପ୍ରାଣୀ ଆଣିବା ପାଇଁ ଯୋଜନା କରାଯାଇଛି। ଦେଶର ଉତ୍ତର-ପୂର୍ବ ଅଞ୍ଚଳରୁ ହୁଲୋକ ଗିବନ, ପିଗ୍‌ଟେଲ ମାକାଏ, ୱାନ ହର୍ନ ରାଇନୋସରସ, କ୍ୟାପ୍‌ଡ ଲାଙ୍ଗୁର, ସ୍ପେକ୍ଟାକଲ୍‌ଡ ମଙ୍କି, କ୍ଲାଉଡେଡ୍ ଲିଓପାର୍ଡ ଆଦି ଆଣିବାର ପ୍ରସ୍ତାବ ରହିଛି। ସେହିପରି ଅଷ୍ଟ୍ରେଲିଆରୁ କାସୋୱାରି, କଙ୍ଗାରୁ, ୱାଲ୍‌ବି ଆଦି ଆଣିବାର ପ୍ରସ୍ତାବ ମଧ୍ୟ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଯୁଗଳ କିଶୋର ଷଡ଼ଙ୍ଗୀ ପାଇବେ 'ବାଲ୍ ସାହିତ୍ୟ ପୁରସ୍କାର'

**କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ଓ ଯୁବ ପୁରସ୍କାର ଘୋଷଣା**

ଭୁବନେଶ୍ୱର,୨୩।୬
(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶୁକ୍ରବାର ବାଲ୍ ସାହିତ୍ୟ ପୁରସ୍କାର ଓ ଯୁବ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି। ୨୦ଜଣ ଯୁବ ଓ ୨୨ଜଣ ବାଲ୍ ସାହିତ୍ୟ ପୁରସ୍କାର ପାଇବେ। ତେବେ ଯୁବ ପୁରସ୍କାରରେ ଓଡ଼ିଶାରୁ କେହି ସ୍ଥାନ ପାଇ ନ ଥିବାବେଳେ ବାଲ୍ ପୁରସ୍କାର ପାଇବାକୁ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି। ସେ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଜେଜେଙ୍କ ଗପ ଗଣ୍ଠିଲି' ପାଇଁ ଏହି ଜାତୀୟ ପୁରସ୍କାର ପାଇବେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଏକାଡେମୀର କାର୍ଯ୍ୟକାରୀ ମଣ୍ଡଳ ଏନେଇ ଘୋଷଣା କରିଥିଲେ। ପୁରସ୍କାର ବାବଦକୁ ଲେଖକ ଷଡ଼ଙ୍ଗୀଙ୍କୁ ଏକ ତାମ୍ରଫଳକ ସହ ୫୦ ହଜାର ଟଙ୍କାର ଅର୍ଥରାଶି ଦିଆଯିବ ବୋଲି ସୂଚନା ଦିଆଯାଇଛି। ୧୯୪୬ ଡିସେମ୍ବର ୯ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଗ୍ରାମରେ


ଡ. ଯୁଗଳ କିଶୋର ଷଡ଼ଙ୍ଗୀ

ଯୁଗଳ ଜନ୍ମ ଗ୍ରହଣ କରିଥିଲେ। ସେ ଜଣେ ଶିଶୁ ସାହିତ୍ୟିକ, ସଂସ୍କୃତି ଗବେଷକ ଭାବେ ସୁପରିଚିତ। ସାରସ୍ୱତ ସାଧନା, ଆକାଶବାଣୀ ନିମନ୍ତେ ଗୀତ ରଚନା, ପୁସ୍ତକ ପଠନ, ପାଠକ ସୃଷ୍ଟି କରିବା, ଶିଶୁ-ସାହିତ୍ୟ ସୃଜନ, ଆଲୋଚନା, ଗବେଷଣା ଆଦିରେ ସେ ରୁଚି ରଖନ୍ତି। ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ୭ଟି ପୁସ୍ତକ ପ୍ରକାଶ ହୋଇସାରିଛି। ସେଗୁଡ଼ିକ ହେଲା ଆସରେ ପିଲା ଆସ, ତୁମପାଇଁ ଏକାଙ୍କିକା, ଉଦ୍‌ଯୋଗୀ ଜନଲକ୍ଷ୍ମୀନନ୍ଦନ, ଚିଠି, ତୁମପାଇଁ କବିତା, ଦଳପତି ଚୟନ ଓ ମୁର୍ଖାନନ୍ଦ। ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଗବେଷଣାତ୍ମକ ପୁସ୍ତକ ଜୁହାରଗୋ ମା' ଦୁଆରସନୀ, ଗୀତି ସୁରଭି, ଅନ୍ଧାରରୁ ଆଲୁଅ, ନିର୍ଝରଣୀ, ଦୟାମୟୀ ମା' ଦ୍ୱାରସନୀ ଆଦି ରଚନା କରିଛନ୍ତି। କୋଶଳୀ ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କ ଦ୍ୱାରା ରଚିତ ଦୁଆରସନୀ ଭଜନ୍, ରସ୍‌କଦମ୍, ଉଜନ୍‌ବୁଜୁଲି, ଢୁରି, ଛି, ଜନ୍ ଉଦ୍‌ଲାନା ପୁସ୍ତକ ପ୍ରକାଶିତ ହୋଇଛି। ଶିକ୍ଷକତା ବୃତ୍ତିରୁ ପ୍ରଶିକ୍ଷକ ଓ ପରେ ପରିଦର୍ଶକ ଭାବେ ୨୦୦୪ରେ ସେ ଅବସର ନେଇଛନ୍ତି। ପୁରସ୍କାର ପାଇବା ପାଇଁ ମନୋନୀତ ହେବା ପରେ ସେ ଖୁସିବ୍ୟକ୍ତ କରିବା ସହ ଦୀର୍ଘଦିନର ତପସ୍ୟା ସୁଫଳ ହୋଇଛି ବୋଲି କହିଛନ୍ତି।

# ପଞ୍ଚମ, ସପ୍ତମ ଶ୍ରେଣୀ ପିଲା ଦେବେ ପ୍ରି-ଏକ୍‌ଜାମ ଟେଷ୍ଟ

ଭୁବନେଶ୍ୱର,୨୩।୬
(ଅନୁରାଧା ମହାରଣା)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୂଆ ନୂଆ ଯୋଜନା ହାତକୁ ନିଆଯାଉଛି। ଏହି କ୍ରମରେ ୫ମ ଓ ୭ମ ଶ୍ରେଣୀ ପିଲାଙ୍କ ପାଇଁ ପ୍ରି- ଏକ୍‌ଜାମ ଟେଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୦୨୪-୨୫ ଶିକ୍ଷାବର୍ଷରୁ ଏହି ନୂଆ ନିୟମ ଲାଗୁ ହେବ। ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବିଭାଗ ପକ୍ଷରୁ ଉଜ୍ଜ୍ୱଳ-ଉତ୍‌ଥାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଅଧିକାଂଶ ପ୍ରାଥମିକ ସ୍କୁଲରେ ପିଲାମାନେ ଆଶାନୁଯାୟୀ ପ୍ରଦର୍ଶନ କରିପାରୁ ନାହାନ୍ତି। ବିଶେଷ କରି ପରୀକ୍ଷା ଭୟ ତଥା ପାଠ୍ୟକ୍ରମ ଚାପ ସେମାନଙ୍କୁ ଭାରାକ୍ରାନ୍ତ କରୁଛି। ତେଣୁ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ସୂଚନା ଥାଉ କି, ରାଜ୍ୟର ୫୪ହଜାର ୭୮୨ଟି ପ୍ରାଥମିକ ବିଦ୍ୟାଳୟରେ କେବଳ ୫ମ ଶ୍ରେଣୀରେ ପିଲାଙ୍କ ସଂଖ୍ୟା ୭ଲକ୍ଷ ୫୪ହଜାର ୨୪୯ ଓ ସପ୍ତମ ଶ୍ରେଣୀରେ ପିଲାଙ୍କ ସଂଖ୍ୟା ୭ଲକ୍ଷ ୨୨ହଜାର ୮୭୧ରହିଛି। ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ପାସ୍‌ହାର ବୃଦ୍ଧି ଲାଗି ପ୍ରାଥମିକ ସ୍ତରରୁ ଏବେ ପ୍ରୟାସ କରାଯାଉଛି। ପଞ୍ଚମ ଶ୍ରେଣୀ ପାସ୍ କରୁଥିବା ପିଲାଙ୍କ ମଧ୍ୟରୁ ମାତ୍ର ୨୪ ପ୍ରତିଶତ ପିଲା ବିଷୟ ଭିତ୍ତିକ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିପାରୁଛନ୍ତି। ସେହିପରି ସପ୍ତମ ଶ୍ରେଣୀ ପାସ୍ କରୁଥିବା ପିଲାଙ୍କ ମଧ୍ୟରୁ ମାତ୍ର ୧୮ ପ୍ରତିଶତ ପିଲା ୬୦ ପ୍ରତିଶତ ମାର୍କ ରଖିବାକୁ ସକ୍ଷମ ହେଉଛନ୍ତି। ଫଳରେ ଏହାର ପ୍ରଭାବ ଅଷ୍ଟମ ଓ ପରେ ଦଶମ ଶ୍ରେଣୀରେ ଦେଖିବାକୁ ମିଳିଥାଏ। ତେବେ ନୂଆ ନିୟମ ଲାଗୁ ହେବା ଫଳରେ ୫ମରେ ଯେପରି ୮୦ପ୍ରତିଶତରୁ ଅଧିକ ପିଲା ୬୦ ପ୍ରତିଶତରୁ ଅଧିକ ମାର୍କ ରଖିବାରେ ସଫଳ ହେବେ ଓ ସପ୍ତମରେ ୬୫ପ୍ରତିଶତ ପିଲା ୬୦ ପ୍ରତିଶତରୁ ଅଧିକ ମାର୍କ ରଖିବେ ସେଥିପାଇଁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଉଭୟ ୫ମ ଓ ୭ମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ପରେ ପିଲାଙ୍କ ଦକ୍ଷତାକୁ ଅନୁଧ୍ୟାନ କରି ବାର୍ଷିକ ପରୀକ୍ଷା ପୂର୍ବରୁ ପ୍ରି-ଏକ୍‌ଜାମ ଟେଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ସ୍କୁଲର ପ୍ରଧାନଶିକ୍ଷକ ଓ ବିଷୟଭିତ୍ତିକ ଶିକ୍ଷକମାନେ ମଧ୍ୟ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି।




**ଆଜିର ମନ୍ତବ୍ୟ**

"ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ପରଠାରୁ ଜମ୍ମୁ-କଶ୍ମୀରର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଛି। ଉପତ୍ୟକାର ଯୁବପିଢ଼ିଙ୍କ ହାତରେ ଆଜି ଟେକା ପରିବର୍ତ୍ତେ କଲମ ଓ ଲାପ୍‌ଟପ୍ ରହିଛି। **-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗରଜିଲା ମେଘ ବରଷେ ନାହିଁ
ବରଷେ ଧୂଳିଆ
ଧୋବ ଧୋବଲିଆ ପୋଷଇ ନାହିଁ
ପୋଷଇ ମୂଳିଆ।**

ମେଘ ଗର୍ଜନ କଲେ ବଡ଼ ବର୍ଷା ହୁଏ ନାହିଁ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ। କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡ଼ବଡ଼ିଆ କିଛି କରନ୍ତି ନାହିଁ। ସେମାନେ କେବଳ ମାତ୍ର ନାମଧାରୀ। ଚାଷୀ ମୂଳିଆ ଚାଷବାସ କରି ସଭିଙ୍କୁ ଆହାର ଯୋଗାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା କଥା ଗଲାଣି
କିଆଁ ଲାଗିଛି ହଣାହଣି ?**

ଯାହା ଘଟିଗଲାଣି ତାକୁ ଆଳ କରି ପରସ୍ପର ମଧ୍ୟରେ ହଣାହଣି, ମରାମରି ହେବାରେ ଲାଭ କିଛି ମିଳି ନ ଥାଏ। କଥାରେ ଅଛି, ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ତଥା ଅନ୍ୟକୁ ଦୋଷାରୋପ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାରା ଓଡ଼ିଶାରେ ପହଞ୍ଚିଲା ମୌସୁମୀ

**■ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ**
**■ ୪ ଦିନ ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୨୩।୬(ଅନିଲ ଦାସ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ସମ୍ପୂର୍ଣ୍ଣ ଓଡ଼ିଶାରେ ପହଞ୍ଚିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଶନିବାର କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ୨୫ ତାରିଖରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ବରଗଡ଼ ଓ ଝାରସୁଗୁଡ଼ାର କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, କଟକ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଓ ନୟାଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

୨୬ ତାରିଖରେ ଅନୁଗୋଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, କଟକ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୭ ତାରିଖରେ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ୨୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଗୋପାଳପୁରରେ ୨୪.୮ ମିଲିମିଟର, ହୀରାକୁଦ ୪୪.୨, ତାଳଚେର ୧୨, ଭବାନୀପାଟଣା ୧୨, କୋରାପୁଟ ୪୨.୫, ଫୁଲବାଣୀ ୩୯.୨, ମାଲକାନଗିରି ୪୯.୪, ଦାରିଙ୍ଗବାଡ଼ି ୧୬, ଛତ୍ରପୁର ୫୦.୪, ବୌଦ୍ଧ ୨୧, ପାରଳାଖେମୁଣ୍ଡି ୧୮.୮, ରାୟଗଡ଼ା ୧୬.୨, ଭଦ୍ରକ ୨୮.୩ ଏବଂ ଢେଙ୍କାନାଳରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଡିସେମ୍ବର ସୁଦ୍ଧା ସବୁ ହାଇସ୍କୁଲର ୫-ଟି ରୂପାନ୍ତରଣ ଶେଷ ହେବ

**୫-ଟି ସଚିବଙ୍କ ଗସ୍ତର ଦ୍ୱିତୀୟ ଦିନ**

ବାଲେଶ୍ୱର(ମାନସ ବିଶ୍ୱାଳ), ୨୩।୬

ବାଲେଶ୍ୱର ଜିଲା ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ସହରର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଭୋଗରାଇ, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଆଦି ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ୫-ଟି ସଚିବ ପ୍ରଥମେ କବିତୀର୍ଥ ଶାନ୍ତିକାନନରେ ପହଞ୍ଚି କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେଠାରେ ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ମିଶନ ଶକ୍ତି ବଜାରରେ ପହଞ୍ଚି ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଷ୍ଟଲ ବୁଲି ଦେଖିଥିଲେ। ସେଠାରେ ଆରମ୍ଭ ହୋଇଥିବା ମିଶନ ଶକ୍ତି କାଫେରେ ପାଣ୍ଡିଆନ ସକାଳ ଜଳଖିଆ କରିଥିଲେ। ସେଠାରୁ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ଯାଇ ନିର୍ମାଣଧୀନ ବସ୍‌ଷ୍ଟାଣ୍ଡ ବୁଲି ଦେଖିବା ସହିତ ବସ୍ ଓ ଟ୍ରକ୍ ମାଲିକ ସଂଘ ସହିତ ଆଲୋଚନା କରିଥିଲେ। ପରେ ଉତ୍କଳ ବାଳାଶ୍ରମରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ବର୍ଗର ଲୋକଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଅନୁଯାୟୀ ଆସନ୍ତା ୩୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କଠାରୁ ଖୁସି ଖବର ମିଳିବ ବୋଲି କହିଥିଲେ। ଡିସେମ୍ବର ସୁଦ୍ଧା ସବୁ ହାଇସ୍କୁଲର ୫-ଟି ରୂପାନ୍ତରିତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପ୍ରତି ଯୁକ୍ତ ୨ ଓ ଯୁକ୍ତ ୩ କଲେଜ ମଧ୍ୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଦେଇଥିଲେ। ଚାନ୍ଦିପୁର ସମୁଦ୍ରକୂଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି। ୫-ଟି ସଚିବ ଉଦୟପୁର ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରକୁ ଯାଇ ବର୍ଷାରେ ଭିଜି ପ୍ରଥମେ ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଖ୍ୟାତିସମ୍ପନ୍ନ ଶଙ୍ଖାରି ଗ୍ରାମର ମନ୍ମଥ ଓ ମନୋଜ ଦାସଙ୍କ ନବନିର୍ମିତ ଐତିହ୍ୟସ୍ଥଳୀର କାର୍ଯ୍ୟ ନିର୍ମାଣ ସମ୍ପର୍କରେ ତଦାରଖ କରି ଫେରିଥିଲେ। ୫-ଟି ସଚିବ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ମା' ବାଶୁଳୀ ପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ତାଳସାରୀ-ଉଦୟପୁର ୨. ୭ କି.ମି. ତଟସୁରକ୍ଷା ପଥରବନ୍ଧ ଓ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଖୁବଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୫-ଟି ସଚିବ ହେଲିକପ୍ଟର ଯୋଗେ ଜଳେଶ୍ୱର, ବସ୍ତା ଓ ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଅଭିମୁଖେ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଦୀପକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଭୋଗରାଇଠାରେ ୫-ଟି ସଚିବ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଆଜିଠୁ ମିଳିବ ମାଟ୍ରିକ ପ୍ରମାଣପତ୍ର

**ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏ ସେଣ୍ଟର**

କଟକ,୨୩।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟରେ ଚଳିତବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପ୍ରମାଣପତ୍ର ମିଳିବ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶନିବାର ଏହା ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଜିଲାରେ ବୋର୍ଡ ପକ୍ଷରୁ ଗୋଟିଏ ଲେଖାଏ ସେଣ୍ଟର କରାଯାଇଛି। ୨୪ ଏବଂ ୨୫ ତାରିଖ ଦୁଇଦିନ ମଧ୍ୟରେ ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କର ପ୍ରମାଣପତ୍ର ଉକ୍ତ ସେଣ୍ଟରରୁ ନେଇପାରିବେ। ଏହି କାର୍ଯ୍ୟର ତଦାରଖ କରିବାକୁ ବୋର୍ଡ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ କୁହାଯାଇଛି। ଯଦି ସାର୍ଟିଫିକେଟରେ କୌଣସି ତ୍ରୁଟିଥାଏ, ତାହେଲେ ଏହାକୁ ସଂଶୋଧନ କରାଯାଇପାରିବ। ଆସନ୍ତା ଜୁଲାଇ ୫ରୁ ୧୪ ତାରିଖ ମଧ୍ୟରେ ବୋର୍ଡ ଦ୍ୱାରା ସଂଶୋଧନ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଏବଂ ଦେୟ ଦାଖଲ କରି ସଂଶୋଧିତ ପ୍ରମାଣପତ୍ର ପାଇପାରିବେ ବୋଲି ସୂଚନା ମିଳିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଶାଶୁବୋହୂଙ୍କ ଜୀବନ ଗଲା

ସମ୍ବଲପୁର,୨୩।୬
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ତାବତଇଲା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୋହୂ ପଦ୍ମିନୀ ମିର୍ଦ୍ଧା(୩୫) ଓ ଶାଶୁ ସତ ମିର୍ଦ୍ଧାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଗ୍ରାମ ତଥା ପାଖ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଯୁଯୁମୁରା ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସକାଳ ପ୍ରାୟ ୮ଟା ସମୟରେ ସତ ବଲ୍‌ବ ଜଳାଇବା ପାଇଁ ବାରିପଟେ ଥିବା ବିଦ୍ୟୁତ୍ ତାର ସହ ଅନ୍ୟ ତାର ସଂଯୋଗ କରିବାକୁ ଆସିଥିଲେ। ହେଲେ ହଠାତ୍ ବିଦ୍ୟୁତ୍ ତାରରେ ଲାଗିଯାଇ ଚିତ୍କାର କରିଥିଲେ। ଏହା ଶୁଣି ପାଖରେ ଥିବା ବୋହୂ ପଦ୍ମିନୀ ଦୌଡ଼ି ଆସି ଶାଶୁଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ମଧ୍ୟ ତାରରେ ଲଟକିଯାଇଥିଲେ। ଦୁର୍ଘଟଣା ପରେ ଉଭୟେ ଅଚେତ ହୋଇ ସେଠାରେ ପଡ଼ିଯାଇଥିଲେ। ଏହି ସମୟରେ ପାଖରେ ଥିବା ୨ବର୍ଷର ଶିଶୁକନ୍ୟା ଘର ବାହାରକୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ପରେ ପରିବାରବର୍ଗ ଆସି ଉଭୟଙ୍କୁ ଯୁଯୁମୁରା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ଭିମ୍‌ସାରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାମାନ୍ୟ ଅବହେଳା ପାଇଁ ୨ ଗୋଟି ଜୀବନ ଚାଲିଗଲା ବୋଲି ଆଲୋଚନା ହେଉଛି।

**ପ୍ରଥମ ପୃଷ୍ଠାରୁ...**

## ଅତିରିକ୍ତ ଉପଜିଲାପାଳଙ୍କ ...



ଅତିରିକ୍ତ ଉପଜିଲାପାଳଙ୍କ ଘରୁ ଜବତ ହୋଇଥିବା ଟଙ୍କା ।

୨ ଲକ୍ଷ ୩୦ ହଜାର ୮୦୦ଟଙ୍କା, ବିପୁଳ ସୁନା ଓ କୋଟି କୋଟି ଟଙ୍କାର ସମ୍ପତ୍ତି ପାଇବା ପରେ ଅଧିକ ଖୋଳତାଡ଼ ଚଳାଇଛନ୍ତି। ତେବେ ୫ ବର୍ଷ ତଳେ ପ୍ରଶାନ୍ତ ବିଡିଓ ଥିବାବେଳେ ଲାଞ୍ଚ ନେଇ ଗିରଫ ହୋଇଥିଲେ। ଏବେ ସେ ପୁଣି ଭିଜିଲାନ୍ସ ଜାଲରେ ଧରାପଡ଼ିଥିବାରୁ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଭୁବନେଶ୍ୱର କାନନବିହାରସ୍ଥିତ ଘରୁ ନଗଦ ୨ କୋଟି ୧୩ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଓ ନବରଙ୍ଗପୁରସ୍ଥିତ ବାସଭବନରୁ ୮୮ ଲକ୍ଷ ୯୩ ହଜାର ୩୦୦ ଟଙ୍କା ମିଳିଛି। ଭୁବନେଶ୍ୱର ଘରୁ ମିଳିଥିବା ଟଙ୍କାକୁ ସେ ୬ଟି ପେଟି ଓ ବହି ଥାକରେ ଲୁଚାଇ ରଖିଥିଲେ। ଏସବୁ ଗଣିବାକୁ ଭିଜିଲାନ୍ସ ଟିମ୍‌କୁ ଟଙ୍କା ଗଣା ମେସିନ୍‌ର ଆବଶ୍ୟକତା ପଡ଼ିଥିଲା। ସେହିପରି କାନନବିହାରସ୍ଥିତ ୧୯୪୨ ବର୍ଗଫୁଟରେ ଥିବା ଦୁଇ ମହଲା କୋଠା, କଟକର- ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ୪ ଫ୍ଲାଟ୍ ଓ ନବରଙ୍ଗପୁରରେ ଗୋଟିଏ ବେନାମି ଫ୍ଲାଟ୍ ଠାବ ହୋଇଛି। ଅନ୍ୟପକ୍ଷରେ ବ୍ୟାଙ୍କ ଓ ଜୀବନବୀମା ଜମା ୪୧ ଲକ୍ଷ ଟଙ୍କା, ୩୭ ଲକ୍ଷ ଟଙ୍କାର ୨ଟି ଚାରିଚକିଆ ଯାନ ଓ ଗୋଟିଏ ଦୁଇଚକିଆ ଯାନ, ୨୧.୩୫ ଲକ୍ଷ ଟଙ୍କାର ସୁନା-ରୁପା ଅଳଙ୍କାର ଓ ଘରୋଇ ସାମଗ୍ରୀକୁ ସମ୍ପତ୍ତି ତାଲିକାରେ ଯୋଡ଼ିଛି ଭିଜିଲାନ୍ସ। ଅନ୍ୟପକ୍ଷରେ ପ୍ରଶାନ୍ତ ଏକାଧିକ ବେନାମୀ ଆକାଉଣ୍ଟରେ ଟଙ୍କା ମଧ୍ୟ ଜମା କରିଛନ୍ତି। ଏଥିମଧ୍ୟରୁ ଭୁବନେଶ୍ୱରସ୍ଥିତ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କରେ ୨୦୧୯ ମସିହାରୁ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ହୋଇଥିବା ପ୍ରମାଣ ମିଳିଛି। ଅନ୍ୟପକ୍ଷରେ ପ୍ରଶାନ୍ତ ତାଙ୍କ ଝିଅଙ୍କ ମେଡିକାଲ ପାଠ ଓ ପୁଅଙ୍କ ପାଠପଢ଼ାରେ ମଧ୍ୟ ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ନଗଦ ଟଙ୍କା ସମେତ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୮ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ଆକଳନ କରୁଛି। ତେବେ ବଡ଼ କଥା ହେଲା ଚଢ଼ାଉ ସମୟରେ କାନନବିହାରସ୍ଥିତ ଘରୁ କେହି ପଡ଼ୋଶୀଙ୍କ ଛାତକୁ କିଛି ଟଙ୍କା ପେଟି ଫୋପାଡ଼ି ଦେଇଥିବା କୁହାଯାଉଛି। ଚଢ଼ାଉ ଜାରି ରହିଥିବାବେଳେ ପ୍ରଶାନ୍ତଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାନ୍ତ ୧୯୯୬ ଜୁଲାଇ ୧ରେ ଓଏଏସ୍ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେ କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ବରଗଡ଼ରେ ତହସିଲଦାର ଓ ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରେ ବିଡିଓ ଭାବେ କାର୍ଯ୍ୟ କରିଥିଲେ। ୨୦୧୮ ନଭେମ୍ବର ୬ରେ ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ୍‌ର ବିଡିଓ ଥିବାବେଳେ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର (ପିଇଓ)ଙ୍କଠାରୁ ୧ ଲକ୍ଷ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ। ପରେ ସେ ଗିରଫ ହୋଇ ଜେଲ ମଧ୍ୟ ଯାଇଥିଲେ। ତେବେ ଏଥିପାଇଁ ତାଙ୍କୁ ୨୦୨୦ ଜାନୁୟାରୀ ୧୮ ପର୍ଯ୍ୟନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହି ନିଲମ୍ବନ ଉଠିବା ପରେ ପ୍ରଶାନ୍ତ ପଦୋନ୍ନତି ପାଇ ନବରଙ୍ଗପୁରର ଅତିରିକ୍ତ ଉପ-ଜିଲାପାଳ ଭାବେ କାର୍ଯ୍ୟ ଜାରି ରଖିଥିଲେ। ତେବେ ଥରେ ଦୁର୍ନୀତିର ପ୍ରମାଣ ମିଳିବା ପରେ ମଧ୍ୟ ପ୍ରଶାନ୍ତ କିପରି ପଦୋନ୍ନତି ପାଇଥିଲେ ବୋଲି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତେବେ ସେ ବାଲି, ଜମି ମାଫିଆ ଓ ଠିକାଦାରଙ୍କଠାରୁ ବିପୁଳ ପରିମାଣର ଲାଞ୍ଚ ନେଇ ସରକାରୀ ସମ୍ପତ୍ତି ହରିଲୁଟ୍ କରିବାକୁ ସୁଯୋଗ ଦେଉଥିଲେ ବୋଲି ଭିଜିଲାନ୍ସ ଜାଣିବା ପରେ ସେସବୁ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି। ତେବେ ଏହି ଚଢ଼ାଉରେ ଭିଜିଲାନ୍ସର ଦୁଇଜଣ ଅତିରିକ୍ତ ଏସ୍‌ପି, ୭ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ଏକାଠି ଲଢ଼ିବେ ...

କରାଯିବ। ଆଗକୁ କିପରି ବଢ଼ିହେବ ସେନେଇ ନିଷ୍ପତ୍ତି ନିଆଯିବ। ପ୍ରତ୍ୟେକ ରାଜ୍ୟ ପାଇଁ ପୃଥକ୍ ଯୋଜନା କରିବାକୁ ପଡ଼ିବ। ଆମେ ମିଳିତ ଭାବେ କାର୍ଯ୍ୟ କରିବୁ ଏବଂ ଭାଜପାକୁ କେନ୍ଦ୍ରରୁ ହଟାଇଦେବୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ଆମ ଭିତରେ କେତେକ ମତଭେଦ ଥାଇପାରେ। କିନ୍ତୁ ଆମେ ନମନୀୟ ହୋଇ ଏକାଠି ଲଢ଼ିବୁ ଏବଂ ନିଜ ବିଚାରଧାରାକୁ ସୁରକ୍ଷା ଦେବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ କହିଥିଲେ, ପାଟନାରୁ ଆରମ୍ଭ ହୋଇଥିବା ପ୍ରଥମ ବୈଠକ ଜନ ଆନ୍ଦୋଳନର ରୂପ ନେବ। କେନ୍ଦ୍ରରେ ଏକଚ୍ଛତ୍ରବାଦୀ ଏନ୍‌ଡିଏ ସରକାର କ୍ଷମତାକୁ ଫେରିଲେ ଭବିଷ୍ୟତରେ ଆଉ ନିର୍ବାଚନ ହେବ ନାହିଁ। ଆମେ ସମସ୍ତେ ଏକ ହୋଇଛୁ ଏବଂ ଭାଜପା ବିରୋଧରେ ମିଳିତ ଭାବେ ଲଢ଼େଇ କରିବୁ। ଭାଜପା ଇତିହାସ ବଦଳାଇବାକୁ ଚାହୁଁଛି, କିନ୍ତୁ ଆମେ ଇତିହାସର ସୁରକ୍ଷା ସୁନିଶ୍ଚିତ କରିବୁ। ସେହିପରି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଥିଲେ, ଜୟପ୍ରକାଶ ନାରାୟଣ (ଜେପି) ଆନ୍ଦୋଳନ ଭଳି ବିରୋଧୀ ସାମ୍ମୁଖ୍ୟ ଜନସାଧାରଣଙ୍କ ଆଶୀର୍ବାଦ ପାଇବ। ଦେଶକୁ ବଞ୍ଚାଇବାକୁ ହେଲେ ମିଳିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ଏହା ହେଉଛି ପାଟନା ବୈଠକର ସ୍ପଷ୍ଟ ସନ୍ଦେଶ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନଙ୍କ ମତରେ ଏହି ଆରମ୍ଭ ଦେଶ ପାଇଁ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ସବୁ ନେତା ସକାରାତ୍ମକ ଚିନ୍ତା ନେଇ ଆଗକୁ ବଢ଼ିବେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ କହିଥିଲେ, ବିରୋଧୀ ମିଳିତ ଭାବେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବିରୋଧରେ ଲଢ଼େଇ କରନ୍ତୁ ବୋଲି ଦେଶବାସୀ ଚାହୁଁଛନ୍ତି। ଭାରତ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ଚନ୍ଦନକାଠ ବାଣ୍ଟୁଛନ୍ତି। ମୁଁ ଏବେ ସୁସ୍ଥ ଅଛି ଏବଂ ତାଙ୍କୁ ମୁକାବିଲା କରିପାରିବି। ଏହି ଅବସରରେ ଲାଲୁ ରାହୁଲଙ୍କୁ ମଜାରେ କହିଥିଲେ, ବିଳମ୍ବ ହୋଇନାହିଁ। ଏବେ ବି ସମୟ ଅଛି, ବାହା ହୋଇଯାଆନ୍ତୁ। ରାହୁଲ ଉତ୍ତର ରଖିଥିଲେ, ଆପଣ କହିଲେଣି ମାନେ ବିବାହ କରିବି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଥିଲେ, କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୧୭ ଦଳ 'କ୍ଷମତା ପାଇଁ ନୁହେଁ, ବରଂ ସିଦ୍ଧାନ୍ତକୁ ନେଇ' ଏକାଠି ହୋଇଛୁ। ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ନେତା ସୀତାରାମ ୟେଚୁରୀ ଭାଜପାର ୯ ବର୍ଷ ଶାସନ ଦେଶ ଓ ସମ୍ବିଧାନ ପାଇଁ ବିପର୍ଯ୍ୟୟ ସୃଷ୍ଟିକାରୀ ହୋଇଥିବା ଅଭିଯୋଗ ଆଣିଥିଲେ। ଆମେ ଗାନ୍ଧିଜୀଙ୍କ ଭାରତକୁ ଗୋଡ୍‌ସେଙ୍କ ଦେଶରେ ପରିଣତ ହେବାକୁ ଦେବୁନାହିଁ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ପ୍ରକାଶ କରିଥିଲେ। ବୈଠକରେ ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା-ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେ, ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେ, ପଞ୍ଜାବ ମୁଖ୍ୟମନ୍ତ୍ରୀ (ଏଏପି ନେତା) ଭଗୱନ୍ତ ମାନ୍, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ନେତା ଡି. ରାଜା ଏବଂ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଯୋଗଦେଇଥିଲେ। ଅନ୍ୟପକ୍ଷେ ୨ ଦିନିଆ ଜମ୍ମୁ ଗସ୍ତରେ ଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ପାଟନାରେ ଆଜି ଏକ ଫଟୋ ସେସନ୍ ଚାଲିଛି। ଯେତେ ଦଳ ଏକତ୍ରିତ ହେଲେ ମଧ୍ୟ ସେମାନେ କେବେହେଲେ ଏକାଠି ହୋଇପାରିବେ ନାହିଁ। ପ୍ରଧାନମନ୍ତ୍ରୀ ମୋଦି ୨୦୨୪ରେ ୩୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରି ପୁଣି ସରକାର ଗଢ଼ିବେ ଏବଂ ପୁନର୍ବାର ପ୍ରଧାନମନ୍ତ୍ରୀ ହେବେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ବିରୋଧୀ ମହାମେଳିକୁ 'ଅନେକ ମୁଣ୍ଡିଆଳ ଥିବା ସ୍ୱାର୍ଥପର ମେଣ୍ଟ' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହି ଦଳଗୁଡ଼ିକ ଯେତେବେଳେ ବି ଏକାଠି ହୁଅନ୍ତି ସେମାନେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣରେ ମାତି ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦିଅନ୍ତି। ଏଏପି ଆରମ୍ଭରୁ ବ୍ଲାକ୍‌ମେଲିଂ କରିବାରେ ଲାଗିଛି। ଏଥିରୁ ଏହି ଅପବିତ୍ର ମେଣ୍ଟର ଭବିଷ୍ୟତ ଜଳଜଳ ଦେଖାଯାଉଛି। ପ୍ରକାଶ ଯେ, ବର୍ତ୍ତମାନ ଲୋକ ସଭାରେ ୫୪୩ ଆସନ ମଧ୍ୟରୁ ଏହି ଦଳଗୁଡ଼ିକର ମିଳିତ ଆସନ ସଂଖ୍ୟା ୨୦୦ରୁ କମ୍। ୧୭ ଦଳର ନେତାମାନେ ୩୦୦ରୁ ଅଧିକ ଆସନ ଦଖଲ କରି ନିରଙ୍କୁଶ କ୍ଷମତା ଉପଭୋଗ କରୁଥିବା ଭାଜପା ବିରୋଧରେ ଗୋଟିଏ ଟେବୁଲରେ ଏକାଠି ହୋଇଛନ୍ତି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ୨୦୧୯ରେ ପ୍ରାୟ ୫୦ ଆସନରେ ବିଜୟୀ ହୋଇଥିଲା, ଯାହାକି ୨୦୧୪ ଲୋକ ସଭା ନିର୍ବାଚନର ୪୪ ତୁଳନାରେ ସାମାନ୍ୟ ଅଧିକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ଉଚ୍ଚପ୍ରଶଂସିତ ହେବେ। ଦୀର୍ଘଦିନରୁ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିପାରେ। ପ୍ରିୟବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟାର ସୂଚନା ରହିଛି। ସ୍ଥଗିତ କାମକୁ କଷ୍ଟ ସ୍ୱୀକାର କରି ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ବିଭିନ୍ନ ପ୍ରକାର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଖୁସି ହେବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କୁ ମିଠା କଥା ଦ୍ୱାରା ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ** ଅସୁବିଧାବଶତଃ ଅତ୍ୟାବଶ୍ୟକ କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହିକଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ବନ୍ଧୁଙ୍କ ସହ ଆଳାପରେ ଅଧିକାଂଶ ସମୟ କଟାଇବେ। ଯାନବାହନ, ଜମିଜମା, ଗୃହସୀମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ** କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ ଏବଂ କୃତକାର୍ଯ୍ୟ ମଧ୍ୟ ହେବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ** ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କନ୍ୟା** ଅତି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ପୂର୍ବ ଯୋଜନାନୁଯାୟୀ ଆତ୍ମୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ବାଣିଜ୍ୟ, ପରିବହନ, ଫ୍ଲାଟ୍ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା** ଆଜି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ। ପାରିବାରିକ ସମସ୍ୟା ସକାଶେ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ଛୋଟ ଛୋଟ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିପାରନ୍ତି। ବିଳମ୍ବରେ କାମଗୁଡ଼ିକ ସମ୍ପନ୍ନ ହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ପରିଜନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଯେଉଁ କାମ ହାତକୁ ନେଇଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କରିବେ।

**ମୀନ** ପାରିବାରିକ ସ୍ଥିତିରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରେ।

ଆଜି ହେରାପଞ୍ଚମୀ,ଆଷାଢ଼ ଶୁକ୍ଳ ଷଷ୍ଠୀ, ଶନିବାର, ଜୁନ୍ ୨୪ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୦ ଗତେ ଘ.୧୨।୧୫ ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୧ ଗତେ ଘ.୧୦।୧୦ ମଧ୍ୟେ ରାହୁକାଳ।

## ରୁଷିଆ ସେନାକୁ କଳାତାଲିକାଭୁକ୍ତ କଲା ଜାତିସଂଘ

ଜାତିସଂଘ,୨୩।୬: ୧୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ୟୁକ୍ରେନ୍‌ର ବିଭିନ୍ନ ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ରୁଷିଆ ସେନାର ଆକ୍ରମଣ ଯୋଗୁ ଅନେକ ନିରୀହ ଶିଶୁଙ୍କ ମୃତ୍ୟୁ ଘଟିଛି। ଜାତିସଂଘ ଗୁରୁବାର ରୁଷିଆ ସେନାକୁ ଶିଶୁ ଅଧିକାର ଉଲ୍ଲଂଘନ ଅଭିଯୋଗରେ କଳାତାଲିକାଭୁକ୍ତ କରିଛି। ୟୁକ୍ରେନ୍‌ରେ ରୁଷିଆ ସେନା ପକ୍ଷରୁ ଚାଲିଥିବା ଦମନଲିଳା ଅତ୍ୟନ୍ତ ନିନ୍ଦନୀୟ ବୋଲି ଜାତିସଂଘ ମୁଖ୍ୟ ସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ଅନ୍ୟପକ୍ଷେ ଗତବର୍ଷ ଇସ୍ରାଏଲ ସେନା ୪୦ ପାଲେଷ୍ଟିନୀୟ ଶିଶୁଙ୍କୁ ହତ୍ୟା କରିଥିଲେ ସୁଦ୍ଧା ଇସ୍ରାଏଲ୍ କଳାତାଲିକାରୁ ବାଦ୍ ପଡ଼ିଛି। ଜାତିସଂଘର ଏହି ନିଷ୍ପତ୍ତିକୁ ପାଲେଷ୍ଟିନୀୟ ରାଷ୍ଟ୍ରଦୂତ ନିନ୍ଦା କରିଛନ୍ତି। ଏକ ରିପୋର୍ଟ ମୁତାବକ ଗତବର୍ଷ ୟୁକ୍ରେନ୍‌ରେ ମୋଟ ୪୭୭ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୧୩୬ ଜଣଙ୍କ ମୃତ୍ୟୁ ପାଇଁ ରୁଷିଆ ସେନା ଦାୟୀ। ସେହିପରି ୟୁକ୍ରେନ୍ ସେନା ଯୋଗୁ ୮୦ ଜଣଙ୍କ ମୃତ୍ୟୁ ଘଟିଛି। ଏୟାର ଆଟାକ୍ ଦ୍ୱାରା ଅଧିକାଂଶ ଶିଶୁ ପ୍ରାଣ ହରାଇଥିବା କୁହାଯାଉଛି।

# ଆପଣାର ମଣିଷ ଡା. ଜଗନ୍ନାଥ ମହାପାତ୍ର

ସମସ୍ତଙ୍କୁ ଶ୍ରଦ୍ଧା କରିବା, ସମସ୍ତଙ୍କୁ ଆପଣାପଣର ଡୋରିରେ ବାନ୍ଧି ରଖିବାରେ ସେ ଟିକେ ବି ଊଣା କରନ୍ତି ନାହିଁ। ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ହେଲେ ବି ଅହମିକା କେବେହେଲେ ତାଙ୍କୁ ଛୁଇଁପାରି ନ ଥିଲା। ସଂସ୍କୃତି ଓ ପରମ୍ପରାର ସେ ଜଣେ ପୂଜକ ଥିଲେ। ପରୋପକାର କରିବାରେ ଅସୀମ ଆନନ୍ଦ ପାଉଥିଲେ। 'ଅସୁବିଧାରେ ଲୋକଙ୍କ ପାଖରେ ଠିଆହେବା ଦୟା କରିବା ନୁହେଁ ବରଂ ସମାଜ ତୁମକୁ ଦେଇଥିବା ଦାନକୁ କିଛି ଶୁଝିବା' ବୋଲି ସେ ସବୁବେଳେ କହୁଥିଲେ। ସମସ୍ତଙ୍କ ପାଇଁ ଅତି ଆପଣାର ମଣିଷ ଥିଲେ ଡା.ଜଗନ୍ନାଥ ମହାପାତ୍ର।

ସେବା ମନୋବୃତ୍ତି ତ ତାଙ୍କ ଭିତରେ ଜନ୍ମରୁ ଥିଲା, କିନ୍ତୁ ଏହାବାଦ ତାଙ୍କ ଭିତରେ ଅନେକ ପ୍ରତିଭା ଲୁଚି ରହିଥିଲା। ସେ ଜଣେ ଭଲ ଅଭିନେତା, କ୍ରୀଡ଼ାବିତ୍ ଏବଂ ତତ୍‌ସହିତ ଆଦର୍ଶ ରାଜନେତା ମଧ୍ୟ ଥିଲେ। ସଫଳ ସଙ୍ଗଠକ ଭାବେ ସେ ଶହୀଦ ନଗର ଦୁର୍ଗାପୂଜା ସମିତି ଭଳି ଅନେକ ସଙ୍ଗଠନ ସହିତ ଜଡ଼ିତ ଥିଲେ। ଜୀବନର ସଂଘର୍ଷକୁ ସାମ୍ନା କରିବାର କୌଶଳ ତାଙ୍କୁ ବେଶ୍ ଜଣାଥିଲା। ଜଣେ ଡାକ୍ତର ଭାବରେ ହେଉ, ସମାଜସେବୀ, ସଙ୍ଗଠକ କିମ୍ବା ରାଜନୀତିଜ୍ଞ ସବୁ କାର୍ଯ୍ୟକୁ ସେ ନିଷ୍ଠାର ସହ ନିର୍ବାହ କରୁଥିଲେ। ଭୁବନେଶ୍ୱର ମ୍ୟୁନିସିପାଲିଟିର ସେ ଶେଷ ଅଧ୍ୟକ୍ଷ ଥିଲେ। କାରଣ ତାଙ୍କ ପରେ ଏହା ମହାନଗର ନିଗମରେ ପରିଣତ ହେଲା ଏବଂ ଅଧ୍ୟକ୍ଷ ବଦଳରେ ମେୟରମାନେ ନିର୍ବାଚିତ ହେଲେ। ୧୯୯୯ ମହାବାତ୍ୟା ସମୟରେ ବାତ୍ୟାବିଧ୍ୱସ୍ତ ଭୁବନେଶ୍ୱରର ଦାୟିତ୍ୱ ନିର୍ବାହ କରିବା ତାଙ୍କ ପାଇଁ ବହୁତ କଷ୍ଟକର ଥିଲେ ମଧ୍ୟ ସେ ତାହାକୁ ସାହସିକ ପଦକ୍ଷେପ ନେଇ ସଫଳ ଭାବରେ ସାମ୍ନା କରିଥିଲେ। ଭୁବନେଶ୍ୱର ପାଇଁ ଅଧ୍ୟକ୍ଷ ଭାବରେ ସେ ଯଥାସମ୍ଭବ ଉନ୍ନୟନମୂଳକ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇପାରିଥିଲେ।

ପିଲା, ବଡ଼ ସମସ୍ତଙ୍କ ସହିତ ମିଶିଯିବାର ସ୍ୱଭାବ ଏବଂ ମଜାଳିଆ ମିଜାଜ ତାଙ୍କୁ ସମସ୍ତଙ୍କର ନିକଟତର କରିପାରିଥିଲା। ସେ ଜଣେ ସ୍ୱତନ୍ତ୍ର ମଣିଷ ଥିଲେ। ଆଜିକାଲିର ବସ୍ତୁବାଦୀ ଦୁନିଆରେ ତାଙ୍କ ଭଳି ମଣିଷ ମିଳିବା ଖୁବ୍ ବିରଳ। ଏମିତିରେ ଡାକ୍ତରମାନଙ୍କ କ୍ଷେତ୍ରରେ ଦିନ ହେଉ ବା ରାତି, ସେବା ହିଁ ପରମ ଧର୍ମ ଥାଏ। ମାତ୍ର ତା' ବାହାରକୁ ଯାଇ ସମାଜର ସେବା କରିବା ତାଙ୍କ ଭଳି ଜଣେ ବିରଳ ମଣିଷଙ୍କ କ୍ଷେତ୍ରରେ ହିଁ ଘଟିପାରେ। ପରିବାର, ଭାଇବନ୍ଧୁଙ୍କ କଥା ତ ସେ ବୁଝୁଥିଲେ, ତା' ସହିତ ଯିଏ ତାଙ୍କ ନିକଟରେ ପହଞ୍ଚି ଯାଉଥିଲେ ତାଙ୍କୁ ସେ ନିଜର କରି ନେଉଥିଲେ, ନିଜର ପରିବାର ସଦସ୍ୟ ଭଳି ଭାବୁଥିଲେ ଏବଂ ଯଥାସମ୍ଭବ ସାହାଯ୍ୟ କରୁଥିଲେ। ପରିବାର କଥା ପଛେ, ତାଙ୍କୁ ଭଲ ପାଉଥିବା ମଣିଷଟି କଥା ଆଗେ, ଏହା ଥିଲା ତାଙ୍କ ଜୀବନର ମନ୍ତ୍ର। ଏଥିପାଇଁ ତାଙ୍କୁ ଅନେକ ତ୍ୟାଗ କରିବାକୁ ପଡ଼ିଛି। ସେ କିନ୍ତୁ ଅବିଚଳିତ ଭାବରେ ନିଜ କାର୍ଯ୍ୟରୁ କେବେ କ୍ଷାନ୍ତ ହୋଇ ନାହାନ୍ତି। ଜଣେ ସଫଳ ଡାକ୍ତର ଭାବେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ଶହୀଦନଗରଠାରେ ନିଜର କ୍ଲିନିକ୍ କରି ଜୀବନର ଶେଷ ପର୍ଯ୍ୟନ୍ତ ରୋଗୀ ସେବାରେ ନିୟୋଜିତ ଥିଲେ। ତାଙ୍କ ଭଳି ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳ, କର୍ତ୍ତବ୍ୟପରାୟଣ ମଣିଷ ସମାଜରେ ଜନ୍ମନେବା ଖୁବ୍ ବିରଳ।

**ଏକାଦଶାହ ଉପଲକ୍ଷେ**


ଡା.ଜଗନ୍ନାଥ ମହାପାତ୍ର

ଛାତ୍ର ଜୀବନରୁ ଡା. ମହାପାତ୍ରଙ୍କ ସହିତ ମୋର ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ଆମେ ଥିଲୁ ସମବୟସ୍କ ଏବଂ ମୁଁ ଯେତେବେଳେ ରେଭେନ୍‌ଶା କଲେଜରେ ପଢୁଥିଲି ସେ ସେତେବେଳେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ଥିଲେ। ମୁଁ ୧୯୬୪ ମସିହା ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ବେଳେ ସେ ଆମକୁ ବହୁ ଭାବରେ ସହଯୋଗ କରୁଥିଲେ। ଜଣେ ସାଥୀ ଭାବରେ, ଜଣେ ବନ୍ଧୁ ଭାବରେ ସେ ସବୁବେଳେ ମୋ ପାଇଁ ଖୁବ୍ ଆପଣାର ମଣିଷ ଥିଲେ। ରାଜନୈତିକ କାର୍ଯ୍ୟ ହେଉ କିମ୍ବା ସାମାଜିକ ସବୁବେଳେ ସେ ମୋ ସହିତ ସୁସମ୍ପର୍କ ରଖୁଥିଲେ ଏବଂ ପରାମର୍ଶ ଲୋଡୁଥିଲେ। ତାଙ୍କ ଧର୍ମପତ୍ନୀ ଏବଂ ପିଲାମାନଙ୍କର ମଧ୍ୟ ଆମ ପରିବାର ସହିତ ସୁସମ୍ପର୍କ ଆଜି ପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି।

ବିଧିର ବିଧାନ ବଡ଼ ବିଚିତ୍ର। କେତେବେଳେ କାହାକୁ କେଉଁଠି ନେଇ ଛିଡ଼ା କରିବ ତାହା ସେଇ ବିଧାତା ହିଁ ଜାଣେ। ଆଜି ସେଇ ବିଶ୍ୱନିୟନ୍ତାଙ୍କ ଡାକରାରେ ବନ୍ଧୁ ଡା. ଜଗନ୍ନାଥ ମହାପାତ୍ର ଆମମାନଙ୍କୁ ଛାଡ଼ି ପରପାରିକୁ ଗମନ କରିଛନ୍ତି, ଏହା ବିଶ୍ୱାସ ହେଉ ନ ଥିଲେ ମଧ୍ୟ ଚିର ସତ୍ୟ। ତାଙ୍କ ବିୟୋଗ ଫଳରେ ମୁଁ ମୋର ଜଣେ ପ୍ରିୟ ବନ୍ଧୁଙ୍କୁ ହରାଇଲି। ଏହା ମୋ ପାଇଁ ଏକ ବ୍ୟକ୍ତିଗତ କ୍ଷତି। ସମାଜ ପାଇଁ ସେ ଥିଲେ ଜଣେ ମଣି ସଦୃଶ, ତେଣୁ ସମାଜର ବହୁତ କ୍ଷତି ହେଲା। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି। ଆଗାମୀ ପିଢ଼ି ତାଙ୍କ କର୍ତ୍ତବ୍ୟ ପଥକୁ ଅନୁସରଣ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ ଆଗେଇ ଆସନ୍ତୁ ଏହା ହିଁ କାମନା କରୁଛି।

– ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ଖୋଲିଲା ଏଜୁକେଶନାଲ ଇ-ଷ୍ଟୁଡିଓ

ବାରିପଦା, ୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟର ପ୍ରଥମ ଏଜୁକେଶନାଲ ଇ-ଷ୍ଟୁଡିଓର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଭାବବିନିମୟ କରିଥିଲେ। ଶିକ୍ଷଣ ପ୍ରକ୍ରିୟାକୁ ସମୟ ଉପଯୋଗୀ ତଥା ସହଜ, ସରଳ ଓ ସାବଲୀଳ କରିବା ଉଦ୍ଦେଶ୍ୟରେ ଜିଲା

**ରାଜ୍ୟରେ ପ୍ରଥମ**


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।।

ପ୍ରଶାସନ ଓ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହାଦ୍ୱାରା ୫-ଟି ଦ୍ୱାରା ରୂପାନ୍ତରିତ ଜିଲାର ୫୮୧ ହାଇସ୍କୁଲ ସହିତ ୨୬ଟି ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ ୧୭୫୫ଟି ସ୍ମାର୍ଟ କ୍ଲାସରୁମ ମାଧ୍ୟମରେ ୭୮ହଜାର ୯୫୫ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିପାରିବେ। ସେହିପରି ପ୍ରାଥମିକ ସ୍ତରରେ ଥିବା ଜିଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସହିତ ୧୪୧ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୪୯ ବିଦ୍ୟାଳୟ ସଂଲଗ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଏହି ସେବା ସମ୍ପ୍ରସାରିତ କରାଯିବ। ଏଥିଲାଗି ରାଜ୍ୟ ସରକାର ୫୯୦ଟି ଟେଲିଭିଜନ ସେଟ୍ ଯୋଗାଇ ଦେଇଥିବା ସୂଚନା ମିଳିଛି।

ଏହି ଏଜୁକେଶନାଲ ଇ-ଷ୍ଟୁଡିଓ ଦ୍ୱାରା ବିଷୟଭିତ୍ତିକ ଜ୍ଞାନ, ଅଭିଜ୍ଞତା ଓ ଦକ୍ଷତା ହାସଲ ନିମନ୍ତେ ସମ୍ବଳ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜାତୀୟ ଶିକ୍ଷାନୀତି ଆଧାରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସୃଜନାତ୍ମକ ଶୈଳୀରେ ପ୍ରସାରଣ କରାଯିବ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ନିରବଚ୍ଛିନ୍ନ ଶିକ୍ଷାର ପ୍ରଚାର ଓ ପ୍ରସାର ଲାଗି ସହାୟ ହେବା ସହିତ ଏହା ଏକ ଯୁଗୋପଯୋଗୀ ପଦକ୍ଷେପ ବୋଲି ମନ୍ତ୍ରୀ ମାର୍ଣ୍ଡି କହିଛନ୍ତି। ଏହି ଷ୍ଟୁଡିଓର ସମସ୍ତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ମୟୂରଭଞ୍ଜ ନାମକ ୟୁଟ୍ୟୁବ ପୋର୍ଟାଲରେ ପ୍ରସାରଣ ହେବା ସହିତ ସବୁଦିନ ଲାଗି ରେକର୍ଡ ହୋଇରହିବ। ମୟୂରଭଞ୍ଜ ଜିଲା ପ୍ରଶାସନର ଏହି ଅଭିନବ ପଦକ୍ଷେପକୁ ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହିତ ସାରା ରାଜ୍ୟରେ ଏଭଳି ଇ-ଷ୍ଟୁଡିଓ ପ୍ରସ୍ତୁତ କରିବା ସକାଶେ ପଦକ୍ଷେପ ନେବା ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ଅଧିକାରୀ ତଥା ଜିଲା ଶିକ୍ଷାଧିକାରୀ ନବ ଚରଣ ଗିରି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଡିଏମ୍‌ଏଫ୍ ପାଣ୍ଠିରୁ ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଇ-ଷ୍ଟୁଡିଓ ନିର୍ମାଣ କରାଯାଇଛି।

# ଆଡ଼ପ ଅବଢ଼ା ପାଇଲେ ଭକ୍ତ

ପୁରୀ, ୨୩।୬(ଅଜିତ୍ ମହାନ୍ତି)



ରତ୍ନବେଦି ଛାଡ଼ି ଜନ୍ମବେଦିର ଆଡ଼ପ ମଣ୍ଡପରେ ଏବେ ବିରାଜମାନ କରିଛନ୍ତି ଦାରୁବିଗ୍ରହ। ଗୁରୁବାର ଆଡ଼ପମଣ୍ଡପକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବା ପରେ ଶୁକ୍ରବାର ସକାଳୁ ଅଧରପୋଛା ନୀତି ସମ୍ପନ୍ନ କରାଯାଇଥିଲା। ଏହାପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଲମ୍ବାଧାଡ଼ିରେ ଦାରୁଦିଅଁଙ୍କ ଦର୍ଶନ କରିବା ସହ ପ୍ରଥମ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି।

ଶୁକ୍ରବାର ଶ୍ରୀବିଗ୍ରହମାନଙ୍କର ସକାଳଧୂପ ପରେ ଆଡ଼ପ ଅବଢ଼ା ବାହାରିଛି। ଦୀର୍ଘ ତିନିଦିନ ପରେ ମହାପ୍ରଭୁଙ୍କ ପାଖରେ ଅନ୍ନ ମହାପ୍ରସାଦ ଲାଗିହୋଇଛି। ଶଙ୍ଖୁଡ଼ି ମହାପ୍ରସାଦରେ ଘିଅ ଅନ୍ନ, କାନିକା, ଖେଚୁଡ଼ି, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲ୍‌ମା, ବେସର, ମହୁର, ଶାଗ ପ୍ରଭୃତି ଭୋଗ ଲାଗି କରାଯାଇଥିଲା। ଯେପରି ଭକ୍ତମାନେ ଶୃଙ୍ଖଳାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡ଼ପ ଅବଢ଼ା ଖାଇଲେ ଶହେ ଜନ୍ମର ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି।

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ପ୍ରଥମ ଦିନ ୧ଲକ୍ଷ ଲୋକଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଥିଲା। ତେବେ ପାଣିପାଗ ଓ ବନକଲାଗି ନୀତିକୁ ଦୃଷ୍ଟିକୁ ରଖି ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ଅବଢ଼ା ପ୍ରସ୍ତୁତ କରାଯାଇଛି। ଯଦି ଲୋକଙ୍କ ସଂଖ୍ୟା ଅଧିକ ରହିବ ତା'ହେଲେ ଅଧିକ ଅବଢ଼ା ରନ୍ଧାଯିବ। ଏଥର ମହାପ୍ରସାଦ ଦର ଅଧିକ ରଖାଯାଇନାହିଁ। ଯଦି କୌଣସି ଭକ୍ତ ଆନନ୍ଦ ବଜାରରେ ଦଲାଲଙ୍କ ଶିକାର ହୁଅନ୍ତି, ସେଥିପାଇଁ ନିଯୋଗ ଦାୟୀ ହେବନାହିଁ। ତେବେ ଆନନ୍ଦ ବଜାରରେ ଭକ୍ତ ହଇରାଣ ହେଲେ ତାଙ୍କୁ ୭୦୦୮୯୯୭୩୯ ନମ୍ବରରେ କଲ୍ କରି ଯୋଗାଯୋଗ କରିପାରିବେ।

# ଦୁର୍ନୀତି: ବିଜେଡି-ଭାଜପା ମୁହାଁମୁହିଁ

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

■ ପ୍ରଧାନମନ୍ତ୍ରୀ ଦେଉଥିବା ଅର୍ଥର ବ୍ୟାପକ ବାଟମାରଣା ହେଉଛି: ଧର୍ମେନ୍ଦ୍ର

■ ଏମ୍‌ସିଏଲ୍‌ରେ ହେଉଥିବା ବେଆଇନ କାର୍ଯ୍ୟକୁ ଦେଖିଲେ ଭଲ ହେବ: ସସ୍ମିତ୍

ପ୍ରଧାନମନ୍ତ୍ରୀ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରେ ପ୍ରଧାନମନ୍ତ୍ରୀ ଦେଉଥିବା ଅର୍ଥର ବ୍ୟାପକ ବାଟମାରଣା ହେଉଛି ବୋଲି ଶୁକ୍ରବାର କଳାହାଣ୍ଡି ଜିଲା ଲାଲବାହାଦୁର ଷ୍ଟାଡିୟମରେ ଦଳ ପକ୍ଷରୁ ଅନୁଷ୍ଠିତ 'ଗରିବ କଲ୍ୟାଣ ମହାସମାବେଶ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ମୋଦି ସରକାରରେ ଆକାଂକ୍ଷୀ ଜିଲା କଳାହାଣ୍ଡିରେ ଗରିବ କଲ୍ୟାଣର ନୂଆ ପରିଭାଷା ତିଆରି ହୋଇଛି। ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା ଯୋଗୁ କଳାହାଣ୍ଡି ଜିଲାରେ ଗରିବଙ୍କ ଅନେକ ସମସ୍ୟା ରହିଛି। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ବୃଦ୍ଧି ହେବା ପରେ ମଧ୍ୟ ଚାଷୀମାନେ ନିଜ ସାମଗ୍ରୀର ନିର୍ଦ୍ଧାରିତ ମୂଲ୍ୟ ପାଉନାହାନ୍ତି। ମୋଦି ଟଙ୍କା ପଠାଇଲେ ମଧ୍ୟ ଧାନ କିଣା ହୋଇପାରୁନାହିଁ। ଜିଲାର ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିନାହିଁ। ଏହାକୁ ଆଗାମୀ ଦିନରେ କଳାହାଣ୍ଡିର ସ୍ୱାଭିମାନୀ ଜନସାଧାରଣ ବିଚାର କରିବେ। ଓଡ଼ିଶାରେ ଏକ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର ପାଇଁ କଳାହାଣ୍ଡିର ବିକାଶ ହେଇପାରୁନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏହି ଭାଷଣକୁ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସସ୍ମିତ୍ ପାତ୍ର କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଓଡ଼ିଶା ସରକାର ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗିରଫ କରୁଥିବା ବେଳେ ଏନେଇ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସସ୍ମିତ କହିଛନ୍ତି। ଦୁର୍ନୀତି ବିରୋଧରେ ଓଡ଼ିଶା ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିକୁ ପ୍ରଶଂସା କରିବା ପରିବର୍ତ୍ତେ ଦୁର୍ନୀତି ବିରୋଧୀ ପଦକ୍ଷେପ ଉପରେ ରାଜନୀତି କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି। ଯଦି ସେ ତାଳଚେରସ୍ଥିତ ଏମ୍‌ସିଏଲ୍‌ରେ ଘଟୁଥିବା ବେଆଇନ କାର୍ଯ୍ୟକୁ ଦେଖିବେ ତେବେ ଭଲ ହେବ ବୋଲି ସସ୍ମିତ୍ କହିଛନ୍ତି।

# ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୩।୬(ଅନିଲ ଦାସ)

ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍‌ସ(ଏଚ୍‌ଏସ୍‌ଆର୍‌ପି) ନ ଥିବା ଯାନବାହନଗୁଡ଼ିକୁ ଧରିବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀମାନେ ଜାତୀୟ ରାଜପଥରେ ନମ୍ବର ପ୍ଲେଟ ଯାଞ୍ଚ କରିଛନ୍ତି। ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରେ ଏହି ଚେକିଂ କରାଯାଇଛି। ଏଚ୍‌ଏସ୍‌ଆର୍‌ପି ନ ଥିବା ବସ୍ ଓ ଅନ୍ୟାନ୍ୟ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇଛି। କଟକରେ କେବଳ ୧୭ଟି ଯାନବାହନରେ ଏଚ୍‌ଏସ୍‌ଆର୍‌ପି ନ ଥିବା ଚିହ୍ନଟ କରାଯାଇଛି ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏଚ୍‌ଏସ୍‌ଆର୍‌ପି ନ ଥିଲେ ଗାଡ଼ି ବିରୋଧରେ ଇ-ଚାଲାଣ କଟାଯିବା ସହ ୫ ହଜାରରୁ ୧୦ ହଜାର ଟଙ୍କାର ଜରିମାନା ଆଦାୟ କରାଯିବ।



Fancy Market, Saheed Nagar, Bhubaneswar || Mob: +91-9438019696

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client.
Walk In Interview – 26th June 23 to 30th June 23.
Call : Sanjay Kamble 8080678029 / Gulam Husain 9326724966".

ଆବଶ୍ୟକ
ପଦବୀ:ରାଜମିସ୍ତ୍ରୀ, ସେଣ୍ଟ୍ରିଙ୍ଗ ମିସ୍ତ୍ରୀ
ମାସିକ ଦରମା-୧୫,୦୦୦/- (including food)
ହେଲ୍ପର-ମାସିକ ଦରମା-୧୦,୦୦୦/- (including food) (ରହିବା ମାଗଣା)
ସ୍ଥାନ-ଅନୁଗୁଳ
କଳକାରଖାନାରେ ଶ୍ରମିକ ଯୋଗାଉଥିବା ବ୍ୟକ୍ତି ଯୋଗାଯୋଗ କରିବାକୁ ଅନୁରୋଧ।
ଯୋଗାଯୋଗ: ୬୩୭୧୧୫୮୧୯୪/୭୭୩୫୫୭୨୫୫୦

URGENT REQUIRED
FOR BMS PROJECTS
Senior Accountant - 1 Post : 10-12 Yrs. Experience
Junior Accountant - 1 Post : 4-6 Yrs. Experience
Civil Engineer - 1 Post : 8-10 Yrs. Experience in (Road, Bridge & Building Work & Billing)
FOR BMS FULES
Sales Executive - 1 Post : Eligibility: 5-6 Yrs. Sales Experience, Computer Knowledge must.
Interest Candidate Please Send Their Resume in
bmsprojectsmkg@gmail.com, Contact No.: 7978913328
At: BMS Projects, Subhash Chowk, Malkangiri

# ୩ ଡିଏମ୍‌ଡି ରୋଗୀଙ୍କ ଚିକିତ୍ସା ଲାଗି ୩୦ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲାର ୩ ଜଣ ମାଂସପେଶୀ ଜନିତ ରୋଗ ଡିଏମ୍‌ଡିରେ ପୀଡ଼ିତଙ୍କ ସକାଶେ ରାଜ୍ୟ ସରକାର ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେମାନେ ହେଲେ ଖନ୍ତାପଡାର କିରଣ କୁମାର ମଲିକ ଓ ସୁରଜ କୁମାର ମଲିକ ଏବଂ ସିମୁଳିଆର ବିଦ୍ୟାଂଶୁ ଦୀକ୍ଷିତ। ସେମାନଙ୍କ ଉତ୍ତମ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଅର୍ଥରାଶି ମଞ୍ଜୁର କରିଛନ୍ତି। ଉପରୋକ୍ତ ୩ ଜଣ ରୋଗୀ ପ୍ରତ୍ୟେକ ଏକକାଳୀନ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ପାଇବେ। ସୂଚନାଯୋଗ୍ୟ ଯେ, ଡିଏମ୍‌ଡି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଜଳଯୋଗାଣ ପ୍ରକଳ୍ପରେ ନିମ୍ନମାନର ପାଇପ୍

■ ସିପେଟ୍ ପରୀକ୍ଷା ରିପୋର୍ଟରୁ ସ୍ପଷ୍ଟ ■ ତୁରନ୍ତ ହଟାଇବାକୁ ଠିକାସଂସ୍ଥା ଏନ୍‌ସିସିକୁ ନିର୍ଦ୍ଦେଶ

ଯାଜପୁର,୨୩।୬ (ହର୍ଷବର୍ଦ୍ଧନ ବେହେରା)

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କେତେକ ଜଳଯୋଗାଣ ପ୍ରକଳ୍ପ ପାଇଁ ପାଇପ୍ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ହାଇଦ୍ରାବାଦର ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ (ଏନ୍‌ସିସି) ଲିମିଟେଡ୍ ଦ୍ୱାରା କିଣାଯାଇଥିବା ପାଇପ୍ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍) ଦ୍ୱାରା ପାଇପ୍‌ଗୁଡିକର ମାନ ଉପରେ ହୋଇଥିବା ପରୀକ୍ଷାରେ ଆଇଏସ୍-୪୯୮୪: ୨୦୧୬ ଅନୁଯାୟୀ ମାନଦଣ୍ଡ ପୂରଣ ହୋଇନାହିଁ। ତେଣୁ ସିପେଟ୍‌ର ପରୀକ୍ଷା ପ୍ରମାଣପତ୍ର ଅନୁସାରେ ଖାରଜ ହୋଇଥିବା ପାଇପ୍‌ଗୁଡିକୁ ତୁରନ୍ତ ହଟାଇ ଉପଯୁକ୍ତ ମାନର ନୂତନ ପାଇପ୍ ଯୋଗାଇବାକୁ ଭୁବନେଶ୍ୱର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍କଲର ଆଡିଶନାଲ ଚିଫ୍ ଇଞ୍ଜିନିୟର ଏନ୍‌ସିସିକୁ ନିର୍ଦ୍ଦେଶ (ପତ୍ରସଂଖ୍ୟା ୨୧୩୬/୨୨।୬।୨୦୨୩) ଦେଇଛନ୍ତି। ଏହାସହିତ ସେ ଏ ସଂକ୍ରାନ୍ତରେ ବିଭାଗୀୟ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ସୂଚିତ କରିଛନ୍ତି।

ରାଜ୍ୟ ସରକାର ସମସ୍ତ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଘୋଷଣା କରିଛନ୍ତି। ତେଣୁ ସରକାର ବିପୁଳ ରାଜସ୍ୱ ଖର୍ଚ୍ଚ କରି କେତେକ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ପ୍ରକଳ୍ପଗୁଡିକର ନିର୍ମାଣ କରୁଛନ୍ତି। ସେଥିରୁ ଏନ୍‌ସିସି ରାଜ୍ୟ ସରକାରଙ୍କୁ ଅନ୍ଧାରରେ ରଖି ଅତି ନିମ୍ନମାନର ପାଇପ୍ ବ୍ୟବହାର କରି ଅଧିକ ଲାଭ ଆଶାରେ ରହିଥିବା ଅଭିଯୋଗ ହେଉଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଭୁବନେଶ୍ୱର ଡିଭିଜନ ଅଧୀନରେ ଟାଙ୍ଗି ବ୍ଲକର ୧୭ ପଞ୍ଚାୟତ, ଭୁବନେଶ୍ୱର ବ୍ଲକର ୬ ପଞ୍ଚାୟତ, ବାଲିପାଟଣା ବ୍ଲକର ୯ ପଞ୍ଚାୟତ, ବାଲିଅନ୍ତା ବ୍ଲକର ୧୬ ପଞ୍ଚାୟତବାସୀଙ୍କ ପାଇଁ ୪ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏନ୍‌ସିସି ଦ୍ୱାରା ନିର୍ମାଣ ହେଉଛି। ଏହି ପ୍ରକଳ୍ପଗୁଡିକରୁ ସିପେଟ୍ କର୍ତ୍ତୃପକ୍ଷ ୭।୬।୨୦୨୩ରେ ୧୨ଟି ପାଇପ୍ ସାମଗ୍ରୀର ନମୁନା ସଂଗ୍ରହ କରି ମାନଦଣ୍ଡ ପରୀକ୍ଷା କରିଥିଲେ। ସେଥିରୁ ଉକ୍ତ ପାଇପ୍ ନମୁନା ଉପଯୁକ୍ତ ମାନଦଣ୍ଡ ପୂରଣ କରିପାରି ନ ଥିବା ଜଣାପଡ଼ିଛି। ଫଳରେ ପାଇପ୍‌ଗୁଡିକୁ ତୁରନ୍ତ ହଟାଇ ନୂତନ ପାଇପ୍ କିଣିବାକୁ ନିର୍ଦ୍ଦେଶ ହୋଇଛି। ଏହି କ୍ରମରେ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ୨୩୨.୭୫ କୋଟି ଟଙ୍କା ବ୍ୟୟରେ ଏନ୍‌ସିସି ଦ୍ୱାରା ନିର୍ମାଣାଧୀନ ୩ଟି ମେଗା ପ୍ରକଳ୍ପଗୁଡିକରେ ନିମ୍ନମାନର ପାଇପ୍ ବ୍ୟବହାର ହେଉଥିବା ସନ୍ଦେହ କରାଯାଇଛି। ତେଣୁ ଉକ୍ତ ପାଇପ୍‌ଗୁଡିକର ପୁନଃ ଉଚ୍ଚସ୍ତରୀୟ ଯାଞ୍ଚ କରାଯିବାକୁ ଦାବି ଉଠିଛି। ନଚେତ୍ ପ୍ରକଳ୍ପଗୁଡ଼ିକର ଦୀର୍ଘସ୍ଥାୟୀ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଏନ୍‌ସିସି ଦ୍ୱାରା ହୋଇଥିବା ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ବ୍ୟବହୃତ ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ୨୦୧୯ ଜୁଲାଇରେ ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ପରୀକ୍ଷା କରାଯାଇଥିଲା। ତାହାର ରିପୋର୍ଟରେ ଉକ୍ତ ଷ୍ଟିଲ୍ ସାମଗ୍ରୀ ବ୍ୟବହାର ଅନୁପଯୋଗୀ ବୋଲି ସୂଚିତ କରାଯାଇଥିଲା। ତଦନୁଯାୟୀ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ସମସ୍ତ ଷ୍ଟିଲ ସାମଗ୍ରୀକୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସାମଗ୍ରୀଗୁଡ଼ିକୁ ହଟା ନ ଯାଇ ଦ୍ୱିତୀୟ ଥର ପାଇଁ କଟକ ସେଣ୍ଟ୍ରାଲ ଲାବରେଟୋରି (ଆର ଆଣ୍ଡ ବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବରେଟୋରିରେ ପରୀକ୍ଷା କରାଯାଇଥିଲା। ଏହାର ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏଥିରେ ରଫାଦଫା କରାଯାଇଥିବା ସେହି ସମୟରେ ଅଭିଯୋଗ ଉଠିଥିଲା। ତେଣୁ ବର୍ତ୍ତମାନ ସିପେଟ୍‌ର ପରୀକ୍ଷା ରିପୋର୍ଟ ଆଧାରରେ ହୋଇଥିବା ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏନ୍‌ସିସିର ମୁଖ୍ୟ ପରିଚାଳକ ବି.ସି. ପାଲଙ୍କ ମତାମତ ନେବାକୁ ଶୁକ୍ରବାର ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Required young and enthusiastic individuals to join our dynamic media marketing team.
- Capable to aggressively chase sales targets
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Bachelor's degree in Marketing, Communications or Business Administration.
- Freshers are welcome to apply; previous internship or relevant coursework in marketing is a plus.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to :
recruitment@dharitri.com
Attractive salary commensurate with experience

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା

# ପରିବର୍ତ୍ତନ ସଙ୍କେତ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନୀତିନ ଅଗ୍ରୱାଲାଙ୍କୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ବିଏସ୍ଏଫ୍ ଏବଂ ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ମଧ୍ୟରେ ପ୍ରତିବର୍ଷ ଭଳି ଚଳିତ ଥର ହେଉଥିବା ୪ ଦିନିଆ ଦ୍ୱିପାକ୍ଷିକ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ନିଯୁକ୍ତି ଦିଆଯାଇଥିଲା। ସୂତ୍ରରୁ ପ୍ରକାଶ, ବର୍ତ୍ତମାନ ବିଏସ୍ଏଫ୍ର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବା ସିଆର୍ପିଏଫ୍ ମହାନିର୍ଦ୍ଦେଶକ ସୁଜୟ ଲାଲ ଥାଓସେନ ଆଲୋଚନାର ନେତୃତ୍ୱ ନେଇଥିଲେ। ଏହି ପଦକ୍ଷେପ ସୀମା ସୁରକ୍ଷା ଉପରେ ଥିବା ଭାରତର ଦୃଷ୍ଟିକୋଣରେ ଏକ ରଣନୀତିକ ପରିବର୍ତ୍ତନକୁ ସ୍ପଷ୍ଟ କରିଛି। ଏହାବ୍ୟତୀତ ଉକ୍ତ ପଦକ୍ଷେପ ପାକିସ୍ତାନ ଓ ବାଂଲାଦେଶ ସୀମାରେ ଭାରତ ସମ୍ମୁଖୀନ ହେଉଥିବା ଜଟିଳ ଆହ୍ୱାନଗୁଡ଼ିକର ସମାଧାନ କରିବା ଲାଗି ଏକ ନବୀକୃତ ପ୍ରତିବଦ୍ଧତାକୁ ସାମ୍ନାକୁ ଆଣିଛି। ଅଗ୍ରୱାଲାଙ୍କର ବ୍ୟାପକ ଅଭିଜ୍ଞତା, ନୂଆ ଦୃଷ୍ଟିକୋଣ ଓ ସୀମା ପରିଚାଳନା ଏବଂ ଅନୁପ୍ରବେଶ ରୋକିବାରେ ବିଶେଷ ଜ୍ଞାନ ଅଛି। ସେ ମଧ୍ୟ ତାଙ୍କ କ୍ୟାଡର ରାଜ୍ୟର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବା ବ୍ୟତୀତ ଗୃହ ମନ୍ତ୍ରଣାଳୟ କମାଣ୍ଡ ଅଧୀନରେ ଥିବା ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି)ରେ କାର୍ଯ୍ୟ କରିଛନ୍ତି। ଏବେକାର ଜଟିଳ ଭୂରାଜନୈତିକ ପରିବେଶରେ ଆମ ସୀମା ରକ୍ଷା କରିବାରେ ବିଏସ୍ଏଫ୍ର ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଦରକାର। ଗୋଇନ୍ଦା ସଂସ୍ଥା, ଲୋକାଲ ଲ ଏନ୍ଫୋର୍ସମେଣ୍ଟ ଏବଂ ଭାରତୀୟ ସେନାଙ୍କ ସହିତ ନିରବଚ୍ଛିନ୍ନ ସହଯୋଗ ଉପରେ ଏହା ନିର୍ଭର କରେ। ଭାଗିଦାରି ଗଢିବାରେ ଅଗ୍ରୱାଲାଙ୍କ ନେତୃତ୍ୱ ଓ ଦକ୍ଷତା ଏହି ସବୁ ସଂସ୍ଥାର ଶକ୍ତି ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେବ।

### ହିଂସା ପଥରେ ବାବୁ

ରାଜସ୍ଥାନରେ ଆଇଏଏସ୍ ଅଧିକାରୀ ଗିରଧର ଏବଂ ଆଇପିଏସ୍ ଅଧିକାରୀ ସୁଶୀଲ କୁମାର ବିଷ୍ଣୋଇଙ୍କ ନିଲମ୍ବନ ପରେ ବିବାଦ ଆରମ୍ଭ ହୋଇଛି। ଏହି ଘଟଣାରେ ସିଭିଲ ସର୍ଭାଣ୍ଟଙ୍କ ଚୟନ ଓ ପ୍ରଶିକ୍ଷଣ ପଦ୍ଧତି ସମ୍ପର୍କରେ ଅନେକ ପ୍ରଶ୍ନ ଉଠିଛି। ମଶୁରିସ୍ଥିତ ଏଲ୍ବିଏସ୍ ଏକାଡେମୀ ସିଭିଲ ସର୍ଭାଣ୍ଟ ପ୍ରଶିକ୍ଷାର୍ଥୀଙ୍କୁ କି ଶିକ୍ଷା ଦେଉଛି ଏବଂ ଏହା ୟୁପିଏସ୍ସି କିମ୍ବା ଟ୍ରେନିଂର ନୀତିରେ ଅଛି କି ନାହିଁ ତାହାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ୨୦୧୯ ବ୍ୟାଚ୍ର ଏହି ଦୁଇଜଣ ଅଧିକାରୀ ପୋଲିସଙ୍କ ଉପସ୍ଥିତିରେ ଆଜମେରରେ ହୋଟେଲ କର୍ମଚାରୀଙ୍କୁ ହକି ଷ୍ଟିକ୍ରେ ପିଟିବା ଘଟଣା ପରେ ଏହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ନିକଟରେ ଯୋଗ ଦେଇଥିବା ଏହି ଦୁଇ ଅଧିକାରୀ ସେମାନଙ୍କ କ୍ଷମତାର ଦୁରୁପଯୋଗ କରିବା ସହ ହିଂସାର ସାହାରା ନେବାର ଅଧିକାର କିଭଳି ପାଇଲେ ତାହା ହିଁ ବଡ଼ ପ୍ରଶ୍ନ। ସିଭିଲ ସର୍ଭିସରେ ଲଗାତର ନିରୀକ୍ଷଣ ଏବଂ ଉତ୍ତରଦାୟୀ ପ୍ରକ୍ରିୟାର ଆବଶ୍ୟକତାକୁ ଏହି ଅଧ୍ୟାୟ ସାମ୍ନାକୁ ଆଣିଛି। ଏଭଳି ଘଟଣା ଘଟିଲେ ସର୍ବଭାରତୀୟ ସର୍ଭିସର ଖ୍ୟାତିରେ କଳଙ୍କ ଲଗାଇବା ଏବଂ ବାବୁମାନଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସ ହରାଇବା ଲାଗି ବେଶି ସମୟ ଲାଗିବ ନାହିଁ। ଏହି ଦୁଇ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ବିଧିବଦ୍ଧ ଭାବେ ତଦନ୍ତ କରିବା ଦରକାର ଏବଂ କୌଣସି ଦୁର୍ବ୍ୟବହାର ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବି ନିଶ୍ଚିତ କରାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ଉଚିତ। ଏହା ସହ ଏଭଳି ଲଜ୍ଜାଜନକ ଘଟଣା ଯେଭଳି ପୁନରାବୃତ୍ତି ନ ଘଟେ ତାହା ନିଶ୍ଚିତ କରିବା ଦରକାର। ରାଜ୍ୟ ଭିଜିଲାନ୍ସ ବିଭାଗର ତଦନ୍ତ ଠିକ୍ ଦିଗରେ ଏକ ପଦକ୍ଷେପ ହେଲେ ବି ଏହା ସେତିକିରେ ସୀମିତ ରହିବା ଉଚିତ ନୁହେଁ।

### ତଦନ୍ତ ଭୟ

ଗୋଟିଏ ପରେ ଗୋଟିଏ ରାଜ୍ୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ବାଟ ବନ୍ଦ କରିବାରେ ଲାଗିଛନ୍ତି। ଏହି ଧାରାରେ ଏବେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ସହ ତାମିଲନାଡୁ ଯୋଗଦେଇଛି ଓ ରାଜ୍ୟରେ ଘଟଣାଗୁଡ଼ିକର ତଦନ୍ତ ପାଇଁ ସିବିଆଇକୁ ଦେଇଥିବା ସହମତିକୁ ପ୍ରତ୍ୟାହାର କରିନେଇଛି। ଫଳରେ ସିବିଆଇ ତାମିଲନାଡୁରେ ଏମ୍. କେ. ଷ୍ଟାଲିନଙ୍କ ବିନା ଅନୁମତିରେ କୌଣସି କେସ୍ ପଞ୍ଜୀକୃତ କରିବପାରିବ ନାହିଁ, ଚଢାଉ କରିପାରିବ ନାହିଁ କି ତାମିଲନାଡୁରେ କାର୍ଯ୍ୟରତ କେନ୍ଦ୍ର ସରକାର କର୍ମଚାରୀଙ୍କ ଉପରେ ତଦନ୍ତ କରିପାରିବ ନାହିଁ। ଏହି ନିଷ୍ପତ୍ତି ଶାସନ ଓ ଉତ୍ତରଦାୟିତ୍ୱ ଉପରେ ନିଆଯାଉଥିବା ପଦକ୍ଷେପର ପ୍ରେରଣା ଓ ନିହିତାର୍ଥକୁ ନେଇ ପ୍ରଶ୍ନ ଉଠାଇଛି। ଯଦିଓ ଡିଏମ୍କେ ସରକାରଙ୍କ ନିଷ୍ପତ୍ତି ସିବିଆଇର ତଦନ୍ତ କ୍ଷମତାକୁ ସୀମିତ କରିଛି ତଥାପି ଏହା କେନ୍ଦ୍ରୀୟ ଏଜେନ୍ସିକୁ ଦୂରେଇ ରଖିପାରିବ ନାହିଁ ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି। ଭବିଷ୍ୟତରେ ହେବାକୁ ଥିବା କେସ୍ ବା ମାମଲା କ୍ଷେତ୍ରରେ କେବଳ ଏଭଳି ସମ୍ମତି ପ୍ରତ୍ୟାହାର ଲାଗୁ ହେବ। ଯେଉଁ କେସ୍ ପଞ୍ଜୀକୃତ ହୋଇଗଲାଣି କିମ୍ବା ଯାହା ଉପରେ ତଦନ୍ତ ଚାଲିଛି, ସେ କ୍ଷେତ୍ରରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ। ସୂତ୍ରରୁ ପ୍ରକାଶ, ସୁପ୍ରିମ୍କୋର୍ଟ କିମ୍ବା ହାଇକୋର୍ଟରୁ ତଦନ୍ତ ପାଇଁ ନିର୍ଦ୍ଦେଶ ଥିଲେ ରାଜ୍ୟର ଅନୁମତି ଦରକାର ପଡ଼ିବ ନାହିଁ। ଅନ୍ୟସବୁ କେସ୍ରେ ହିଁ ସମ୍ମତି ପ୍ରତ୍ୟାହାର ଲାଗୁ ହେବ। ଅନ୍ୟ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଯଥା ରାଷ୍ଟ୍ରୀୟ ତଦନ୍ତ ସଂସ୍ଥା(ଏନ୍ଆଇଏ) କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦେଶରେ ଯେକୌଣସି ସ୍ଥାନରେ କୌଣସି ମାମଲାର ତଦନ୍ତ ଜାରି ରଖିପାରିବେ। ମୋଦି ସରକାର ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଅସୁବିଧାରେ ପକାଉଥିବାରୁ ଏହାକୁ ନେଇ ତାମିଲନାଡୁ ସରକାର ରାଜନୈତିକ ପ୍ରସଙ୍ଗ କରିପାରନ୍ତି ଓ ଏତିକି ହିଁ କରିପାରନ୍ତି। ତେବେ ସିବିଆଇ ବ୍ୟତୀତ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସ୍ୱେଚ୍ଛାଚାରୀ କାର୍ଯ୍ୟାନୁଷ୍ଠାନ ଭୟ ଲାଗି ରହିବ।

Email: dilipcherian@gmail.com

# ତୈଳର ନିରଙ୍କୁଶ ମହାଜନି



ତତ୍ତ୍ୱ ଓ ତର୍କ

**ବିମଳ ପାଣ୍ଡିଆ**

ଦିନଥିଲା ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସରକାର ଉପରେ ସବୁ ରୋଷ କଚାଡ଼ି ହୋଇ ପଡୁଥିଲା। ଏବେ ପେଟ୍ରୋଲ, ଡିଜେଲ ଦର କେତେ ବଢ଼ିଲା କି କମିଲା ତହିଁରେ କୁଆଡେ ସରକାରଙ୍କ କିଛି ଲେନା ନାହିଁ କି ଦେନା ନାହିଁ। ୨୩-୩-୨୦୨୩ ତାରିଖରେ ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ତୈଳ ଓ ରସାୟନ ମନ୍ତ୍ରୀ ରାମେଶ୍ୱର ତେଲି କହିଥିଲେ ଯେ, '୨୬-୬-୨୦୧୦ରୁ ଡିଜେଲ ଓ ୧୯-୧୦-୨୦୧୪ରୁ ପେଟ୍ରୋଲ ଦର ବଜାରଭିତ୍ତିକ ହୋଇସାରିଛି। ସେହି ତାରିଖଠାରୁ ବଜାରରେ ଅଶୋଧିତ ତୈଳ ଦର ଅନୁସାରେ ଇଣ୍ଡିଆନ ଅଏଲ କର୍ପୋରେଶନ, ବିପିସିଏଲ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଭଳି ସରକାରୀ ତୈଳ କମ୍ପାନୀଗୁଡ଼ିକ ମିଶି ପେଟ୍ରୋଲ-ଡିଜେଲ ଦର ନିର୍ଦ୍ଧାରଣ କରୁଛନ୍ତି ଏବଂ ୧୬-୦୬-୨୦୧୭ରୁ ସାରା ଦେଶରେ ପ୍ରତିଦିନ ତେଲ ଦର ବଦଳୁଛି।' ଏବେ ପ୍ରତିଦିନ ପେଟ୍ରୋଲ, ଡିଜେଲ ଦର ବଦଳୁଛି ବୋଲି କହିବା ପରେ ପରେ ମନ୍ତ୍ରୀ ପୁଣି କହିଥିଲେ ଯେ, ୦୬-୦୪-୨୦୨୨ରୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ଆଦୌ ବଢ଼ାଇ ନାହାନ୍ତି।'

ଇଏତ ବିପରୀତ କଥା! ଯଦି ନୀତି ଅଛି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅନୁସାରେ ଭାରତର କମ୍ପାନୀଗୁଡ଼ିକ ପ୍ରତିଦିନ ସେହି ଦିନ ପାଇଁ ପେଟ୍ରୋଲ, ଡିଜେଲ ଦର ନିର୍ଦ୍ଧାରଣ କରିବେ ତେବେ ୦୬-୦୪-୨୦୨୨ରୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ଆଦୌ ବଦଳାଇ ନାହାନ୍ତି କାହିଁକି? କ'ଣ ଏହି ସମୟରେ ଅନ୍ତର୍ଜାତୀୟ ବଜାର ଅଶୋଧିତ ପେଟ୍ରୋଲିୟମ ଦ୍ରବ୍ୟର ଦର ଆଦୌ କିଛି ବଦଳି ନାହିଁ? ବାସ୍ତବତା ହେଲା ଯେ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଅନେକ ବଦଳୁଥିଲା କହିଲେ ତାହା ସତ୍ୟର ଅପଳାପ ହିଁ ହେବ। ଏହି ସମୟରେ ତେଲ ଦର ହିମାଳୟର ଶିଖରକୁ ବି ଡେଇଁଛି ଆଉ ପ୍ରଶାନ୍ତ ମହାସାଗରର ଅତଳ ଗହୀରକୁ ବି ଖସିଛି। ୦୬-୦୪-୨୦୨୨ରୁ ସିନା ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ବୃଦ୍ଧି କରିନାହାନ୍ତି କିନ୍ତୁ ଭାରତରେ ପେଟ୍ରୋଲ ଡିଜେଲ ଦର ଅନ୍ତର୍ଜାତୀୟ ବଜାର ଦରଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ବା ଭାରତରେ ପେଟ୍ରୋଲ-ଡିଜେଲ ଦର ସରକାରଙ୍କ ଘୋଷିତ ନୀତିରୁ ହୁଡ଼ିବା ଘଟଣା ୦୬-୦୪-୨୦୨୨ରୁ ନୁହେଁ ଅନେକ ଆଗରୁ ସେମିତି ହେବା ଆରମ୍ଭ ହୋଇସାରିଥିଲା। ଅନ୍ତର୍ଜାତୀୟ ବଜାରରେ ତୈଳଦରଠାରୁ ଭାରତର ପେଟ୍ରୋଲ, ଡିଜେଲ ଦର ଅଲଗା ହେବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ୦୪-୧୧-୨୦୨୧ରୁ। କ୍ରମାଗତ ଭାବରେ ପେଟ୍ରୋଲ-ଡିଜେଲ ଦର ବଢ଼ିବାକୁ ନେଇ ସାଧାରଣରେ ଆକ୍ରୋଶ ବଢ଼ିବାରୁ କେନ୍ଦ୍ର ସରକାର ୦୪-୧୧-୨୦୨୧ ତାରିଖରେ ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କକୁ ହ୍ରାସ କରିଥିଲେ। ତାହା ପୂର୍ବରୁ ପ୍ରାୟ ପ୍ରତ୍ୟେକ ଦିନ ପେଟ୍ରୋଲ-ଡିଜେଲ ଦରରେ କିଛିକିଛି ପରିବର୍ତ୍ତନ ହେଉଥିଲା। ୦୪-୧୧-୨୦୨୧ରେ ଉତ୍ପାଦ ଶୁଳ୍କ ହ୍ରାସ ହେବା ଦିନଠାରୁ ଆରମ୍ଭ ହୋଇ ୧୯-୦୩-୨୦୨୨ ଯାଏ, ୧୩୫ ଦିନ ଧରି, ଦେଶରେ ପେଟ୍ରୋଲ, ଡିଜେଲ ଦରରେ କିଛି ପରିବର୍ତ୍ତନ ହେଲା ନାହିଁ। ୦୪-୧୧-୨୦୨୧ରେ ଭାରତ ସରକାର ଉତ୍ପାଦ ଶୁଳ୍କ ଘଟାଇବା ଦିନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ପ୍ରାକୃତିକ



ତୈଳର ଦର ବ୍ୟାରେଲ ପ୍ରତି ୮୨.୪୩ ଡଲାର ଥିଲା। ସେହିଦିନ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ୬୯ ଡଲାରକୁ ଖସିଥିଲା ଆଉ ୧୩୪ ଡଲାରର ଶିଖରକୁ ବି ଛୁଇଁଥିଲା। ଉତ୍ପାଦ ଶୁଳ୍କ ଘଟାଇବା ଦିନଠାରୁ ୨୪-୦୨-୨୦୨୨ ତାରିଖରେ ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ଯାଏ, ଅର୍ଥାତ ୮୦ ଦିନ ଧରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୮୨ ଡଲାରରୁ ପ୍ରାୟ କମ୍ ହିଁ ରହିଥିଲା। କିନ୍ତୁ ଭାରତରେ ପେଟ୍ରୋଲ, ଡିଜେଲ ଦାମ୍ କମି ନ ଥିଲା। ସେମିତି ରୁଷିଆ-ୟୁକ୍ରେନ ଯୁଦ୍ଧ କାରଣରୁ କିଛି ସପ୍ତାହ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ନିଆଁ ଲାଗିଥିବା ସତ୍ତ୍ୱେ ଭାରତରେ ପେଟ୍ରୋଲ-ଡିଜେଲ ଦାମ୍ ଉଁ କି ଚୁଁ ହୋଇ ନ ଥିଲା। ପ୍ରତିଦିନ ତୈଳ ଦର ବଦଳିବାର ନୀତିରେ କାହିଁକି ଓ କାହା ନିର୍ଦ୍ଦେଶରେ ତାଲା ପଡିଥିଲା? ଅଶୋଧିତ ତୈଳ ଦର କମ୍ ଥିବା ବେଳେ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଦର ନ ଖସାଇବାର ଔଦ୍ଧତ୍ୟ କଲେ କେମିତି? ଆଉ ଯେତେବେଳେ ରୁଷିଆ-ୟୁକ୍ରେନ ଯୁଦ୍ଧ କାରଣରୁ ୨୦୨୨ ଫେବୃୟାରୀର ମଧ୍ୟଭାଗରୁ ଅଶୋଧିତ ତୈଳ ଦର ବ୍ୟାରେଲ-ପ୍ରତି ୧୦୦ ଡଲାରରୁ ଅଧିକ ରହିବା ଆରମ୍ଭ ହୋଇ ୦୭-୦୩-୨୦୨୨ ତାରିଖରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୩୯ ଡଲାରର ଶୀର୍ଷକୁ ଛୁଇଁଥିଲେ ବି କାହିଁକି କ୍ଷତି ମୁଣ୍ଡାଉଥିଲେ?

ତୈଳ କମ୍ପାନୀଗୁଡ଼ିକ ୧୩୫ ଦିନ ଧରି ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନ କରିବାର କାରଣ ଖୋଜିବା ଅଦୌ ଜଟିଳ ନୁହେଁ। ଉତ୍ତରପ୍ରଦେଶ ଓ ପଞ୍ଜାବକୁ ମିଶାଇ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ୨୦୨୨ ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେଲା ଓ ନିର୍ବାଚନ ଫଳ ୧୦-୦୩-୨୦୨୨ରେ ପ୍ରକାଶ ପାଇଲା। ସରକାର ଗଢୁଗଢୁ ଆଉ ୫/୭ ଦିନ ଲାଗିଲା। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଦର ବଢ଼ାଇଲେ ୧୯-୦୩-୨୦୨୨ରେ। ୟୁକ୍ରେନ ଯୁଦ୍ଧ ପାଇଁ ସିନା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କିଛି ସପ୍ତାହ ପାଇଁ ଖୁବ୍ ବଢିଯାଇଥିଲା କିନ୍ତୁ ଆଜିକୁ ପ୍ରାୟ ୭ମାସ ହେଲାଣି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୮୨ ଡଲାରରୁ କମ ହିଁ ରହିଛି। ୦୪-୧୧-୨୦୨୧ରେ ଉତ୍ପାଦ ଶୁଳ୍କ ହ୍ରାସ ହେବା ଦିନ ଅଶୋଧିତ ତୈଳ ଦର ୮୨.୪ ଡଲାର ଥିଲା। କିନ୍ତୁ ପେଟ୍ରୋଲ, ଡିଜେଲ ଏହି ଗୋଟିଏ ଦରରେ ରହିଛି ଯେ ରହିଛି।

ଆହୁରି ବି ବଡ଼ କେଁ ଟେ ଅଛି। ଭାରତ ତାହାର ମୋଟ ତୈଳ ଆମଦାନୀର ମାତ୍ର ୫୮% ହିଁ ଖୋଲା ଅନ୍ତର୍ଜାତୀୟ ବଜାରରୁ କିଣୁଛି। ବାକିସବୁ କିଣୁଛି ୟୁକ୍ରେନ ଯୁଦ୍ଧ କାରଣରୁ ବିଶ୍ୱର ଅଧିକାଂଶ ଦେଶ ବାସନ୍ଦ କରିଥିବା ରୁଷିଆରୁ। ୦୪-୦୬-୨୦୨୩ ତାରିଖରେ 'ଟାଇମ୍ସ ଅଫ ଇଣ୍ଡିଆ'ରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତ ତାହାର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୨% ଏବେ ରୁଷିଆରୁ ଅତି ଶସ୍ତା ଦରରେ ଆମଦାନୀ କରୁଛି। ୨୦୨୩ ଏପ୍ରିଲରେ ଭାରତ ସାଉଦିଆରବରୁ ବ୍ୟାରେଲ ପ୍ରତି ୮୬.୯୬ ଡଲାର ଦରରେ ତୈଳ କିଣିଥିବା ବେଳେ ରୁଷିଆରୁ କିଣିଥିବା ତୈଳ ଦର ଥିଲା ମାତ୍ର ୬୮.୨ଡଲାର। ଆମଦାନୀର ଦର ଅନୁସାରେ ପେଟ୍ରୋଲ, ଡିଜେଲ ଦର ସ୍ଥିର କରିବାର ନୀତି ଥାଇ ବି ଏବଂ ରୁଷିଆରୁ ଅତି ଶସ୍ତାରେ ଆମଦାନୀ କରି ମଧ୍ୟ କାହିଁକି ପେଟ୍ରୋଲ,ଡିଜେଲ ଦର କମି ନାହିଁ ତାହା ବଡ଼ ତାଜୁବର ବିଷୟ।

୨୦୨୧-୨୨ ଆର୍ଥିକ ବର୍ଷରେ ଯେତେବେଳେ ଦର ପ୍ରତିଦିନ ବଦଳୁଥିଲା, ସେହିବର୍ଷ ଭାରତର ସର୍ବବୃହତ ତୈଳ କମ୍ପାନୀ 'ଇଣ୍ଡିଆନ ଅଏଲ କର୍ପୋରେଶନ' ପ୍ରତି ତିନିମାସରେ ହାରାହାରି ୬,୦୪୬ କୋଟି ଟଙ୍କା ଲେଖାଏଁ ଶୁଦ୍ଧ ଲାଭ କରିଥିଲା। କିନ୍ତୁ ୨୦୨୨-୨୩ ବର୍ଷର ଶେଷ ତିନି ମାସରେ ସେହି କମ୍ପାନୀ ୧୦,୦୫୯ କୋଟି ଟଙ୍କା ଲାଭ କରିଥିଲା। ସେହିଭଳି ଦ୍ୱିତୀୟ ବୃହତ୍ତମ କମ୍ପାନୀ 'ଭାରତ ପେଟ୍ରୋଲିୟମ କର୍ପୋରେଶନ'୨୦୨୧-୨୨ ମସିହାରେ ମୋଟ ୮,୭୮୯ କୋଟି ଟଙ୍କା ଶୁଦ୍ଧ ଲାଭ କରିଥିବା ବେଳେ ଦରକୁ ନିୟନ୍ତ୍ରିତ କରି ରଖାଯାଇଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ୧୪,୪୨୫ କୋଟି ଟଙ୍କାର ବିରାଟ ଲାଭ କରିଥିଲା। ଦିନ ଦ୍ୱିପହରରେ ତୈଳ କମ୍ପାନୀଗୁଡ଼ିକ ବୋଧହୁଏ ସରକାରଙ୍କ ପ୍ରଚ୍ଛନ୍ନ ଇଶାରାରେ ଲୋକଙ୍କୁ ଲୁଟି ଚାଲିଛନ୍ତି। ୨୩-୩-୨୦୨୩ରେ ଲୋକସଭାରେ କେନ୍ଦ୍ର ତୈଳ ଓ ରସାୟନ ମନ୍ତ୍ରୀ ରାମେଶ୍ୱର ତେଲି 'କମ୍ପାନୀମାନେ ଦର ଆଦୌ ବଢ଼ାଇ ନାହାନ୍ତି' ନ କହି 'ଦର ଆଦୌ କମାଇ ନାହାନ୍ତି' କହିବା ଉଚିତ ହୋଇଥାନ୍ତା। ଏବେ ଅନ୍ତର୍ଜାତୀୟ ବଜାରରେ ତୈଳଦର ଆହୁରି ଖସିଲାଣି। କିନ୍ତୁ ଭାରତରେ ତୈଳ ମହାଜନି ଅତି ସୁରୁଖୁରୁରେ ଚାଲିଛି। ପେଟ୍ରୋଲ-ଡିଜେଲ ଦରର ସିଧା ସମ୍ପର୍କ ଲୋକଙ୍କର କିଣିବା ଶକ୍ତି ଉପରେ ରହିଛି ଆଉ ମୁଦ୍ରାସ୍ଫୀତି ସହିତ ରହିଛି। ତୈଳ କମ୍ପାନୀଗୁଡ଼ିକ ମନମୁଖି କରି ଏବଂ ମହାଜନି ପ୍ରବୃତ୍ତି ରଖି ଯଦି ଦର ନ ଖସାଇବାର ଅପଚେଷ୍ଟା କରିଛନ୍ତି, ସରକାର ଚୁପ୍ ବସିଛନ୍ତି କାହିଁକି? ନା, ଖୋଦ ସରକାର ହିଁ ଏହି ତୈଳ ମହାଜନଙ୍କ ସର୍ଦ୍ଦାର?

# ଅସ୍ପୃଶ୍ୟତା ଏକ ସାମାଜିକ ପ୍ରତିବନ୍ଧକ



**ଡ.ପରମାନନ୍ଦ ନାଏକ**

ଆଜିର ଏହି ପରିବର୍ତ୍ତନଶୀଳ ସମାଜରେ ଅସ୍ପୃଶ୍ୟତା ଏକ ପ୍ରତିବନ୍ଧକ ହୋଇ ଠିଆହୋଇଛି। ଏହି ଆଧୁନିକ ସଭ୍ୟତାରେ ଜାତି ଓ ଉପ-ଜାତି ପ୍ରଥା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଅସ୍ପୃଶ୍ୟତା ନାମରେ ବିବେଚିତ। ଜାତିପ୍ରଥା କେବଳ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଦେଖାଯାଏ ତାହା ନୁହେଁ, ସହରାଞ୍ଚଳରେ ବସବାସ କରୁଥିବା ପାଠୋଇ ବ୍ୟକ୍ତିସମୂହ ମଧ୍ୟ ଏହାଦ୍ୱାରା ପ୍ରଭାବିତ। ଆଜିର ସଭ୍ୟ ସମାଜର ଶିକ୍ଷିତ ବର୍ଗଙ୍କ ଚିନ୍ତାଧାରାରେ ଏହା ଏବେ ମଧ୍ୟ ଜୀବନ୍ତ। ଏହି ଅସ୍ପୃଶ୍ୟତା ଦ୍ୱାରା ସମାଜରେ ରହୁଥିବା ଜାତିଭିତ୍ତିକ ଗୋଷ୍ଠୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ଅସ୍ପୃଶ୍ୟତା କେତେକ ନିର୍ଦ୍ଦିଷ୍ଟ ଜାତିର ସଦସ୍ୟମାନଙ୍କ ଉପରେ ଲାଗୁ ହୋଇଥାଏ, ଯାହାକି ସଦସ୍ୟମାନଙ୍କ ଜନ୍ମ ଉପରେ ପର୍ଯ୍ୟବସିତ ଓ ବଂଶାନୁକ୍ରମିକ। ଏହି ବଂଶାନୁକ୍ରମିକ ଅସ୍ପୃଶ୍ୟତା ପ୍ରଥା, ଜାତି ଓ ଉପଜାତିଭିତ୍ତିକ ଭେଦଭାବକୁ ସୂଚିତ କରିଆସୁଛି।

ଭାରତର ଜାତିପ୍ରଥା ବୋଧହୁଏ ବିଶ୍ୱର ଏକ ପୁରାତନ ସାମାଜିକ ବର୍ଗୀକରଣ। ପୃଥିବୀର ଅନ୍ୟ କୌଣସିଠାରେ ଯେ ଭେଦଭାବ ନାହିଁ, ଭାବିବା ଭୁଲ୍, ମାତ୍ର ହିନ୍ଦୁ ସମାଜରେ ଯେଉଁ ଜାତିପ୍ରଥା ଦେଖାଯାଏ, ତାହା କେତେକ ନିର୍ଦ୍ଦିଷ୍ଟ ଲକ୍ଷଣ ଉପରେ ଆଧାରିତ। ଭାରତର ବିଭିନ୍ନ ସ୍ଥାନରେ ଅସ୍ପୃଶ୍ୟତା ଭିନ୍ନ ଭିନ୍ନ ରୂପ ଧାରଣ କରି ପ୍ରାଚୀନକାଳରୁ ଚାଲିଆସୁଛି। ଅସ୍ପୃଶ୍ୟତା ହେଉଛି ଭେଦଭାବର ଏକ ପ୍ରଥା, ଯାହା ଶୁଦ୍ଧତା ଏବଂ ପ୍ରଦୂଷଣର ଧାରଣ ଉପରେ ଆଧାରିତ। ଏହା ସାଧାରଣତଃ ଏକ ପ୍ରତିବନ୍ଧକ ଯଥା ସର୍ବସାଧାରଣ ସ୍ଥାନରେ ପୃଥକୀକରଣ ଏବଂ କର୍ମକ୍ଷେତ୍ରରେ ଭେଦଭାବ ଆକାରରେ ଦେଖାଯାଏ। ଏହାର ସୃଷ୍ଟି ଓ ବିକାଶ ଶହ ଶହ ବର୍ଷର ପ୍ରକ୍ରିୟା ମାଧ୍ୟମରେ ହୋଇଛି ଏହା ନିଃସନ୍ଦେହ। ଏହାର ଉତ୍ପତ୍ତି ମୂଳରେ ବିଭିନ୍ନ ଐତିହାସିକ, ନୃତତ୍ତ୍ୱବିତ୍, ସମାଜବିଜ୍ଞାନୀ ଓ ଦାର୍ଶନିକଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ତତ୍ତ୍ୱ ଜଡ଼ିତ। ସେଗୁଡ଼ିକ ହେଲା – ପୌରାଣିକ ତତ୍ତ୍ୱ, ବୃତ୍ତିଗତ ତତ୍ତ୍ୱ ଏବଂ ପ୍ରଜାତୀୟ ତତ୍ତ୍ୱ। ଅସ୍ପୃଶ୍ୟ ବ୍ୟକ୍ତିମାନେ ବିଭିନ୍ନ ସମୟରେ ବିଭିନ୍ନ ନାମ ଦ୍ୱାରା ପରିଚିତ ଯଥା : ବୈଦିକ କାଳରେ ଚଣ୍ଡାଳ, ମଧ୍ୟଯୁଗରେ ଅଛୁତ, ବ୍ରିଟିଶ ଶାସନ ସମୟରେ ଅବସାଦଗ୍ରସ୍ତ ଜାତି ଭାରତ ସ୍ୱାଧୀନତା ସମୟରେ ହରିଜନ ଏବଂ ପରେ ଦଳିତ ନାମରେ ନାମିତ। ଭାରତୀୟ ସମ୍ବିଧାନ ଏମାନଙ୍କୁ



ଅନୁସୂଚିତ ଜାତି ବୋଲି ନାମିତ କରିଛି। ଭାରତୀୟ ସମ୍ବିଧାନ ଏମାନଙ୍କର ସୁରକ୍ଷା ଓ ଉନ୍ନତି ନିମନ୍ତେ ବହୁ ପଦକ୍ଷେପ ନେଇଛି। ଭାରତୀୟ ସମ୍ବିଧାନ ସମସ୍ତ ଅନୁସୂଚିତ ଜାତି ପାଇଁ ସମାନତାର ସମ୍ମତି ଦେଇଛି ବିଭିନ୍ନ ଆଇନ ମାଧ୍ୟମରେ, ଯଥା ନାଗରିକ ଅଧିକାର ଅଧିନିୟମ-୧୯୫୫ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ ଅଧିନିୟମ, ୧୯୮୯)। ଭାରତୀୟ ସମ୍ବିଧାନର ଧାରା ୧୭ ଅସ୍ପୃଶ୍ୟତାକୁ ରଦ୍ଦ କରି ଏହା ଏକ ଦଣ୍ଡନୀୟ କାର୍ଯ୍ୟ ବୋଲି ଘୋଷଣା କରିଛି। ଆଜି ଅସ୍ପୃଶ୍ୟତାର ଦୃଶ୍ୟ ପ୍ରାଚୀନ ଭାରତଠାରୁ ଭିନ୍ନ। ଏଥିରୁ ଜଣାପଡୁଛି ଯେ ଭାରତର ସ୍ୱାଧୀନତା ୭୫ ବର୍ଷ ବିତିଗଲା, ତଥାପି ଭାରତରେ ଅସ୍ପୃଶ୍ୟତା ଚାଲିଆସୁଥିବା ଏକ ସାମାଜିକ ସମସ୍ୟା। ଏହା ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ ଯେ ଏକବିଂଶ ଶତାବ୍ଦୀର ମାନବସମାଜ ତଥାପି ଏହି ଅସ୍ପୃଶ୍ୟତା ଅଭ୍ୟାସ ଜାରି ରଖିଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୧ ମସିହାରେ ଅନୁସୂଚିତ ଜାତି ବିରୋଧରେ ଅତ୍ୟାଚାର କିମ୍ବା ଅପରାଧ ୧.୨% ବୃଦ୍ଧି ପାଇଛି। ଅନୁସୂଚିତ ଜାତି ବିରୋଧରେ ସର୍ବାଧିକ ଅତ୍ୟାଚାର ମାମଲା ରିପୋର୍ଟ କରୁଥିବା ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ ୨୫.୮୨%, ରାଜସ୍ଥାନ ୧୪.୭% ଏବଂ ମଧ୍ୟପ୍ରଦେଶ ୧୪.୧%। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୧ ମସିହାରେ ଅନୁସୂଚିତ ଜନଜାତିଙ୍କ ପ୍ରତି ଅତ୍ୟାଚର ୬.୪% ବୃଦ୍ଧିପାଇଛି। ମଧ୍ୟପ୍ରଦେଶରେ ସର୍ବାଧିକ ମାମଲା ୨୯.୮% ହୋଇଥିବା ବେଳେ ରାଜସ୍ଥାନ ୨୪% ଏବଂ ଓଡ଼ିଶା ୭.୬% ରିପୋର୍ଟ ହୋଇଛି। ଜାତି ଓ ଅସ୍ପୃଶ୍ୟତା ସବୁବେଳେ ନୃତତ୍ତ୍ୱ ବିଜ୍ଞାନର ଏକ ଅନୁସନ୍ଧାନ ରହିଆସିଛି। ଆମେରିକୀୟ ନୃତତ୍ତ୍ୱବିତ୍ ଫ୍ରା ବୋଆସ୍ ଏକ ସିଦ୍ଧାନ୍ତ ଦେଇଛନ୍ତି, ଯାହା ସାଂସ୍କୃତିକ ଆପେକ୍ଷିକତା, ଯେଉଁଠାରେ ସେ ସ୍ପଷ୍ଟ କରିଛନ୍ତି ଯେ, ପ୍ରତ୍ୟେକ ସଂସ୍କୃତିର ନିଜର ପରିଚୟ ଅଛି ଏବଂ ଅନ୍ୟ ସଂସ୍କୃତିର ମାନ ବ୍ୟବହାର କରି ଏହାକୁ ବିଚାର କରିବା ଉଚିତ ନୁହେଁ। ପ୍ରତ୍ୟେକ ସଂସ୍କୃତି ଅନନ୍ୟ, କୌଣସି ସଂସ୍କୃତି ଉନ୍ନତ ଏବଂ ନିମ୍ନ ନୁହେଁ। ଠିକ୍ ପଦକ୍ଷେପ ଓ ସଚେତନତା ଦ୍ୱାରା ଅସ୍ପୃଶ୍ୟତା ଦୂର କରାଯାଇପାରିବ। ଆମେ ସମସ୍ତେ ମିଳିମିଶି ଏକ ଅନ୍ତର୍ଭୁକ୍ତ ସମାଜ ଗଠନ କରିବା ଆବଶ୍ୟକ, ଯେଉଁଠି ସମସ୍ତଙ୍କୁ ସମ୍ମାନର ସହ ଗ୍ରହଣ କରାଯିବା ଉଚିତ।

**ସହକାରୀ ଅଧ୍ୟାପକ,**
**ନୃତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ**
**ମୋ : ୯୪୩୮୫୫୯୦୮୨**

## ଏଇ ଭାରତରେ

କୋଲ୍ଡ ଷ୍ଟୋରଗୁଡ଼ିକରେ କୃଷକ ଓ ଦୋକାନୀମାନଙ୍କୁ ଫଳ, ପନିପରିବା ରଖିବା ଲାଗି ଅଧିକ ବ୍ୟୟ କରିବାକୁ ପଡୁଛି। ଏହି ବ୍ୟୟ ହ୍ରାସ କରିବା ସହ ଫଳ ଓ ପନିପରିବା ବେଶି ଦିନ ତାଜା ରଖିବା ଲାଗି ଚେନ୍ନାଇର ଦୀପକ ରାଜମୋହନ ଓ ବିଜୟ ଆନନ୍ଦ ଗ୍ରୀନ୍ପଣ୍ଡ ଲିମ୍ଟସ କମ୍ପାନୀ ଖୋଲି ଫ୍ରିଜ୍ ତିଆରି କରୁଛନ୍ତି। ଏହି ଫ୍ରିଜ୍ କୃଷକମାନଙ୍କ ପାଇଁ ଯେତିକି ଆବଶ୍ୟକ ହେଉଛି ଗ୍ରାହକମାନଙ୍କ ପାଇଁ ଏହାର ଆବଶ୍ୟକତା ରହିଛି। ଦୀପକ ଜଣେ ଫୁଡ୍ ସାଇନ୍ସ ଇଞ୍ଜିନିୟର। କିଛି ଦିନ ପାଇଁ ଆମେରିକାରେ ଚାକିରି କରିଥିଲେ। ୨୦୧୯ରେ ସେ ଭାରତକୁ ଫେରିବା ପରେ ଖାଦ୍ୟ ନଷ୍ଟ ରୋକିବା ଲାଗି ଏହି ପ୍ରକାର ଫ୍ରିଜ୍ ନିର୍ମାଣ କରିବା ଆରମ୍ଭ କରିଥିଲେ। ଫ୍ରିଜ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଟେକ୍ନିକରେ ତିଆରି ହୋଇଛି। ଏଥିରେ ଫଳ ଓ ପରିବା ୧୨ ଦିନ ଯାଏ ରହିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଜୁନ୍ ୧୯୯୮**

- ମହାରାଷ୍ଟ୍ରରେ ରାଜ୍ୟସଭା ଦ୍ୱିବାର୍ଷିକ ନିର୍ବାଚନରେ ଦଳର ମନୋନୀତ ପ୍ରାର୍ଥୀଙ୍କ ବିରୁଦ୍ଧରେ କାର୍ଯ୍ୟ କରିବା ଯୋଗୁ କଂଗ୍ରେସ ସାଂସଦ ପ୍ରଫୁଲ ପଟେଲ ଓ ବିଧାୟକ ସତୀଶ ଚତୁର୍ବେଦୀଙ୍କୁ କାରଣ ଦର୍ଶାଅ ନୋଟିସ।
- ହିମାଚଳ ପ୍ରଦେଶର କୁଲୁ ନିକଟବର୍ତ୍ତୀ ରାମଶୀଳାଠାରେ ବେଆସ ନଦୀ ମଧ୍ୟକୁ ଏକ ପର୍ଯ୍ୟଟନ ବସ ଖସି ୫୩ ଜଣଙ୍କ ମୃତ୍ୟୁ।
- ଦେଶରେ ସମକାମୀ ଯୌନ ସମ୍ବନ୍ଧ ପାଇଁ ଆଇନଗତ ବୟସ ସୀମାକୁ ୧୬ ବର୍ଷକୁ କମାଇ ଦେବା ପାଇଁ ବ୍ରିଟିଶ ହାଉସ ଅଫ୍ କମନ୍ସରେ ଆଗତ ଏକ ପ୍ରସ୍ତାବ ଗୃହତରେ ଅନୁମୋଦିତ।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | 1 | | |
| 9 | | | 5 | | 6 | | | 4 |
| 6 | | 7 | | | | | 2 | |
| | 1 | | 3 | 8 | | | | 2 |
| | 9 | 6 | | 7 | | | | |
| | | 4 | | | | | 8 | |
| | | | | 5 | | | | |
| | | 2 | 6 | 3 | | 4 | | 5 |
| | | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 4 | 3 | 2 | 9 | 6 | 7 | 1 |
| 2 | 6 | 7 | 8 | 1 | 4 | 9 | 3 | 5 |
| 1 | 9 | 3 | 5 | 7 | 6 | 2 | 8 | 4 |
| 6 | 1 | 8 | 2 | 9 | 5 | 3 | 4 | 7 |
| 4 | 2 | 5 | 7 | 8 | 3 | 1 | 9 | 6 |
| 7 | 3 | 9 | 4 | 6 | 1 | 5 | 2 | 8 |
| 5 | 4 | 2 | 1 | 3 | 8 | 7 | 6 | 9 |
| 9 | 7 | 1 | 6 | 4 | 2 | 8 | 5 | 3 |
| 3 | 8 | 6 | 9 | 5 | 7 | 4 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠଙ୍କୁ ଭତ୍ତା ଦିଆଯାଉ

ମହାଶୟ,

ଆମ ରାଜ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ପାଇଁ ଭାଗବତ ଟୁଙ୍ଗି ବହୁ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। ପ୍ରତି ସନ୍ଧ୍ୟାରେ ଗ୍ରାମବାସୀମାନେ ଭାଗବତ ପାଠ କରିବା ସାଙ୍ଗେ ସାଙ୍ଗେ ବିଭିନ୍ନ ଧାର୍ମିକ ବିଷୟ ଆଲୋଚନା କରନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଏବେ ପ୍ରାୟ ଅଧିକାଂଶ ଭାଗବତ ଟୁଙ୍ଗି ବିଲୟ ଅବସ୍ଥାକୁ ଆସିଲାଣି। ଏଥିପାଇଁ ରାଜ୍ୟ ସରକାର ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିପାଇଁ ଆବଶ୍ୟକ ଟଙ୍କା ଥିଲେ ମଧ୍ୟ କେତେକ ବ୍ଲକ ଅଧିକାରୀଙ୍କ ଉଦାସୀନତାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ରାଜ୍ୟ ସଂସ୍କୃତି ବିଭାଗ ବିଡିଓଙ୍କ ଆକାଉଣ୍ଟକୁ ଅନୁଦାନ ପ୍ରେରଣ କରିଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ପ୍ରତିବର୍ଷ ଅନୁଦାନ ରାଶି ସରକାର ମଞ୍ଜୁର କରୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହୋଇ ପଡିରହିଛି। ଯାଜପୁର ଜିଲାରେ ଶହ ଶହ ଭାଗବତ ଟୁଙ୍ଗି ନିଜସ୍ୱ ଜମି ଓ ଅର୍ଥରେ ପରିଚାଳିତ ହୋଇଆସୁଅଛି। କିନ୍ତୁ ଆର୍ଥିକ ପ୍ରୋତ୍ସାହନ ଅଭାବରୁ ସାହି ସାହିରେ ଥିବା ଭାଗବତ ଟୁଙ୍ଗି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି। ସରକାରଙ୍କ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ସଚିବ ଗୁରୁତ୍ୱାରୋପ କରି କାର୍ଯ୍ୟ କରୁଛନ୍ତି। ଅଥଚ ଉକ୍ତ ଯୋଜନା ୮ ବର୍ଷ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟର ସବୁ ବ୍ଲକରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବଡ଼ଚଣା ବ୍ଲକରେ ଦୁଇ ଶହରୁ ଅଧିକ ଭାଗବତ ଟୁଙ୍ଗି ଥିଲେ ମଧ୍ୟ ମାତ୍ର ୨୦ଟି ଭାଗବତ ଟୁଙ୍ଗିରେ ଏହା କାର୍ଯ୍ୟକାରୀ ହୋଇଥିବାର ଜଣାଯାଇଛି। ପ୍ରତି ଭାଗବତ ଟୁଙ୍ଗିକୁ ଭାଗବତ ପୁସ୍ତକ ସମେତ ଧାର୍ମିକ ପୁସ୍ତକ ଓ ମାଇକ୍ ପ୍ରଦାନ କରାଗଲେ ବରିଷ୍ଠ ନାଗରିକ ଓ ଧର୍ମପରାୟଣ ବ୍ୟକ୍ତିମାନେ ଉପକୃତ ହେବେ। ଗ୍ରାମରେ ଶାନ୍ତି ଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ଭାଗବତ ଟୁଙ୍ଗିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୫-ଟି ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**–ନିର୍ମଳ ଚନ୍ଦ୍ର ସାମଲ,**
**ପୋଖରୀପୁଟ, ଭୁବନେଶ୍ୱର**

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର,
ହେବାକୁ ତୁମରି ଅଘରୟ
ଏ ଜୀବନ ରତୁ ଅଭିସାର।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସିଫା ପରିଚାଳନା କମିଟି ସଦସ୍ୟ ହେଲେ ଦେବୀ ପ୍ରସାଦ ପତି

କଟକ ସଦର,୨୩।୬(ସୁଶାନ୍ତ ଜେନା)- ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଦ୍ୱାରା ପରିଚାଳିତ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା(ସିଫା)ର ପରିଚାଳନା ମଣ୍ଡଳୀ ସଦସ୍ୟ ଭାବେ ୪୨ ମୌଜା ଅନ୍ତର୍ଗତ କଳାପଡ଼ା ଗ୍ରାମର ଦେବୀ ପ୍ରସାଦ ପତି ମନୋନୀତ ହୋଇଛନ୍ତି। ସେ ୩ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ଆଇସିଏଆର୍ ପକ୍ଷରୁ ପତ୍ରସଂଖ୍ୟା ୪୨୯/୨୩।୬।୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଭୁବନେଶ୍ୱର,୨୩।୬ (ସୂର୍ଯ୍ୟକାନ୍ତ ବେହେରା): ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଚିବାଳୟ ପଛ ପଟେ ଥିବା ଜଗନ୍ନାଥ ମନ୍ଦିରର ହୁଣ୍ଡି ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରିନେଇଛନ୍ତି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୋଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି । ଅପରପକ୍ଷେ ମନ୍ଦିର ବେଢ଼ାରେ ୫ ଜଣ ଲୋକ ଶୋଇଥିବା ବେଳେ କିପରି ଏହି ଘଟଣା ଘଟିଲା ତାକୁ ନେଇ ପୋଲିସ ସନ୍ଦେହ କରୁଛି । ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ଦୁର୍ବୃତ୍ତମାନେ ଚୋରି କରିବା ନେଇ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଭକ୍ତଙ୍କ ମତ ଅଶୁଭ, ସେବାୟତ କହିଲେ ମହାପ୍ରଭୁଙ୍କ ଲୀଳା

**ପହଣ୍ଡି ବେଳେ ଜଗନ୍ନାଥ ଢଳିପଡ଼ିବା ଘଟଣା**

ପୁରୀ, ୨୩।୬(ଅଜିତ୍ ମହାନ୍ତି): ଶ୍ରୀବିଗ୍ରହମାନେ ଗୁରୁବାର ରଥ ଛାଡ଼ି ଆଡ଼ପ ମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଛନ୍ତି। ତେବେ ପହଣ୍ଡି ସମୟରେ ଚାରମାଳ ଉପରେ ମହାପ୍ରଭୁ ଡାହାଣ ପଟକୁ ଢଳି ଯାଇଥିଲେ। ଫଳରେ ତାଙ୍କ ମଥାରୁ ଚିତା ଖସିଯାଇଥିଲା। ଏ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଭକ୍ତ ଏହା ଅଶୁଭ ସଙ୍କେତ ବୋଲି ବିବେଚନା କରୁଥିବାବେଳେ ସେବାୟତମାନେ ଏହାକୁ ମହାପ୍ରଭୁଙ୍କ ଲୀଳା ବୋଲି କହିଛନ୍ତି। ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଗୁରୁବାର ବର୍ଷା ହେଉଥିବାରୁ ଚାରମାଳ ଓଦା ରହିଥିଲା। ଫଳରେ ପହଣ୍ଡି ସମୟରେ ମହାପ୍ରଭୁ ତଳକୁ ଖସି ଆସିଥିଲେ ଅର୍ଥାତ୍ ଗୋଟିଏ ପଟକୁ ସାମାନ୍ୟ ଢଳିଯାଇଥିଲେ। ପହଣ୍ଡି ସମୟରେ ଏପରି ଘଟଣା ଘଟିଥାଏ। ତେବେ ମହାପ୍ରଭୁ ଖସିପଡ଼ିବା କଥା ଯାହା କୁହାଯାଉଛି, ତାହା ମିଥ୍ୟା। ରଥଯାତ୍ରା ସମୟରେ ସୋଲ ଚିତା ଲଗାଯାଇଥାଏ। ପହଣ୍ଡି ସମୟରେ ଏହା ଢିଲା ହୋଇଯାଇଥାଏ। ସୋଲ ଚିତା କାଳେ ଖସିପଡ଼ିବ ତେଣୁ ତାକୁ ନେଇ ସୁରକ୍ଷିତ ଭାବେ ରଖିଦିଆଯାଇଥିଲା। ସେହିପରି ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡିରେ କୌଣସି ସମସ୍ୟା ହୋଇନାହିଁ। ଲୋକେ ରାସ୍ତାରେ ଚାଲିବା ବେଳେ ସାଧାରଣତଃ ଦୋହଲିଥାନ୍ତି, ସେହିପରି ସ୍ୱୟଂ ମହାପ୍ରଭୁ ପହଣ୍ଡି ବିଜେ ବେଳେ ଭକ୍ତଙ୍କୁ ଅନାଇ ଅନାଇ ଯାଇଥାନ୍ତି। ତେଣୁ ସେ ଦୋହଲି ଦୋହଲି ଯାଇଥାନ୍ତି। ତେବେ ମହାପ୍ରଭୁ ପଡ଼ିଗଲେ କହିବା ଆଦୌ ଠିକ୍ ନୁହେଁ। ଏହା କୌଣସି ଅଶୁଭ ସଙ୍କେତ ନୁହେଁ, ବରଂ ସ୍ୱାଭାବିକ କଥା। ଅନ୍ୟପକ୍ଷରେ ଭକ୍ତ ଦିଲୀପ ବରାଳ କହିଛନ୍ତି, ପହଣ୍ଡି ସମୟରେ ସେବକମାନଙ୍କ ଅସାବଧାନ ପାଇଁ ମହାପ୍ରଭୁ ଗୋଟିଏ ପଟକୁ ଢଳିପଡ଼ିଲେ। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ସେବାୟତମାନେ ବିଶେଷ ଧାନ ଦେବା ଉଚିତ। ଅନ୍ୟ ଜଣେ ଭକ୍ତ ବେବି ସରକାର କହିଛନ୍ତି, ଏହା ଏକ ପ୍ରକାର ଅଶୁଭ ସଙ୍କେତ। ତେବେ ମହାପ୍ରଭୁ ଲୀଳା କରିଥାନ୍ତି। ସେ ଗୋଟିଏ ପଟକୁ ଢଳିବା ବୋଧହୁଏ ତାଙ୍କ ଇଚ୍ଛା।

# ସ୍ଥିତି ସୁଧାରିବାକୁ ପ୍ରୟାସ କରୁଛି ବିଏମ୍‌ସି

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

**ରାଜଧାନୀରେ ଜଳବନ୍ଦୀ ସମସ୍ୟା**
- ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ୧୧ ପ୍ରକଳ୍ପକୁ ମିଳିଲା ଅନୁମୋଦନ



ରାଜଧାନୀରେ ଗୁରୁବାର ହୋଇଥିବା ବର୍ଷାରେ ସହରର ଅଧିକାଂଶ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେବା ପରେ ବିଏମ୍‌ସିର ଚେତା ପଶିଛି। ବାହାଘରବେଳେ ବାଇଗଣ ରୋଇବା ଭଳି ମୌସୁମୀ ଆସିବା ପରେ ଶୁକ୍ରବାର ସ୍ୱତନ୍ତ୍ର ବୈଠକ ଡକାଯାଇ ସ୍ଥିତି ସୁଧାରିବା ଲାଗି ମାନସମନ୍ଥନ କରାଯାଇଛି। ଡ୍ରେନ୍ ସାଙ୍ଗକୁ ସଂଲଗ୍ନ ରାସ୍ତା ଓ କଞ୍ଜରଭେନ୍ସି ଇତ୍ୟାଦିରେ ପେଭର ବ୍ଲକ କାର୍ଯ୍ୟ କରିବା ସହ ୧୧ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ବର୍ଷା ଆରମ୍ଭ ହୋଇଥିବାବେଳେ ଏ ଯାଏ ସହରର ସମସ୍ତ ଡ୍ରେନ୍ ସଫା ହୋଇ ପାରି ନ ଥିବାରୁ ସମସ୍ୟା ଉପୁଜିବାରେ ଲାଗିଛି। ଜୁନ୍ ୧୨ରେ ମେୟରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସପ୍ତାହ ମଧ୍ୟରେ ସମସ୍ତ ଡ୍ରେନ୍ କାମ ସାରିବାକୁ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ମେୟର କହିଥିଲେ। ହେଲେ ବର୍ଷା ଯୋଗୁ ସହରର ଜଳ ନିଷ୍କାସିତ ହୋଇ ନ ପାରି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ କାହା ଉପରେ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅନ୍ୟପକ୍ଷରେ ସହରର ସ୍ଥିତିକୁ ନେଇ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବା ପରେ ବିଏମ୍‌ସି ପ୍ରକଳ୍ପ କରି ସମସ୍ୟାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛି। ତଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର ପାଇଁ ବିଏମ୍‌ସି ପକ୍ଷରୁ ଦୁଇଟି ୨୪ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୯୨୯ ଏବଂ ୭୦୦୮୪୭୫୪୫୫ ଜାରି କରାଯାଇଛି। ଯେଉଁ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଉଛି ସେମାନେ ଭୟଭୀତ ନ ହୋଇ ବିଏମ୍‌ସିକୁ ସୂଚନା ଦେବା ପାଇଁ ମେୟର ଅନୁରୋଧ କରିଛନ୍ତି। ଏଥିସହ ସ୍ୱତନ୍ତ୍ର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବର୍ଷା ବିପ୍ଲାତ ଏବଂ ଜଳବନ୍ଦୀ ଜନିତ ସମସ୍ୟା ବାବଦରେ ନାଗରିକମାନେ ସୂଚନା ଦେବାକୁ କୁହାଯାଇଛି। ମୌସୁମୀ ଜନିତ ବର୍ଷା ଯୋଗୁଁ ଯେପରି କୌଣସି ସ୍ଥାନରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ନ ହୁଏ ସେଥିପ୍ରତି ସତର୍କ ରହିବାକୁ ଉପ-ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ସମୟରେ ଡ୍ରେନ କାର୍ଯ୍ୟ, ଜଳ ନିଷ୍କାସନ, ପରିମଳକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ଚାଲୁ ରହିବ ବୋଲି ମେୟର ସୂଚନା ଦେଇଥିଲେ। ଅପରପକ୍ଷେ ଶୁକ୍ରବାର ହୋଇଥିବା କନ୍‌ଷ୍ଟ୍ରାକ୍ସ ଷ୍ଟାଣ୍ଡିଂ କମିଟି ବୈଠକର ସ୍ୱତନ୍ତ୍ର ଆଲୋଚନାରେ ସହରର ବିବିଧ ଉନ୍ନତି ମୂଳକପ୍ରକଳ୍ପ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିବେକାନନ୍ଦ ମାର୍ଗ ସ୍ଥିତ ଆର୍ ଆଣ୍ଡ ବି ରାସ୍ତା ବାମପାର୍ଶ୍ୱ ଡ୍ରେନକୁ ୫୫ ନମ୍ବର ୱାର୍ଡରେ ଥିବା ୭ ନଂ. ମୁଖ୍ୟ ଡ୍ରେନ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଡ୍ରେନ ନିର୍ମାଣ, ୩୨ ନଂ. ୱାର୍ଡର ମହାଦେବ ନଗର ଛକରୁ ଗଙ୍ଗୁଆ ବ୍ରିଜ୍ ପର୍ଯ୍ୟନ୍ତ ବକ୍ସ ଡ୍ରେନ ଓ ରାସ୍ତା ନିର୍ମାଣ, ଦୟା ୱେଷ୍ଟ କେନାଲରୁ ଲକ୍ଷ୍ମୀସାଗର ମୁଖ୍ୟ ରାସ୍ତା ଓସ୍କାର ସିଟି ଦେଇ ଗଙ୍ଗୁଆ ନାଳ ପର୍ଯ୍ୟନ୍ତ ଆରସିସି ଡ୍ରେନ ସହ ସ୍ଲାବ ନିର୍ମାଣ, ୱାର୍ଡ ନଂ. ୫ ସତ୍ୟ ବିହାର ଭିତରେ ଥିବା ଶାଖା ଡ୍ରେନଗୁଡ଼ିକୁ ମୁଖ୍ୟ ଡ୍ରେନ ସହ ସଂଯୋଗ କରିବା ଏବଂ ସେଗୁଡ଼ିରେ ସ୍ଲାବ ପକାଇବା, ୩୮ ନଂ. ୱାର୍ଡରେ ଥିବା କ୍ରିଷ୍ଣା ଟାୱାରରୁ ଭୋଇସାହି ସର୍ଭିସ ରୋଡ ପର୍ଯ୍ୟନ୍ତ ଆର୍‌ସିସି ଡ୍ରେନ ଓ ସ୍ଲାବ ନିର୍ମାଣ, ୪୩ ନଂ. ୱାର୍ଡ ଅନ୍ତର୍ଗତ ଲକ୍ଷ୍ମୀସାଗର ଫିସେରି ଟ୍ୟାଙ୍କ ଆଖପାଖରେ ଆରସିସି ବକ୍ସ ସେଲ୍ ଡ୍ରେନ୍ (ପ୍ଲଟ ନଂ. ୩୭୭୭ ରୁ ପ୍ଲଟ ନଂ ୮୪୨ ପର୍ଯ୍ୟନ୍ତ) ନିର୍ମାଣ, ୪ ନଂ. ୱାର୍ଡ ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲରୁ ଜୟଦେବ କଲେଜ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ରୁଦ୍ରପୁର କେନାଲ ବ୍ରିଜ୍‌ଠାରୁ ମୁସଲିମ ସାହି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ୪ ନଂ. ୱାର୍ଡରେ ଥିବା ପୁରୁଣା ଜେନା ଡାବାଠାରୁ ଝାଲିଆ ଗଡ଼ ଆଡ଼କୁ ହରିଦାସପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଏବଂ ପୁରୀ ମୁଖ୍ୟ କେନାଲ ଝାଲିଆ ଗଡଠାରୁ ୟୁ.ଏନ୍. ରଥ ଘର ଏବଂ ବାସୁଦେବ ଛକ ଦେଇ ମହାରଥା ବିଦ୍ୟାପୀଠ ପର୍ଯ୍ୟନ୍ତ ରାସ୍ତା ନିର୍ମାଣକୁ କନ୍‌ଷ୍ଟ୍ରାକ୍ସ ଷ୍ଟାଣ୍ଡିଂ କମିଟି ଅନୁମୋଦନ କରିଛି। ସେହିପରି ମୌସୁମୀ ସମୟରେ ନିୟମିତ ଭାବେ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଜୋନ୍ ସ୍ତରୀୟ ଟିମ୍ ଗଠନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ କର୍ମଶାଳା

ଭୁବନେଶ୍ୱର,୨୩।୬(ଅନୁରାଧା ମହାରଣା)

ଷ୍ଟିଲ୍ ଶିଳ୍ପ ପାଇଁ କଞ୍ଚାମାଲ ପ୍ରସ୍ତୁତିରେ ଡିକାର୍ବନାଇଜେଶନ୍ ଏବଂ ସଷ୍ଟେନେବିଲିଟି ଚ୍ୟାଲେଞ୍ଜ ଉପରେ ହୀରକ ଜୟନ୍ତୀ କର୍ମଶାଳା ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଥା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ଏନ୍‌ଡି ରାଓ ଯୋଗଦେଇ କହିଲେ, ଷ୍ଟିଲ୍ ଶିଳ୍ପ ପାଇଁ କଞ୍ଚାମାଲଜନିତ ସମସ୍ୟାର ସମାଧାନ ଲାଗି ଅଧିକରୁ ଅଧିକ ଗବେଷଣା ହେବା ଜରୁରୀ। ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ବ୍ରାଉନ୍ ଫିଲ୍ଡ ପ୍ରୋଜେକ୍ଟ ହେଡ୍ ଅରୁଣ ରଥ, ଫୋର୍‌ଏମ୍‌ଏସ୍‌ଆଇର ସଭାପତି ଡ. ଏସ୍ କେ ବିଶ୍ୱାଳ, କୋଲ ଇଣ୍ଡିଆ ଲିମିଟେଡ୍ ନିର୍ଦ୍ଦେଶକ ଦେବାଶିଷ ନନ୍ଦ, ଏମ୍‌ପିଟି ଏବଂ ବିଡି ମୁଖ୍ୟ ଡ. ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଖଣିଜ ପ୍ରକ୍ରିୟାକରଣ ଓ ବ୍ୟବସାୟ ବିକାଶର ମୁଖ୍ୟ ବୈଜ୍ଞାନିକ ଡ. ଅଶୋକ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

## ବୈରାଗୀ ନଗରରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ଝାରପଡ଼ା ବୈରାଗୀ ନଗରରେ ଥିବା ୧୦ ନମ୍ବର ମୁଖ୍ୟ ନାଳ ନିକଟରେ ରହିଥିବା ଜବରଦଖଲକୁ ହଟାଯାଇଛି। ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ନାଳର ପୁନରୁଦ୍ଧାର କରାଯାଉଥିବାବେଳେ ଏଠାରେ ଥିବା ଜବରଦଖଲ ଗୁଡିକ ପ୍ରତିବନ୍ଧକ ସାଜିଥିଲା। ସେଥିମଧ୍ୟରୁ ବହୁ ଜବରଦଖଲ ହଟାଯାଇଥିବାବେଳେ ସରକାରୀ ପ୍ଲଟ ନମ୍ବର ୩୪୦, ଖାତା ନମ୍ବର ୯୬୯ରେ ଥିବା ୦.୬୧୩ ଏକର ଜମିରେ ନିର୍ମାଣ ହୋଇଥିବା ବେଆଇନ୍ ଘରକୁ ହଟାଯାଇ ପାରୁ ନ ଥିଲା। ତେବେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ହେବାପରେ ଶୁକ୍ରବାର ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ଓ ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ସମ୍ପୃକ୍ତ ସ୍ଥାନରୁ ଜବରଦଖଲ ହଟାଇଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚୀ ମୁତାବକ ଟିମ ପ୍ରାଇଡ ସହ ବିଏମସି ଅଧିକାରୀ, ସାଧାରଣ ପ୍ରଶାସନ ବିଭାଗ, କମିଶନରେଟ ପୋଲିସର ରିଜର୍ଭ ଫୋର୍ସ ସହ ଲକ୍ଷ୍ମୀସାଗର ଥାନା କର୍ତ୍ତୃପକ୍ଷ ବୈରାଗୀ ନଗରରେ ପହଞ୍ଚି ଥିଲେ। ଉଚ୍ଛେଦରେ ୨ଟି ଛାତ ଘର, ୩ଟି ବେଡରୁମ, ୨ଟି ପାଇଖାନା ସହ ୭୦ ଫୁଟ୍‌ର ପାଚେରୀ ଭଙ୍ଗାଯାଇଛି। ଏହି କାର୍ଯ୍ୟରେ ୩ଟି ଜେସିବି ନିୟୋଜିତ ହୋଇଥିଲା। ବିଡିଏ ଯୁଗ୍ମ ସଚିବ ତଥା ଏନଫୋର୍ସମେଣ୍ଟ ଅଧିକାରୀ ଶ୍ୱେତକୁମାର ଦାସ, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ସାଧାରଣ ପ୍ରଶାସନ ବିଭାଗ ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ଦାସଙ୍କ ବ୍ୟତୀତ ଡ୍ରେନେଜ ଓ ବିଏମସି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୱାର୍ଡ ନମ୍ବର ୩୨ ଅନ୍ତର୍ଗତ ପ୍ରାକୃତିକ ନାଳ ୧୦ କଡ଼ରେ ଥିବା ବୈରାଗୀ ନଗର ଅଞ୍ଚଳ ଅସରାଏ ବର୍ଷାରେ ଉବୁଟୁବୁ ହୋଇଥାଏ। ଅଞ୍ଚଳବାସୀଙ୍କୁ ଏହି ସମସ୍ୟାରୁ ମୁକାଳିବା ପାଇଁ ବିଏମସି ଯୋଜନା ପ୍ରସ୍ତୁତ କରୁଥିଲେ ବି ଜବରଦଖଲ ଲାଗି ଅଞ୍ଚଳବାସୀଙ୍କୁ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଏଥିସହ କୋଟିଏ ଟଙ୍କା ବ୍ୟୟରେ ନାଳର ପୁନରୁଦ୍ଧାର କାମ ମଧ୍ୟ ଅଟକି ରହିଥିଲା। ଏପରିକି ପୂର୍ବରୁ ଜବରଦଖଲ ହଟାଇବାକୁ ଯାଇଥିବା ଏନଫୋର୍ସମେଣ୍ଟ ଟିମକୁ ଜବରଦଖଲକାରୀ ଧମକାଇବାରୁ ଟିମ ସଦସ୍ୟ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର ଶୁକ୍ରବାର ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି।

## ଗୋରୁ ଚୋରାଚାଲାଣ ଗାଡ଼ି ଧକ୍କାରେ ଚାଲିଗଲା ଶିକ୍ଷକଙ୍କ ଜୀବନ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମ ମୁଣ୍ଡ କୁଆଖାଇ ନଦୀବନ୍ଧରେ ଶୁକ୍ରବାର ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ପିକ୍‌ଅପ ଭ୍ୟାନଟି ନଦୀବନ୍ଧର ଅପରପାର୍ଶ୍ୱ କେନାଲକୁ ଓଲଟି ପଡ଼ିଛି। ପିକ୍‌ଅପ ଭ୍ୟାନରେ ବନ୍ଧା ହୋଇଥିବା ୪ ବାଛୁରୀକୁ ସ୍ଥାନୀୟ ଲୋକେ ଖୋଲି ଦେବାରୁ ସେମାନେ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଚାଳକଙ୍କ ସହ ଅନ୍ୟ ଜଣେ ଯୁବକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଫେରିବା ବାଟରେ ଆଉ ୨ଜଣଙ୍କୁ ଧରିଥିଲା। ପୋଲିସ ଘଟଣା ସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ବିହାରର ସୁଧୀର ସିଂ(୫୩) କଲ୍ୟାଣପୁର ଅଞ୍ଚଳରେ ଘର କରି ତାଙ୍କ ପରିବାର ସହ ରହୁଥିଲେ। ସେ ଭୁବନେଶ୍ୱର ଲୋୟଲା ସ୍କୁଲରେ ହିନ୍ଦୀ ଶିକ୍ଷକ ଥିବାବେଳେ ତାଙ୍କ ସ୍ତ୍ରୀ ରାକ୍ଷୀ ସିଂ ଜଣେ ଆୟୁର୍ବେଦିକ ଡାକ୍ତର ସହ ରାଜ୍ୟ ଗୋ ସୁରକ୍ଷା ସମିତିର ବରିଷ୍ଠ ସଦସ୍ୟା। ସବୁଦିନ ଭଳି ସୁଧୀର ବଡ଼ିଭୋରୁ ବାଇକ୍ (ଓଡ଼ି ୦୨ ଏଏକ୍ସ ୪୦୬୬) ଯୋଗେ ଫୁଲ ତୋଳିବାକୁ ଯାଇ କଲ୍ୟାଣପୁର ସ୍ୱସ୍ତିବନ ନିକଟ ନଦୀବନ୍ଧ ରାସ୍ତା କଡ଼ରେ ଗାଡ଼ି ରଖି ଛିଡ଼ା ହୋଇଥିଲେ। ସେହି ସମୟରେ ଗଣ୍ଡରପୁର ପଟୁ ଗୋରୁ ନେଇ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ ଭ୍ୟାନ(ଓଡ଼ି ୨୯ ଏଫ୍ ୬୯୩୯) ସୁଧୀରଙ୍କୁ ଧକ୍କା ଦେଇ କେନାଲକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଫଳରେ ସୁଧୀର ଓ ତାଙ୍କ ବାଇକ୍ ମଧ୍ୟ କେନାଲ ମଧ୍ୟକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ କିଛି ଯୁବକ ଏହାଦେଖି ଗାଡ଼ିରେ ବନ୍ଧା ହୋଇଥିବା ବାଛୁରୀକୁ ଖୋଲି ଦେଇଥିଲେ।

## ୧୨ ପୋଲିସ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୩।୬ (ସତ୍ୟଜିତ୍ ରାଉତ)

**କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସ**

ରାଜ୍ୟ ପୋଲିସ ବିଭାଗରେ ନିକଟରେ ଅତିରିକ୍ତ ଡିସିପି ପାହ୍ୟାକୁ ପଦୋନ୍ନତି ପାଇଥିବା ୧୨ଜଣ ପୋଲିସ ଅଧିକାରୀଙ୍କୁ ପି.ଇ.ବି.ର ଅନୁମୋଦନକ୍ରମେ ଭୁବନେଶ୍ୱର- କଟକ କମିଶନରେଟ ପୋଲିସରେ ଖାଲିଥିବା ବିଭିନ୍ନ ପଦବୀରେ ସଂଲଗ୍ନ କରାଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ଏନେଇ ଶୁକ୍ରବାର କମିଶନରେଟ ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ଦାସଙ୍କୁ କଟକ ୟୁପିଡି ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଡିସିପି, ସଞ୍ଜୀବ କୁମାର ଶତପଥୀଙ୍କୁ କମିଶନରେଟ ପୋଲିସ ସ୍ପେଶାଲ କ୍ରାଇମ୍ ୟୁନିଟର ଅତିରିକ୍ତ ଡିସିପି, ଦେବଦତ୍ତ କରଙ୍କୁ କମିଶନରେଟ ପୋଲିସର ଟ୍ରାଫିକ ଅତିରିକ୍ତ ଡିସିପି, ଅନିଲ କୁମାର ବେଉରିଆଙ୍କୁ ଭୁବନେଶ୍ୱର ୟୁପିଡିର କ୍ରାଇମ ଅତିରିକ୍ତ ଡିସିପି, ସୁରେଶ ଚନ୍ଦ୍ର ପାତ୍ରଙ୍କୁ ସିପି ମୁଖ୍ୟାଳୟର କ୍ରାଇମ ଅତିରିକ୍ତ ଡିସିପି, ଏସ୍‌କେ ସରିଫୁଦ୍ଦିନ୍‌ଙ୍କୁ କଟକ ୟୁପିଡିର ଅତିରିକ୍ତ ଡିସିପି ସହ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଅନିଲ କୁମାର ମିଶ୍ରଙ୍କୁ କଟକ ୟୁପିଡି ଆଇନ ଶୃଙ୍ଖଳା ଅତିରିକ୍ତ ଡିସିପି, ପ୍ରକାଶ ଚନ୍ଦ୍ର ପାଲଙ୍କୁ ଭୁବନେଶ୍ୱର ୟୁପିଡିର ଅତିରିକ୍ତ ଡିସିପି, ତରୁଣ ଦାସଙ୍କୁ ଭୁବନେଶ୍ୱର ୟୁପିଡିର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଡିସିପି, ପ୍ରାଣକୃଷ୍ଣ ରାଉତଙ୍କୁ ଭୁବନେଶ୍ୱର ୟୁପିଡି ଆଇନ ଶୃଙ୍ଖଳା ଅତିରିକ୍ତ ଡିସିପ, ରାଜେନ୍ଦ୍ର କୁମାର ସେନାପତିଙ୍କୁ ସିପି ମୁଖ୍ୟାଳୟର ଅତିରିକ୍ତ ଡିସିପି ସହ ଡିଡିଓ ଓ ସରୋଜ କୁମାର ମହାପାତ୍ରଙ୍କୁ ଭୁବନେଶ୍ୱର ୟୁପିଡିରେ ଅତିରିକ୍ତ ଡିସିପି ସହ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଅବସ୍ଥାପିତ କରାଯାଇଛି।

## ରାଜଧାନୀର ସବୁ ଡ୍ରେନ ସଫେଇ କରିବାକୁ ଦାବି

ପୁରୁଣା ଭୁବନେଶ୍ୱର,୨୩।୬ (ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟମାନେ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

ପ୍ରଥମ ମୌସୁମୀ ବର୍ଷାରେ ରାଜଧାନୀର ବିଭିନ୍ନ ଡ୍ରେନରେ ବର୍ଷାଜଳ ନିର୍ଗତ ହୋଇ ନ ପାରିବାରୁ ଅନେକ କଲୋନୀବାସିନ୍ଦା ଜଳମଗ୍ନ ହେବା ନଜିର ରହିଛି। ଏ ସମସ୍ତ ଡ୍ରେନରେ ଅନେକ ଜବରଦଖଲ ହୋଇଥିବା ବେଳେ ଆଉ କେତେକ ଡ୍ରେନ ଆବର୍ଜନାରେ ଭର୍ତ୍ତି ହୋଇ ବନ୍ଦ ହୋଇଯାଇଛି। ଅନେକ ଡ୍ରେନ ନିର୍ମାଣ କାର୍ଯ୍ୟ ଅଧା, କେତେକ ଡ୍ରେନ ମୁକୁଳା ପଡିରହିଛି। ଡ୍ରେନଗୁଡ଼ିକର ପୁନରୁଦ୍ଧାର ଏବଂ ପରିତ୍ୟକ୍ତ ଡ୍ରେନଗୁଡ଼ିକର ସଫେଇ କରା ନ ଗଲେ ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବ। ତେଣୁ ବିଏମ୍‌ସି କର୍ତ୍ତୃପକ୍ଷ ଏହି ସମସ୍ୟା ଦୂର କରିବା ପାଇଁ ତୁରନ୍ତ ଡ୍ରେନଗୁଡ଼ିକର ସଫେଇ କରିବାକୁ ଏକାମ୍ର ଜନଜାଗରଣ ମଞ୍ଚ ଶୁକ୍ରବାର ବିଏମ୍‌ସି କମିଶନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ମଞ୍ଚ ଅଧ୍ୟକ୍ଷ ବିଶ୍ୱନାରାୟଣଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ପଣ୍ଡା, ରଞ୍ଜନ ମହାନ୍ତି, ରୋହିତ ନାୟକ, ସୁଲତା ସାହାଣୀ, ବିନୋଦିନୀ ସେନାପତି, ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରେନ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ବାଲିଅନ୍ତା,୨୩।୬(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ହଂସପାଳ ବାଟ ମହାବୀର ମନ୍ଦିରଠାରୁ ବାଲିଅନ୍ତା ଅଣ୍ଡିଲୋ ସାଇଫନ ପର୍ଯ୍ୟନ୍ତ ୨ଟି କଂକ୍ରିଟ୍ ଡ୍ରେନ୍ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଓ ଡେପୁଟି ମେୟର ମଞ୍ଜୁଲତା କହଁର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ୧୧୭୦ ମିଟର ଲମ୍ବ ଓ ୨ମିଟର ଓସାର ଡ୍ରେନ ପାଇଁ ବିଏମ୍‌ସି ପକ୍ଷରୁ ୪ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଉପଲକ୍ଷେ ହଂସପାଳ ମହାବୀର ମନ୍ଦିର ନିକଟରେ ଏକ ସଭା ଆୟୋଜିତ ହୋଇଥିଲା। ସେଥିରେ ବିଧାୟକ ରାଉତ କହିଛନ୍ତି, ରାଜ୍ୟ ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଏହି କାମ କ୍ୱାଲିଟି ମେଣ୍ଟେନାନ୍ସ ସହ ଯେପରି ଭଲ ଭାବରେ ହେବ, ଏ ଦିଗରେ ସ୍ଥାନୀୟ ଲୋକଙ୍କ ଦାୟିତ୍ୱ ରହିଛି। ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ଯୋଗଦେଇ ବିଧାୟକଙ୍କ ଚେଷ୍ଟା ଯୋଗୁ କାର୍ଯ୍ୟଟି ମଞ୍ଜୁର ହୋଇଥିବା କହି ତାଙ୍କର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଲେଙ୍କା, ପ୍ରସନ୍ନ ରାଉତରାୟ, ଭିକାରୀ ଚରଣ ସାହୁ, ଜଗବନ୍ଧୁ ନାୟକ ଓ ବିଏମ୍‌ସି ଡ୍ରେନେଜ୍ ବିଭାଗ ଯନ୍ତ୍ରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ।

## 'ସମର୍ପିତା ସ୍ୱର୍ଣ୍ଣପ୍ରଭା' ଉନ୍ମୋଚିତ

ବାଲକାଟୀ,୨୩।୬(ମନୋଜ ମଣ୍ଡଳ)



କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଲେଖିକା ସୁଶ୍ରୀ ସୁଚିତ୍ରା ବେହେରାଙ୍କ ରଚିତ ଉପନ୍ୟାସ 'ସମର୍ପିତା ସ୍ୱର୍ଣ୍ଣପ୍ରଭା' ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ କରକମଳରେ ଭୁବନେଶ୍ୱରସ୍ଥିତ ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ଲେଖିକା ବେହେରାଙ୍କ ପ୍ରବନ୍ଧ ସୃଜନ ସୌଗନ୍ଧ ଗଳ୍ପ, ସାଉଁଟା ସ୍ମୃତିର ସ୍ୱପ୍ନ, ସ୍ରଷ୍ଟାର ସାଧନା ଓ ସମୂହ ସୃଷ୍ଟି ପରେ ଚତୁର୍ଥ ସଂକଳନ ଉପନ୍ୟାସ 'ସମର୍ପିତା ସ୍ୱର୍ଣ୍ଣପ୍ରଭା'। ଏହି ଉପନ୍ୟାସର କାହାଣୀ ସ୍ୱର୍ଣ୍ଣପ୍ରଭାର ଦୀପ୍ତ ଜୀବନକୁ ନେଇ। ମଧ୍ୟବିତ୍ତ ପରିବାରର ସୁଖଦୁଃଖ, ଆଶା ନିରାଶା, ଦ୍ୱନ୍ଦ୍ୱ ଦ୍ୱିଧା ଓ ଅଭାବ ଅସୁବିଧାର ନିଖୁଣ ଚିତ୍ର ଲେଖିକା ଆଙ୍କିଛନ୍ତି ଏହି ଉପନ୍ୟାସରେ। ଉନ୍ମୋଚନ ଉତ୍ସବରେ ରାଜଭବନର ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ଲେଖିକା ବେହେରା, ଓଡ଼ିଶା ଖଦି ଓ ଗ୍ରାମ୍ୟ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ, କାପୋକ୍‌ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଓ ସଭ୍ୟା ମମତା ପାଇକରାୟ ଉପସ୍ଥିତ ଥିଲେ। ଉପନ୍ୟାସଟି ପାଠକାଦୃତ ହେବ ବୋଲି ଲେଖିକା ଆଶାବ୍ୟକ୍ତ କରିଛନ୍ତି।

## ବିଦା ହେଲେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଟିମ୍ ଲିଡର

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

**ମହଙ୍ଗା ପଡିଲା ନିଶା ଖାଇ ବଟିମାଗିବା**
- ଘରୋଇ ସଂସ୍ଥା ଟାଇମ୍ସକୁ କଡ଼ା ଚେତାବନୀ
- ଆଚରଣ ନ ବଦଳାଇଲେ ବ୍ଲାକ୍ ଲିଷ୍ଟେଡ୍ କରାଯିବ

ନିଶା ଖାଇ ହାଇଡ୍ରାମା କରିବା ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ପରିମଳ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଟିମ୍ ଲିଡରଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସହ ବିଏମ୍‌ସିକୁ ଲୋକ ଯୋଗାଉଥିବା ଘରୋଇ ସଂସ୍ଥା ଟାଇମ୍ସକୁ ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେ କଡ଼ା ଚେତାବନୀ ଶୁଣାଇଛନ୍ତି। ଯଦି ଆଗକୁ ଏପରି କୌଣସି ଅଭିଯୋଗ ସାମ୍ନାକୁ ଆସେ, ତେବେ ଘରୋଇ ସଂସ୍ଥାକୁ ବ୍ଲାକ୍ ଲିଷ୍ଟେଡ କରାଯିବ ବୋଲି ମେୟର କହିଛନ୍ତି। ବୁଧବାର ରାତିରେ ବିଏମ୍‌ସି ଉତ୍ତର ମଣ୍ଡଳରେ ପରିମଳ ଏନ୍‌ଫୋର୍ସମେଣ୍ଟ ସିକ୍ୟୁରିଟି ଭାବେ କାମ କରୁଥିବା ପ୍ରମୋଦ କୁମାର ରାଉତ ଏକ ହୋଟେଲକୁ ଯାଇ ତୁମୁଳ କାଣ୍ଡ କରିଥିଲେ। ଏନେଇ ଖବର ପ୍ରକାଶିତ ହେବାପରେ ଶୁକ୍ରବାର ମେୟର ସମ୍ପୃକ୍ତ ସଂସ୍ଥା ଏବଂ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ 'ପ୍ରାଇଡ'ର ଟିମ ଲିଡରଙ୍କୁ ଡାକି ସମୀକ୍ଷା କରିଥିଲେ। ଏନେଇ ଟାଇମ୍ସର ମ୍ୟାନେଜର କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ବୁଧବାର ରାତିରେ ହୋଟେଲକୁ ଖାଇବାକୁ ଯାଇଥିଲେ। ସେ ବିଏମସି ପକ୍ଷରୁ ଫାଇନ କାଟୁଥିବାରୁ ସେଠାରେ ତାଙ୍କୁ କିଛି ବ୍ୟବସାୟୀ ତଥା ହୋଟେଲ କର୍ମଚାରୀ ଆକ୍ରମଣ କରିବା ସହ ପ୍ରବଳ ମାଡ଼ ମାରିଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତି ବଟି ମାଗୁଥିବା ଅଭିଯୋଗ ନେଇ ସଂସ୍ଥା ଅଧିକାରୀ ଚୁପ୍ ରହିଥିଲେ। ସମୀକ୍ଷା ବୈଠକରେ ମେୟର କାର୍ଯ୍ୟରତ ସମସ୍ତ ଟିମ୍ ଲିଡରଙ୍କୁ ଜନସାଧାରଣ ଓ ଦୋକାନୀଙ୍କୁ ସଚେତନ କରାଇବାକୁ ଅଧିକ ଫୋକସ ଦେବାକୁ ବୁଝାଇଥିଲେ। ଫାଇନ କେବଳ ସାନିଟାରୀ ଇନ୍ସପେକ୍ଟର ହିଁ ଆଦାୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ମାସରେ ପରିମଳ ଏନଫୋର୍ସମେଣ୍ଟ ଟିମକୁ ରୋଟେସନ କରାଯିବ। ଫଳରେ ପରିମଳ ଯାଞ୍ଚରେ ସ୍ୱଚ୍ଛତା ରହିବ ବୋଲି ବିଏମ୍‌ସି ଅତରିକ୍ତ କମିଶନର ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିକଟରେ ବିଏମସି ପରିମଳ ବିଭାଗ ଖରାପ ପ୍ରଦର୍ଶନ କରୁଥିବା କିଛି ସଦସ୍ୟଙ୍କୁ ଛଟେଇ କରିଥିଲା। ତାଙ୍କ ବଦଳରେ ଘରୋଇ ସଂସ୍ଥା 'ଟାଇମ୍ସ' କିଛି ନୂଆ ଅବସରପ୍ରାପ୍ତ ଆର୍ମି ଅଫିସରଙ୍କୁ ଯୋଗାଇଥିଲା। ବିଏମସିର ଉତ୍ତର ଜୋନ ପରିମଳ ଯାଞ୍ଚ ଟିମରେ ପ୍ରମୋଦଙ୍କୁ ନିଯୁକ୍ତ କରାଯାଇଥିଲା। ତେବେ କାମ କରିବାର ୪୮ ଘଣ୍ଟା ନ ପୁରୁଣୁ ବାବୁଙ୍କ ହାଇଡ୍ରାମା ନଜରକୁ ଆସିଛି। ଡ୍ୟୁଟି ସରିବା ପରେ ନିଶା ଖାଇ ସେ ଏକ ହୋଟେଲକୁ ଯାଇ ପରିମଳ ଯାଞ୍ଚ ନାଁରେ ବଟି ମାଗୁଥିବା ଅଭିଯୋଗ ହେବାପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ବିଏମ୍‌ସି ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ହଂସପାଳରେ ଟ୍ରାଫିକ୍ ଜାମ୍, ୨ କାର୍ ଦୁର୍ଘଟଣାଗ୍ରସ୍ତ

ବାଲିଅନ୍ତା,୨୩।୬(ନୀଳମାଧବ ସାହୁ): ୧୬ନଂ. ଜାତୀୟ ରାଜପଥର ହଂସପାଳର କେନାଲ ବ୍ରିଜ୍‌ଠାରୁ କୁଆଖାଇ ନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଶୁକ୍ରବାର ପ୍ରାୟ ୩ ଘଣ୍ଟା ଧରି ଜାମ୍ ହୋଇଥିଲା। ଏଥିରେ ଭୁବନେଶ୍ୱରକୁ ଆସୁଥିବା ଗାଡ଼ି ଚାଳକ ଅଧିକ ପ୍ରଭାବିତ ହୋଇଥିଲେ। ଏହି ସମସ୍ୟା ଯୋଗୁ ବାଲେଶ୍ୱରରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆସୁଥିବା ୨ଟି କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସୂଚନା ମୁତାବକ, ହଂସପାଳ ଛକରେ ଜାତୀୟ ରାଜପଥ ଉପରେ ଏକ ଫ୍ଲାଏଓଭର ବ୍ରିଜ୍ କାର୍ଯ୍ୟ ଚାଲିଛି। ବ୍ରିଜ୍‌ର ଆପ୍ରୋଚ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ରାସ୍ତାରେ ଡଷ୍ଟ ଗଦା କରାଯାଇଛି। ଫଳରେ ହଂସପାଳ କେନାଲ ବ୍ରିଜ୍ ନିକଟରୁ ଏକ ଡାଇଭର୍ସନ ସର୍ଭିସ ରୋଡ୍‌କୁ ଯିବା ପାଇଁ କରାଯାଇଛି। ଡାଇଭର୍ସନ ଜାଗାଟି ସଙ୍କୁଚିତ ଓ ଉଠାଣିଥିବାରୁ ଗାଡ଼ିମୋଟର ଯାତାୟାତରେ ସମସ୍ୟା ଉପୁଜିବା ସହ ଜାତୀୟ ରାଜପଥରେ ଗତି ମନ୍ଥର ରହୁଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ହଂସପାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫ୍ଲାଏଓଭର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ହଂସପାଳ ଛକରେ ଟ୍ରାଫିକ୍ ଜାମ୍ ଭଳି ପରିସ୍ଥିତି ଦେଖାଦେଇଛି। ବର୍ତ୍ତମାନ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଚାଲିଥିବାରୁ ବହୁ ଗାଡ଼ିମୋଟର ଏହି ରାସ୍ତା ଦେଇ ପୁରୀ ଅଭିମୁଖେ ଯାଉଛି। ରାସ୍ତାରେ କୌଣସି ଗାଡ଼ି ଖରାପ ହେଲେ ତାକୁ ହଟାଇବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଟ୍ରାଫିକ ପୋଲିସ ପକ୍ଷରୁ ସେଭଳି ତତ୍ପରତା ଦେଖାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ରିଜ୍ କାର୍ଯ୍ୟ ଶେଷ ହେଲେ ଏହି ଟ୍ରାଫିକ୍ ସମସ୍ୟାରୁ ଲୋକେ ମୁକ୍ତି ପାଇବେ ବୋଲି ଅଞ୍ଚଳବାସୀ କହିଛନ୍ତି।

### ଡ୍ରେନ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୨୩।୬(ନୀଳମାଧବ ସାହୁ): ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ହଂସପାଳ ବାଟ ମହାବୀର ମନ୍ଦିରଠାରୁ ବାଲିଅନ୍ତା ଅଣ୍ଡିଲୋ ସାଇଫନ ପର୍ଯ୍ୟନ୍ତ ୨ଟି କଂକ୍ରିଟ୍ ଡ୍ରେନ୍ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଓ ଡେପୁଟି ମେୟର ମଞ୍ଜୁଲତା କହଁର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ୧୧୭୦ ମିଟର ଲମ୍ବ ଓ ୨ମିଟର ଓସାର ଡ୍ରେନ ପାଇଁ ବିଏମ୍‌ସି ପକ୍ଷରୁ ୪ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଉପଲକ୍ଷେ ହଂସପାଳ ମହାବୀର ମନ୍ଦିର ନିକଟରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ଅକ୍ଷୟ ଲେଙ୍କା, ପ୍ରସନ୍ନ ରାଉତରାୟ, ଭିକାରୀ ଚରଣ ସାହୁ, ଜଗବନ୍ଧୁ ନାୟକ ଓ ବିଏମ୍‌ସି ଡ୍ରେନେଜ୍ ବିଭାଗ ଯନ୍ତ୍ରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ସଂକ୍ରାନ୍ତ ୪ ମାମଲାର ଶୁଣାଣି

**ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି**

- ଅଧିକାରୀଙ୍କ ଅନୁପସ୍ଥିତ ନେଇ ଆପତ୍ତି ଉଠାଇଲେ ଆବେଦନକାରୀ
- ଶ୍ରୀମନ୍ଦିର ପ୍ରଶାସନ ତଥ୍ୟରେ ତାଳମେଳ ନ ଥିବା ଦର୍ଶାଇଲେ

ପୁରୀ, ୨୩।୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ ନ କରି ସ୍ଥିତି ସମ୍ପର୍କରେ ସୂଚନା ଦେବାରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ତେଣୁ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ୪ଟି ମାମଲା ରୁଜୁ କରିଥିଲେ। ଶୁକ୍ରବାର ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁଙ୍କ ଦ୍ୱାରା ଉକ୍ତ ୪ଟି ମାମଲାର ଶୁଣାଣି ହୋଇଛି। ତେବେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀ ପୂର୍ବଭଳି ଶୁଣାଣି ସମୟରେ ଅନୁପସ୍ଥିତ ରହିଥିଲେ। ତାଙ୍କ ବଦଳରେ ଜଣେ ଓକିଲ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିଲେ, ଯାହାକୁ ନେଇ ଆବେଦନକାରୀ ବରାଳ ଆପତ୍ତି ଉଠାଇଥିଲେ। ଶୁଣାଣି ସମୟରେ ଜନ ସୂଚନା ଅଧିକାରୀ ଉପସ୍ଥିତ ରହିବା ପାଇଁ ସେ ଦାବି କରିଥିଲେ। ସୂଚନା ଅଧିକାର ଆଇନ-୨୦୦୫ ଅନୁଯାୟୀ, ଜନସୂଚନା ଅଧିକାରୀଙ୍କ ବଦଳରେ ତାଙ୍କର ପ୍ରତିନିଧି ଭାବେ କେହି ଉପସ୍ଥିତ ରହିବା ଆଇନରେ ଉଲ୍ଲେଖ ନ ଥିବା ବରାଳ ଯୁକ୍ତି ବାଢ଼ିଥିଲେ। ଫଳରେ ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଯେଉଁସବୁ କାଗଜପତ୍ର ପ୍ରଦାନ କରାଯାଇଥିଲା, ତାହାକୁ ନେଇ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଫଳରେ ବରାଳ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ଯେ, ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ତେଣୁ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ଏ ସଂକ୍ରାନ୍ତରେ ସେ ୪୨୪/୨୨ରେ ମାମଲା ରୁଜୁ କରିବା ସହ ରତ୍ନଭଣ୍ଡାରର ଅନ୍ୟ ପ୍ରସଙ୍ଗକୁ ନେଇ ୩ଟି ପୃଥକ ମାମଲା (ନଂ. ୭୦୨/୨୨, ୭୨୯/୨୨ ଏବଂ ୭୩୦/୨୨) ରୁଜୁ କରିଥିଲେ। କେସ୍ ନଂ. ୭୦୨/୨୨ରେ ୨୦୧୮ ଏପ୍ରିଲ ୪ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକର ବିବରଣୀ ସୂଚନା ବରାଳ ମାଗିଥିଲେ। ଶୁକ୍ରବାର ୪୨୪/୨୨ ମାମଲାର ବିଚାର ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ ସତ୍ୟପାଠ ଦିଆଯାଇଥିଲା,ତାହା ମିଥ୍ୟା ବୋଲି ବରାଳ ଅଭିଯୋଗ କରିବା ସହ ଏହାର ତଦନ୍ତ କମିଶନଙ୍କ ପକ୍ଷରୁ କରାଯାଉ ବୋଲି ଦାବି କହିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ୨୦୨୧ ଡିସେମ୍ବର ୨୩ରେ ତାଙ୍କ ଆଦେଶରେ ଉଲ୍ଲେଖ କରିଥିଲେ ଯେ, ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହୋଇନାହିଁ। ତେଣୁ ଏହାକୁ ଦିଆଗଲେ ତଦନ୍ତ ପକ୍ରିୟା ବାଧାପ୍ରାପ୍ତ ହେବ। ତେଣୁ ଦେଇହେବ ନାହିଁ। କିନ୍ତୁ ବାସ୍ତବରେ ତଦନ୍ତ ସରି କମିଶନ ୨୦୧୮ ନଭେମ୍ବର ୨୯ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ, ଯାହା ରାଜ୍ୟ ଗୃହ ବିଭାଗ ଅଧୀନରେ ରହିଛି। ସେହିପରି କମିଶନଙ୍କ ଆଗରେ ଜନ ସୂଚନା ଅଧିକାରୀ କହିଛନ୍ତି ଯେ, ରିପୋର୍ଟ ନାହିଁ। ମାତ୍ର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ କହିଥିଲେ ତଥ୍ୟ ଅଛି, କିନ୍ତୁ ଦେଇହେବନାହିଁ। ଯାହା ଦୁଇଜଣଙ୍କ ତଥ୍ୟରେ ତାଳମେଳ ରହୁନି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ବରାଳ କମିଶନଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଜୁଲାଇ ୫ରେ ଅନ୍ୟ ୩ଟି ମାମଲାର ଶୁଣାଣି ହେବ ବୋଲି ସ୍ଥିର କରାଯାଇଛି।

# ୩୪୦୦ ଲିଟର ପୋଚ ନଷ୍ଟ, ମଦ ଜବତ: ୨ ଗିରଫ



ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିବା ପୋଚ।

ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା)

ବେଆଇନ ଭାବେ ଚୋରା ମଦ କାରବାର ଓ ରନ୍ଧା ଭାଟି ଉପରେ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏଥିରେ ବେଗୁନିଆ ବ୍ଲକର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ରନ୍ଧା ମଦ ଓ ପୋଚ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବେଗୁନିଆ ଥାନା ହିରାପୁର ଗ୍ରାମର ପ୍ରକାଶ ବେହେରା(୪୮) ଏବଂ ରମେଶ ବେହେରା(୨୫)। ସୂଚନା ଅନୁସାରେ ଖୋର୍ଦ୍ଧା ସଦର ଥାନା ବେଗୁନିଆ ବ୍ଲକ ଅନ୍ତର୍ଗତ ବରପଦା ଏବଂ ବେଗୁନିଆ ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ବେଗୁନିଆ, ଖୋର୍ଦ୍ଧା ଅବକାରୀ ଥାନା ଓ ମୋବାଇଲ ୟୁନିଟର ମିଳିତ ଚଢ଼ାଉ କରାଯାଇଥିଲା। ବରପଦା ଗ୍ରାମରେ ମଦ ପ୍ରସ୍ତୁତ ଚାଲିଥିବା ବେଳେ ଚଢ଼ାଉ କରାଯାଇ ୩୪୦୦ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି। ସେହିପରି ସେଠାରୁ ୨୬୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରି ନ ପାରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ନାନା କଥା ଶୁଣିବାକୁ ମିଳୁଛି। ସେହିପରି ହିରାପୁର ଗ୍ରାମର ପ୍ରକାଶଙ୍କ ଘରୁ ୩୦ଲିଟର ଦେଶୀ ମଦ ଏବଂ ରମେଶଙ୍କ ଘରୁ ୧୮ଲିଟର ରନ୍ଧା ମଦ ଜବତ କରାଯାଇଛି। ଏ ନେଇ ବେଗୁନିଆ ଅବକାରୀ ଥାନାରେ ମାମଲା ନଂ.୪୭/୨୩ ଏବଂ ଖୋର୍ଦ୍ଧା ଅବକାରୀ ଥାନାରେ ୧୬/୨୩ ରେ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ଥାନାର ଅଧିକାରୀ ଭୈରବ ସାହୁ, ମୋବାଇଲ ୟୁନିଟର ଆଇଆଇସି ନୀଳିମା ଜୟନ୍ତୀ ସ୍ୱାଇଁ, ଏସ୍‌ଆଇ ରୋହିତ କୁମାର ଦଂଶନ, ଉଭୟ ଓଆଇସି ରାଜେନ୍ଦ୍ର ଖେସ ଏବଂ ରଞ୍ଜନ ଦାସ ସାମିଲ ହୋଇଥିଲେ।

# 'ବିଜ୍ଞାନର ପ୍ରସାର କ୍ଷେତ୍ରରେ ସମସ୍ତେ ଜାଗ୍ରତ ହୁଅ'



ବେଗୁନିଆ କଲେଜର ନୂତନ ବିଜ୍ଞାନ ଭବନ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

**ବେଗୁନିଆ କଲେଜର ନୂତନ ବିଜ୍ଞାନ ଭବନ ଉଦ୍‌ଘାଟନ**

ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାରେ ଥିବା ପୁରାତନ ସରକାରୀ ମହାବିଦ୍ୟାଳୟର ନୂତନ ବିଜ୍ଞାନ ଭବନ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଅଧ୍ୟକ୍ଷ ଦିଲୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ ବକ୍ତା ଭାବେ ଏବଂ ଶିକ୍ଷାବିତ ଡ. କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓ ସାମାଜିକ କର୍ମୀ ଶିବ କୁମାର ମୁନି ପ୍ରମୁଖ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଜ୍ଞାନ ଆହରଣ କରି ଦେଶ ମାତୃକାର ଟେକ ବଜାୟ ରଖ। ଆଧୁନିକ ଯୁଗରେ ବିଜ୍ଞାନର ପ୍ରସାର କ୍ଷେତ୍ରରେ ସମସ୍ତେ ଜାଗ୍ରତ ହୁଅ। କଠିନ ପରିଶ୍ରମ କରି ଶୃଙ୍ଖଳିତ ଭାବେ ପାଠ ପଢ଼ ବୋଲି ଉଦ୍‌ବୋଧନ ଦେଇଥିଲେ ବିଧାୟକ। ମହାବିଦ୍ୟାଳୟର ପରିସରରେ ପ୍ରାୟ ୪୫ଲକ୍ଷ ଟଙ୍କା ବ୍ୟୟରେ ୨ମହଲା ବିଶିଷ୍ଟ ଏହି ବିଜ୍ଞାନ ଭବନର ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଲାବୋରେଟୋରୀ, ଷ୍ଟୋର ରୁମ, ଷ୍ଟାଫ ରୁମ ଏବଂ ଟଏଲେଟର ସୁବିଧା ରହିଛି। ହେଲେ ମହାବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ଏବେ ମଧ୍ୟ ଅବହେଳିତ ହୋଇ ରହିଛି। ଆଜବେଷ୍ଟସ ଶ୍ରେଣୀ ଗୃହ ହଟିଲା ନାହିଁ କି ପିଲାଙ୍କ ପାଇଁ ବାଣିଜ୍ୟ ବିଭାଗ ଖୋଲିଲା ନାହିଁ। ସେହିପରି ଉକ୍ତ ଉଦ୍‌ଘାଟନ ଉତ୍ସବକୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଆସିବେ ବୋଲି କାର୍ଯ୍ୟସୂଚୀ ସ୍ଥିର କରାଯାଇଥିଲା। ହେଲେ ଶେଷ ପର୍ଯ୍ୟନ୍ତ ମଞ୍ଚରେ ମନ୍ତ୍ରୀଙ୍କର ଦେଖା ମିଳି ନଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପାଧ୍ୟକ୍ଷ ମନମୋହନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ବ୍ରଜେନ୍ଦ୍ର ପାଲଟା ସିଂହ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର, ୪ ସେବାୟତ ଗିରଫ

ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଧୁଳିଆ ସେବାୟତମାନେ ପର୍ଯ୍ୟଟକଙ୍କୁ ଅନେକ ସମୟରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶୁକ୍ରବାର ଲିଙ୍ଗରାଜ ଥାନା ପୋଲିସ ୪ଜଣ ସେବାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋହର ମହାପାତ୍ର(୩୫), ବିର ବେହେରା(୨୭), କୃପାସିନ୍ଧୁ ମହାପାତ୍ର(୨୮)ଏବଂ ପ୍ରକାଶ କୁମାର ବଟୁ (୪୫) । ଏ ନେଇ ଥାନାରେ ନଂ.୧୬୯/୨୩ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ମନ୍ଦିରକୁ ଆସୁଥିବା ଯାତ୍ରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସମୟରେ ଏଭଳି କିଛି ସେବାୟତ ଧୁଳିଆ କାର୍ଯ୍ୟ କରିଥାନ୍ତି। ପାଳିଆ ସେବା ନ ଥାଇ ଏମାନେ ନିଶାସକ୍ତ ହୋଇ ପୂଜା କରିବା ବାହାନାରେ ମନଇଚ୍ଛା ଦକ୍ଷିଣା ଦାବି କରିଥାନ୍ତି। ନହେଲେ ବଳପୂର୍ବକ ଯାତ୍ରୀଙ୍କଠାରୁ ଟଙ୍କା ଛଡାଇ ନେଇଥାନ୍ତି। ବାହାର ପର୍ଯ୍ୟଟକମାନେ ଏଭଳି ଦୁର୍ବ୍ୟବହାରର ଅଭିଯୋଗ ସିଧା ସଳଖ ନ କରି ମନ୍ଦିର ଭିତରେ କାର୍ଯ୍ୟରତ ଟୁରିଷ୍ଟ ଅଫିସର ସୁବାସ ନାୟକଙ୍କୁ ଜଣାଇ ଆସୁଥିଲେ। ଏ ନେଇ ଶୁକ୍ରବାର ସମ୍ପୃକ୍ତ ଅଧିକାରୀଙ୍କ ଅଭିଯୋଗକ୍ରମେ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ଗିରଫ କରାଯାଇଛି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଅନ୍ୟ ୧୧ ଜଣଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# ପବିତ୍ର ସଭାପତି, ଚିତ୍ତରଞ୍ଜନ ସମ୍ପାଦକ



ବଣିକ ସଂଘର କର୍ମକର୍ତ୍ତା ଚୟନରେ ଉପସ୍ଥିତ ନବନିର୍ବାଚିତ ସଦସ୍ୟ ଓ ଅନ୍ୟମାନେ।

**ବଣିକ ସଂଘର କର୍ମକର୍ତ୍ତା ଚୟନ**

ବୋଲଗଡ,୨୩।୬(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ପିଠୁକୁଳି ବଜାର ପରିଚାଳନା ପାଇଁ ଦୀର୍ଘ ୨୫ ବର୍ଷଧରି କାର୍ଯ୍ୟ କରୁଥିବା ଶ୍ରୀନୀଳକଣ୍ଠେଶ୍ୱର ବଣିକ ସଂଘର କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ବଣିକ ସଂଘର ପ୍ରାୟ ୧୨୫ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଂଘର କେତେକ ଦିବଂଗତ ସଦସ୍ୟ ଓ ବାହାନଗା ରେଳ ଦୁର୍ଘଟଣାର ମୃତାହତଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ୭ମ ଥର ପାଇଁ ପବିତ୍ର ମୋହନ ମାଝିଙ୍କୁ ସଭାପତି ଏବଂ ଉପସଭାପତି ଭାବେ ବିରଞ୍ଚି ନାରାୟଣ ଖାଡଙ୍ଗା ସମ୍ପାଦକ ଭାବେ ଚିତ୍ତରଞ୍ଜନ ସାମନ୍ତରାୟ ଏବଂ କୋଷାଧ୍ୟକ୍ଷ ଭାବେ ପବିତ୍ର ଚୌଧୁରୀଙ୍କ ସମେତ ଅନ୍ୟ କେତେକ କର୍ମକର୍ତ୍ତାଙ୍କୁ ସର୍ବସମ୍ମତି କ୍ରମେ ଆଗାମୀ ଏକ ବର୍ଷ ପାଇଁ ଚୟନ କରାଯାଇଥିଲା। ବଜାର ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ବଜାର ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପରସ୍ପରକୁ ସହଯୋଗ କରିବା ଚୋରି ରୋକିବା ପାଇଁ ପାଳିକରି ରାତିରେ ବଜାର ଅଞ୍ଚଳକୁ ଜଗିବା ଉପରେ ସଭାପତି ମାଝି ଗୁରୁତ୍ୱାରୋପ କରିଥିଲେ। ଶେଷରେ ଗୋବିନ୍ଦଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

# ସେବାରେ ନିବୃତ୍ତ ଥିଲେ ମାଳତି

ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ଶିକ୍ଷାବିତ ଉପେନ୍ଦ୍ର ଦାଶ, ଶିକ୍ଷାବିତ କୁଳମଣୀ ମିଶ୍ର, ଶିକ୍ଷାବିତ ପ୍ରେମାନନ୍ଦ ଘଡ଼େଇ, ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ଶିବନାରାୟଣ ମିଶ୍ର ଓ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ମହିଳା କର୍ମଚାରୀ ମାଳତି ଦାଶଙ୍କୁ ବିଦାକାଳୀନ ସେବା ସମ୍ବର୍ଦ୍ଧନା କରାଯାଇଥିଲା ।ଚାକିରି ଆରମ୍ଭରୁ ମାଳତି ସେବାରେ ନିବୃତ୍ତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ କୈଳାସନାଥ ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ନାରାୟଣ ମାନସିଂହ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଗତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ(କ) ଗ୍ରେଡ ପାଇଥିବା ୩ ଛାତ୍ରୀଛାତ୍ର ସୌମ୍ୟରଞ୍ଜନ ମହାପାତ୍ର, ସ୍ମୃତିରେଖା ଘଡ଼େଇ ଏବଂ ଶୁଭଶ୍ରୀ ଓଝାଙ୍କୁ ପୁରାତନ ଛାତ୍ର ସଂସଦ ତରଫରୁ ସମ୍ବର୍ଦ୍ଧନା ପୂର୍ବକ ଶୁଭେଚ୍ଛା ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ମାନସ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମାଳତି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭକ୍ତ କହିଲେ ଅଶୁଭ, ସେବାୟତ ମତଦେଲେ ମହାପ୍ରଭୁଙ୍କ ଲୀଳା

**ଗୋଟି ପହଣ୍ଡି ବେଳେ ଶ୍ରୀଜଗନ୍ନାଥ ଢଳିପଡ଼ିବା ଘଟଣା**



ପୁରୀ, ୨୩।୬(ଅଜିତ୍ ମହାନ୍ତି)

ଶ୍ରୀବିଗ୍ରହମାନେ ଗୁରୁବାର ରଥ ଛାଡ଼ି ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ପ୍ରଥମେ ରାମକୃଷ୍ଣ, ଶ୍ରୀମଦନମୋହନ ଗୋଟି ପହଣ୍ଡିରେ ଆଡ଼ପମଣ୍ଡପକୁ ବିଜେ କରିଥିଲେ। ପରେ ଚକ୍ରରାଜ ସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ତେବେ ପହଣ୍ଡି ସମୟରେ ଚାରମାଳ ଉପରେ ମହାପ୍ରଭୁ ଡାହାଣ ପଟକୁ ଢଳି ଯାଇଥିଲେ। ଫଳରେ ତାଙ୍କ ମଥାରୁ ଚିତା ଖସିଯାଇଥିଲା। ଏ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଭକ୍ତ ଏହା ଅଶୁଭ ସଙ୍କେତ ବୋଲି ବିବେଚନା କରୁଥିବାବେଳେ ସେବାୟତମାନେ ଏହାକୁ ମହାପ୍ରଭୁଙ୍କ ଲୀଳା ବୋଲି କହିଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ବାହୁଟକଣ୍ଠ ଓ ସେନାପଟା ଲଗାଯାଇଥାଏ। ପହଣ୍ଡିବେଳେ ସେବାୟତମାନେ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମହାପ୍ରଭୁଙ୍କୁ ଚତୁଃପାର୍ଶ୍ୱରୁ ଧରିଥାନ୍ତି। ଅନେକ ସମୟରେ ବିଭିନ୍ନ ପଟକୁ ମହାପ୍ରଭୁ ଝୁଙ୍କି ହୋଇଯିବାର ଆଶଙ୍କା ଥାଏ, ଯାହା କୌଣସି ଅଶୁଭ ସୂଚନା ନୁହେଁ ବୋଲି କେତେଜଣ ସେବାୟତ ମତ ଦେଇଛନ୍ତି।

ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡି ସମୟରେ ମହାପ୍ରଭୁ ଚାରମାଳକୁ ଚଢିବା ଏବଂ ଓହ୍ଲାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥାଏ। ତେବେ ମହାପ୍ରଭୁଙ୍କ ସୁରକ୍ଷା ପାଇଁ ତାଙ୍କ ଚାରିପାଖରେ ଦଇତାପତିମାନେ ଭୁଜ ଏବଂ ଅଣ୍ଟା ଆଦି ସ୍ଥାନରେ ରହିଥାନ୍ତି। ସେମାନେ ତଳେ ପଛେ ରହିଯିବେ ମାତ୍ର ମହାପ୍ରଭୁଙ୍କୁ କେବେ ଛାଡ଼ନ୍ତି ନାହିଁ। ଅନେକ ସମୟରେ ପହଣ୍ଡି ବେଳେ ଅଧିକ ସେବକ ରହିଯାନ୍ତି, ଫଳରେ ସମସ୍ୟା ଦେଖାଯାଇଥାଏ। ତେବେ ଗୁରୁବାର ବର୍ଷା ହେଉଥିବାରୁ ଚାରମାଳ ଓଦା ରହିଥିଲା। ଫଳରେ ପହଣ୍ଡି ସମୟରେ ମହାପ୍ରଭୁ ତଳକୁ ଖସି ଆସିଥିଲେ ଅର୍ଥାତ୍ ଗୋଟିଏ ପଟକୁ ସାମାନ୍ୟ ଢଳିଯାଇଥିଲେ। ପହଣ୍ଡି ସମୟରେ ଏପରି ଘଟଣା ଘଟିଥାଏ। ତେବେ ମହାପ୍ରଭୁ ଖସିପଡ଼ିବା କଥା ଯାହା କୁହାଯାଉଛି, ତାହା ମିଥ୍ୟା। ସ୍ନାନପୂର୍ଣ୍ଣିମା ପରେ ବିଧି ଅନୁଯାୟୀ, ମହାପ୍ରଭୁଙ୍କ ମସ୍ତକରୁ ରତ୍ନଚିତା ଓଲାଗି ହୋଇଥାଏ। ରଥଯାତ୍ରା ସମୟରେ ସୋଲଚିତା ଲଗାଯାଇଥାଏ। ଉକ୍ତ ଚିତା ବଡ଼କନା ଦେହରେ ବନ୍ଧା ହୋଇଥାଏ। ବେଳେ ବେଳେ ପହଣ୍ଡି ସମୟରେ ଏହା ଢିଲା ହୋଇଯାଇଥାଏ। ତେଣୁ ଚିତାର ସୁରକ୍ଷା ପାଇଁ ପହଣ୍ଡି ସମୟରେ କଢାଯାଇଥାଏ। ସୋଲ ଚିତା କାଳେ ଖସିପଡ଼ିବ ତେଣୁ ତାକୁ ନେଇ ସୁରକ୍ଷିତ ଭାବେ ରଖିଦିଆଯାଇଥିଲା। କାରଣ ପୂର୍ବରୁ ଥରେ ଏପରି ଚିତା ହଜିଯାଇଥିଲା ବୋଲି ଦାସମହାପାତ୍ର ମତବ୍ୟକ୍ତ କରିଛନ୍ତି। ସେହିପରି ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡିରେ କୌଣସି ସମସ୍ୟା ହୋଇନାହିଁ। ତେବେ ଲୋକେ ରାସ୍ତାରେ ଚାଲିବା ବେଳେ ସାଧାରଣତଃ ଦୋହଲିଥାନ୍ତି, ସେହିପରି ସ୍ୱୟଂ ମହାପ୍ରଭୁ ପହଣ୍ଡି ବିଜେ କରିବା ସମୟରେ ଭକ୍ତଙ୍କୁ ଅନାଇ ଅନାଇ ଯାଇଥାନ୍ତି। ତେଣୁ ପହଣ୍ଡି ସମୟରେ ସେ ଦୋହଲି ଦୋହଲି ଓ ହଲି ହଲି ଯାଇଥାନ୍ତି। ତେବେ ମହାପ୍ରଭୁ ପଡ଼ିଗଲେ କହିବା ଆଦୌ ଠିକ୍ ନୁହେଁ। ମହାପ୍ରଭୁ ସୃଷ୍ଟିର ସ୍ରଷ୍ଟା। ସେ କେବେ ପଡ଼ିବେ ନାହିଁ। ସେ ଭକ୍ତ ସହ ମିଶିବାକୁ ଆସିଥାନ୍ତି। ସେ କେତେବେଳେ ନଇଁଯାନ୍ତି କେତେବେଳେ ସିଧା ହୋଇଯାନ୍ତି। ସବୁ ତାଙ୍କର ଲୀଳା। ତେବେ ମହାପ୍ରଭୁ ପଡ଼ିଯିବା ନେଇ କୁହାଯିବା ଘଟଣା ଠିକ୍ ନୁହେଁ ବୋଲି ସିଂହାରୀ ପ୍ରକାଶ କରିଛନ୍ତି। ବରିଷ୍ଠ ସେବାୟତ ତଳୁଛ ନୀଳକଣ୍ଠ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କଠାରେ ଯେଉଁ ଘଟଣା ଘଟେ ତାହା ସାରା ବିଶ୍ୱ ପାଇଁ ଏକ ସଙ୍କେତ ବୋଲି ସାଧାରଣରେ ବିଶ୍ୱାସ ରହିଛି। ତେବେ ଆଡ଼ପ ପହଣ୍ଡି ସମୟରେ ମହାପ୍ରଭୁ ଢଳି ପଡ଼ିବା ଘଟଣା ପ୍ରଥମ ନୁହେଁ। ଏପରି ପୂର୍ବରୁ ମଧ୍ୟ ଅନେକ ଥର ହୋଇଛି। ଏହା ମହାପ୍ରଭୁଙ୍କ ଲୀଳା। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଦଇତାପତି ସେବକମାନେ ସୁରକ୍ଷା କବଚ ଦେଇଥାନ୍ତି। ମହାପ୍ରଭୁ ଢଳିପଡ଼ିବା କୌଣସି ଅଶୁଭ ସଙ୍କେତ ନୁହେଁ। ଏହା ସ୍ୱାଭାବିକ କଥା। କାରଣ ପହଣ୍ଡି ସମୟରେ ଏପରି ଘଟଣା ଘଟିଥାଏ, ଯାହା ପୂର୍ବରୁ ଅନେକ ଥର ଦେଖାଯାଇଛି ବୋଲି ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଭକ୍ତ ତଥା ପୁରୀ ବାସିନ୍ଦା ଦୀଲିପ ବରାଳ କହିଛନ୍ତି, ପହଣ୍ଡି ସମୟରେ ସେବକମାନଙ୍କ ଅସାବଧାନ ପାଇଁ ମହାପ୍ରଭୁ ଗୋଟିଏ ପଟକୁ ଢଳିପଡ଼ିଲେ। ତେବେ ମହାପ୍ରଭୁ ଝୁଲି ଝୁଲି ଆସିଥାନ୍ତି। ତେଣୁ ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ସେବାୟତମାନେ ବିଶେଷ ଧ୍ୟାନ ଦେବା ଉଚିତ। ସେହିପରି ଅନ୍ୟ ଜଣେ ଭକ୍ତ ବେବି ସରକାର କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡି ଦେଖିବା ପାଇଁ ଯାଇଥିଲି। ତେବେ ପହଣ୍ଡି ସମୟରେ ମହାପ୍ରଭୁ ଖସି ଆସିବା ସହ ଗୋଟିଏ ପଟକୁ ଢଳି ଯାଇଥିଲେ। ତେଣୁ ମହାପ୍ରଭୁ କିଛି ସଙ୍କେତ ଦେବାକୁ ଚାହିଁଥିଲେ। ତେବେ ମହାପ୍ରଭୁ ତାଙ୍କ ଲୀଳା କରିଥାନ୍ତି। ତେଣୁ ସେ ଗୋଟିଏ ପଟକୁ ଢଳିବା ବୋଧହୁଏ ତାଙ୍କ ଇଚ୍ଛା। କିନ୍ତୁ ମହାପ୍ରଭୁ ପଡ଼ିଥିବା ବୋଲି କହିବା ଠିକ୍ ନୁହେଁ।

## ସଂକ୍ଷେପରେ

### ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର, ୪ ସେବାୟତ ଗିରଫ

ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ): ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଧୁଳିଆ ସେବାୟତମାନେ ପର୍ଯ୍ୟଟକଙ୍କୁ ଅନେକ ସମୟରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶୁକ୍ରବାର ଲିଙ୍ଗରାଜ ଥାନା ପୋଲିସ ୪ଜଣ ସେବାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋହର ମହାପାତ୍ର(୩୫), ବିର ବେହେରା(୨୭), କୃପାସିନ୍ଧୁ ମହାପାତ୍ର(୨୮)ଏବଂ ପ୍ରକାଶ କୁମାର ବଟୁ (୪୫) । ଏ ନେଇ ଥାନାରେ ନଂ.୧୬୯/୨୩ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ମନ୍ଦିରକୁ ଆସୁଥିବା ଯାତ୍ରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସମୟରେ ଏଭଳି କିଛି ସେବାୟତ ଧୁଳିଆ କାର୍ଯ୍ୟ କରିଥାନ୍ତି। ପାଳିଆ ସେବା ନ ଥାଇ ଏମାନେ ନିଶାସକ୍ତ ହୋଇ ପୂଜା କରିବା ବାହାନାରେ ମନଇଚ୍ଛା ଦକ୍ଷିଣା ଦାବି କରିଥାନ୍ତି। ନହେଲେ ବଳପୂର୍ବକ ଯାତ୍ରୀଙ୍କଠାରୁ ଟଙ୍କା ଛଡାଇ ନେଇଥାନ୍ତି।

### ରାସ୍ତାକଡ଼ରୁ ମିନି ଟ୍ରକ୍ ଚୋରି

ଗୋପ,୨୩।୬( ଭାରତୀ ଭୂଷଣ ଉପାଧ୍ୟାୟ) ଗୋପ -କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟ ରାସ୍ତାକଡ଼ରେ ଗୁରୁବାର ବିଳମ୍ବିତ ରାତିରେ ରଖାଯାଇଥିବା ଏକ ମିନିଟ୍ରକ ଚୋରି ହୋଇଯାଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ଏହି ମିନିଟ୍ରକ ନମ୍ବର ଓଡି୦୨-ଏଇ- ୨୫୩୫ ବୋଲି ଗାଡ଼ି ମାଲିକ ବୃନ୍ଦନାଥ ସାହୁଙ୍କର ବୋଲି ଅଭିଯୋଗ ପତ୍ରରୁ ଜଣାପଡିଛି। ବୃନ୍ଦନାଥ ତାଙ୍କର ଏହି ମିନିଟ୍ରକର ବ୍ୟାଟେରି ଖରାପ ଥିବାରୁ ନିଜ ଦୋକାନ ନିକଟରେ ରଖିଥିବା ବେଳେ ଗାଡ଼ି ଦୋକାନ ବନ୍ଦ କରି ସବୁଦିନ ପରି ଘରକୁ ଯାଇଥିଲେ। କିନ୍ତୁ ସକାଳୁ ଗାଡ଼ି ଚୋରି ହେବା ସମ୍ପର୍କରେ ଜାଣି ବିଭିନ୍ନ ସ୍ଥାନ ଖୋଜିବା ପରେ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଦୁର୍ବୃତ୍ତମାନେ ବେଗୁନିଆ ଛକ ନିକଟରେ ଥିବା ଆଉ ଗୋଟିଏ ଗାଡିର ବ୍ୟାଟେରି ଆଣିବା ପରେ ଏହି ଗାଡ଼ିଟିକୁ ନେଇ ଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗାଡ଼ି ମାଲିକ ମଧ ସନ୍ଦେହ କରି କେତେକ ବ୍ୟକ୍ତିଙ୍କ ନାମ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, କିଛି ଦିନ ଧରି ଗୋପ ଅଞ୍ଚଳରେ ଥିବା କେତେକ କବାଡିଆ ଦୋକାନରେ ଏପରି ଗାଡ଼ି ଆସି କଟା ହେଉଥିବା ନେଇ ଅଭିଯୋଗ ପୋଲିସ ନିକଟରେ ରହିଛି।

### ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ପିପିଲି,୨୩।୬(ପ୍ରଭାତ ମହାପାତ୍ର): ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଏସ୍‌ବିଆଇ ଶାଖା ଅଧୀନ ମଙ୍ଗଳପୁର ଗ୍ରାହକ ସେବା କେନ୍ଦ୍ର (ସିଏସ୍‌ପି)ର ପରିଚାଳକ ତଥା ନିକଟବର୍ତ୍ତୀ ଦାସପାଟଣା ଦାସସାହିର ମୃତ୍ୟୁବରଣ କରିଥିବା ମାନସ କୁମାର ଦାସଙ୍କର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛି କଟକ ଜିଲା ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ସଂଘ। ଗତ ମେ ୧୨ ତାରିଖରେ ବିବାହ କରି ସଂସାର ଆରମ୍ଭ କରିଥିବା ମାନସଙ୍କର ଗତ ୧୧ ତାରିଖରେ ବ୍ରେନ୍‌ଷ୍ଟ୍ରୋକ୍‌ରେ ପରଲୋକ ଘଟିଥିଲା। ଏହି ଦୁଃଖଦ ଖବରପାଇ କଟକ ଜିଲା ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ସଂଘର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଅନୁପ କୁମାର ମଲ, କୋଷାଧକ୍ଷ ଅଜୟକାନ୍ତ ସାହୁ, ଉପସଭାପତି ହରପ୍ରସାଦ ଶତପଥୀ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନାଥ, ସ୍ମୃତିରଞ୍ଜନ ପାଣି, ପ୍ରକାଶ ସିଂ, ଭବାନୀ ଶଙ୍କର ସ୍ୱାଇଁ, ଅକ୍ଷୟ ସାହୁ, ରବୀନ୍ଦ୍ର ସାହୁ, ପ୍ରତାପ ସାହୁ ପ୍ରମୁଖ ସ୍ୱର୍ଗତ ମାନସଙ୍କ ଦାସପାଟଣାସ୍ଥିତ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ତାଙ୍କ ପତ୍ନୀ ଟିଙ୍କିନା ପୁଷ୍ପାଳକଙ୍କୁ ସଂଘ ପକ୍ଷରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ବାଲୁଖଣ୍ଡ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଖାଦ୍ୟ ସମସ୍ୟା

କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)



■ ଖାଦ୍ୟ ଅଭାବରୁ ଗାଁ ମୁହାଁ
■ ଅଜଣା ଗାଡ଼ି ଧକ୍କାରେ ହରିଣ ମୃତ

କୋଣାର୍କ ବନ ବିଭାଗ ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଖାଦ୍ୟ ଅଭାବଜନିତ ସମସ୍ୟା ଯୋଗୁ ଗାଁମୁହାଁ ହୋଇଥିବା ଏକ ହରିଣର କୋଣାର୍କ– କାକଟପୁର ମୁଖ୍ୟରାସ୍ତାର ବଢେଇ ଛକରେ ଶୁକ୍ରବାର ଭୋର ସମୟରେ ଏକ ଅଜଣା ଗାଡି ଧକ୍କାରେ ହରିଣର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ହରିଣଙ୍କ ସମେତ ବିଭିନ୍ନ ବନ୍ୟଜନ୍ତୁଙ୍କ ନିମନ୍ତେ ଏମ୍‌ଜିଏନ୍‌ଆରଇଜିଏସ୍ ଓ କାମ୍ପା ଯୋଜନା ମାଧ୍ୟମରେ ଜଙ୍ଗଲ ମଧ୍ୟରେ ଘାସ ଚାଷ ଓ ପୋଖରୀ ଖନନ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ବେଳେ ନାମକୁ ମାତ୍ର କାର୍ଯ୍ୟ କରାଯାଇ କେବଳ କାଗଜ କଲମରେ କାର୍ଯ୍ୟ ହେଉଥିବାରୁ ପରିବେଶ ପ୍ରେମୀ ଓ ପଶୁ ପ୍ରେମୀ ଅସନ୍ତୋଷ ପ୍ରକାଶ କରି ଏହାର ସତ୍ୟତା ଅନୁସନ୍ଧାନ ପାଇଁ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି। ଅନ୍ୟପଟେ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଥିବା ବିଭିନ୍ନ ଇକୋ ଡେଭେଲପମେଣ୍ଟ କମିଟି ଦ୍ୱାରା ପରିଚାଳିତ ବନ୍ୟଜନ୍ତୁଙ୍କ ଖାଦ୍ୟାଭାବ ଜନିତ ସମସ୍ୟା ଯୋଗୁ ହରିଣ ସମେତ ବିଭିନ୍ନ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ବିଭିନ୍ନ ସମୟରେ ବୁଲା କୁକୁର, ମାଂସ ଲୋଲୁପ ଶିକାରୀ ଓ ଗାଡି ଧକ୍କାରେ ମୃତ୍ୟୁ କରୁଥିବା ନଜିର ରହିଛି।

ଶୁକ୍ରବାର ପୂର୍ବାହ୍ନରେ ଖାଦ୍ୟ ଅନ୍ୱେଷଣରେ ଆସି କୋଣାର୍କ ଥାନା ଅଧୀନ କୋଣାର୍କ – କାକଟପୁର ରାସ୍ତାର ବଢେଇ ଛକରେ ଏକ ଅଜଣା ଗାଡି ଧକ୍କାରେ ଏକ ବାଲି ହରିଣର ମୃତ୍ୟୁ ଘଟିଛି। ଖବରପାଇ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଟିମ୍ ଆସି ମୃତ ହରିଣଟିକୁ ଜବତ କରି କୋଣାର୍କ ପଶୁ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତା ଯାଇଥିବା କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି। ଆଗାମୀ ଦିନରେ ବନ୍ୟପ୍ରାଣୀଙ୍କ ନିମନ୍ତେ ବିଭାଗ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି।



ପୁରୀ: ପଲ୍ଲିଶ୍ରୀ ମେଳାରେ ଲୋକେ ଏକ ଷ୍ଟଲରେ ମାଟିପାତ୍ର ସାମଗ୍ରୀ କିଣାକିଣି କରୁଛନ୍ତି ।

# ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ଠପ୍ ନେଇ ସରପଞ୍ଚଙ୍କ ଅଭିଯୋଗ

ନିମାପଡ଼ା,୨୩।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଗଡ଼ପଦନପୁର ପଞ୍ଚାୟତରେ ଦୀର୍ଘଦିନ ହେଲା ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଏନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଓ ମୁଖ୍ୟତଃ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅସହଯୋଗ, ଖାମଖିଆଲ ନୀତି ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ସରପଞ୍ଚ ରାକେଶ ବାରିକ୍ ଏ ସମ୍ପର୍କରେ ବିଡିଓଙ୍କ ଜରିଆରେ ପୁରୀ ଜିଲାପାଳଙ୍କ ନିକଟରେ ଶୁକ୍ରବାର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହିତାଧିକାରୀ ସେମାନଙ୍କ କାର୍ଯ୍ୟ ସମାପନ କରିଥିଲେ ମଧ୍ୟ ଦୀର୍ଘଦିନ ହେଲା ସେମାନେ ତାଙ୍କ ପ୍ରାପ୍ୟ ପାଇପାରି ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଦୀର୍ଘଦିନ ହେଲା ଗୃହ ନିର୍ମାଣ ଶେଷ କରିଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ଅନୁଦାନ ପାଇବାରୁ ବଞ୍ଚିତ ହୋଇଥିବା ସରପଞ୍ଚ ବାରିକ୍ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ପୁରୀ ଜିଲାପାଳ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ସରପଞ୍ଚ ନିବେଦନ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ସରପଞ୍ଚ ବ୍ଲକର ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ତା'ର କୌଣସି ସୁଫଳ ପାଇପାରି ନ ଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ସେ ସରପଞ୍ଚଙ୍କ ଅଭିଯୋଗ ପାଇ ସମସ୍ୟା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ ବାରିକ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

# 'ନଦୀ ବନ୍ଧର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ'



ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ନଦୀ ବନ୍ଧ ବୁଲି ଦେଖୁଛନ୍ତି ।

ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

କୁଶଭଦ୍ରା, ଧନୁଆ ସହିତ ସିଆରକଟ ନଦୀ ବନ୍ଧର ଦାୟିତ୍ୱ ସମସ୍ତେ ମିଶି ନେବାର ଆବଶ୍ୟକତା ରହିଛି। ଜଳସମ୍ପଦ ବିଭାଗ ବିଭିନ୍ନ ସମୟରେ ଆସୁଥିବା ଅଭିଯୋଗ ଓ ନଦୀ ବନ୍ଧର କାର୍ଯ୍ୟ କରୁଛି। କିନ୍ତୁ ନଦୀ କୂଳରେ ବସବାସ କରୁଥିବା ସାଧାରଣ ଲୋକମାନେ ନିଶ୍ଚିତ ଭାବରେ ନଦୀବନ୍ଧର ସୁରକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ନଦୀ ବନ୍ଧ ବୁଲି ଦେଖିବା ବେଳେ ସାଧାରଣ ଲୋକମାନଙ୍କୁ ଏହା କହିଥିଲେ। ଏହାପରେ ଅଧୀକ୍ଷକ ଯନ୍ତ୍ରୀ ଦଳାଇ କୁଶଭଦ୍ରା ନଦୀର ଶୋଳପୁର– ମଦରଙ୍ଗ, ମଦରଙ୍ଗ, ସୁଜାନଗର, ନୁଆ ନଦୀ ସହିତ ଆଉ କେତେକ କାର୍ଯ୍ୟକୁ ବୁଲି ଦେଖିଥିଲେ। ବର୍ଷା ପରେ ଏହି ସବୁ ନଦୀରେ ବନ୍ୟା ଆସିବା ପୂର୍ବରୁ ଯେଉଁଠି କୌଣସି ଅଭିଯୋଗ ଆସିବ ସେଥିପାଇଁ ଜଳସମ୍ପଦ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ସହିତ ସବୁ ସମୟରେ ନଦୀ ବନ୍ଧର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବ ବୋଲି ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ ଗୋପ ଜଳ ସମ୍ପଦ ବିଭାଗରେ ପହଞ୍ଚି କେତେକ କାର୍ଯ୍ୟ ଉପରେ ତଦାରଖ କରିଥିଲେ। ଏହି ସମୟରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜିବ କୁମାର ସାହୁଙ୍କ ସହିତ ଅନ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ବଜାରକୁ ୧୨ ଉଦ୍ଭିଦ ପୋଷକ ଉତ୍ପାଦ ଛାଡ଼ିଲା କୃପାଲୁ ଅର୍ଗାନିକ୍ସ

ପୁରୀ, ୨୩।୬ (ଅଜିତ୍ ମହାନ୍ତି) :

**ଓଡ଼ିଶାରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ**



ଖବରଦାତା ସମ୍ମିଳନୀରେ କମ୍ପାନୀ ଅଧିକାରୀ ସୂଚନା ଦେଉଛନ୍ତି ।

ଆଗ୍ରୋ–ପ୍ରଡକ୍ଟ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଭାବେ ପରିଚିତ କୃପାଲୁ ଅର୍ଗାନିକ୍ସ ପକ୍ଷରୁ ଶୁକ୍ରବାର ଓଡ଼ିଶା ବଜାରରେ ଉଦ୍ଭିଦ ପୋଷକତତ୍ତ୍ୱ ବର୍ଗରେ ନିଜର ଏକାଧିକ ଉତ୍ପାଦର ବଜାର ପ୍ରବେଶ କରାଯାଇଛି। ପୁରୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ବିଭିନ୍ନ ପ୍ରାକୃତିକ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ମୋଟ ୧୨ଟି ଉତ୍ପାଦ ବଜାରକୁ ଛାଡ଼ିଛି। ଏସବୁ ଉତ୍ପାଦ ମଧ୍ୟରେ କ୍ରାଉନ–ବାୟୋ–ଅର୍ଗାନିକ ମାନ୍ୟୋର, ରିୱାର୍ଡ, କୃପାଲୁ ବାୟୋପୋଟାସ୍, ପ୍ଲୋରିସ୍–ଉଦ୍ଭିଦ ଅଭିବୃଦ୍ଧି ସହାୟକ ଏବଂ ଓମେଗା ଜାଇମ୍। 'ମାଟି ଓ ଉଦ୍ଭିଦର ଅଭିବୃଦ୍ଧି ପାଇଁ ଏସବୁ ସାମଗ୍ରୀ ସହାୟକ ହୋଇପାରିବ। ଏସବୁ ଉତ୍ପାଦଗୁଡ଼ିକରେ କୌଣସି ପ୍ରକାରର ରାସାୟନିକ ସାମଗ୍ରୀ ନାହିଁ। ଏଗୁଡ଼ିକ ପ୍ରାକୃତିକ ଓ ଜୈବିକ ଉପାଦନରେ ଭରପୂର। ଉନ୍ନତ ସ୍ୱାସ୍ଥ୍ୟ ଓ ଜୀବନଯାପନ ପାଇଁ ଜୈବିକ କୃଷି ଓ ଜୈବିକ ଖାଦ୍ୟ ଉପରେ କୃପାଲୁ ଅର୍ଗାନିକ୍ସ ଗୁରୁତ୍ୱ ଦେଉଥିବା ବେଳେ ବଜାରରେ ପ୍ରବେଶ କରିଛି। 'ଫର୍ଚୁନ ବିଜନେସ୍ ଇନ୍‌ସାଇଟର ରିପୋର୍ଟ ଅନୁସାରେ ଭାରତର କୃଷି ଲଘୁପୋଷକ ବଜାର ୨୦୨୯ ସୁଦ୍ଧା ୧ ବିଲିୟନ ଡଲାର (ପ୍ରାୟ ୮ ହଜାର ୨ଶହ କୋଟି ଟଙ୍କା) ଛୁଇଁବ, ଯାହାକି ୨୦୨୨ରେ ସାଢେ ୪ ହଜାର କୋଟି ଟଙ୍କା ଥିଲା। କିନ୍ତୁ ଏଥିରେ ରାସାୟନମୁକ୍ତ ଜୈବିକ ଲଘୁପୋଷକର ଅଂଶ କମ୍ ରହିଛି। ତେବେ ଏହା ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରୁଛି ବୋଲି କମ୍ପାନୀ ସୂଚନା ଦେଇଛି। ପାଇଲଟ ପ୍ରକଳ୍ପ ସ୍ତରରେ କମ୍ପାନୀର ଏହି ଉତ୍ପାଦଗୁଡ଼ିକୁ କୃଷକଙ୍କଠାରୁ ଭଲ ସମର୍ଥନ ମିଳିଥିଲା। ଏଣୁ କୃଷକ ଓ ଅନ୍ୟମାନେ ଏସବୁ ଉତ୍ପାଦଗୁଡ଼ିକୁ ସହଜରେ ଗ୍ରହଣ କରିବେ ବୋଲି କୃପାଲୁ ଅର୍ଗାନିକ୍ସ ଆଶାବାଦୀ। ଏହି ଶୁଭାରମ୍ଭ ଅବସରରେ କୃପାଲୁ ଅର୍ଗାନିକ୍ସର ଅଧ୍ୟକ୍ଷ ଅନିରୁଦ୍ଧ ଦାଶ ଏବଂ ବ୍ୟବସାୟିକ ମୁଖ୍ୟ ଦେବୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୃପାଲୁ ଅର୍ଗାନିକ୍ସ ହେଉଛି ହରେକୃଷ୍ଣ ରାଇସ୍ ପ୍ରୋସେସିଂ ଆଣ୍ଡ୍ ଏକ୍ସପୋର୍ଟସ (ଏଚ୍‌ଆର୍‌ପିଇ)ର ଏକ ଶାଖା କମ୍ପାନୀ। ପ୍ରାୟ ୪୫ ବର୍ଷର ସମୃଦ୍ଧ ପରମ୍ପରା ସହ କୃପାଲୁ ଗ୍ରୁପ ୧୯୭୮ ମସିହାରୁ କୃଷକ ସମାଜର ସେବା କରୁଛି।

# ଓଡ଼ିଶାରେ 'ଆଦିପୁରୁଷ' ଚଳଚ୍ଚିତ୍ରକୁ ବ୍ୟାନ୍ କରାଯାଉ

ପୁରୀ,୨୩।୬(ଅଜିତ୍ ମହାନ୍ତି):

**ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ, ଥାନାରେ ଏତଲା**

'ଆଦିପୁରୁଷ' ଚଳଚ୍ଚିତ୍ରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର, ମହାବୀର ହନୁମାନ ଏବଂ ରାବଣଙ୍କ ଚରିତ୍ରକୁ କଦର୍ଥ ଭାବେ ଚିତ୍ରଣ କରାଯାଇ ଅପମାନିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି। ଏହି ଚଳଚ୍ଚିତ୍ରକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଚଳଚ୍ଚିତ୍ରର ଲେଖକ ମନୋଜ ମୁନ୍ତାସିର୍ ଶୁକ୍ଲା ଓ ନିର୍ଦ୍ଦେଶକ ଓମ୍ ରାଉତଙ୍କୁ ଗିରଫ ଦାବିରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଆଦିପୁରୁଷ ଚଳଚ୍ଚିତ୍ରରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଶ୍ରୀହନୁମାନଙ୍କ ଚରିତ୍ରକୁ କଦର୍ଥ କରି ଚିତ୍ରିତ କରାଯାଇଛି। ଏହା କୋଟି କୋଟି ସନାତନ ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। କେବଳ ଟଙ୍କା ରୋଜଗାର ଉଦ୍ଦେଶ୍ୟରେ ଲେଖକ ଏବଂ ନିର୍ଦ୍ଦେଶକ ଏପରି ବିଧର୍ମୀ ସିନେମା ତିଆରି କରିଛନ୍ତି। ଏହା ପଛରେ ଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ସହ ଓଡ଼ିଶାରେ ଏହି ଚଳଚ୍ଚିତ୍ରକୁ ବ୍ୟାନ୍ ଘୋଷଣା କରାଯାଉ। ସିନେମାର ଲେଖକ ଓ ନିର୍ଦ୍ଦେଶକଙ୍କୁ ଧାରା ୨୯୫, ୨୯୫(ଏ), ୨୯୬, ୨୯୮, ୧୨୦ (ବି) ଏବଂ ୩୪ ଆଇପିସିରେ ତୁରନ୍ତ ଗିରଫ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି। ଯଦି ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତେବେ ଆଗକୁ ଆନ୍ଦୋଳନ ଜୋରଦାର କରିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ପଟ୍ଟନାୟକ କହିଛନ୍ତି। ବିକ୍ଷୋଭ ବେଳେ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକଙ୍କ ପୋଷ୍ଟରରେ କଳା ବୋଲି ଝାଡୁ ମାଡ଼ ସହ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

# ଭାଜପାର ଘରଘର ସମ୍ପର୍କ ଅଭିଯାନ

ଡେଲାଙ୍ଗ,୨୩।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗରେ ଭାଜପା ପକ୍ଷରୁ ଶୁକ୍ରବାର ୩ଟି ପଞ୍ଚାୟତରେ ଘରଘର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଖେଲାଉର, ଅରିସଲ ଓ ଡେଲାଙ୍ଗ– କୋଠବାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମର ପୁଞ୍ଜରେ ଘରକୁଘର ବୁଲି ମୋଦି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ସଚେତନତା ସୃଷ୍ଟି କରିଥିଲେ। ତାଙ୍କ ସହିତ ଖେଲାଉର ପଞ୍ଚାୟତ ପ୍ରମୁଖ ମିଟୁ ମିଶ୍ର, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡ଼ା, ଲଡୁକିଶୋର ରାୟ, ଶ୍ୱେତ ନାୟକ, ସାଉରିଆ ପଞ୍ଚାୟତର ଯୁବନେତା ଲିଳେନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଶତ୍ରୁଶଲ୍ୟ, ରୋହିତ ଧାଉଡ଼ିଆ, କବିରାଜ ମହାପାତ୍ର ପ୍ରମୁଖଙ୍କ ସହିତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। କେନ୍ଦ୍ରରେ ଦୀର୍ଘ ୯ ବର୍ଷର ଭାଜପା ଶାସନ ଦ୍ୱାରା ଜନସାଧାରଣଙ୍କ ଉନ୍ନତି ନିମନ୍ତେ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ପାତ୍ର ମତପ୍ରକାଶ କରିଥିଲେ। ଏହା ସହିତ ତରବୋଇ ଗ୍ରାମର ୪ରୁ ୫ ଜଣ ବୟସ୍କ ବ୍ୟକ୍ତି ଭାଜପାରେ ସ୍ୱଇଚ୍ଛାରେ ଯୋଗ ଦେଇଥିଲେ। ସେମାନଙ୍କୁ ପାତ୍ର ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ଦଳରେ ସାମିଲ କରିଥିଲେ।



ଭାଜପା କର୍ମୀମାନେ ଲୋକଙ୍କୁ ସଚେତନ କରାଉଛନ୍ତି ।

# ରଥ ନିକଟରୁ ୭ ଲୁଟେରା ଧରାପଡ଼ିଲେ

ପୁରୀ, ୨୩।୬(ଅଜିତ୍ ମହାନ୍ତି):

ରଥ ନିକଟରେ ଭକ୍ତଙ୍କଠାରୁ ଲୁଟପାଟ୍ କରୁଥିବା ୭ଜଣ ଲୁଟେରାଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ଲକ୍ଷ୍ମୀ ଭଟ୍ଟ, ଗାୟତ୍ରୀ ସିଂ, ମହାରାଷ୍ଟ୍ରର ସଙ୍ଗୀତା ଘନଶ୍ୟାମ ବାଇଜ, ପଶ୍ଚିମବଙ୍ଗର କାଜଲ କୁଣ୍ଡୁ, ପୁରୀ ମାର୍କେଟ୍ ଛକ ବଳଭଦ୍ର ଲେନ୍‌ର ବିକାଶ ପଟ୍ଟନାୟକ, ଖୋର୍ଦ୍ଧାର ଆଲୋକ ସାହୁ ଏବଂ ନୟାଗଡ଼ର ବିଜୟ କୁମାର ପଣ୍ଡା। ଅଭିଯୁକ୍ତ ବିକାଶଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍, ୨୯ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୫/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏହି ଲୁଟେରାମାନେ ଶୁକ୍ରବାର ସକାଳେ ନନ୍ଦିଘୋଷ ରଥ ନିକଟରେ ବୁଲୁଥିଲେ। ଭକ୍ତଙ୍କ ପକେଟମାର୍ କରିବାବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ପରେ ଲୋକେ ସେମାନଙ୍କୁ ପୋଲିସ ଜିମା ଦେଇଥିଲେ।

# କାକଟପୁର ନିର୍ବାଚନମଣ୍ଡଳୀରେ ବିଜେଡି ସାଙ୍ଗଠନିକ ସ୍ଥିତି ଦୁର୍ବଳ

କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)

■ ସ୍ଥିତି ସମୀକ୍ଷା କଲେ ରାଜ୍ୟ ସଙ୍ଗଠନ ସମ୍ପାଦକ
■ ଅସନ୍ତୁଷ୍ଟ କର୍ମୀଙ୍କ ପାଇଁ ମାନସ ମନ୍ଥନ

ଆଗାମୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ଦଳରେ ପ୍ରାକ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଜୋରଦାର କରିଛି। ଦୁର୍ବଳ ସାଙ୍ଗଠନିକ ସ୍ଥିତିକୁ ନେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବିଜେଡି ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଂଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ମାରାଥନ ବୈଠକ ଜାରି ରଖିଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀର ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ବିଜେଡି ବ୍ଲକ ଅଧ୍ୟକ୍ଷ ପଦ ଅକ୍ତିଆର କରିବାରେ ବିଫଳ ହୋଇଥିବା ବେଳେ ଏହି ଦୁଇ ବ୍ଲକ ମିଳିତ ମଞ୍ଚ ଦଖଲରେ ରହିଛି। ତେଣୁ ଏହି ଦୁଇ ବ୍ଲକରେ ବିଜେଡିର ସାଙ୍ଗଠନିକ ସ୍ଥିତି ଦୁର୍ବଳ ରହିଛି ଏବଂ କୋଣାର୍କ ଏନ୍‌ଏସିରେ ବିଜେଡି ଦଳ ଏନ୍‌ଏସି ଅଧ୍ୟକ୍ଷା ପଦ ହାତେଇ ଥିବାବେଳେ ପୁରୁଣା ବିଜେଡି କର୍ମୀଙ୍କୁ ଅଣଦେଖା ନୀତି ଯୋଗୁ ଦଳର ସ୍ଥିତି ଦୁର୍ବଳ ହେଉଥିବା ଗୋଇନ୍ଦା ରିପୋର୍ଟ ସଂଗ୍ରହ ପରେ ଦଳ କାକଟପୁର ନିର୍ବାଚନ ମଣ୍ଡଳୀ ଦଖଲ ପାଇଁ ଗୁରୁଦାୟିତ୍ୱ ବଢ଼ାଯାଇଛି। ଖୋଦ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଜାଗାରେ ଦଳ ଦୁର୍ବଳ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଘୋର ଅସନ୍ତୋଷକୁ ନେଇ ଚିନ୍ତାଜନକ ସ୍ଥିତି ଦେଖାଦେଇଛି। ଅନେକ ଅସନ୍ତୁଷ୍ଟ ବିଜେଡି କର୍ମୀ, ଭାଜପା ମୁହାଁ ପାଇଁ ସୁଯୋଗ ଅପେକ୍ଷାରେ ରହିଛନ୍ତି। ତେଣୁ କାକଟପୁର ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ସ୍ଥିତିକୁ ସୁଧାର ଆଣିବା ପାଇଁ ଶୁକ୍ରବାର କୋଣାର୍କ ଯାତ୍ରୀନିବାସ ପରିସରରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଏକ ସାଙ୍ଗଠନିକ ବୈଠକ ଡାକି ଦଳର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ଓ ସଂଗଠକମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ। ବୈଠକରେ ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ କାକଟପୁରର ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ,ୱାର୍ଡମେମ୍ବର, ସମିତି ସଭ୍ୟ ସମେତ ସମସ୍ତ କର୍ମୀ ଯୋଗଦେଇ କୋଣାର୍କ ଏନଏସିର ବିଜେଡି ନଗର ସଭାପତି ଗୋପାଳ ଚନ୍ଦ୍ର ବେହେରା, ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ରାଉତରାୟଙ୍କ ସମେତ ବିଜେଡିର ନିର୍ବାଚିତ କାଉନସିଲରମାନେ ବୈଠକରେ ଯୋଗ ଦେଇଥିଲେ। ତର୍ଜମା ପରେ କର୍ମୀଙ୍କ ମତାମତ ଅନୁଯାୟୀ ସାଂଗଠନିକ ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବବି ଦାଶ। ଆଗାମୀ ନିର୍ବାଚନକୁ ନଜରରେ ରଖି ତୁରନ୍ତ ସମସ୍ତ କର୍ମୀ ଓ ଅସନ୍ତୁଷ୍ଟ କର୍ମୀଙ୍କ ନିକଟକୁ ଯାଇ ସ୍ଥିତି ସୁଧାରିବାକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସ୍ୱାଧୀନ ନାୟକଙ୍କୁ ବବି ଦାସ ପରାମର୍ଶ ଦେଇଥିଲେ।

# ଜନତା ଆମର ଭଗବାନ୍, ସେବା ମୂଳମନ୍ତ୍ର: ପ୍ରଣବ

ନିମାପଡ଼ା,୨୩।୬(ବିଚିତ୍ରାନନ୍ଦ ସାହୁ)



ସମାବେଶରେ ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

ଓଡ଼ିଆ ଭାଷା, ଓଡ଼ିଆ ଜାତିର ମାନଦଣ୍ଡ ହେଉଛନ୍ତି ଆମ ମୁଖ୍ୟମନ୍ତ୍ରୀ। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏବେ ଗାଁ ଗାଁରେ ପହଞ୍ଚି କାର୍ଯ୍ୟ କରୁଛି। ସାଧାରଣ ଜନତା ହିଁ ଆମର ଭଗବାନ୍, ଜନତାଙ୍କ ସେବା ହିଁ ଆମର ମୂଳମନ୍ତ୍ର। ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ନିମାପଡ଼ାଠାରେ ଆୟୋଜିତ ଦଳର ସାଙ୍ଗଠନିକ ସମାବେଶରେ ଯୋଗଦେଇ ଏହା କହିଛନ୍ତି। ରାଜ୍ୟର ପ୍ରତ୍ୟେକ ଗାଁ, ସହର ବଜାରର ଗଳିକନ୍ଦିରେ ଏବେ ବିକାଶମୂଳକ କାର୍ଯ୍ୟର ସୁଅ ଛୁଟିଛି ବୋଲି ଦାସ କହିଛନ୍ତି। ନିମାପଡ଼ା ବିଜେଡି ପକ୍ଷରୁ ଏକ ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ସ୍ଥାନୀୟ ମୁକ୍ତାକାଶ ମଞ୍ଚଠାରେ ଅନୁଷ୍ଠିତ ହୋଇଥିଲା। ସମାବେଶରେ ସମ୍ମାନିତ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ପୁନଶ୍ଚ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ ନିମାପଡ଼ାରେ ପୁନଶ୍ଚ ବିଜେଡିର ଧ୍ୱଜା ଉଡ଼ିବ ବୋଲି ଅତିଥିମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ମଞ୍ଚାସୀନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସମାରୋହରେ ନିର୍ବାଚନମଣ୍ଡଳୀର ୪୬ଟି ପଞ୍ଚାୟତ ଓ ଏନ୍‌ଏସିର ପଞ୍ଚାୟତ ସଭାପତି, ୱାର୍ଡ ସଭାପତି, ଦଳୀୟ ପର୍ଯ୍ୟବେକ୍ଷକ, ନିର୍ବାଚିତ ଲୋକପ୍ରତିନିଧି, ୫ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ୩ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ଦାସ ନିମାପଡ଼ାରେ ଦଳର ସାଙ୍ଗଠନିକ ସ୍ଥିତି ପରଖିବା ସହ ଖୁସିବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ସିଏମ୍‌ସି ଯନ୍ତ୍ରୀ ବିଭାଗ ସମୀକ୍ଷା ବୈଠକ

**କଟକ, ୨୩।୬(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ (ସିଏମ୍‌ସି) ଯନ୍ତ୍ରୀ ବିଭାଗର ଏକ ସମୀକ୍ଷା ବୈଠକ ଶୁକ୍ରବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମ୍ୟୁନିଟି ସେଣ୍ଟର କମ୍ କଲ୍ୟାଣ ମଣ୍ଡପ, ଆମ ହସ୍ପିଟାଲ, ରାସ୍ତାର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ଏଥିସହ ମିଶନ୍ ଶକ୍ତି ଭବନର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ଭଡାଘର କଲୋନୀ ନିର୍ମାଣ କାର୍ଯ୍ୟ ଶେଷ କରିବା ସହିତ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ କମିଶନର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଏମ୍‌ସି ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ସିଫା ପରିଚାଳନା କମିଟି ସଦସ୍ୟ ହେଲେ ଦେବୀ ପ୍ରସାଦ ପତି

**କଟକ ସଦର, ୨୩।୬(ସୁଶାନ୍ତ ଜେନା):** ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଦ୍ୱାରା ପରିଚାଳିତ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁରଜଳ



ଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା)ର ପରିଚାଳନା ମଣ୍ଡଳୀ ସଦସ୍ୟ ଭାବେ ୪୨ ମୌଜା ଅନ୍ତର୍ଗତ କଳାପଡ଼ା ଗ୍ରାମର ଦେବୀ ପ୍ରସାଦ ପତି ମନୋନୀତ ହୋଇଛନ୍ତି। ସେ ୩ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ଆଇସିଏଆର୍ ପକ୍ଷରୁ ପତ୍ରସଂଖ୍ୟା ୪୨୯/୨୩।୬।୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ସାମାଜିକ କର୍ମୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଚୌଦ୍ୱାର, ୨୩।୬(ଆଶୁତୋଷ ଦାସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚାରବାଟିଆ ହାଉସିଂବୋର୍ଡ ବାସିନ୍ଦା ତଥା ସାମାଜିକ କର୍ମୀ ମାନସ ରଞ୍ଜନ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସ୍ଥାନୀୟ କମ୍ୟୁନିଟି ୱେଲଫେୟାର ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅକ୍ଷୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଦୁର୍ଯ୍ୟୋଧନ ଶତପଥୀ, ଅରୁଣ ପଟ୍ଟନାୟକ, ଡା. ମଇଉଦ୍ଦିନ୍, ବୈଷ୍ଣବ ଚରଣ ପ୍ରଧାନ, ବିଶ୍ୱକଲ୍ୟାଣ ଦାସ, ବିଜୟ ମହାନ୍ତି, ଭବାନୀ ଶଙ୍କର ସ୍ୱାଇଁ, ଦିବ୍ୟଜ୍ୟୋତି ପାଣି, ଅକ୍ଷୟ ଭୂୟାଁ ଓ ସୁଜାତା ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଦେଇ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ। ଦିବାକର ପାଣିଗ୍ରାହୀ, ରାଜନ୍ ନାମ୍ଭିଆର, ୱିଲି ମନ୍ତ୍ରୀ, ବିକାଶ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୬୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**କଟକ ସଦର, ୨୩।୬(ସୁଶାନ୍ତ ଜେନା):** ୨୦୨୩ ଜୁନ୍‌ରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ମୋଟ ୪୨୨ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୧ ଜଣଙ୍କର ଜାଗା ନ ଥିବାରୁ ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇ ପାରିବ ନାହିଁ। ୩୬୩ ଜଣଙ୍କୁ ଅନ୍‌ଲାଇନରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବାକି ୮ ଜଣଙ୍କର ଅନ୍ୟାନ୍ୟ କାରଣ ପାଇଁ କାର୍ଯ୍ୟାଦେଶରେ ବିଳମ୍ବ ହୋଇଛି। ଜାନୁୟାରୀରେ ସରକାର ୫୨୬ ଜଣଙ୍କର ନାମ ତଦନ୍ତ ପାଇଁ ବ୍ଲକ କାର୍ଯ୍ୟାଳୟକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବରୁ କିସ୍ତିନେଇ ଘରକରିପାରି ନ ଥିଲେ। ୨୦୨୦ ଜାନୁୟାରୀରେ ପୂର୍ବରୁ ନେଇଥିବା କିସ୍ତି ଅର୍ଥ ଫେରାଇ ନୂଆ ଘର ପାଇଁ ଆବେଦନ କରିଥିଲେ। ମୋଟ ୧୦୪ ଜଣ ବାଦ୍ ପଡିଛନ୍ତି। ସେମାନଙ୍କ ମଧ୍ୟରୁ ୬୪ ଜଣ ଟଙ୍କା ଫେରାଇ ଥିଲେ ମଧ ଘର କରି ସାରିଥିବାରୁ ଅଯୋଗ୍ୟ ହୋଇଥିଲେ। ଜାଗା ନ ଥିବା ଲୋକମାନଙ୍କ କଥା ପରେ ବିଚାର କରାଯିବ ବୋଲି ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ସୂଚନା ଦେଇଛନ୍ତି।

# ଜୁଲାଇ ୩ରୁ କାର୍ଯ୍ୟକ୍ଷମ ହେବ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ

**କଟକ, ୨୩।୬(ସୁପ୍ରିୟା ପ୍ରିୟଦର୍ଶିନୀ)**



ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ସହ ଅନ୍ୟମାନେ।

**■ ୧୫ରୁ ପାଠପଢ଼ା**

**■ ମୋ' ବସ୍ ଚଳାଚଳ ପାଇଁ ପ୍ରସ୍ତାବ**

ଆସନ୍ତା ଜୁଲାଇ ୩ରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟକ୍ଷମ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇଟିଏମ୍ ଏବଂ ଆଇଏସ୍‌ଟି ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଜୁଲାଇ ୧୫ ତାରିଖରୁ ସେଠାରେ ପାଠପଢ଼ା ଆରମ୍ଭ ହେବ। ସ୍ମାର୍ଟ କ୍ଲାସ୍‌ରୁମ୍, ଲାଇବ୍ରେରୀ, କମ୍ପ୍ୟୁଟର ରୁମ୍, ପ୍ଲେସ୍‌ମେଣ୍ଟ ସେଲ୍ ଆଦିର ସୁବିଧା ଛାତ୍ରୀଛାତ୍ରମାନେ ପାଇପାରିବେ। ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ଏବଂ କ୍ଲାସ୍‌ରୁମ୍‌କୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଛାତ୍ରୀମାନଙ୍କ ନିମନ୍ତେ ଦ୍ୱିତୀୟ କ୍ୟାମ୍ପସରେ ହଷ୍ଟେଲର ସୁବିଧା ରହିଛି। ସେଲ୍ଫ ଫାଇନାନ୍ସିଂ ବିଭାଗର ଛାତ୍ରୀଛାତ୍ରମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ସରକାରଙ୍କ ଦ୍ୱାରା ବନ୍ଦ କରାଯାଇଥିଲେ ମଧ୍ୟ ସୁବିଧା ଦୃଷ୍ଟିରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ହଷ୍ଟେଲ ମିଳିବ। ସେମାନେ ସେଠାରେ ରହି ପାଠପଢିବେ। ଦୁଇଟି ହଷ୍ଟେଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ମେସ୍ ବ୍ୟବସ୍ଥା କରାଯାଇଛି। ଏ ନେଇ ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଥମବର୍ଷରେ ଛାତ୍ରୀଛାତ୍ରମାନେ ନାମ ଲେଖାଇ ନ ଥିବାରୁ କେବଳ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେଠାରେ କ୍ଲାସ୍ କରିବେ। ପ୍ରତି ବିଭାଗକୁ ଗୋଟିଏ ଲେଖାଏ ଏକାଡେମିକ୍ ବ୍ଲକ ଦିଆଯିବ। ଯାତାୟତ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳକୁ କୌଣସି ବସ୍ ଚଳାଚଳ କରୁନାହିଁ। ତେଣୁ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ ପର୍ଯ୍ୟନ୍ତ ମୋ' ବସ ଚଳାଚଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କୁ କିଛି ପରିମାଣରେ ଅସୁବିଧା ହେବାର ସମ୍ଭାବନା ରହିଛି। ତେଣୁ ସେମାନଙ୍କୁ ପାଠପଢା ନିମନ୍ତେ କିଭଳି ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା କୁଳପତି ନାୟକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କୁଳସଚିବ କାହ୍ନୁଚରଣ ମଲ୍ଲିକ, ଦ୍ୱିତୀୟ କ୍ୟାମ୍ପସ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ମିଡିଆ ସେଲ୍‌ର ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, ଡ. ନେତାଜୀ ଅଭିନନ୍ଦନ, କ୍ରୀଡା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଚଳିତବର୍ଷ ସେଲ୍ଫ ଫାଇନାନ୍ସିଂରେ ସିଟ୍ ବଢ଼ିବନି

ଚଳିତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଲ୍ଫ ଫାଇନାନ୍ସିଂ ବିଭାଗରେ ସିଟ୍ ବୃଦ୍ଧି ହେବ ନାହିଁ। ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ କହିଛନ୍ତି, ଷଷ୍ଠ ସିଣ୍ଡିକେଟ୍ ବୈଠକରେ ଆଇଏସ୍‌ଟିରେ ୧୨୮, ଜେଏମ୍‌ସିରେ ୪୦, ଆଇଏସ୍‌ଟି ପାଇଁ ୨୭୨, ଡିଏସ୍‌ଏମ୍ ପାଇଁ ୬୪, ବିବିଏରେ ୧୨୮ଏବଂ ଏମ୍‌ବିଏରେ ୬୦ ସିଟ୍ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ନିର୍ଦ୍ଦେଶନାମା ମିଳିନାହିଁ। ତେଣୁ ଚଳିତ ଶିକ୍ଷାବର୍ଷରେ ଏହାକୁ ଲାଗୁ କରା ନ ଯାଇ ୨୦୨୨-୨୩ ଶିକ୍ଷାବର୍ଷରେ ନିର୍ଦ୍ଧାରିତ ହୋଇଥିବା ସିଟ୍ ଅନୁଯାୟୀ ନାମଲେଖା ପ୍ରକ୍ରିୟା ହେବ ବୋଲି ପ୍ରଫେସର ସାହୁ ସୂଚନା ଦେଇଥିଲେ। ସୂଚନାଥାଉ କି, ଚଳିତବର୍ଷ ସିଣ୍ଡିକେଟ୍‌ରେ ଅନୁମୋଦନ ହୋଇଥିବା ବର୍ଦ୍ଧିତ ସିଟ୍‌ରେ ନାମଲେଖା ନ ହେବା ଉପରେ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଉକ୍ତ ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ଦିଆଯାଇଛି।

### ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ

**ମଙ୍ଗୁଳି-ଜଗତପୁର, ୨୩।୬(ମାନସ ସାମଲ)**

୭ ଦଫା ଦାବି ନେଇ ମୁଣ୍ଡମାଳ ପୂଜା ଓ ବିକାଶ କମିଟି ପକ୍ଷରୁ ଚୌଦ୍ୱାରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ କମିଟି ସମ୍ପାଦକ ରମେଶ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଏବଂ ଜେଇଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷକରି ପୁରୁଣା ତାର କାଢି ନୂଆ ତାର ଲଗାଇବା, ଲୋ ଭୋଲଟେଜ୍ ସମସ୍ୟା ସମାଧାନ ପାଇଁ ଆଉ ଗୋଟେ ଟ୍ରାନ୍ସଫର୍ମର ସ୍ଥାପନ, ବାରମ୍ବାର ବିଦ୍ୟୁତ୍ କାଟ୍ ବନ୍ଦ କରାଯିବା, ଗ୍ରାମର ଶେଷ ପର୍ଯ୍ୟନ୍ତ ୧୧ କେଭି ତାର ସଂଯୋଗ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଲୋ ଭୋଲଟେଜ୍ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ ଚାଲିଛି, ସେଥିପାଇଁ ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିପାରେ। ଅନ୍ୟ ସମସ୍ୟାର ସମାଧାନ ଆଗାମୀ ୩ମାସ ମଧ୍ୟରେ କରାଯିବ ବୋଲି ଏସ୍‌ଡିଓ ସମୀର କୁମାର ପଢ଼ିଆରି ପ୍ରତିଶ୍ରୁତି ଦେଇଥିଲେ। ଏହି ବିକ୍ଷୋଭରେ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିବାବେଳେ ଦାବିପତ୍ର ପ୍ରଦାନବେଳେ ହୃଷୀକେଶ କର, ବାବାଜୀ ଶତପଥୀ, ଚନ୍ଦନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରଠାରେ ଶୁକ୍ରବାର ଅନୁଷ୍ଠିତ ସତ୍‌ସଙ୍ଗ।

## କଟକ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠା ଦିବସ

**କଟକ, ୨୩।୬ (କାର୍ତ୍ତିକ ସାହୁ)**

କଟକ ସତ୍‌ସଙ୍ଗ ବିହାରର ୪୮ତମ ପ୍ରତିଷ୍ଠା ଦିବସ ଓ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ଶ୍ରୀ ବଡ଼ଦା'ଙ୍କ ଶୁଭାଗମନ ସ୍ମରଣୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍‌ସଙ୍ଗ ଦେଓଘରର ସହସମ୍ପାଦକ ପ୍ରତିରତ୍ୱିକ ଡା. ବିନାୟକ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ସହପ୍ରତିରତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର ଯୋଗଦେଇଥିଲେ। ସହପ୍ରତିରତ୍ୱିକ ପ୍ରମୋଦ କୁମାର ଦାସ ପ୍ରାରମ୍ଭିକ ସୂଚନା ଓ ସତ୍‌ସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସ ଧନ୍ୟବାଦ ଦେଇଥିଲେ। ଅମରନାଥ ବାନାର୍ଜୀ, ଡା. ନଗେନ୍ଦ୍ରନାଥ ସ୍ୱାଇଁ, ବିଭୂତି ଭୂଷଣ ପତି, ଗଦାଧର ବେହେରା, ରାମଚନ୍ଦ୍ର ସାହୁ, ରବି ଦୀକ୍ଷିତ, ଗୌତମ ତ୍ରିପାଠୀ, ଡା. ନରେଶ ପଟ୍ଟନାୟକ, ଡା. ପ୍ରଭାସ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାଞ୍ଚ ମାଗିଲେ କାର୍ଯ୍ୟାନୁଷ୍ଠାନ

**ମଙ୍ଗୁଳି-ଜଗତପୁର, ୨୩।୬ (ମାନସ ସାମଲ)**


କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ହିତାଧିକାରୀଙ୍କୁ ବାସଗୃହ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ବିଡିଓ ଆଶୁତୋଷ ମିଶ୍ର ଯୋଗଦେଇ ବାଣୀପଦା ପଞ୍ଚାୟତର ୮୯ ଓ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ୧୩ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏ ନେଇ ବିଡିଓ କହିଥିଲେ, ଆଗାମୀ ୮ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ। ଟଙ୍କା ପାଇବାର ୪ମାସ ମଧ୍ୟରେ ସେମାନେ ଗୃହ ନିର୍ମାଣ କଲେ ୨୦ ହଜାର ଓ ୮ମାସ ମଧ୍ୟରେ ସାରିଲେ ୧୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ସେମାନଙ୍କୁ ଅଧିକ ସହାୟତା ଦିଆଯିବ। ସେହିପରି ବିଧାୟକ ବିଶ୍ୱାଳ କହିଥିଲେ, ସରକାରୀ କର୍ମଚାରୀ ହେଉ କି ଦଲାଲ ଯଦି କାହାରିକୁ କାର୍ଯ୍ୟାଦେଶ କରାଇଦେବା ପାଇଁ ଲାଞ୍ଚ ମାଗନ୍ତି। ସେମାନଙ୍କୁ ଏକ ଟଙ୍କା ନ ଦେଇ ମୋତେ କିମ୍ବା ବିଡ଼ିଓଙ୍କୁ ତୁରନ୍ତ ଜଣାନ୍ତୁ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ କହିଥିଲେ। ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସରପଞ୍ଚ ଦିଲ୍ଲୀପ ଭୋଇ, ସମିତି ସଭ୍ୟ ସୁରେନ୍ଦ୍ର ସାମଲ, ମନୋରଞ୍ଜନ ସ୍ୱାଇଁ, କାହ୍ନୁଚରଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୃଥକ୍ ୩ ମାମଲା, ୩ ଗିରଫ

**କଟକ ସଦର, ୨୩।୬(ସୁଶାନ୍ତ ଜେନା)**

୪୨ ମୌଜା ପୋଲିସ ୩ ପୃଥକ ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଝିଙ୍କିରିଆ ଗ୍ରାମର ସୁକାନ୍ତ ଦାସ ନାମକ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୭/୨୩) ରୁଜୁ ହୋଇଥିଲା। ସେହିପରି ପ୍ରକାଶ ନାୟକ ନାମକ ବ୍ୟକ୍ତିଙ୍କ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ସେ ହେଲେ ବ୍ରହ୍ମପୁର ଗ୍ରାମର ସନ୍ତୋଷ ସିଂହ। ଏନେଇ ଥାନାରେ ଏକ ମାମଲା(ନଂ.୨୧୬/୨୩) ରୁଜୁ ହୋଇଥିଲା। ୩୫ ବୋତଲ ଆସ୍କା ଫର୍ଟି ରଖିବା ଅଭିଯୋଗରେ ଶିଶୁଆ ଗ୍ରାମର ଯୋଗେନ୍ଦ୍ର ଭୋଇ ନାମ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୭/୨୩) ରୁଜୁ ହୋଇଥିଲା।

## ଅଭିଯୋଗର ଶୁଣାଣି କରିବା ଅମ୍ବୁଡ୍‌ସମ୍ୟାନ୍‌ଙ୍କ କ୍ଷମତା ନାହିଁ

**କଟକ ସଦର, ୨୩।୬(ସୁଶାନ୍ତ ଜେନା)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ମାମଲା**

କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନା ସମ୍ପର୍କିତ ଦୁର୍ନୀତି ମାମଲାର ଶୁଣାଣି ଗୁରୁବାର କଟକସ୍ଥିତ ଅମ୍ବୁଡ୍‌ସ ମ୍ୟାନ୍ ସରୋଜକାନ୍ତ ଚୌଧୁରୀଙ୍କ କୋର୍ଟରେ ହୋଇଥିଲା। ଅଭିଯୋଗଗୁଡ଼ିକର ଶୁଣାଣି କରିବା ତାଙ୍କ କ୍ଷମତା ପରିସର ନୁହେଁ ବୋଲି ଚୌଧୁରୀ କହିଥିଲେ। କେବଳ ଶ୍ରମିକମାନେ କାମ କରି ଠିକ୍ ସମୟରେ ମଜୁରି ନ ପାଇବା, କାମ ମଜୁରି ପାଇବା, କାମ କରିବାକୁ ଆବେଦନ କରି ନ ପାଇବା ଭଳି ଅଭିଯୋଗର ଶୁଣାଣି ସେ କରିପାରିବେ। ତେଣୁ ଆଣିଥିବା ଅଭିଯୋଗକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ କିମ୍ବା ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଭିଯୋଗକାରୀଙ୍କୁ ଚୌଧୁରୀ ପରାମର୍ଶ ଦେଇଥିଲେ। ୨୦୨୦ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ହୋଇଥିବା କାର୍ଯ୍ୟରେ ଶ୍ରମିକମାନେ ସି-୧ ଫର୍ମରେ କାମ ପାଇଁ ଆବେଦନ ନ କରି ମଜୁରି ନେବା, ଆୟକରଦାତା, ପେନ୍‌ସନ୍‌ଭୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ମଜୁରି ବାବଦ ଅର୍ଥ ଜମାକୁ ନେଇ ଜଣେ ସାମାଜିକ କର୍ମୀ ଅମ୍ବୁଡ୍‌ସ ମ୍ୟାନ୍‌ଙ୍କ କୋର୍ଟରେ ମାମଲା ଦାୟର କରିଥିଲେ।

### ବଳିଦାନ ଦିବସ ପାଳିତ

**ଚୌଦ୍ୱାର, ୨୩।୬(ଆଶୁତୋଷ ଦାସ)**

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଦଳର କଟକ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ୯ନଂ. ୱାର୍ଡ଼ସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ର ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା, ପ୍ରକାଶ ଚନ୍ଦ୍ର ବଡଜେନା, ସନ୍ତୋଷ ସାହୁ, ତନ୍ମୟ ସାହୁ, ସୁଷମା ବଡଜେନା, ହଂସ ଚରଣ ସାହୁ, ଗୌତମ ସାହୁ, ସୁମିତ୍ରା ମହାନ୍ତି, କ୍ରୀଷ୍ଣା ରାଓ, ହୀରାଧର ପାଣିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଦେଶ ପାଇଁ ଶ୍ୟାମାପ୍ରସାଦଙ୍କ ବଳିଦାନ ତାଙ୍କୁ ଚିର ଅମର କରି ରଖିବ ବୋଲି ବକ୍ତାମାନେ କହିଥିଲେ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା


ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**କଟକ, ୨୩।୬ (କାର୍ତ୍ତିକ ସାହୁ)**

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ରାଜ୍ୟ ମହାସଂଘର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଦାବି ପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ମହାସଂଘର ଜିଲା ସଭାପତି ସାରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ଧାରଣା ଦେଇଥିଲେ। ପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଧାରଣାସ୍ଥଳକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଗ୍ରହଣ କରିଥିଲେ। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ୱଳ୍ପ ଦରମାରେ କାମ କରାଇବା, ୧୦ରୁ ୨୦ ବର୍ଷ ଯାଏ କାମ କରିବା ପରେ ବି ଚାକିରି ସ୍ଥାୟୀ କରା ନ ଯିବା, ଆଉଟସୋର୍ସିଂ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବାକୁ ନେଇ ପ୍ରତିବାଦ କରାଯାଇଥିଲା। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ବି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସମସ୍ୟା ବୁଝୁନାହାନ୍ତି। ତୁରନ୍ତ ସରକାର ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବର୍ଷାଜଳ ନିଷ୍କାସନ ସ୍ଥିତି ପରଖିଲେ ମେୟର, କମିଶନର

**କଟକ, ୨୩।୬(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମେରିଆ ବଜାର ପୋଲ ନିକଟରୁ ସେମିନାରୀ ସ୍କୁଲ ଛକ ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ୍ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ ଓ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ବକ୍ସଡ୍ରେନ ଭଳି ଏହାକୁ କଭର ଡ୍ରେନ୍ କରାଯାଇ ଚୌଡା କରାଯିବା ପାଇଁ ଯୋଜନା ହୋଇଛି। ଏଥିସହ ପୂର୍ତ୍ତ ବିଭାଗ ଦ୍ୱାରା ଏଠାକାର ମୁଖ୍ୟ ରାସ୍ତାକୁ ନୂଆ ରୂପରେ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଇଛି। ତେବେ ଏହି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ୩ଟି ଭଲବୋ ପମ୍ପ ଦିଆଯାଇ ଶୁକ୍ରବାର କାମ ଆରମ୍ଭ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ଏହି କାର୍ଯ୍ୟକ୍ରମରେ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଦୀପ୍ତ ଖୁଣ୍ଟିଆ, କର୍ପୋରେଟର ଇତିଶ୍ରୀ ଦାସ, ଚନ୍ଦନ ଜେନା, ଏ. ଶ୍ରୀଦେବୀ, କେ. ଜେ. ଆଫ୍ରିନ ପ୍ରମୁଖ ଉପସ୍ଥିତ ଥିଲେ।

## କାରଖାନା କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ ଦାବି

**ଖୁଣ୍ଟୁଣୀ, ୨୩।୬(ସଚ୍ଚିଦାନନ୍ଦ ପଣ୍ଡା)**

ଶ୍ରମିକମାନଙ୍କ ବକେୟା ଦରମା ଓ ଭବିଷ୍ୟନିଧି ଜମା ଅର୍ଥ ପ୍ରଦାନ ପାଇଁ ହିନ୍ଦ ମଜଦୁର ସଭା ଆଠଗଡ଼ ଶାଖା ସମ୍ପାଦକ ଅଶୋକ କୁମାର ରାଉତ ଦାବି କରିଛନ୍ତି। ଏ ନେଇ ଖୁଣ୍ଟୁଣୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉତ କହିଛନ୍ତି, ଖୁଣ୍ଟୁଣୀଠାରେ ୨୦୦୫ରେ ମାହେଶ୍ୱରୀ ଇସ୍ପାତ କାରଖାନା ସ୍ଥାପିତ ହୋଇଥିଲା। ସେଠାରେ ୨୫୦ ଶ୍ରମିକଙ୍କୁ ନିଯୁକ୍ତି ମିଳିଥିଲା। ହେଲେ ଏହି କାରଖାନା ୨୦୧୨ରୁ ବିଭିନ୍ନ ସ୍ତରରୁ ଚାପ ଓ ପରିଚାଳନାଗତ ଅବ୍ୟବସ୍ଥାରୁ ବନ୍ଦ ହୋଇଯାଇଛି। ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରୁ ୧୫୦ ଜଣଙ୍କୁ କିଛି ମାସର ଦରମା ଓ ଭବିଷ୍ୟନିଧି ଜମା ଅର୍ଥ ମିଳିପାରି ନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଶ୍ରମିକ ସଂଘ ଶ୍ରମ ବିଭାଗକୁ ଜଣାଇଛି। ଏ ସମ୍ପର୍କିତ ଏକ ମାମଲା ମଧ୍ୟ ଶ୍ରମ ବିଭାଗ କୋର୍ଟରେ ବିଚାରାଧୀନ ରହିଛି। ମାତ୍ର ରାଜ୍ୟ ସରକାର ଏହି କାରଖାନାକୁ ଗତବର୍ଷ ବି.କେ. ଷ୍ଟିଲ ନାମକ ଏକ ସଂସ୍ଥାକୁ ହସ୍ତାନ୍ତର କରିଛନ୍ତି। ଗତବର୍ଷ ମଧ୍ୟ ଶ୍ରମିକମାନେ ଖୁଣ୍ଟୁଣୀଠାରେ ଏହି ସଂସ୍ଥାର ମାଲିକଙ୍କୁ କାରଖାନା ଦାୟିତ୍ୱ ନେବା ପୂର୍ବରୁ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ନିବେଦନ କରିଥିଲେ। ହେଲେ କାରଖାନା କର୍ତ୍ତୃପକ୍ଷ ସେମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦେବାରୁ ବାଧ୍ୟ ହୋଇ ସେମାନେ ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ ହିନ୍ଦ ମଜଦୂର ସଭା ରାଜ୍ୟ ସଭାପତି ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି। ସରକାର ଆସନ୍ତା ୩୦ ତାରିଖ ସୁଦ୍ଧା ଶ୍ରମିକମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିବା ସହ ବି.କେ. ଷ୍ଟିଲରେ ସମସ୍ତ ପୁରୁଣା ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ନଚେତ୍ ଏହି କାରଖାନାକୁ ହିନ୍ଦ୍ ମଜଦୁର ସଭା ଆଠଗଡ଼ ଶାଖା ଅଚଳ କରିଦେବେ ବୋଲି ରାଉତ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ହିନ୍ଦ ମଜଦୁର ସଂଘ ରାଜ୍ୟ ସମ୍ପାଦକ ବିରଜା କିଙ୍କର ନାୟକ, ମାହେଶ୍ୱରୀ ଇସ୍ପାତ କାରଖାନା ଶ୍ରମିକ ସଂଘ ସମ୍ପାଦକ ଗଗନ ବିହାରୀ ପରିଡା, ସୁବ୍ରତ ମହାପାତ୍ର, ବିନୋଦ କୁମାର ସାହୁ, ସତ୍ୟାନନ୍ଦ ରାଉତ, ଲକ୍ଷ୍ମୀକାନ୍ତ ନାୟକ, ହିମାଂଶୁ ପ୍ରଧାନ, ଜ୍ଞାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବି.କେ. ଷ୍ଟିଲ ସଂସ୍ଥାର ମ୍ୟାନେଜର ସନ୍ଦୀପ ବେହେରା କହିଛନ୍ତି, ତାଙ୍କ ପାଖକୁ ମାହେଶ୍ୱରୀ କାରଖାନାର ଶ୍ରମିକ କିମ୍ବା କୌଣସି ସଙ୍ଗଠନ ପକ୍ଷରୁ କିଛି ଦାବିପତ୍ର ଆସିନାହିଁ। ଆମେ ଗତବର୍ଷ ଏହି କାରଖାନାକୁ ଏକ ବ୍ୟାଙ୍କ ପାଖରୁ ନେଇଛୁ। ଭବିଷ୍ୟତରେ କିଛି ଅଭିଯୋଗ ଆସିଲେ ମାଲିକଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ମଦ ସହ ବାଇକ୍ ଜବତ, ବେପାରୀ ଗିରଫ



**ବାଲୁଗାଁ,୨୩।୬(ସଂଗ୍ରାମ ପାଇକରାୟ):** ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରି ସ୍ଥଳେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବାଣପୁର ଥାନା ଅଧୀନ ଅଞ୍ଚଳ ଗ୍ରାମରେ ଚଢ଼ାଉ କରି ଦେଶୀ ମଦ ସହ ଏକ ବାଇକ୍ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଜଣେ ମଦ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଭେଷରୀ ଗ୍ରାମର ବୈଦ୍ୟନାଥ ଖୁଣ୍ଟିଆ।ଏ ନେଇ ଅବକାରୀ ବିଭାଗରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ବାଲୁଗାଁ ଅବକାରୀ ଅଧିକାରୀ ବି. ମନୋଜ କୁମାର ଏହାକୁ ଗୁରୁତର ସହ ନେଇ ଚୋରା ମଦ କାରବାର ହେଉଥିବା ସମ୍ପର୍କରେ କୌଣସି ବିଶେଷ ସୂତ୍ରରୁ ଖବର ପାଇଥିଲେ। ଶୁକ୍ରବାର ସକାଳେ ଅବକାରୀ ଟିମ୍ ସଦଳବଳେ ବାଣପୁର ଥାନା ଅନ୍ତର୍ଗତ ଭେଷରୀ ଛକ ନିକଟରେ ଜଗି ରହିଥିଲେ। ସେହି ସମୟରେ ବୈଦ୍ୟନାଥ ଏକ ବାଇକ ଯୋଗେ ଚୋରା ମଦ ବିକ୍ରି ନିମନ୍ତେ ଯାଉଥିବା ବେଳେ ତାକୁ ଧରି ଯାଞ୍ଚ ବେଳେ ୩୦ ଲିଟର ଦେଶୀ ମଦ ସମେତ ବାଇକକୁ ଜବତ କରି ଗିରଫ କରିଥିଲେ।

### ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟରେ ଯୋଗଦେଲେ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୬(ରଘୁନାଥ ସାହୁ):** ଦୀର୍ଘ ୩ବର୍ଷ ଧରି ଖାଲିପଡ଼ିଥିବା ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ପୂରଣ ହୋଇଛି। ଶୁକ୍ରବାର ରବୀନ୍ଦ୍ର କୁମାର ସାହୁ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଗତ ୨୦୨୦ ଫେବୃୟାରୀ ମାସରେ ବିଇଓ ସୁରେନ୍ଦ୍ର ମଙ୍ଗରାଜଙ୍କ କାର୍ଯ୍ୟକାଳ ସରିବା ପରେ ସେହି ଦିନଠାରୁ ଅସ୍ଥାୟୀ ଭାବରେ ବିଭିନ୍ନ ବ୍ୟକ୍ତି କାର୍ଯ୍ୟ କରିଆସୁଥିଲେ। ଫଳରେ ଶିକ୍ଷକମାନଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଥିଲା। ସ୍ଥାୟୀ ଭାବରେ ବିଇଓ କାର୍ଯ୍ୟରେ ଯୋଗ ଦେଇଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲୀଲ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ନୂତନ ବିଇଓଙ୍କୁ ସ୍ୱାଗତ ଜଣାଇଥିଲେ।

### ବଟାନିକାଲ ଗାର୍ଡେନରେ ନୂଆ ରେଞ୍ଜରଙ୍କ ଯୋଗଦାନ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ): ବଟାନିକାଲ ଗାର୍ଡେନରେ ନୂଆ ରେଞ୍ଜର ଭାବେ ଖେଳପ୍ରିୟ ସାହୁ ଶୁକ୍ରବାର ଯୋଗଦେଇଛନ୍ତି। ସେ ଏହାପୂର୍ବରୁ ବରଗଡ଼ ବନଖଣ୍ଡରେ ଫରେଷ୍ଟର ଭାବେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ବଟାନିକାଲ ଗାର୍ଡେନରେ ଥିବା ରେଞ୍ଜର ସ୍ୱାତି ମହାନ୍ତିଙ୍କ ପଦୋନ୍ନତି ହୋଇ ଖୋର୍ଦ୍ଧା ଡିଭିଜନକୁ ସହକାରୀ ବନ ସଂରକ୍ଷକ ଭାବେ ବଦଳି ହୋଇଥିଲା। ତାଙ୍କ ଜାଗାରେ ରହିବାକୁ କେହି ରେଞ୍ଜର ନ ଆସିବାରୁ ସେ ଏଠାରେ ଥିଲେ।

# ଇଓଡବ୍ଲ୍ୟୁ ସୁପାରିସକୁ ୨ବର୍ଷ, ତଦନ୍ତରେ ଶିଥିଳତା

## ଜମାକାରୀଙ୍କ ୧.୫ କୋଟି ଆତ୍ମସାତ ଘଟଣା

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଏବଂ ସଞ୍ଚୟ ବାବଦକୁ ପ୍ରାୟ ୧କୋଟି ୫୦ଲକ୍ଷ ଟଙ୍କାର ଆତ୍ମସାତ କରାଯାଇଛି। ୨୦୨୧ ମାର୍ଚ୍ଚରେ ଏହି ଘଟଣା ପଦାକୁ ଆସିବା ପରେ ଗ୍ରାହକମାନେ ଅଭିଯୋଗ କରିଥିଲେ। ଏପରିକି ଜମାକାରୀ ଟଙ୍କା ଫେରିପାଇବା ଲାଗି କେସିସିବି କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ, ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଜମାକାରୀ ଭାଗ୍ୟକୁ ଆଦରି ନିଜ ଟଙ୍କା ପାଇବା ନେଇ ଏବେ ବି ଆଶଙ୍କା ରହିଛନ୍ତି। ଖୋଦ୍ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଟଙ୍କା ଆତ୍ମସାତ ଘଟଣାକୁ ସ୍ୱୀକାର କରିଥିବା ବେଳେ ଏଥିରେ ସମ୍ପୃକ୍ତ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଏବଂ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଆପରାଧିକ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ତଦନ୍ତ ଲାଗି ସୁପାରିସ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କ୍ରାଇମବ୍ରାଞ୍ଚ ପକ୍ଷରୁ ଏନେଇ କୌଣସି ତଦନ୍ତ କରାଯାଇ ନାହିଁ। ସେପଟେ ବେଗୁନିଆ ପୋଲିସ ମାମଲା ରୁଜୁ କରି ନୀରବ ରହିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ନା ଜିଲା ପ୍ରଶାସନର କେହି ଅଧିକାରୀ ଏ ସମ୍ପର୍କରେ ମୁହଁ ଖୋଲିବାକୁ ନାରାଜ। ବହୁ ଅଭିଯୋଗ ସତ୍ତ୍ୱେ ତଦନ୍ତରେ ଶିଥିଳତା ନେଇ କ୍ରାଇମବ୍ରାଞ୍ଚର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ୨ବର୍ଷ ବିତିଯିବା ମଧ୍ୟରେ ତତ୍କାଳୀନ ଜିଲାପାଳ ଏବଂ କେସିସିବି ବ୍ୟାଙ୍କ ସିଇଓ ବଦଳିଗଲେ। ତେବେ ଅଫିସର ବଦିଳବା ପରେ ତଦନ୍ତ ମଧ୍ୟ ବାଟବଣା ହୋଇଯାଇଛି। ଏବେ କେସିସିବି ନୂତନ ପରିଚାଳନା କମିଟି ରହିଛି। ଏହାସତ୍ତ୍ୱେ ଏହି ଆତ୍ମସାତ ଘଟଣାରେ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ପ୍ରକାଶ ଯେ, ଜଣେ ଅବସରପ୍ରାପ୍ତ କର୍ମଚାରୀ ଉକ୍ତ ବ୍ୟାଙ୍କରୁ ଅବସର ଗ୍ରହଣ କରିବାର ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କରେ ଜମାକାରୀଙ୍କ ସହ ଆର୍ଥିକ କାରବାର କରୁଥିଲେ। କିପରି ସମ୍ପୃକ୍ତ ଶାଖାରେ କାର୍ଯ୍ୟରତ କର୍ମଚାରୀ ଜାଣିପାରିଲେ ନାହିଁ। ସବୁଠି ଆର୍ଶ୍ଚଯ୍ୟର ବିଷୟ ହେଉଛି ଏ ସମ୍ପର୍କରେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଖବର ନଥିଲା, ନା ଜାଣିଶୁଣି ପରୋକ୍ଷରେ ଏହାକୁ ପ୍ରସୟ ଦିଆଯାଉଥିଲା, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କରୋନା ମହାମାରୀ ସମୟରେ କଷ୍ଟ ଉପାର୍ଜିତ ଧନକୁ ବ୍ୟାଙ୍କରେ ଜମାଦେଇ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିବା ଜମକାରୀ ଏବେ ଟଙ୍କା ଫେରିପାଇବା ନେଇ ହରଡଘଣାରେ ପଡିଛନ୍ତି। ତେବେ ଏଭଳି ଗୋଟିଏ ଘଟଣା ନୁହଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବିରୋଧରେ ଏକାଧିକ ଘଟଣା ଧୀରେ ଧୀରେ ସାମନାକୁ ଆସୁଛି। ଏ ନେଇ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁହନ୍ତି, ଏଠାରେ ଯୋଗଦାନ ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଛି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ବିଧାୟକ ଅଭିଯୋଗରେ ହୋଇନି କାର୍ଯ୍ୟାନୁଷ୍ଠାନ

ସେହିପରି ସେହି ବର୍ଷ କେସିସିବିରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଆର୍ଥିକ କାରବାର କରାଯାଇଛି। ଯୋଗ୍ୟତା ଭିତ୍ତିରେ ଏହି ନିଯୁକ୍ତି ଦିଆ ନଯାଇ ଏହାର ହେରଫେର କରାଯାଇଛି। ପରୀକ୍ଷା ଏବଂ ଚୟନ ସମୟରେ ଲକ୍ଷାଧିକ ଟଙ୍କାର କାରବାର କରାଯାଇଛି। ଖୋଦ୍ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଗତ ମାର୍ଚ୍ଚ ୨୭ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ବିଧାୟକ ମିତ୍ର ଆଣିଥିବା ଅଭିଯୋଗ ପ୍ରକାରେ ରାଜ୍ୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ବିଧାୟକଙ୍କ ଅଭିଯୋଗକୁ ୨ବର୍ଷ ବିତିଲାଣି ଅଥଚ ରାଜ୍ୟ ସମବାୟ ଶାସନ ସଚିବ ଅଥବା ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇ ନାହିଁ। ତଦନ୍ତରେ ଶିଥିଳତା ଯୋଗୁ ପ୍ରଶାସନର କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ଉପରେ ଉଠିଛି ପ୍ରଶ୍ନବାଚୀ।



ବେଗୁନିଆର ବାଘମାରୀରେ ହୋଇଥିବା ବୈଠକରେ ଯୋଗଦେଇଥିବା ଆମ୍ ଆଦ୍‌ମୀ ପାର୍ଟିର ନେତା ଓ କର୍ମୀ।

# ୨ଶହ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଦେବାକୁ ଏଏପିର ଦାବି

**ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତର ଏକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁଙ୍କ ଅଧ୍ୟତାରେ ବସିଥିବା ବୈଠକରେ ଜିଲା ସମ୍ପାଦକ ସୁନୀଲ ଷଡ଼ଙ୍ଗୀ, ବେଗୁନିଆ ନିର୍ବାଚନ ମଣ୍ଡଳୀର ଦଳୀୟ ମୁଖ୍ୟ କଳ୍ପତରୁ ପଣ୍ଡା, ପ୍ରମୋଦ ନନ୍ଦ, ପ୍ରଶାନ୍ତ ରଣସିଂହ, ସଂଗ୍ରାମ ବଳବନ୍ତରାୟଙ୍କ ସହ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଉପଭୋକ୍ତାମାନଙ୍କୁ ଦୁଇଶହ ୟୁନିଟ ଦେୟ ମୁକ୍ତ ବିଜୁଳି ଯୋଗାଇ ଦେବା ପାଇଁ ଏଏପି ଦଳ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସରକାର ଶୀଘ୍ର କାର୍ଯ୍ୟକାରୀ କରନ୍ତୁ। ନଚେତ ତୃଣମୂଳ ସ୍ତରରେ ଏହି ବାର୍ତ୍ତା ପହଞ୍ଚାଇବା ସହ ଗଣ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସିଦ୍ଧାନ୍ତ ହୋଇଛି। ଚଳିତ ବର୍ଷ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତାହା ବେଗୁନିଆ ବିଦ୍ୟୁତ୍ ସବ-ଡିଭିଜନ ଅଧିନ ଅଞ୍ଚଳରେ ଏବେ ନାନାପ୍ରକାର ବ୍ୟତିକ୍ରମ ଦେଖାଦେଇଛି। ଏପରିକି ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଲୋ ଭୋଲଟେଜ ସମସ୍ୟା ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ଲାଗିରହିଛି। ଏହା ସାଙ୍ଗକୁ ଦରବୃଦ୍ଧି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଦିନ ଧାର୍ଯ୍ୟ କରାଯାଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ କବିରାଜ ଗୋଛି ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍ଏଚ୍ ପାର୍ଶ୍ୱ ଦୋକାନରେ ଜମୁଛି ଭିଡ଼, ଦୁର୍ଘଟଣା ଆଶଙ୍କା

ଯାଆଁଳା,୨୩।୬(ବୁଲା ବାରିକ)

ସରକାର ଜନସାଧାରଣଙ୍କର ସୁରକ୍ଷାକୁ ଦୃଷ୍ଟି ଆଗରେ ରଖି ଜାତୀୟ ରାଜପଥ (ଏନ୍ଏଚ୍)ର ସମ୍ପ୍ରସାରଣ ଓ ତା'ର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସମସ୍ତେ ଯେପରି ନିଜ ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚିପାରିବେ ସେଥିପ୍ରତି ଧ୍ୟାନଦେଇ ରାସ୍ତାଘାଟର ସୁରକ୍ଷା କରୁଛନ୍ତି। କିନ୍ତୁ ଏହି ଜାତୀୟ ରାଜପଥ ଯେ କେତେ ସୁରକ୍ଷିତ ତାହା ଯାଆଁଳା ଦେଇଯାଇଥିବା ଏନ୍ଏଚ୍ ଦେଖିଲେ ଜଣାପଡ଼ିବ। ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଇଥିବା ଏନ୍ଏଚ୍୧୬ର ରେତଙ୍ଗ ରୋଡ୍‌ର ପୂର୍ବ ଛକ ପାର୍ଶ୍ୱରେ ଏକାଧିକ ଜଳଖିଆ ଦୋକାନ ଖୋଲାଯାଇଛି। ରାତି ପାହିଲେ ଦୋକାନଗୁଡ଼ିକରେ ଦିନତମାମ ପ୍ରବଳ ଭିଡ଼ ଜମୁଛି। ଫଳରେ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ମୋଟର ରଖି ଖାଦ୍ୟପାନ କରୁଛନ୍ତି। ଏଥିଯୋଗୁ ଅନ୍ୟ ଲୋକଙ୍କୁ ଯିବା ଆସିବାରେ ବ୍ୟାଘାତ ସୃଷ୍ଟି କରୁଛି। ଖୋର୍ଦ୍ଧା ଏନ୍ଏଚ୍ ଉପରେ ଦୋକାନ ଥିବାରୁ ଗହଳି ସବୁବେଳେ ରହୁଛି। ତେଣୁ ଦୁର୍ଘଟଣା ହେବାର ଆଶଙ୍କା ରହୁଛି। ଅଥଚ ନିକଟରେ ଦୁଇଟି ଇନଫୋଭାଲି ଓ ତମାଣ୍ଡୋ ଥାନାରେ ପିସିଆର୍ ଗାଡ଼ି ଏହି ରାସ୍ତା ଦେଇ ଯାଇଥିଲେ ମଧ୍ୟ କାହାର ନଜର ଏହା ଉପରେ ପଡୁନି। ଏନ୍ଏଚ୍ ହୋଇଥିବାରୁ ଦୁର୍ଘଟଣା ଆଶଙ୍କା ଅଧିକ ରହିଥିବାରୁ ଏଥିପ୍ରତି ପୋଲିସ ଦୋକାନୀଙ୍କୁ ତାଗିଦ୍ କରିବାକୁ ଦାବି ହେଉଛି।

# ପାରିକୁଦ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ

**କୃଷ୍ଣପ୍ରସାଦ, ୨୩।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)**



ଘୋଷଯାତ୍ରା ଅବସରରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରେ ଆସି ପହଞ୍ଚିବା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ଦୈନିକ ସକାଳ ଧୂପ, ଭୋଗଲାଗି, ସନ୍ଧ୍ୟା ଧୂପ ଆଦି ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିଛି। ପାରିକୁଦ ଗଡ଼ର ଚନ୍ଦନ ପଡ଼ିଆସ୍ଥିତ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବରିଷ୍ଠ ପୂଜକ ପ୍ରସନ୍ନ କୁମାର ପଣ୍ଡା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ବିଗ୍ରହମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିଥାନ୍ତି। ଭକ୍ତ ଓ ଭଗବାନଙ୍କର ଏକ ଅପୂର୍ବ ମିଳନ ପର୍ବ ଏହି ଅବସରରେ ଦେଖିବାକୁ ମିଳିଥାଏ। ପାରିକୁଦ ରାଜାଙ୍କ ନାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ସହ ବିଭିନ୍ନ କ୍ଷେତ୍ରରେ ସାମଞ୍ଜସ୍ୟ ରଖୁଥିବା ବହୁ ପୁରୁଖା ଲୋକ ମତ ଦେଇଛନ୍ତି। ଶ୍ରୀକ୍ଷେତ୍ରରେ ୧୨ମାସରେ ୧୩ପର୍ବ ଅନୁଷ୍ଠିତ ହେଉଥିବାବେଳେ ଅନୁରୂପ ଭାବେ ପାରିକୁଦ ଗଡ଼ର ଜଗନ୍ନାଥ ମନ୍ଦିରରେ ବିଗ୍ରହମାନଙ୍କର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥାଏ। ନବଦିନ ବ୍ୟାପି ବିଗ୍ରହମାନେ ଗୁଣ୍ଡିଚା ଘରେ ରହିବା ପରେ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ା ଯାତ୍ରାରେ ନ ମନ୍ଦିରକୁ ରଥରେ ପ୍ରତ୍ୟାବର୍ତ୍ତନ କରିବେ। ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାରିକୁଦ ଗଡ଼ରେ ଅନୁଷ୍ଠିତ ରଥଯାତ୍ରାରେ ୩ବିଗ୍ରହଙ୍କ ସହ ସୁଦର୍ଶନ ଗୋଟିଏ ରଥରେ ବିଜେ କରିଥାନ୍ତି। ଏହି ଘୋଷଯାତ୍ରା କୁ ଉପଭୋଗ କରିବା ପାଇଁ ଆଖପାଖ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ଅବସରରେ ବିଭିନ୍ନ ଦିନରେ ନାମ ସଂକୀର୍ତ୍ତନ, ପ୍ରବଚନ ଆଦି ମାଙ୍ଗଳିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଘୋଷ ଯାତ୍ରାରେ ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌନ୍ତୁ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ଉପସଭାପତି ମକଦ୍ଦମ ସିଂହ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, ବାଉରୀବନ୍ଧୁ ଦଳେଇ, ଦୁର୍ଯ୍ୟୋଧନ ନାୟକ, ପ୍ରଶାନ୍ତ ଜେନା, ନାଲୁ ପାହାଣ, ସୁଶାନ୍ତ ଭାରିମଲ, ଖୁନ୍ତୁନୁ ଦଣ୍ଡସେଣା ପ୍ରମୁଖ ସକ୍ରିୟ ସହଯୋଗ କରିଥାନ୍ତି। ଶନିବାର ହେରାପଞ୍ଚମୀ ଉତ୍ସବ ହେବ ବୋଲି ଜଣାପଡ଼ିଛି।

# ସାଉଦିରୁ ଘରକୁ ଫେରିଲେ ନିର୍ଯ୍ୟାତିତ ଶ୍ରମିକ




ଅଭିମନ୍ୟୁଙ୍କୁ ଆଣିବା ପରେ ଓଡ଼ିଶା ମୋ ପରିବାରକୁ ତାଙ୍କ ପରିବାର କୃତଜ୍ଞତା ଜଣାଉଛନ୍ତି।

**ବେଗୁନିଆ,୨୩।୬(ହରପ୍ରସନ୍ନ ପଣ୍ଡା)**

## ୬ ମାସ ତଳେ କାର୍ଯ୍ୟ କରିବାକୁ ଯାଇଥିଲେ

ଗ୍ରାମାଞ୍ଚଳର ଗରିବ ଓ ଖଟିଖିଆଙ୍କ ପାଇଁ ରାଜ୍ୟ ସରକାର ରୋଜଗାର ଯୋଜନାରେ ଅନେକ କାମଧନ୍ଦା ଯୋଗାଇ ଦେଉଛନ୍ତି। ହେଲେ ମେଶିନ ଦ୍ୱାରା କାର୍ଯ୍ୟ ଏବଂ ସଳ୍ପ ମଜୁରି ଯୋଗୁ ଯୋଜନାର ସୁଫଳ ନ ପାଇ ଅଧିକ ରୋଜଗାର ଆଶାରେ ଓଡ଼ିଶାରୁ ମୁହଁ ଫେରାଇ ଦାଦନ ମୁହାଁ ହେଉଛନ୍ତି ଲୋକେ। ପରେ ସେଠାରେ ନିର୍ଯ୍ୟାତିତ ହେଉଛନ୍ତି। ଏଭଳି ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ। ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡିପଦର ଗ୍ରାମର ଅଭିମନ୍ୟୁ ସାମନ୍ତରାୟ। କାମ ଅନ୍ୱେଷଣରେ ଗତ ୬ ମାସ ତଳେ ସାଉଦିକୁ ଯାଇ ଏକ ଘରୋଇ କାର୍ଯ୍ୟ କରୁଥିଲେ । କିଛିଦିନର ରହିବା ପରେ ସେଠାରେ ତାଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଭୋଗିବାକୁ ପଡିଥିଲା। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଫଳରେ ହେଲ୍ପ ଲାଇନ ଜରିଆରେ ଗତ ଜୁନ ୬ରେ ଓଡ଼ିଶା ମୋ ପରିବାର କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଭିଟାମାଟିକୁ ଫେରିବା ପାଇଁ ଅଭିମନ୍ୟୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଓ ପ୍ରତିନିଧି ଅରୁଣ କୁମାର ପ୍ରହରାଜ ଅଭିମନ୍ୟୁଙ୍କୁ ଫେରାଇ ଆଣିବାର ସମସ୍ତ ପ୍ରକାର ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ୧୫ ଦିନର ପ୍ରୟାସ ସଫଳ ହୋଇଥିଲା। ଅଭିମନ୍ୟୁ ନିଜ ଭିଟାମାଟିକୁ ଫେରିଛନ୍ତି। ଓଡ଼ିଶା ମୋ ପରିବାରର ଆବାହକ ପଟ୍ଟନାୟକଙ୍କ ଜରିଆରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଖଡିପଦରସ୍ଥିତ ବାସଭବନରେ ପହଞ୍ଚି ଅଭିମନ୍ୟୁ ଓ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ମୌସୁମୀ ବର୍ଷାରେ ଭିଜିଲା ବୋଲଗଡ଼: ଚାଷୀ ଉତ୍ସାହିତ

**ବୋଲଗଡ,୨୩।୬(ଦେବବ୍ରତ ହୋତା)**

ସାମାନ୍ୟ ବିଳମ୍ବ ହେଲେ ବି ଗୁରୁବାରଠାରୁ ମୌସୁମୀ ବର୍ଷାରେ ଭିଜୁଛି ସାରା ବୋଲଗଡ ଅଞ୍ଚଳ। ଚାଷୀ ମନରେ ଅଫୁରନ୍ତ ଆନନ୍ଦ ଫୁଟିଥିବା ବେଳେ ସାଧାରଣ ଜନତାଙ୍କୁ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। କୁଅ ପୋଖରୀର ପାଣି ଶୁଖିବା ଅବସ୍ଥାରୁ ବର୍ତ୍ତିଯାଇଛି। ତେବେ ଚାଷୀମାନେ ଅଖିମୁଠି ଅନୁକୂଳ କରି ବର୍ଷାକୁ ଅପେକ୍ଷା କରି ରହିଥାନ୍ତି ଓ ପ୍ରାକ ମୌସୁମୀ ବର୍ଷା ହେଲେ ଧାନବୁଣା ଆରମ୍ଭ କରନ୍ତି, ମାତ୍ର ଏ ପର୍ଯ୍ୟନ୍ତ ପ୍ରାକ ମୌସୁମୀ ବର୍ଷା ହୋଇ ନଥିବାରୁ ବିହନ ଅନୁକୂଳ ହୋଇ ନାହିଁ ସିନା ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଚାଷୀ ଭଲରେ ଭଲରେ ଚାଷକାମ କରି ଭଲ ଅମଳ ଆଶା ରଖିଛନ୍ତି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ଅଧିକାଂଶ ଅଞ୍ଚଳ ପରି ବୋଲଗଡ ଅଞ୍ଚଳର ଚାଷକାମ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ ମୌସୁମୀର ଆଗମନକୁ ବିଶେଷକରି କୃଷକମାନେ ଅପେକ୍ଷାକରି ରହିଥାନ୍ତି। ବୋଲଗଡ ବ୍ଲକ ଅଞ୍ଚଳର ସମୁଦାୟ ୧୫୮୦୫ହେକ୍ଟର ଜମିରୁ ୧୪୦୩୭ହେକ୍ଟର ଜମିରେ ଧାନଚାଷ ଓ ଅବଶିଷ୍ଟ ୧୭୬୮ହେକ୍ଟରରେ ଅନ୍ୟାନ୍ୟ ଚାଷବାସ ହୋଇଥାଏ ।ମାତ୍ର ଏହି ସମୁଦାୟ ଚାଷଜମିର ୩୩ ପ୍ରତିଶତ ଜମି ପ୍ରାୟ ୫୩୫୪ ହେକ୍ଟର ଜମି ଜଳସେଚିତ ହୋଇଥିବା ବେଳେ ୧୦୪୫୧ ହେକ୍ଟର ଅଣଜଳସେଚିତ ଜମି ୪ମାସର ବର୍ଷାଦିନ ଉପରେ ନିର୍ଭରଶୀଳ। ବାର୍ଷିକ ବୃଷ୍ଟିପାତର ୭୫ପ୍ରତିଶତ ମୌସୁମୀ ବାୟୁ ପ୍ରଭାବରେ ହୋଇଥାଏ। ତେବେ ମରୁଡିର ଚିରସହଚର ଏହି ଅଞ୍ଚଳର ଅଧିକାଂଶ ଚାଷୀମାନେ ଅନିୟମିତ ବର୍ଷା କାରଣରୁ ଧାନବୁଣା ପ୍ରତି ଆଗ୍ରହ ଛାଡି ତଳି ପକାଇ ରୁଆପୋତାରେ ମନୋନିବେଶ କରୁଛନ୍ତି।

# ଗ୍ରାହକଙ୍କୁ ବିବରଣୀ ଛପା ବଦଳରେ ଖାଲି ଖାତା ଦେଉଛି ବ୍ୟାଙ୍କ

**ନିରାକାରପୁର,୨୩।୬(ମାନସଚନ୍ଦ୍ର ପଟ୍ଟନାୟକ)**

ଇଂଲିଶ୍‌ରେ ଲେଖାପଢ଼ା ଜାଣି ନଥିବା ଗ୍ରାହକଙ୍କୁ ଏବେ କେତେକ ବ୍ୟାଙ୍କ ଗ୍ରାହକଙ୍କ ବ୍ୟକ୍ତିଗତ ବିବରଣୀ ଓ ଜମା ବିବରଣୀ ଛପା ହୋଇ ନଥିବା ଖାତାକୁ ଧରାଇ ଦେଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ବିଚରା ଗ୍ରାହକଟି ବ୍ୟାଙ୍କରୁ ମିଳିଥିବା କିଛି ଛପା ନଥିବା ଖାଲି ଖାତାଟିକୁ ଧରି କିଛି ସରକାରୀ କାର୍ଯ୍ୟରେ ଯାଇଥିବା ବେଳେ ଆବଶ୍ୟକ ପଡୁଥିବା ଖାତାଟି ଭରଣା ନକରି ପାରି ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ହତାଦାର ହେଉଛନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୁଆଗଡ଼ ପଞ୍ଚାୟତରେ ଦେଖିବାକୁ ମିଳିଛି। ଜନ୍ମେଶ୍ୱର ବେହେରା ଗୋଟିଏ ଘରୋଇ ବ୍ୟାଙ୍କରେ ନିଜ ବ୍ୟବହାର ପାଇଁ ଖାତା ଖୋଲିଥିଲା। ତାଙ୍କୁ ବ୍ୟାଙ୍କରୁ ଆକାଉଣ୍ଟ ଖାତା ମିଳିଥିଲେ ମଧ୍ୟ ସେଥିରେ ନାମ, ଆକାଉଣ୍ଟ ନମ୍ବର, ଆଇଏଫ୍ଏସ୍‌ସି କୋଡ ତଥା ସମ୍ପୃକ୍ତ ବ୍ୟାଙ୍କ ଶାଖାର ବିବରଣୀ ନଥିଲା। ସେ ବ୍ୟକ୍ତି ଜଣଙ୍କର ନିଜ ଇପି ଏଫ ଜମା ଉଠାଇବା ପାଇଁ ଯେତେବେଳେ ବ୍ୟାଙ୍କ ଖାତା ଆବଶ୍ୟକ ପଡିବାରୁ ସେ ଯେତେବେଳେ ବ୍ୟାଙ୍କ ଖାତା ନେଇକି ଦେଖାଇଲେ ସେ ବ୍ୟାଙ୍କ ଖାତାରେ କିଛି ଲେଖା ନଥି ଦେଖି ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଥିଲେ। ସେ ଏବେ ସେ ଖାଲି ଖାତାକୁ ଧରି ଏ ଶାଖାକୁ ସେ ଶାଖା ଦୌଡୁଥିବା ଦେଖିବାକୁ ମିଳିଛି। ବ୍ୟାଙ୍କିଙ୍ଗ ଗ୍ରାହକ ସେବା ଅଧିନିୟମ ଅନୁସାରେ ଏପରି କୌଣସି ବ୍ୟାଙ୍କ ତାହାର ଗ୍ରାହକମାନଙ୍କୁ ଖାଲି ଖାତା ଧରାଇ ହଇରାଣ କରିବାକୁ ନେଇ ବୃଦ୍ଧି ଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।





# ଆଉଟସୋର୍ସିଂ କର୍ମଚାରୀଙ୍କ ଚାକିରି ନିୟମିତ ପାଇଁ ଦାବି




ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

## ୧୦ଦଫା ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଓଡ଼ିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ଷାରେ ଭିଜି କର୍ମଚାରୀମାନେ ଦାବିପୂରଣ ନିମନ୍ତେ ସ୍ଲୋଗାନ ଦେଇଥିଲେ। ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ସମସ୍ତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ନିୟମିତ, ନିୟମିତ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସିଧାସଳଖ ଚାକିରି ଏବଂ ଦରମା, ଗୃପ -ବି ପାଇଁ ମାସିକ ୪୦ ହଜାର, ଗୃପ-ସି ପାଇଁ ମାସିକ ୩୦ ହଜାର, ଗୃପ-ଡି କର୍ମଚାରୀଙ୍କ ପାଇଁ ମାସିକ ୨୧ ହଜାର ପ୍ରଦାନ, ଗୃପ-ଡି କର୍ମଚାରୀଙ୍କୁ ପୂର୍ବ କାର୍ଯ୍ୟରେ ପୁନଃନିଯୁକ୍ତ, ବାର୍ଷିକ କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ୧୦ ପ୍ରତିଶତ ଦରମା ବୃଦ୍ଧି, ବରିଷ୍ଠତାକୁ ବିଚାରକୁ ନେଇ ଆର୍ଥିକ ଲାଭ, ଇଏସ୍ଆଇ/ଇପିଏଫ ସିଧାସଳଖ ଡିଡିଓ ଦ୍ୱାରା ପ୍ରଦାନ ଲାଗି ଦାବି କରିଛନ୍ତି। ୬ ବର୍ଷରୁ ଅଧିକ ସେବା ପ୍ରଦାନ କରିଥିବା କର୍ମଚାରୀ କେଣସି ଦୁର୍ଘଟଣା ଜନିତ ଅକ୍ଷମ ହେଲେ ସେମାନଙ୍କୁ ଆହତ ଅବସ୍ଥାରେ ୬ ଲକ୍ଷ ଓ ମୃତ୍ୟୁବରଣ କଲେ ୧୦ଲକ୍ଷ ଟଙ୍କା ସହାୟତା ସହ ମହିଳା କର୍ମଚାରୀଙ୍କୁ ଯୋଗଦାନ ଅବଧିରେ ୨ଥର ମାତୃତ୍ୱ ଛୁଟି ଲାଗି ଅନୁମତି ଦେବା ନେଇ ଦାବି କରିଛନ୍ତି।

## ସଂକ୍ଷେପରେ

### ଗୋରୁ ଗାଡ଼ି ଧକ୍କାରେ ଶିକ୍ଷକଙ୍କ ଜୀବନ ଗଲା

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମ ମୁଣ୍ଡ କୁଆଖାଇ ନଦୀବନ୍ଧରେ ଶୁକ୍ରବାର ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ପିକ୍‌ଅପ ଭ୍ୟାନଟି ନଦୀବନ୍ଧର ଅପରପାର୍ଶ୍ୱ କେନାଲକୁ ଓଲଟି ପଡ଼ିଛି। ପିକ୍‌ଅପ ଭ୍ୟାନରେ ବନ୍ଧା ହୋଇଥିବା ୪ ବାଛୁରୀକୁ ସ୍ଥାନୀୟ ଲୋକେ ଖୋଲି ଦେବାରୁ ସେମାନେ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଚାଳକଙ୍କ ସହ ଅନ୍ୟ ଜଣେ ଯୁବକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଫେରିବା ବାଟରେ ଆଉ ୨ଜଣଙ୍କୁ ଧରିଥିଲା। ପୋଲିସ ଘଟଣା ସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।
ପ୍ରକାଶ ଯେ, ବିହାରର ସୁଧୀର ସିଂ(୫୩) କଲ୍ୟାଣପୁର ଅଞ୍ଚଳରେ ଘର କରି ତାଙ୍କ ପରିବାର ସହ ରହୁଥିଲେ। ସେ ଭୁବନେଶ୍ୱର ଲୋୟଲା ସ୍କୁଲରେ ହିନ୍ଦୀ ଶିକ୍ଷକ ଥିବାବେଳେ ତାଙ୍କ ସ୍ତ୍ରୀ ରାକ୍ଷୀ ସିଂ ଜଣେ ଆୟୁର୍ବେଦିକ ଡାକ୍ତର ସହ ରାଜ୍ୟ ଗୋ ସୁରକ୍ଷା ସମିତିର ବରିଷ୍ଠ ସଦସ୍ୟା। ସବୁଦିନ ଭଳି ସୁଧୀର ବଡ଼ିଭୋରୁ ବାଇକ୍ (ଓଡ଼ି ୦୨ ଏଏକ୍ସ ୪୦୬୬) ଯୋଗେ ଫୁଲ ତୋଳିବାକୁ ଯାଇ କଲ୍ୟାଣପୁର ସ୍ୱପ୍ନିବନ ନିକଟ ନଦୀବନ୍ଧ ରାସ୍ତା କଡ଼ରେ ଗାଡ଼ି ରଖି ଛିଡ଼ା ହୋଇଥିଲେ। ସେହି ସମୟରେ ଗଣ୍ଡରପୁର ପଟୁ ଗୋରୁ ନେଇ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ ଭ୍ୟାନ(ଓଡ଼ି ୨୯ ଏଫ୍ ୬୯୩୯) ସୁଧୀରଙ୍କୁ ଧକ୍କା ଦେଇ କେନାଲକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଫଳରେ ସୁଧୀର ଓ ତାଙ୍କ ବାଇକ୍ ମଧ୍ୟ କେନାଲ ମଧ୍ୟକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ କିଛି ଯୁବକ ଏହାଦେଖି ଗାଡ଼ିରେ ବନ୍ଧା ହୋଇଥିବା ବାଛୁରୀକୁ ଖୋଲି ଦେଇଥିଲେ।

### ବିଦ୍ୟାଳୟରେ ଶିକ୍ଷା ଉପକରଣ ବଣ୍ଟନ

ଚୌଦ୍ୱାର,୨୩।୬(ଆଶୁତୋଷ ଦାସ): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ୍ ପକ୍ଷରୁ ଚୌଦ୍ୱାର ପୌରପାଳିକାର ବିଭିନ୍ନ ବିଦ୍ୟାଳୟକୁ ଶିକ୍ଷା ଉପକରଣ ଶୁକ୍ରବାର ପ୍ରଦାନ କରାଯାଇଛି। ଏହି ଅବସରରେ ଗାନ୍ଧିଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ୩୦ ହଳ ବେଞ୍ଚ-ଡେସ୍କ ଓ ଗୋଟିଏ କମ୍ପ୍ୟୁଟର, ଓଟିଏମ୍ ହାଇସ୍କୁଲକୁ ୨୦ ହଳ ବେଞ୍ଚ ଓ ଡେସ୍କ ପ୍ରଦାନ କରାଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏଥିରେ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କୁ ଉପକରଣଗୁଡ଼ିକ ପ୍ରଦାନ କରିଥିଲେ। ଇମ୍ଫାର ମାନବ ସମ୍ବଳ ସାଧାରଣ ପ୍ରଶାସକ ଜି. ସାରଦା ପ୍ରସାଦ ରାଓ, ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, କମିଟି ସଦସ୍ୟା ସ୍ୱପ୍ନା ନାୟକ, ଅମର କୁମାର ଚୌଧୁରୀ, ସୂର୍ଯ୍ୟ ନାରାୟଣ ଦାସ, ବାଣୀଭୂଷଣ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଇମ୍ଫାର ଲୋକସମ୍ପର୍କ ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ

# ନିଶ୍ଚିନ୍ତକୋଇଲି: ୮ ସ୍କୁଲରେ ତାଲା

## କମ୍ ଉପସ୍ଥାପନ ଦର୍ଶାଇ ବନ୍ଦ କରାଯାଇଛି

ନିଶ୍ଚିନ୍ତକୋଇଲି, ୨୩।୬
(ଅଶୋକ କୁମାର ମହାପାତ୍ର)

ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଏହାସତ୍ତ୍ୱେ ନିଶ୍ଚିନ୍ତକୋଇଲି ବ୍ଲକରେ ସରକାରୀ ବିଦ୍ୟାଳୟରେ ଦିନକୁ ଦିନ ତାଲା ଝୁଲିବାରେ ଲାଗିଛି। ଏହି ଶିକ୍ଷାମଣ୍ଡଳ ଅଧିନରେ ୮ଟି ସ୍କୁଲ ବନ୍ଦ ହୋଇଥିବା ବେଳେ ଆଉ ଅନେକ ସ୍କୁଲ ବନ୍ଦ ପାଇଁ ପକ୍ରିୟା ଚାଲିଛି। ଏପରି ଯଦି ଚାଲେ ତେବେ ସରକାରୀ ସ୍କୁଲଗୁଡିକ ଅସ୍ତିତ୍ୱ ହରାଇବ ବୋଲି ମତପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ୨୦୦ରୁ ଉର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ରହିଛି। ପ୍ରାୟ ୧୪ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସରକାରୀ ବିଦ୍ୟାଳୟରେ ଅଧ୍ୟୟନକରୁଥିବାବେଳେ ବିଦ୍ୟାଳୟର ଭିତ୍ତିଭୂମିର ବିକାଶପାଇଁ ରାଜ୍ୟ ସରକାର ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି। ୫-ଟି ରୂପାନ୍ତରୀକରଣ ଯୋଜନାରେ ଏହି ବ୍ଲକରେ ପ୍ରାୟ ୨୦ଟିରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ହୋଇସାରିଛି। ଆଉ ଏକାଧିକ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ପ୍ରକ୍ରିୟା ଚାଲିଛି। କେବଳ ଭିତ୍ତିଭୂମି ନୁହେଁ ସରକାରୀ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ପାଇଁ ପୃଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନ ମାଧ୍ୟମରେ ଯୋଗାଇ ଦିଆଯାଉଛି। ବିଦ୍ୟାଳୟର ପ୍ରବେଶ ଉତ୍ସବ ପୂର୍ବରୁ ପିଲାମାନଙ୍କୁ ମାଗଣା ପୋଷାକ ଜୋତାମୋଜା ସମେତ ବହୁ ପ୍ରୋତ୍ସାହନ ଦିଆଯାଉଛି। ପିଲାମାନଙ୍କ ପାଇଁ ମାଗଣା ପାଠ୍ୟ ପୁସ୍ତକ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଦାନ କରାଯାଉଥିବା ବେଳେ ଦୁର୍ବଳ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ମଧ୍ୟ ସରକାର ଯୋଗାଇ ଦେଉଛନ୍ତି। କେବଳ ପିଲାମାନଙ୍କ ପାଇଁ ନୁହେଁ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନଙ୍କୁ ବ୍ୟୟ ବହୁଳ ପ୍ରଶିକ୍ଷଣ ଓ ଶିକ୍ଷଣୀୟ ଟିପ୍ସ ମଧ୍ୟ ଯୋଗାଇ ଦିଆଯାଉଛି। ସରକାର ସବୁ ଯୋଗାଉଥିବାବେଳେ ସରକାରୀ ସ୍କୁଲ ପ୍ରତି ଅଭିଭାବକ ଓ ଛାତ୍ରୀ ଛାତ୍ର ବିମୁଖ ଘଟଣା ସାଧାରଣରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍କୁଲ ବନ୍ଦ କରିବା ପାଇଁ କିଛି ଠୋସ ସରକାରୀ ଆଦେଶନାମା ନ ଥିବା ବେଳେ ବିଦ୍ୟାଳୟଗୁଡିକ ଦିନକୁ ଦିନ ବନ୍ଦ ହୋଇଯିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ଏହି ଶିକ୍ଷା ମଣ୍ଡଳ ଅଧିନରେ ଥିବା ଗୋବିନ୍ଦପତି ପ୍ରାଥମିକ ବିଦ୍ୟାଳୟ, ସାନରାଉତପତି,ରିଶାଲୋ ପ୍ରାଥମିକ ବିଦ୍ୟାଳୟ, ତଳଦା ବିଦ୍ୟାଳୟ, ମାରଡା ପ୍ରାଥମିକ ବିଦ୍ୟାଳୟ, କଳମିଶ୍ରି, ଝାରପଡା ଓ ବାହାରବଙ୍କୁ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ କମ ଥିବା ଯୋଗୁ ବନ୍ଦ ହୋଇଯାଇଛି। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଇଚ୍ଛା ମୁତାବକ ସ୍ଥାନକୁ ବଦଳି କରାଯାଇଛି। ଏପରିକି ବିଦ୍ୟାଳୟ ବନ୍ଦ ପାଇଁ ଭିତିରିଆ ଏକ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହୋଇଛି। ନିକଟରେ ବଡଥାକନ ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟ କିଛି ବିଦ୍ୟାଳୟକୁ ବନ୍ଦ ପାଇଁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି। କିଛି ନିର୍ଦ୍ଧିଷ୍ଟ ବିଦ୍ୟାଳୟର ଶିକ୍ଷକମାନେ ବିଦ୍ୟାଳୟରେ ଅଧାପନା ପରିବର୍ତ୍ତେ ଅଫିସରେ କାମ କରୁଥିବା ଜଣାଯାଇଛି। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ବନ୍ଦ କରାଯାଇଛି। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆବଶ୍ୟକଥିବା ବିଦ୍ୟାଳୟକୁ ପଠାଯାଇଛି। କମ୍‌ଛାତ୍ରୀ ଛାତ୍ରଥିବା ବିଦ୍ୟାଳୟରେ ବାର୍ଷିକ କ୍ରୀଡା, ବାର୍ଷିକ ଉତ୍ସବ ଆଦି କାର୍ଯ୍ୟକ୍ରମ କରିବା ସମ୍ଭବପର ନୁହେଁ। ପିଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଦ୍ୟାଳୟ ପରିବେଶ ଓ ପ୍ରତିଯୋଗିତା ପାଇଁ ଅଧିକ ସଂଖ୍ୟକ ପିଲା ଆବଶ୍ୟକ । ତେଣୁ ବନ୍ଦ ହୋଇଥିବା ବିଦ୍ୟାଳୟର ପିଲାଙ୍କୁ ପାଖ ବିଦ୍ୟାଳୟରେ ଯୋଡି ଦିଆଯାଇଛି।

# ବାଲିଘାଟ ବନ୍ଦ ଦାବିରେ ଧାରଣା ଜାରି



ବଡ଼ଭୀମରାଜପୁର ଗ୍ରାମବାସୀ ଧାରଣାରେ ବସିଛନ୍ତି।

ସାଲେପୁର,୨୩।୬(ଅରବିନ୍ଦ ଭୂୟାଁ):

ବାଲିଘାଟ ବନ୍ଦ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଚାଲିଥିବା ଧାରଣା ଜାରି ରହିଛି। ଶୁକ୍ରବାର ଏହା ୫ମ ଦିନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ଆନ୍ଦୋଳନକାରୀଙ୍କ କୌଣସି ଦାବି ଗ୍ରହଣ କରିନାହିଁ। ଅପରପକ୍ଷରେ ଯେ ପର୍ଯ୍ୟନ୍ତ ପ୍ରଶାସନ ଦାବିଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ସାଲେପୁର ତହସିଲ ଅଧୀନ ବଡ଼ଭୀମରାଜପୁରସ୍ଥିତ ବିରୂପା ନଦୀରୁ ନିୟମିତ ଗ୍ରାମରାସ୍ତା ଦେଇ ଶହଶହ ସଂଖ୍ୟକ ଟ୍ରାକ୍ଟର, ହାଇୱାରେ ବାଲି ପରିବହନ ହେଉଛି। ଫଳରେ ଗ୍ରାମରାସ୍ତା ଶୋଚନୀୟ ହୋଇପଡୁଛି। ଏପରି କି ଏହି ରାସ୍ତାରେ କୁନିକୁନି ପିଲା ବିଦ୍ୟାଳୟକୁ ଯିବାକୁ ଭୟ କରୁଛନ୍ତି। ଗ୍ରାମର ମହିଳାମାନେ ନଦୀକୁ ଗାଧୋଇବାକୁ ଯାଉଥିବାବେଳେ ବାଲିଗୁଳାରେ ନିୟୋଜିତ କର୍ମଚାରୀମାନେ ମହିଳାଙ୍କୁ କମେଣ୍ଟ କରୁଛନ୍ତି। ସେହିପରି ଏଠାରେ ବାଲିଗୁଳା ହେଲେ ବନ୍ୟା ସମୟରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ୧୯ତାରିଖଠାରୁ ଗ୍ରାମବାସୀ ବାଲିଘାଟ ବନ୍ଦ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ସାଲେପୁର ତହସିଲଦାର ଶିବ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଧାରଣା ସମ୍ପର୍କରେ ଉପଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ସେ ଯାହା ପଦକ୍ଷେପ ନେବେ।

# ଆଡ଼ପ ମଣ୍ଡପରେ ମାନସିକଧାରୀଙ୍କ ପାଳି ଭୋଗ

ନିଶ୍ଚିନ୍ତକୋଇଲି,୨୩।୬
(ଅଶୋକ କୁମାର ମହାପାତ୍ର)


ଆଡପମଣ୍ଡପରେ ବଳଦେବ ଜୀଉ, ମା'ସୁଭଦ୍ରା ଓ ପ୍ରଭୁ ଶ୍ରୀ ଜଗନ୍ନାଥ।

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକ୍ଷେତ୍ର ପୀଠର ବଳଦେବ ଜୀଉ, ମା'ସୁଭଦ୍ରା ଓ ଭାଇ ଜଗନ୍ନାଥଙ୍କ ସହ ଆଡପମଣ୍ଡପରେ ବିଜେ କରିଛନ୍ତି। ଏଠାରେ ପାରମ୍ପରିକ ରୀତିନୀତି ଅନୁଯାଇ ନିତ୍ୟ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନଙ୍କୁ ମଣ୍ଡପରେ ଦର୍ଶନ ପାଇଁ ଦ୍ୱାର ଖୋଲାଯାଉଛି । ମଧ୍ୟାହ୍ନରେ ମାନସିକଧାରୀମାନେ ଅନ୍ନ ପ୍ରସାଦ ଲାଗି କରାଇବା ସହ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରୁଛନ୍ତି। ଶୁକ୍ରବାର ସ୍ଥାନୀୟ ସରପଞ୍ଚ ତିଲୋତମା ରାଉତ ଓ ଜ୍ଞାନରଞ୍ଜନ ରାଉତ ମାନସିକ ଭୋଗ ଓ ପ୍ରସାଦ ଲାଗି କରାଇଥିଲେ। ଶ୍ରଦ୍ଧାଳୁମାନଙ୍କୁ ମଧ୍ୟ ଦାଣ୍ଡରେ ଅନ୍ନପ୍ରସାଦ ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝାଙ୍କ ସମେତ ବହୁ ନେତୃମଣ୍ଡଳୀ ଓ ପ୍ରଶାସନିକ ଅଧିକାରୀ ଜିଗ୍ନିପୁର ଆଡପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାଣ୍ଡଭୋଗ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିହ ଧ୍ରୁବଚରଣ ପଣ୍ଡାଙ୍କ ନେତୃତ୍ୱରେ ପ୍ରୀତିରଞ୍ଜନ ପଣ୍ଡା, ହେମନ୍ତ ପଣ୍ଡା, ପ୍ରମୋଦ ପଣ୍ଡା, ଅନନ୍ଦ ପଣ୍ଡା,ପ୍ରଣୟ କିଶୋର ପଣ୍ଡା ଓ ଜଗତଜୀବନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ନୀତିକ୍ରାନ୍ତି ସମ୍ପନ୍ନ କରାଯାଉଛି। ଏହି ଦାଣ୍ଡ ଭୋଗ ଓ ଯାତ୍ରା ବାହୁଡା ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଟ୍ରଷ୍ଟି ସୂଚନା ଦେଇଛନ୍ତି। ସମାନ୍ତରାଳ ଭାବେ ଅସୁରେଶ୍ୱର ଦଧିବାମନ ଜୀଉ ମଧ୍ୟ ଆଡପ ମଣ୍ଡପରେ ବିଜେ କରିଛନ୍ତି। ସେଠାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି।

# ଶିକ୍ଷାବିତ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ମାହାଙ୍ଗା,୨୩।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଗ୍ରାମର ଶିକ୍ଷାବିତ୍, ଆଧାତ୍ମିକ ଚେତନାଧର୍ମୀ ତଥା ସାମାଜିକ କର୍ମୀ ମହେନ୍ଦ୍ର ସିଂହଙ୍କ ପ୍ରଥମ ସ୍ମୃତି ଉତ୍ସବ ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଲଳିତଗିରିରେ ଅନୁଷ୍ଠିତ ହୋଇଯାଇଛି । ମହେନ୍ଦ୍ର ସିଂହ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଳାଶୁଣି ମଠ ମହନ୍ତ ରାମାନନ୍ଦ ଦାସ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସ୍ତୁତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଅତିଥିଭାବେ ପ୍ରାଧାପକ ଯତିନ୍ଦ୍ର କୁମାର ରାଉତ, ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ଭାବଗ୍ରାହୀ ରାଉତ, ଖବରଦାତା ଭକ୍ତଚରଣ ସାହୁ, ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହ, ଶିକ୍ଷକ ନଗେନ୍ଦ୍ର ରାଉତ,ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ଓ ସମିତିସଭ୍ୟ ଧ୍ରୁବଚରଣ ସାମଲ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ମୋନାଲିଶା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଖବରଦାତା ଯଯାତି ସିଂହ,ମନିଶା ସିଂହ,ପ୍ରିୟରଞ୍ଜନ ନାୟକ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।

# କିଡ୍‌ନୀ ରୋଗ: ୨ୟ ଦିନରେ ୪୮୩ ରକ୍ତ ନମୁନା ସଂଗ୍ରହ


ସ୍ୱାସ୍ଥ୍ୟକର୍ମୀମାନେ ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

ବାଙ୍କୀ,୨୩।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ଗ୍ରାମରେ କିଡ୍‌ନୀ ରୋଗ ବ୍ୟାପୁଥିବା ଅଭିଯୋଗ ହେବା ପରେ ଚିହ୍ନଟ ନିମନ୍ତେ ୨ ଦିନ ହେବ ରକ୍ତ ନମୁନା ସଂଗ୍ରହ କରାଯାଉଛି। ଶୁକ୍ରବାର ୨ୟ ଦିନରେ ୪୮୩ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏନେଇ କନ୍ତପହଁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଇସିଏମ୍‌ଆର, ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର୍ ଓ ମଡେଲ୍ ରୁରାଲ୍ ହେଲ୍‌ଥ୍ ରିସର୍ଚ୍ଚ ୟୁନିଟ୍ ପକ୍ଷରୁ ମିଳିତ ଭାବରେ କନ୍ତପହଁରା ଗ୍ରାମରୁ ୪୮୩ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସେଗୁଡ଼ିକୁ ଆଇସିଏମ୍‌ଆର ଭୁବନେଶ୍ୱରକୁ ପରୀକ୍ଷା ନିମନ୍ତେ ପଠାଯାଇଛି। ସ୍ଥାନୀୟ ସରପଞ୍ଚ ଗତିକୃଷ୍ଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ନମୁନା ପରୀକ୍ଷା ସଂଗ୍ରହ କାର୍ଯ୍ୟ ଚାଲିଥିଲା। ଏଥିରେ ଆଇସିଏମ୍‌ଆର ଡାକ୍ତର ସୁବ୍ରତ ପାଲ୍, ଡାକ୍ତର ଜୟସିଂହ କ୍ଷେତ୍ରି, ଡାକ୍ତର ବିଜୟ କୁମାର ମିଶ୍ର, ଡାକ୍ତର ଶ୍ରୀକାନ୍ତ କାନୁନ୍‌ଗୋ, ଡାକ୍ତର ଅଂଶୁମାନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମରେଶ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଶା ଏବଂ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

# ମୋ ଘର ସଚେତନତା, କାର୍ଯ୍ୟାଦେଶ ବଣ୍ଟନ

ଟିଗିରିଆ,୨୩।୬(ଜାଫର ଖାଁ)


କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ।

ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ସମ୍ପର୍କିତ ସଚେତନତା, ବିଭିନ୍ନ ଉନ୍ନୟନ ଯୋଜନାରେ ୨୩ ପ୍ରକଳ୍ପ ପାଇଁ ୭୫ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଟିଗିରିଆ ବ୍ଲକ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟକୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ମୋ ଘର ଯୋଜନାର ସଫଳତା ପାଇଁ ଉପସ୍ଥିତ ୭ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ୩୮୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ବୈଠକ

ସାଲେପୁର,୨୩।୬ (ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ୍ ଜପକୁଦସ୍ଥିତ ମା'ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ନାଥ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସଭାରେ ସମ୍ପାଦକ ଲୋକନାଥ ବେହେରା ସଂଘର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ସାମଲ, ସଂଘର ସରକାରୀ ପଞ୍ଜୀକରଣ ଉପରେ ଆଲୋକପାତ କରିଥିଲେ। ସହସମ୍ପାଦକ ସୋମନାଥ ଚୌଧୁରୀ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ଶତପଥୀ ସଂଘର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ସଭ୍ୟ କୃଷ୍ଣଚନ୍ଦ୍ର ବେହେରା ସଂଘ କାର୍ଯ୍ୟପାଇଁ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାଧାରଣ ସଭାରେ ୯୫ଜଣ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଅବସର କର୍ମଚାରୀ ସଂଘର ସଦସ୍ୟ ଓ ଅନ୍ୟମାନେ।

# ପାଠରେ ଡୋରି ବାନ୍ଧି କର୍କଟ ସହ ଯୁଝୁଛନ୍ତି ଶିବାନନ୍ଦ

କଟକ,୨୩।୬ (କାର୍ତ୍ତିକ ସାହୁ)

## ମେଡିକାଲ ବେଡ୍‌ରେ ଆଦିବାସୀ ବାଳକ


ରୋଗ ଶଯ୍ୟାରେ ଶିବାନନ୍ଦ।

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ପିଜି ଗବେଷଣା ପ୍ରତିଷ୍ଠାନର ମେଡିକାଲ ବେଡ୍‌ରେ ୧୨ ବର୍ଷର ଆଦିବାସୀ ବାଳକ ଶିବାନନ୍ଦ କହଁର। ପାଠପଢ଼ାରେ ଡୋରି ବାନ୍ଧି ସେ ଏବେ ମେଡିକାଲରେ କର୍କଟ ରୋଗ ସହ ଯୁଝୁଛି। କନ୍ଧମାଳ ଜିଲାରୁ ମୂଲମଜୁରି ଛାଡ଼ି ମାଆବାପା ପୁଅକୁ ଭଲ କରିବା ପାଇଁ ଧାଇଁ ଆସିଛନ୍ତି କଟକ ସହରକୁ। ପୁଅର ଗୋଡ଼ରେ କର୍କଟ ରୋଗ ହୋଇଥିବା ଜାଣିବା ପରେ ଚିକିତ୍ସା ପାଇଁ ସେମାନେ ନିଜର ସଞ୍ଚିତ ସବୁ ଅର୍ଥ ଖର୍ଚ୍ଚ କରିସାରିଲେଣି। ଏହି ଦମ୍ପତି ହେଲେ କନ୍ଧମାଳ ଜିଲା ରାଇକିଆ ଥାନା ଅନ୍ତର୍ଗତ ପାଟଲିପାଙ୍ଗା ଗ୍ରାମର ପ୍ରେମାନନ୍ଦ କହଁର ଓ ସୁରମା କହଁର।

ସୂଚନା ଅନୁସାରେ, ପ୍ରେମାନନ୍ଦଙ୍କର ଦୁଇ ପୁଅ ମଧ୍ୟରୁ ବଡ଼ ପୁଅ ଶିବାନନ୍ଦ ଷଷ୍ଠଶ୍ରେଣୀରେ ପଢ଼େ। ୨୦୨୨ ନଭେମ୍ବରରେ ଶିବାନନ୍ଦ ଡାହାଣ ଗୋଡ଼ର ଆଣ୍ଠୁ ତଳକୁ ଯନ୍ତ୍ରଣା ହେଲା। ମାଆବାପା ପୁଅକୁ ନେଇ ବ୍ରହ୍ମପୁର ମେଡିକାଲ କଲେଜରେ ଦେଖାଇଲେ। ସେଠାରୁ କ୍ୟାପିଟାଲ୍ ହସ୍‌ପିଟାଲ ଓ ଏମ୍‌ସ୍‌ରେ ମଧ୍ୟ ଡାକ୍ତର ପରାମର୍ଶ କଲେ। ଡାକ୍ତର କହିଲେ, ପୁଅର ଗୋଡ଼ କଟା ହେଲେ ଭଲ ହୋଇଯିବ। ହେଲେ ସେଠାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ପୁଅକୁ ନେଇ ଦୁହେଁ କଟକ ଆସିଲେ। ସେମାନେ ଗତ ୬ ତାରିଖରେ ପୁଅକୁ ନେଇ ପ୍ରଥମେ କଟକସ୍ଥିତ କର୍କଟ ରୋଗ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ବିଭିନ୍ନ ପରୀକ୍ଷା କରାଯିବା ପରେ ଗତ ୨୦ ତାରିଖରେ ଶିଶୁୱାର୍ଡରେ ପୁଅକୁ ରଖି ଚିକିତ୍ସା କରାଯାଉଛି। ପୁଅର ଗୋଡ଼ ଏବେ ଅତ୍ୟଧିକ ଫୁଲିଯିବା ସହ ଯନ୍ତ୍ରଣା ବଢ଼ିଯାଇଛି। ଡାକ୍ତର କେମୋ ଚିକିତ୍ସା କରୁଥିବାବେଳେ କେତେଦିନ ମେଡିକାଲରେ ରହିବେ ଜଣାନାହିଁ। ସାମାଜିକ କର୍ମୀ ନବପ୍ରସାଦ ସାହୁ ପିଲାର ଚିକିତ୍ସା ପାଇଁ ମେଡିକାଲରେ ତାଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। କାମ କରିବାକୁ ଯାଉ ନ ଥିବାରୁ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ। କେମିତି ପୁଅକୁ ଭଲ କରି ଘରକୁ ଫେରିବେ ସେନେଇ ପ୍ରେମାନନ୍ଦ ଓ ସୁରମା ବହୁ ଚିନ୍ତିତ ଅଛନ୍ତି। କେହି ସହୃଦୟ ବ୍ୟକ୍ତି ବା ଅନୁଷ୍ଠାନ ପିଲାର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି।

### ୪୦ ଲିଟର ଦେଶୀ ମଦ ଜବତ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ):

ବେଆଇନ ଭାବେ ୪୦ ଲିଟର ଦେଶୀମଦ ବିକ୍ରି ଅଭିଯୋଗରେ ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୂର୍ଯ୍ୟ ଦିଗି। ଏନେଇ ପୋଲିସ ନଂ. ୨୦୯/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଭିତ୍ତିଭୂମି ନ ଥାଇ ଖୋଲୁଛି ବେସରକାରୀ କ୍ଲିନିକ୍

ସାଲେପୁର,୨୩।୬(ଅରବିନ୍ଦ ଭୂୟାଁ)

- ପାଥୋଲ୍ୟାବ୍‌ରେ କମ୍ ପାରିଶ୍ରମିକରେ ଅନଭିଜ୍ଞମାନଙ୍କୁ ନିଯୁକ୍ତି ଦିଆଯାଉଛି
- ଶୋଷଣର ଶିକାର ହେଉଛନ୍ତି ରୋଗୀ

ସାଲେପୁର ସହରରେ ଛତୁ ଫୁଟିଲା ଭଳି ବେସରକାରୀ କ୍ଲିନିକ୍ ଖୋଲିଚାଲିଥିଲାବେଳେ ଚିକିତ୍ସା ନାମରେ ଆବଶ୍ୟକତାରୁ ଅଧିକ ଅର୍ଥ ଆଦାୟ କରାଯାଇ ରୋଗୀମାନଙ୍କୁ ଶୋଷଣ କରାଯାଉଛି। ସାଲେପୁର ଅଞ୍ଚଳରେ ଏବେ କେତେଜଣ ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ହାତ କରି ବେସରକାରୀ କ୍ଲିନିକ୍ ଖୋଲୁଛନ୍ତି। ମାତ୍ର ସେଠାରେ ଆବଶ୍ୟକ ଭିତ୍ତିଭୂମି ନଥିବା ଜଣାପଡ଼ିଛି। ଅଧିକାଂଶ କ୍ଲିନିକ୍‌ରେ ରୋଗୀମାନଙ୍କ ଚିକିତ୍ସା କରାଯାଇ ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଆବଶ୍ୟକ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା କରା ନ ଯାଇ ଶେଷ ସମୟରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ସାଲେପୁର ବଜାର ସମେତ ବିଭିନ୍ନ ସ୍ଥାନରେ ଛତୁ ଫୁଟିଲାପରି ପାଥୋଲ୍ୟାବ୍ ଖୋଲିଚାଲିଛି। ସେଠାରେ ରକ୍ତ, ମଳ, ମୂତ୍ର ପରୀକ୍ଷା ନାମରେ ଲୋକମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଏସବୁ ଲ୍ୟାବ୍‌ରେ ରକ୍ତ ସଂଗ୍ରହ କରିବାପାଇଁ ନିୟୋଜିତ ହୋଇଥିବା ବ୍ୟକ୍ତିଙ୍କ ଆବଶ୍ୟକ ଅଭିଜ୍ଞତା ନ ଥାଇ ସେମାନଙ୍କୁ କମ୍ ପାରିଶ୍ରମିକ ଦେଇ ଏହି ସ୍ଥାନରେ ନିଯୁକ୍ତି ଦିଆଯାଉଛି। ଫଳରେ ରକ୍ତ ଦେବାକୁ ଯାଉଥିବା ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ମ୍‌ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପ୍ରଧାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।




୨୩।୬।୨୦୨୩

| | |
|---|---|
| ୧,୩୨,୭୫୬ ଟଙ୍କା | |
| ସୁନା | ୫୫୦ ମିଲିଗ୍ରାମ୍ |
| ରୁପା | ୧୦୭.୧୦୦ ଗ୍ରାମ୍ |

# ରତ୍ନଭଣ୍ଡାର ସଂକ୍ରାନ୍ତ ୪ ମାମଲାର ଶୁଣାଣି

**ପୁରୀ, ୨୩।୬(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ ନ କରି ସ୍ଥିତି ସମ୍ପର୍କରେ ସୂଚନା ଦେବାରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ତେଣୁ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ୪ଟି ମାମଲା ରୁଜୁ କରିଥିଲେ। ଶୁକ୍ରବାର ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁଙ୍କ ଦ୍ୱାରା ଉକ୍ତ ୪ଟି ମାମଲାର ଶୁଣାଣି ହୋଇଛି। ତେବେ ଶ୍ରୀମନ୍ଦିର ଜନସୂଚନା ଅଧିକାରୀ ପୂର୍ବଭଳି ଶୁଣାଣି ସମୟରେ ଅନୁପସ୍ଥିତ ରହିଥିଲେ। ତାଙ୍କ ବଦଳରେ ଜଣେ ଓକିଲ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିଲେ, ଯାହାକୁ ନେଇ ଆବେଦନକାରୀ ବରାଳ ଆପତ୍ତି ଉଠାଇଥିଲେ। ଶୁଣାଣି ସମୟରେ ଜନ ସୂଚନା ଅଧିକାରୀ ଉପସ୍ଥିତ ରହିବା ପାଇଁ ସେ ଦାବି କରିଥିଲେ। ସୂଚନା ଅଧିକାର ଆଇନ-୨୦୦୫ ଅନୁଯାୟୀ, ଜନସୂଚନା ଅଧିକାରୀଙ୍କ ବଦଳରେ ତାଙ୍କର ପ୍ରତିନିଧି ଭାବେ କେହି ଉପସ୍ଥିତ ରହିବା ଆଇନରେ ଉଲ୍ଲେଖ ନ ଥିବା ବରାଳ ଯୁକ୍ତି ବାଢିଥିଲେ। ଫଳରେ ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଯେଉଁସବୁ କାଗଜପତ୍ର ପ୍ରଦାନ କରାଯାଇଥିଲା, ତାହାକୁ ନେଇ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆଯାଇ ନ ଥିଲା। ଫଳରେ ବରାଳ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ଯେ, ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ତେଣୁ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ଏ ସଂକ୍ରାନ୍ତରେ ସେ ୪୨୪/୨୨ରେ ମାମଲା ରୁଜୁ କରିବା ସହ ରତ୍ନଭଣ୍ଡାରର ଅନ୍ୟ ପ୍ରସଙ୍ଗକୁ ନେଇ ୩ଟି ପୃଥକ ମାମଲା (ନଂ. ୭୦୨/୨୨, ୭୨୯/୨୨ ଏବଂ ୭୩୦/୨୨) ରୁଜୁ କରିଥିଲେ। ୨୦୧୮ ଏପ୍ରିଲ ୪ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକର ବିବରଣୀ ସୂଚନା ସମ୍ପର୍କରେ କେସ୍ ନଂ. ୭୦୨/୨୨ରେ ବରାଳ ମାଗିଥିଲେ। ଶୁକ୍ରବାର ୪୨୪/୨୨ ମାମଲାର ବିଚାର ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ ସତ୍ୟପାଠ ଦିଆଯାଇଥିଲା,ତାହା ମିଥ୍ୟା ବୋଲି ବରାଳ ଅଭିଯୋଗ କରିବା ସହ ଏହାର ତଦନ୍ତ କମିଶନଙ୍କ ପକ୍ଷରୁ କରାଯାଉ ବୋଲି ଦାବି କହିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ୨୦୨୧ ଡିସେମ୍ବର ୨୩ରେ ତାଙ୍କ ଆଦେଶରେ ଉଲ୍ଲେଖ କରିଥିଲେ ଯେ, ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହୋଇନାହିଁ। ତେଣୁ ଏହାକୁ ଦିଆଗଲେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହେବ। ତେଣୁ ଦେଇହେବ ନାହିଁ। କିନ୍ତୁ ବାସ୍ତବରେ ତଦନ୍ତ ସରି କମିଶନ ୨୦୧୮ ନଭେମ୍ବର ୨୯ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ, ଯାହା ରାଜ୍ୟ ଗୃହ ବିଭାଗ ଅଧୀନରେ ରହିଛି। ସେହିପରି କମିଶନଙ୍କ ଆଗରେ ଜନସୂଚନା ଅଧିକାରୀ କହିଛନ୍ତି ଯେ, ରିପୋର୍ଟ ନାହିଁ। ମାତ୍ର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ କହିଥିଲେ ତଥ୍ୟ ଅଛି, କିନ୍ତୁ ଦେଇହେବନାହିଁ, ଯାହା ଦୁଇଜଣଙ୍କ ତଥ୍ୟରେ ତାଳମେଳ ରହୁନି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ବରାଳ କମିଶନଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଜୁଲାଇ ୫ରେ ଅନ୍ୟ ୩ଟି ମାମଲାର ଶୁଣାଣି ହେବ ବୋଲି ସ୍ଥିର କରାଯାଇଛି।

**ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି**

- ଅଧିକାରୀଙ୍କ ଅନୁପସ୍ଥିତି ନେଇ ଆପତ୍ତି ଉଠାଇଲେ ଆବେଦନକାରୀ
- ଶ୍ରୀମନ୍ଦିର ପ୍ରଶାସନ ତଥ୍ୟରେ ତାଳମେଳ ନ ଥିବା ଦର୍ଶାଇଲେ




ଚଳିତ ବର୍ଷର ପବିତ୍ର ରଥଯାତ୍ରା ଅବସରରେ କାନାରା ବ୍ୟାଙ୍କ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ୍ ଗ୍ରାଣ୍ଡ ରୋଡ୍ ପୁରୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଭକ୍ତମାନଙ୍କୁ ପାଣି ବୋତଲ ଏବଂ ବିସ୍କୁଟ ବଣ୍ଟନ କରିଛନ୍ତି।

## ସଂକ୍ଷେପରେ

### ଆଜି ହେରା ପଞ୍ଚମୀ ନୀତି

ପୁରୀ, ୨୩।୬(ଅଜିତ୍ ମହାନ୍ତି): ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି। ତେବେ ଘୋଷାଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରା ପଞ୍ଚମୀ। ଶନିବାର ରାତିରେ ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ ହେବ। ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମା' ମହାଲକ୍ଷ୍ମୀ ବା ଶ୍ରୀଦେବୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହର ପରେ ମହାପ୍ରଭୁଙ୍କ ଶଇଁଠାଳ ଫିଟି ନଥିବା ବେଳେ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ହେଲେ । ପରେ ଅଣସର ଘରେ ଚିକିତ୍ସିତ ହୋଇ ବଡଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଜନ୍ମବେଦିରେ ଅବସ୍ଥାନ କରିଛନ୍ତି। ଫଳରେ ମା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହିନପାରି ଶ୍ରୀମନ୍ଦିକୁ ମହାପ୍ରଭୁଙ୍କୁ ଫେରାଇ ଆଣିବାପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ମାତ୍ର ମହାପ୍ରଭୁ ଠାକୁରାଣୀଙ୍କୁ ଦର୍ଶନ ଦେବେ କିନ୍ତୁ ମାଙ୍କ ସହ ଶ୍ରୀମନ୍ଦିରକୁ ଫେରିବେ ନାହିଁ । ଫଳରେ ଅଭିମାନିନୀ ମା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରୋଷକରି ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ଲୁଚି ହେରାଗୌହରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିବେ।

### ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ, ୨୩।୬( ଅଜିତ୍ ମହାନ୍ତି) ଆଷାଢ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଦତ୍ତମହାପାତ୍ର ସେବକମାନେ ଏହି ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ଶୁକ୍ରବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡପଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା । ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ରାତି ପ୍ରାୟ ୧୧ଟା ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ।

# ୩୨ତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବ




ଶରଧାବାଲିରେ ଅନୁଷ୍ଠିତ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି ।

**ପୁରୀ,୨୩।୬(ଅଜିତ୍ ମହାନ୍ତି):**

ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଶରଧାବାଲିଠାରେ ୩୨ତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଛି। ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜଙ୍ଗଲ, ପରିବେଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଗୌରହରି ପ୍ରଧାନ, ମହୋତ୍ସବ କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟ ପରେ ପୁରୀର ନବ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଶ୍ରୀଗଣେଶ ନୃତ୍ୟ, ଓଡ଼ିଶୀ ନୃତ୍ୟ ଏବଂ ନୃତ୍ୟ ନାଟିକା ମାଣିକ ଗୌଡୁଣୀ ପରିବେଷଣ ହୋଇଥିଲା। ପରେ ଟିଟିଲାଗଡ଼ କ୍ଲାସିକ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଡାଲଖାଇ ନୃତ୍ୟ, କୋଶଲ ଚଟ୍‌ନି, ପୁରୀର ପାରମ୍ପରିକ ଲୋକ

**ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

ଖୋଲଫୁଲ ମେଢ ନୃତ୍ୟ ସମାରୋହ, ଉପେନ୍ଦ୍ର ଭଞ୍ଜ ଲୋକନୃତ୍ୟ ପରିଷଦ ପକ୍ଷରୁ ପର୍ଶୁରାମ ମୁଖା ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟର କେତେଜଣ ସୁନାମଧନ୍ୟ କଳାକାର ଓ ବ୍ୟଙ୍ଗକାର ଅଭିନୟ ପ୍ରଦର୍ଶନ କରିଥିଲେ। ରାଜସ୍ଥାନ ବଞ୍ଜାରା ପକ୍ଷରୁ ରଥ ପଥ ଜଗନ୍ନାଥ ନୃତ୍ୟ ପ୍ରଦର୍ଶନ, ମହାରାଷ୍ଟ୍ର ଲାଭଣୀ ନୃତ୍ୟ, ଦୁର୍ଗା ବନ୍ଦନା, ଖୋର୍ଦ୍ଧା ପାଇକ ଆଖଡ଼ା, ଭବାନୀପାଟଣାର ସୁର ସଙ୍ଗୀତ ଗ୍ରୁପ୍ ପକ୍ଷରୁ ପଶ୍ଚିମ ଓଡ଼ିଶା ଲୋକଗୀତ ଓ ଲୋକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ କୋଲକତାର ସାକ୍ସୋଫୋନିଷ୍ଟ ଅନୁଷ୍କା ରାଏ ସାକ୍ସୋଫୋନିଷ୍ଟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଲୋକନୃତ୍ୟ ମହୋତ୍ସବରେ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।

### ରାଷ୍ଟ୍ରୀୟ ସଂଗୋଷ୍ଠୀ, ବହୁଭାଷୀ କାବ୍ୟ ପାଠ ଉତ୍ସବ

**ପୁରୀ, ୨୩।୬(ଅଜିତ୍ ମହାନ୍ତି):**

ବିଶ୍ୱମୁକ୍ତ ତରଫରୁ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଶୁକ୍ରବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱମୁକ୍ତିର ସ୍ଥାୟୀ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ପାଟଶାଣୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ମାନସିଂ, ସମ୍ମାନିତ ଅତିଥି ରୂପେ ସମାଜସେବୀ ଶୁଭାଶିଷ ଖୁଣ୍ଟିଆ, ନାରାୟଣ ଖୁଣ୍ଟିଆ ଏବଂ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇଥିଲେ । ପ୍ରଥମ ସତ୍ରରେ 'ଭାରତର ପ୍ରଗତିରେ ଟେକ୍‌ନିକ ଗତିବିଧି' ବିଷୟ ଉପରେ ଚର୍ଚ୍ଚା ହୋଇଥିଲା। ଏଥିରେ ଡ. ଅଜିତ ପ୍ରସାଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଡ. ବସନ୍ତ କୁମାର ପଣ୍ଡା ଏବଂ ଆଶିଷ କୌଶଳ, ହରିରାମ ପଂସାରି ଏବଂ ରାକେଶ ସୈନ୍ ଉପସ୍ଥିତ ଥିଲେ। ଚନ୍ଦ୍ରକାନ୍ତା ଚୁଡାମଣି ଉକ୍ତ ବିଷୟକୁ ସଂକ୍ଷେପରେ ପ୍ରସ୍ତୁତ କରିଥିଲେ। ସେହିପରି ଦ୍ୱିତୀୟ ସତ୍ରରେ 'ଭାଷା ଟେକ୍‌ନିକ ଅନୁବାଦ' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଡ. ଅଜୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ନାଲ୍‌କୋ ନିର୍ଦ୍ଦେଶକ ସଦାଶିବ ସାମନ୍ତରାୟ, ଅଧ୍ୟାପିକା ଡ. ମୃଦୁଳା ମିଶ୍ର ଯୋଗ ଦେଇ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବହୁଭାଷୀ କାବ୍ୟପାଠରେ କବି ଅଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶଙ୍କର ପରିଡ଼ା ଓ ପ୍ରଫେସର ଭଗବାନ ଜୟସିଂ ଯୋଗଦାନ କରିଥିଲେ। ସମାରୋହକୁ ଦେବାଶିଷ ମହାପାତ୍ର ଓ ଝୁନୁବାଳା ପରିଚାଳନା କରିଥିଲେ। ବିଶ୍ୱମୁକ୍ତିର ସମ୍ପାଦକ ଶଶାଙ୍କ ଚୂଡ଼ାମଣି ଅତିଥି ଓ ପ୍ରତିଭାଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶିକା ସବିତା ଦାସ ଧନ୍ୟବାଦ ଦେଇଥିଲେ।

# ଆଡ଼ପ ଦର୍ଶନ ସହ ଅବଢ଼ା ପାଇ କୃତାର୍ଥ ହେଲେ ଶ୍ରଦ୍ଧାଳୁ

**ପୁରୀ, ୨୩।୬(ଅଜିତ୍ ମହାନ୍ତି):**



ମାନବୀୟ ଲୀଳା କ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଏବେ ଜନ୍ମବେଦି ଆଡ଼ପମଣ୍ଡପ ତଥା ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରା ନିମନ୍ତେ ତାଙ୍କର ଜନ୍ମବେଦିକୁ ଯାତ୍ରା କରିଥିଲେ। ରଥରେ ଶ୍ରୀବିଗ୍ରହମାନେ ତିନିଦିନ ଅବସ୍ଥାନ କରିବା ପରେ ଗୁରୁବାର ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ଶୁକ୍ରବାର ଆଡ଼ପମଣ୍ଡପରେ ମହାବାହୁଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ।

**ଦର୍ଶନ ସହ ଆଡ଼ପ ଅବଢ଼ା ପାଇ ଆନନ୍ଦିତ**

♦ମହାପ୍ରଭୁଙ୍କ ଦର୍ଶନ କରି ଓ ଆଡ଼ପ ଅବଢ଼ା ପାଇ ଅତି ଆନନ୍ଦ ଲାଗୁଛି। ପ୍ରଥମ ଦିନ ବହୁତ ଗହଳି ହୋଇଥିଲା, ତଥାପି ଭଲରେ ଦର୍ଶନ ହେଲା। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଭଲ ରହିଛି। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦ ନ ମିଳିଲେ ଦର୍ଶନ ସମ୍ଭବ ହୁଏ ନାହିଁ। କିଛି ଦିନ ପୂର୍ବେ ଏତେ ଖରା ହେଉଥିଲା ଯେ, ପୁରୀ ଆସିପାରିବି କି ନାହିଁ ସନ୍ଦେହ ଥିଲା। ତେବେ ଗତ ଦୁଇଦିନ ହେଲା ପାଗରେ ପରିବର୍ତ୍ତନ ହୋଇଛି। ଫଳରେ ପୁରୀ ଆସି ଦାରୁଦିଅଁଙ୍କ ଦର୍ଶନ ପାଇପାରିଲି।

**-ରଘୁନାଥ ବଳବନ୍ତରାୟ, ମୋଟରୀ**

**ମହାବାହୁଙ୍କୁ ମନସ୍କାମନା ଜଣାଇଲି**

♦ଅନେକ ସମୟରେ ପୁରୀ ଆସି ସମୁଦ୍ର ବୁଲିବା ସହ ମହାପ୍ରଭୁଙ୍କୁ ଦର୍ଶନ କରିଥାଏ। ତେବେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସୌଭାଗ୍ୟର କଥା। ତେଣୁ ଆସିଥିଲି। ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଭିତରେ ଯାଇ ମହାବାହୁଙ୍କୁ ଦର୍ଶନ କରି ନିଜ ମନସ୍କାମନା ଜଣାଇଲି। ଆଡ଼ପ ଅବଢ଼ା ମଧ ପାଇଲି। ତେଣୁ ମନ ପ୍ରଫୁଲ୍ଲ ଅଛି। – ଅଙ୍କ ପ୍ରଧାନ, କଟକ

**ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଛି**

♦ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଛି। ଭକ୍ତମାନେ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ଭକ୍ତମାନେ ଯେପରି ସୁବିଧାରେ ତଥା ଉଚିତ ମୂଲ୍ୟରେ ମହାପ୍ରସାଦ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା ହୋଇଛି।

**– ସମର୍ଥ ବର୍ମା, ଜିଲାପାଳ**

**ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ମୁତୟନ ରହିଛନ୍ତି**

♦ବହୁ ସଂଖ୍ୟାରେ ଭକ୍ତମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଛି। ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ଅଫିସର ଏବଂ ଯବାନ ନିୟୋଜିତ ରହିଛନ୍ତି। ବରିଷ୍ଠ ନାଗରିକଙ୍କ ଦର୍ଶନ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ସେବାୟତମାନଙ୍କ ସହ ଯୋଗାଯୋଗ ରହିଛି। ମହାପ୍ରଭୁଙ୍କ କୃପାରୁ ସମସ୍ତେ ଭଲରେ ଦର୍ଶନ କରିବେ। ଶନିବାର ଏବଂ ରବିବାର ଅଧିକ ଭକ୍ତ ପୁରୀକୁ ଆସିଥାନ୍ତି। ତେଣୁ ଏହି ଦୁଇ ଦିନ ଅଧିକ ଫୋର୍ସ ମୁତୟନ କରାଯିବ।

**– କନୱର ବିଶାଳ ସିଂ, ଏସ୍‌ପି**



ଶରଧାବାଲିରେ ସାଧୁମାନେ ବିଶ୍ରାମ ନେଉଛନ୍ତି ।

# ପିଲା, ବରିଷ୍ଠଙ୍କ ପାଇଁ ଘାତକ ଡିଜେ ସାଉଣ୍ଡ

**ସାକ୍ଷୀଗୋପାଳ, ୨୩।୬(ଭରତ ରାଉତ)**

ସଙ୍ଗୀତ ଦ୍ୱାରା ମନ ପ୍ରଫୁଲ୍ଲିତ ହୋଇଥାଏ। ମାତ୍ର ଉଚ୍ଚଶକ୍ତିସମ୍ପନ୍ନ ସଙ୍ଗୀତ ବେଳେବେଳେ ବ୍ୟକ୍ତିର ସ୍ୱାସ୍ଥ୍ୟ ପ୍ରତି ଘାତକ ହୋଇପାରେ। ବର୍ତ୍ତମାନ ବିବାହ ଋତୁ ହୋଇଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ଡିଜେର ଉକ୍ରଟ ଶବ୍ଦରେ ସମଗ୍ର ସତ୍ୟବାଦୀ ଅଞ୍ଚଳ କମ୍ପୁଛି। ବିଭିନ୍ନ ବରଯାତ୍ରୀ ଦଳରେ ବାଜା, ରୋଶଣି, ବାଣ ସହିତ ଉଚ୍ଚଶକ୍ତିସମ୍ପନ୍ନ ଡିଜେକୁ ଦେଖିବାକୁ ମିଳିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଶିଶୁ, ବୟସ ବ୍ୟକ୍ତି, ହୃଦ୍‌ରୋଗୀଙ୍କୁ ଅସହ୍ୟବୋଧ ହେଉଛି। ଏହି ଡିଜେ ସାଉଣ୍ଡରେ ଉଚ୍ଚ ଧ୍ୱନି ସୃଷ୍ଟି ହେବାରୁ ଅଞ୍ଚଳବାସୀ ଏଥିରେ ପ୍ରଭାବିତ ହେଉଛନ୍ତି। ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଗତ କିଛିବର୍ଷ ତଳେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କଟକଣାକୁ କଡ଼ାକଡ଼ି କରିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତୀତରେ ମଧ୍ୟ କିଛି ଡିଜେ ଉଚ୍ଚ ଧ୍ୱନିରେ ବଜାଯାଉଥିବାବେଳେ ସେହି ଗାଡ଼ି, ବାଦ୍ୟଯନ୍ତ୍ରକୁ ଅଧିକାଂଶ ସ୍ଥାନରେ ଜବତ କରାଯାଇଥିବା ନଜିର ମଧ ରହିଛି। କିଛିଦିନ ପର୍ଯ୍ୟନ୍ତ ଏହି କଟକଣା କାର୍ଯ୍ୟକାରୀ ହୋଇଥିଲେ ମଧ ବର୍ତ୍ତମାନ ଏହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଏନେଇ ସତ୍ୟବାଦୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କେତନ ବେହେରାଙ୍କୁ ପଚାରିବାରେ, ଜିଲା ପ୍ରଶାସନର ନିର୍ଦ୍ଦେଶରେ ସେମାନଙ୍କୁ ବଜାଇବା ପାଇଁ ଅନୁମତି ଦିଆଯାଉଛି। କିନ୍ତୁ ଏହି ଡିଜେକୁ ଏତେ ଉଚ୍ଚ ଧ୍ୱନିରେ ବଜାଉଛନ୍ତି ଯେ, ତା'ର ଉକ୍ରଟ ଶବ୍ଦରେ ବ୍ୟକ୍ତିଙ୍କୁ କାନରେ ହାତ ଦେଇ ସେହି ରାସ୍ତାରେ ଅତିକ୍ରମ କରିବାକୁ ପଡୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ଏହାର ବିକଳ୍ପ ପନ୍ଥା ବାହାର କରି କମ୍ ଶକ୍ତିସମ୍ପନ୍ନ ସାଉଣ୍ଡ ବ୍ୟବହାର କରିବା ଲାଗି ସ୍ଥାନୀୟ ପ୍ରଶାସନ ଉଦ୍ୟମ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।




# ଭକ୍ତଙ୍କ ମତ ଅଶୁଭ, ସେବାୟତ କହିଲେ ମହାପ୍ରଭୁଙ୍କ ଲୀଳା

**ପୁରୀ, ୨୩।୬(ଅଜିତ୍ ମହାନ୍ତି):**

ଶ୍ରୀବିଗ୍ରହମାନେ ଗୁରୁବାର ରଥ ଛାଡ଼ି ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ପ୍ରଥମେ ରାମକୃଷ୍ଣ, ଶ୍ରୀମଦନମୋହନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପରେ ଚକ୍ରରାଜ ସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ତେବେ ପହଣ୍ଡି ସମୟରେ ଚାରମାଳ ଉପରେ ମହାପ୍ରଭୁ ଡାହାଣ ପଟକୁ ଢଳି ଯାଇଥିଲେ। ଫଳରେ ତାଙ୍କ ମଥାରୁ ଚିତା ଖସିଯାଇଥିଲା। ଏ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଭକ୍ତ ଏହା ଅଶୁଭ ସଙ୍କେତ ବୋଲି ବିବେଚନା କରୁଥିବାବେଳେ ସେବାୟତମାନେ ଏହାକୁ ମହାପ୍ରଭୁଙ୍କ ଲୀଳା ବୋଲି କହିଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ବାହୁଟକଣ୍ଠ ଓ ସେନାପଟା ଲଗାଯାଇଥାଏ। ପହଣ୍ଡିବେଳେ ସେବାୟତମାନେ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମହାପ୍ରଭୁଙ୍କୁ ଚତୁଃପାର୍ଶ୍ୱରୁ ଧରିଥାନ୍ତି। ଅନେକ ସମୟରେ ବିଭିନ୍ନ ପଟକୁ ମହାପ୍ରଭୁ ଝୁଙ୍କି ହୋଇଯିବାର ଆଶଙ୍କା ଥାଏ, ଯାହା କୌଣସି ଅଶୁଭ ସୂଚନା ନୁହେଁ ବୋଲି କେତେଜଣ ସେବାୟତ ମତ ଦେଇଛନ୍ତି।

ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡି ସମୟରେ ମହାପ୍ରଭୁ ଚାରାମାଳକୁ ଚଢ଼ିବା ଏବଂ ଓହ୍ଲାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥାଏ। ତେବେ ମହାପ୍ରଭୁଙ୍କ ସୁରକ୍ଷା ପାଇଁ ତାଙ୍କ ଚାରିପାଖରେ ଦଇତାପତିମାନେ ଭୁଜ ଏବଂ ଅଣ୍ଟା ଆଦି ସ୍ଥାନରେ ରହିଥାନ୍ତି। ସେମାନେ ତଳେ ପଛେ ରହିଯିବେ ମାତ୍ର ମହାପ୍ରଭୁଙ୍କୁ କେବେ ଛାଡ଼ନ୍ତି ନାହିଁ। ଅନେକ ସମୟରେ ପହଣ୍ଡି ବେଳେ ଅଧିକ ସେବକ ରହିଯାନ୍ତି, ଫଳରେ ସମସ୍ୟା ଦେଖାଯାଇଥାଏ। ତେବେ ଗୁରୁବାର ବର୍ଷା ହେଉଥିବାରୁ ଚାରାମାଳ ଓଦା ରହିଥିଲା। ଫଳରେ ପହଣ୍ଡି ସମୟରେ ମହାପ୍ରଭୁ ତଳକୁ ଖସି ଆସିଥିଲେ ଅର୍ଥାତ୍ ଗୋଟିଏ ପଟକୁ ସାମାନ୍ୟ ଢଳିଯାଇଥିଲେ। ପହଣ୍ଡି ସମୟରେ ଏପରି ଘଟଣା ଘଟିଥାଏ। ତେବେ ମହାପ୍ରଭୁ ଖସିପଡ଼ିବା କଥା ଯାହା କୁହାଯାଉଛି, ତାହା ମିଥ୍ୟା। ସ୍ନାନପୂର୍ଣ୍ଣିମା ପରେ ବିଧି ଅନୁଯାୟୀ, ମହାପ୍ରଭୁଙ୍କ ମସ୍ତକରୁ ରତ୍ନଚିତା ଓଲାଗି ହୋଇଥାଏ। ରଥଯାତ୍ରା ସମୟରେ ସୋଲଚିତା ଲଗାଯାଇଥାଏ। ଉକ୍ତ ଚିତା ବଡ଼କନା ଦେହରେ ବନ୍ଧା ହୋଇଥାଏ। ବେଳେ ବେଳେ ପହଣ୍ଡି ସମୟରେ ଏହା ଢିଲା ହୋଇଯାଇଥାଏ। ତେଣୁ ଚିତାର ସୁରକ୍ଷା ପାଇଁ ପହଣ୍ଡି ସମୟରେ କଢାଯାଇଥାଏ। ସୋଲ ଚିତା କାଳେ ଖସିପଡ଼ିବ ତେଣୁ ତାକୁ ନେଇ ସୁରକ୍ଷିତ ଭାବେ ରଖିଦିଆଯାଇଥିଲା। କାରଣ ପୂର୍ବରୁ ଥରେ ଏପରି ଚିତା ହଜିଯାଇଥିଲା ବୋଲି ଦାସମହାପାତ୍ର ମତବ୍ୟକ୍ତ କରିଛନ୍ତି। ସେହିପରି ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡିରେ କୌଣସି ସମସ୍ୟା ହୋଇନାହିଁ। ତେବେ ଲୋକେ ରାସ୍ତାରେ ଚାଲିବା ବେଳେ ସାଧାରଣତଃ ଦୋହଲିଥାନ୍ତି, ସେହିପରି ସ୍ୱୟଂ ମହାପ୍ରଭୁ ପହଣ୍ଡି ବିଜେ କରିବା ସମୟରେ ଭକ୍ତଙ୍କୁ ଅନାଇ ଅନାଇ ଯାଇଥାନ୍ତି। ତେଣୁ ପହଣ୍ଡି ସମୟରେ ସେ ଦୋହଲି ଦୋହଲି ଓ ହଲି ହଲି ଯାଇଥାନ୍ତି। ତେବେ ମହାପ୍ରଭୁ ପଡ଼ିଗଲେ କହିବା ଆଦୌ ଠିକ୍ ନୁହେଁ। ମହାପ୍ରଭୁ ସୃଷ୍ଟିର ସ୍ରଷ୍ଟା। ସେ କେବେ ପଡ଼ିବେ ନାହିଁ। ସେ ଭକ୍ତ ସହ ମିଶିବାକୁ ଆସିଥାନ୍ତି। ସେ କେତେବେଳେ ନଇଁଯାନ୍ତି କେତେବେଳେ ସିଧା ହୋଇଯାନ୍ତି। ସବୁ ତାଙ୍କରି ଲୀଳା। ତେବେ ମହାପ୍ରଭୁ ପଡ଼ିଯିବା ନେଇ କୁହାଯିବା ଘଟଣା ଠିକ୍ ନୁହେଁ ବୋଲି ସିଂହାରୀ ପ୍ରକାଶ କରିଛନ୍ତି। ବରିଷ୍ଠ ସେବାୟତ ତଲୁଚ୍ଛ ନୀଳକଣ୍ଠ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କଠାରେ ଯେଉଁ ଘଟଣା ଘଟେ ତାହା ସାରା ବିଶ୍ୱ ପାଇଁ ଏକ ସଙ୍କେତ ବୋଲି ସାଧାରଣରେ ବିଶ୍ୱାସ ରହିଛି। ତେବେ ଆଡ଼ପ ପହଣ୍ଡି ସମୟରେ ମହାପ୍ରଭୁ ଢଳି ପଡ଼ିବା ଘଟଣା ପ୍ରଥମ ନୁହେଁ। ଏପରି ପୂର୍ବରୁ ମଧ ଅନେକ ଥର ହୋଇଛି। ଏହା ମହାପ୍ରଭୁଙ୍କ ଲୀଳା। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଦଇତାପତି ସେବକମାନେ ସୁରକ୍ଷା କବଚ ଦେଇଥାନ୍ତି। ମହାପ୍ରଭୁ ଢଳିପଡ଼ିବା କୌଣସି ଅଶୁଭ ସଙ୍କେତ ନୁହେଁ। ଏହା ସ୍ୱାଭାବିକ କଥା। କାରଣ ପହଣ୍ଡି ସମୟରେ ଏପରି ଘଟଣା ଘଟିଥାଏ, ଯାହା ପୂର୍ବରୁ ଅନେକ ଥର ଦେଖାଯାଇଛି ବୋଲି ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଭକ୍ତ ତଥା ପୁରୀ ବାସିନ୍ଦା ଦିଲୀପ ବରାଳ କହିଛନ୍ତି, ପହଣ୍ଡି ସମୟରେ ସେବକମାନଙ୍କ ଅସାବଧାନତା ପାଇଁ ମହାପ୍ରଭୁ ଗୋଟିଏ ପଟକୁ ଢଳିପଡ଼ିଲେ। ତେବେ ମହାପ୍ରଭୁ ଝୁଲି ଝୁଲି ଆସିଥାନ୍ତି। ତେଣୁ ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ସେବାୟତମାନେ ବିଶେଷ ଧ୍ୟାନ ଦେବା ଉଚିତ। ସେହିପରି ଅନ୍ୟ ଜଣେ ଭକ୍ତ ବେବି ସରକାର କହିଛନ୍ତି, ମହାପ୍ରଭୁଙ୍କ ପହଣ୍ଡି ଦେଖିବା ପାଇଁ ଯାଇଥିଲି। ତେବେ ପହଣ୍ଡି ସମୟରେ ମହାପ୍ରଭୁ ଖସି ଆସିବା ସହ ଗୋଟିଏ ପଟକୁ ଢଳି ଯାଇଥିଲେ। ତେଣୁ ମହାପ୍ରଭୁ କିଛି ସଙ୍କେତ ଦେବାକୁ ଚାହିଁଥିଲେ। ତେବେ ମହାପ୍ରଭୁ ତାଙ୍କ ଲୀଳା କରିଥାନ୍ତି। ତେଣୁ ସେ ଗୋଟିଏ ପଟକୁ ଢଳିବା ବୋଧହୁଏ ତାଙ୍କ ଇଚ୍ଛା। କିନ୍ତୁ ମହାପ୍ରଭୁ ପଡ଼ିଥିବା ବୋଲି କହିବା ଠିକ୍ ନୁହେଁ।



**ଗୋଟି ପହଣ୍ଡି ବେଳେ ଶ୍ରୀଜଗନ୍ନାଥ ଢଳିପଡ଼ିବା ଘଟଣା**

## ୪୦ ଲିଟର ଦେଶୀ ମଦ, ବାଇକ୍ ଜବତ

**ବାରଙ୍ଗ (ଲିଙ୍ଗରାଜ ରାଉତ):** ଚନ୍ଦକା ଥାନା ପୋଲିସ ବେଆଇନ ଦେଶୀମଦ ବିକ୍ରୟ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୂର୍ଯ୍ୟ ଦିଗୀ। ଏନେଇ ପୋଲିସ ନଂ. ୨୦୯/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତାଙ୍କ ପାଖରୁ ପୋଲିସ ୪୦ ଲିଟର ଦେଶୀମଦ ସହ ଏକ ବାଇକ୍(ଓଡି ୩୩ ଏବି ୭୮୦୫) ଜବତ କରିଛି।



## ସଂକ୍ଷେପରେ

### ରତ୍ନ ଭଣ୍ଡାର ସଂକ୍ରାନ୍ତ ୪ ମାମଲାର ଶୁଣାଣି

■ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଆପତ୍ତି ଉଠାଇଲେ ଆବେଦନକାରୀ

**ପୁରୀ, ୨୩।୬(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ ନ କରି ସ୍ଥିତି ସମ୍ପର୍କରେ ସୂଚନା ଦେବାରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ତେଣୁ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ୪ଟି ମାମଲା ରୁଜୁ କରିଥିଲେ। ଶୁକ୍ରବାର ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁଙ୍କ ଦ୍ୱାରା ଉକ୍ତ ୪ଟି ମାମଲାର ଶୁଣାଣି ହୋଇଛି। ତେବେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀ ପୂର୍ବଭଳି ଶୁଣାଣି ସମୟରେ ଅନୁପସ୍ଥିତ ରହିଥିଲେ। ତାଙ୍କ ବଦଳରେ ଜଣେ ଓକିଲ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିଲେ, ଯାହାକୁ ନେଇ ଆବେଦନକାରୀ ବରାଳ ଆପତ୍ତି ଉଠାଇଥିଲେ। ଶୁଣାଣି ସମୟରେ ଜନ ସୂଚନା ଅଧିକାରୀ ଉପସ୍ଥିତ ରହିବା ପାଇଁ ସେ ଦାବି କରିଥିଲେ। ସୂଚନା ଅଧିକାର ଆଇନ-୨୦୦୫ ଅନୁଯାୟୀ, ଜନସୂଚନା ଅଧିକାରୀଙ୍କ ବଦଳରେ ତାଙ୍କର ପ୍ରତିନିଧି ଭାବେ କେହି ଉପସ୍ଥିତ ରହିବା ଆଇନରେ ଉଲ୍ଲେଖ ନ ଥିବା ବରାଳ ଯୁକ୍ତି ବାଢ଼ିଥିଲେ। ଫଳରେ ଜୁଲାଇ ୫ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

### ବାବା ରାମ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବାଲିପାଟଣା, ୨୩।୬(ଅଭିମନ୍ୟୁ ନାୟକ):** ସନାତନ ଧର୍ମ ପ୍ରଚାରକ ବାବା ରାମ ଦାସଙ୍କ ପ୍ରତିମୂର୍ତ୍ତି କୁଳନ୍ତିରା ଗ୍ରାମ ବାଗିଲ ଆଶ୍ରମଠାରେ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ନାମ ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ଅଯୋଧାର ନାରାୟଣ ବାବାଙ୍କ ସମେତ ବିହାର ଓ ଝାଡ଼ଖଣ୍ଡରୁ ବହୁ ସାଧୁସନ୍ଥ ପହଞ୍ଚି ରାମ ଦାସଙ୍କ ଧର୍ମ ସଂସ୍ଥାପନ ନୀତି ଉପରେ ଆଲୋକପାତ କରିଥିଲେ। ସନାତନ ଧର୍ମର ସୁରକ୍ଷା ଉପରେ ବାବା ରାମ ଦାସଜୀ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାମ କରୁଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଭକ୍ତଙ୍କ ସମବେତ ହୋଇଥିଲା। ପ୍ରହ୍ଲାଦ ଭୋଳ, ନିଶାକର ପଣ୍ଡା ପ୍ରମୁଖ ଏହାର ପରିଚାଳନା କରିଥିଲେ।

### ବଟାନିକାଲ ଗାର୍ଡେନରେ ନୂଆ ରେଞ୍ଜରଙ୍କ ଯୋଗଦାନ

**ବାରଙ୍ଗ, ୨୩।୬(ଲିଙ୍ଗରାଜ ରାଉତ):** ବଟାନିକାଲ ଗାର୍ଡେନରେ ନୂଆ ରେଞ୍ଜର ଭାବେ ଖେଳପ୍ରିୟ ସାହୁ ଶୁକ୍ରବାର ଯୋଗଦେଇଛନ୍ତି। ସେ ଏହାପୂର୍ବରୁ ବରଗଡ଼ ବନଖଣ୍ଡରେ ଫରେଷ୍ଟର ଭାବେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ବଟାନିକାଲ ଗାର୍ଡେନରେ ଥିବା ରେଞ୍ଜର ସ୍ୱାତି ମହାନ୍ତିଙ୍କ ପଦୋନ୍ନତି ହୋଇ ଖୋର୍ଦ୍ଧା ଡିଭିଜନକୁ ସହକାରୀ ବନ ସଂରକ୍ଷକ ଭାବେ ବଦଳି ହୋଇଥିଲା। ହେଲେ ତାଙ୍କ ଜାଗାରେ ରହିବାକୁ କେହି ରେଞ୍ଜର ନ ଆସିବାରୁ ସେ ଏଠାରେ ଦୀର୍ଘମାସ ଧରି ରେଞ୍ଜର ଦାୟିତ୍ୱରେ ରହିଥିଲେ।

# ଆଜି ଶିଖରଚଣ୍ଡୀ ପରିଦର୍ଶନ କରିବେ ଏନ୍‌ଜିଟି ପ୍ରତିନିଧି

■ ଅନ୍ୟ ସ୍ଥାନରେ ପ୍ରକଳ୍ପ କରିବାକୁ ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତିର ଦାବି

■ ୩ଲକ୍ଷ ଲୋକଙ୍କ ସ୍ୱାର୍ଥରେ ଏନ୍‌ଜିଟି କଣ୍ଟା

**ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)**



ଶିଖରଚଣ୍ଡୀ ପାହାଡ଼ରେ ନିର୍ମାଣ ହେବାକୁ ଥିବା ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହି ପ୍ରକଳ୍ପ ଯୋଗୁ ଜୈବବିବିଧତା ନଷ୍ଟ ହେଉଥିବା ଅଭିଯୋଗ କରି ଶିଖରଚଣ୍ଡୀ ଆଞ୍ଚଳିତ ସୁରକ୍ଷା ସମିତି ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ଙ୍କ ନିକଟରେ ଅଭିଯୋଗ କରିଥିଲା। ଫଳରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପ୍ରକଳ୍ପ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଏନ୍‌ଜିଟିର ୪ଜଣିଆ ପ୍ରତିନିଧି ଦଳ ଶନିବାର ପୂର୍ବାହ୍ନ ୧୧ଟାରେ ଶିଖରଚଣ୍ଡୀ ପାହାଡ଼ ଯାଞ୍ଚ କରିବାକୁ ଆସୁଛନ୍ତି। ପ୍ରକଳ୍ପ ନିର୍ମାଣ ନାମରେ ବାସ୍ତବରେ ପାହାଡ଼କୁ ନଷ୍ଟ କରାଯାଉଛି କି ନାହିଁ ତାହାର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିବେ। ଏହା ପରେ ମାମଲାରେ ପରବର୍ତ୍ତୀ ଶୁଣାଣି କରାଯିବ। ତେବେ ଏହି ପ୍ରକଳ୍ପକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କିଛି ଲୋକ ପ୍ରକଳ୍ପକୁ ସ୍ୱାଗତ କରିଥିବାବେଳେ ଆଉ କେତେଜଣ ଏହାକୁ ବିରୋଧ କରୁଛନ୍ତି।

ଏନେଇ ଶିଖରଚଣ୍ଡୀ ଆଞ୍ଚଳିତ ସୁରକ୍ଷା ସମିତିର ସଚିନ ମହାପାତ୍ର କହିଛନ୍ତି, ଶିଖରଚଣ୍ଡୀ ପାହାଡ଼ ପାଇକମାନଙ୍କର ସ୍ମୃତିପୀଠ। ମାତ୍ର ଉନ୍ନତି ନାମରେ ଏହାକୁ ନଷ୍ଟ କରାଯାଉଛି। ଶିଖରଚଣ୍ଡୀ ମା'ଙ୍କ ନାମରେ ଥିବା ୨୧୨ଏକର ଜମି ଥିବାବେଳେ ଏବେ ତାହା ଇଡ୍‌କୋ ନାମରେ ରହିଛି। ପ୍ରଥମେ ମା'ଙ୍କଠାରୁ ଜମି ଛଡାଇ ନିଆଯିବା ପରେ ଚକ୍ରାନ୍ତ କରି ଏହାକୁ ନଷ୍ଟ କରାଯାଉଛି। ପ୍ରକଳ୍ପ କରାଯିବା ନେଇ ପୂର୍ବରୁ ଏଠିକା ବାସିନ୍ଦାଙ୍କ ସହ କୌଣସି ଆଲୋଚନା କରାଯାଇ ନାହିଁ। ଏଠାରେ ଥିବା ହନୁମାନ ଓ ଶିଖରଚଣ୍ଡୀ ପାହାଡ଼ ଚନ୍ଦକା ଡମପଡା ଅଭୟାରଣ୍ୟ ସଂଲଗ୍ନ ଥିବାରୁ ଅନେକ ବିଲୁପ୍ତପ୍ରାୟ ବନ୍ୟଜନ୍ତୁ, ବୃକ୍ଷଲତା ଏଠାରେ ରହିଛି। ମାତ୍ର ପାହାଡ଼ କଟାଯାଇ ୱାଟ୍‌କୋ ପକ୍ଷରୁ ଏଠାରେ ୩୦ ନିୟୁତ ଲିଟର କ୍ଷମତା ବିଶିଷ୍ଟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଛି। ଫଳରେ ଚନ୍ଦକା ଅଭୟାରଣ୍ୟର ହାତୀ ଏବେ ଚନ୍ଦକା, ଦାରୁଠେଙ୍ଗ, ପଥରଗଡିଆ ଜନବସତି ଆଡେ ଚାଲି ଆସୁଛନ୍ତି। ଅନେକ ଔଷଧୀୟ ବୃକ୍ଷଲତା ମଧ୍ୟ ନଷ୍ଟ ହେଉଛି। ତେବେ ଲୋକଙ୍କ ସ୍ୱାର୍ଥକୁ ଦେଖି ପ୍ରକଳ୍ପକୁ ବିରୋଧ କରାଯାଉ ନାହିଁ। ମାତ୍ର ଶିଖରଚଣ୍ଡୀ ପାହାଡ଼ରେ ଏହାକୁ ନ କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ଏନେଇ ଏନ୍‌ଜିଟିଙ୍କ ଦୃଷ୍ଟିଗୋଚର କରାଯିବ ବୋଲି ମଧ୍ୟ ସଚିନ କହିଛନ୍ତି। ଅପରପକ୍ଷେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରକଳ୍ପ ସପକ୍ଷରେ ସ୍ୱର ଉଠିଛି। ଏ ସମ୍ପର୍କରେ ସ୍ଥାନୀୟ କର୍ପୋରେଟର ମିହିର ରାଉତ କହିଛନ୍ତି, କିଛିଲୋକ ଏହି ପ୍ରକଳ୍ପକୁ ଅଯଥାରେ ବିରୋଧ କରୁଛନ୍ତି। ପାହାଡ଼ରେ ଏବେ ବି ଗଛ ଅଛି। କେବଳ ଟାଙ୍କି ରହିବା ସ୍ଥାନରେ ବୁଦା କଟାଯାଇ ସଫା କରାଯାଇଛି। ଉତ୍ତର ନିର୍ବାଚନ ମଣ୍ଡଳୀର ୩ଲକ୍ଷ ଲୋକଙ୍କ ପାଇଁ ୨୪ଘଣ୍ଟିଆ ପାଣି ଦରକାର। ଡମଣା, ଚନ୍ଦ୍ରଶେଖରପୁର, ଗାଡ଼କଣ, ପଟିଆ, ହାଉସିଂବୋର୍ଡ, ଶୈଳଶ୍ରୀ ବିହାର, କାନନ ବିହାର, ପ୍ରଶାନ୍ତି ବିହାର, କଳାରାହାଙ୍ଗ ଆଦି ଅଞ୍ଚଳବାସୀଙ୍କ ପାଇଁ ପିଇବା ପାଣିର ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସେମାନେ ସବୁସମୟରେ ପାନୀୟ ଜଳ ପାଇ ପାରିବେ। ତେଣୁ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରାଯାଉଥିଲା। ଏଥିପାଇଁ ସେମାନେ ବହୁତ ଖୁସି ମଧ୍ୟ ଥିଲେ। ମାତ୍ର ଏନ୍‌ଜିଟିରେ ମାମଲା ହେବା ପରେ କେବେ କେସ୍ ସରିବ ଏବଂ ପ୍ରକଳ୍ପ କାମ ଆରମ୍ଭ ହେବ ସେ ନେଇ ଲକ୍ଷାଧିକ ଲୋକ ଆଶଙ୍କାରେ ଅଛନ୍ତି। ଅପରପକ୍ଷେ କାମ ବନ୍ଦ କରିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଦେବା ସତ୍ତ୍ୱେ କାର୍ଯ୍ୟ ଜାରି ରହିଥିଲା। ଏହାକୁ ନେଇ ଶୁକ୍ରବାର ସୁରକ୍ଷା ସମିତି, ଦାରୁଠେଙ୍ଗ ଓ ଚନ୍ଦକା ପଞ୍ଚାୟତର ସରପଞ୍ଚଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

# କେନ୍ଦ୍ରାପଡାରୁ ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ ଗିରଫ

**ରାଜଧାନୀରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା ଘଟଣା**

■ ହତ୍ୟାର ପ୍ରକୃତ କାରଣ ଖୋଜୁଛି ପୋଲିସ

■ ପ୍ରାଥମିକ ତଦନ୍ତରୁ ଟଙ୍କା କାରବାର ସନ୍ଦେହ


ବୈଜୟନ୍ତୀ ସାହୁ

**ଭୁବନେଶ୍ୱର, ୨୩।୬(ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ବୈଜୟନ୍ତୀ ସାହୁଙ୍କୁ ଅଫିସ ଭିତରେ ଛୁରି ଭୁସି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ କେନ୍ଦ୍ରାପଡାରୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ରମେଶ ବାରିକ। ସେ ପୂର୍ବରୁ ଉକ୍ତ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଥିଲେ। ତେବେ ସେ ଯୁବତୀଙ୍କୁ କାହିଁକି ହତ୍ୟା କଲେ ତାହାର ପ୍ରକୃତ ରହସ୍ୟ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଟଙ୍କା କାରବାରକୁ ନେଇ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଉକ୍ତ ସଂସ୍ଥାର ଅନ୍ୟଜଣେ ଯୁବତୀ ରମେଶଙ୍କଠାରୁ ୧୫ହଜାର ଟଙ୍କା ଧାର ନେଇ ଫେରାଉ ନ ଥିଲେ। ଉକ୍ତ ଟଙ୍କା ପାଇଁ ରମେଶ ସେଠାକୁ ବାରମ୍ବାର ଯାଇ ବିଫଳ ହେବା ପରେ ରାଗରେ ରିସେପ୍ସନିଷ୍ଟ ଥିବା ବୈଜୟନ୍ତୀଙ୍କୁ ଛୁରି ଭୁସି ଦେଇଥିବା ଅଭିଯୁକ୍ତ ପୋଲିସ୍‌କୁ କହିଛନ୍ତି। କିନ୍ତୁ ଏହାର ସତ୍ୟତା କେତେ ତାହା ଜାଣିବାକୁ ପୋଲିସ ଅନ୍ୟ କେତେକ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି। ପ୍ରେମ ଓ ମାଲିକଙ୍କ ସହ ଶତ୍ରୁତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିବାରୁ ପୋଲିସ ସଂସ୍ଥାର ମାଲିକ ଓ କର୍ମଚାରୀଙ୍କୁ ପଚରାଉଚରା କରି ପ୍ରକୃତ କାରଣ ଜାଣିବାକୁ ଉଦ୍ୟମ ଜାରି ରଖିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ସୂଚନାନୁସାରେ, ଜଗତ୍‌ସିଂପୁର ଜିଲା ନାଉଗାଁ ଅଞ୍ଚଳର ବୈଜୟନ୍ତୀ ଜିଜିପି କଲୋନୀରେ ଥିବା ଫାୟାର୍ ଆଣ୍ଡ ସେଫ୍ଟି ଏଜେନ୍ସିରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେଠାରେ ସିକ୍ୟୁରିଟି ଗାର୍ଡ ଥିବା ରମେଶ ଗତ ୨୦ ତାରିଖ ରଥଯାତ୍ରା ଦିନ ପୂର୍ବାହ୍ନରେ ଅଫିସକୁ ଯାଇଥିଲେ। ସେଠାରେ ବୈଜୟନ୍ତୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ରମେଶ ହଠାତ୍ ଅଣ୍ଟାରୁ ଏକ ଛୁରି ବାହାର କରି ତାଙ୍କ ପେଟକୁ ଭୁସି ଦେଇଥିଲେ। ଜୀବନ ବିକଳରେ ସେ ଅଫିସ ଭିତରକୁ ଦୌଡିବା ବେଳେ ତଳେ ପଡିବାରୁ ଅଭିଯୁକ୍ତ ତାଙ୍କ ପେଟ ଓ ଶରୀରକୁ ବାରମ୍ବାର ଛୁରାମାଡ଼ କରିଥିଲେ। ରକ୍ତମୁଖା ରମେଶକୁ ଦେଖି ଭୟରେ କର୍ମଚାରୀମାନେ ଆଗକୁ ଆସି ନ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀ ଜଣକ ଚଟାଣରେ ଚେତାଶୂନ୍ୟ ହୋଇପଡିଯିବା ପରେ ଅଭିଯୁକ୍ତ ରମେଶ ସେଠାରୁ ଫେରାର୍ ହୋଇଯାଇଥିଲା। ଏହାପରେ କର୍ମଚାରୀମାନେ ବୈଜୟନ୍ତୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ରାତିରେ ପରିବାର ଲୋକେ ମୃତଦେହକୁ ଆମ୍ବୁଲାନ୍ସରେ ଆଣି ମଞ୍ଚେଶ୍ୱର ଥାନା ସମ୍ମୁଖରେ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ସହ ତୁରନ୍ତ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।


ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା 'ଗୁହାରି'ରେ କଣ୍ଠଶିଳ୍ପୀ ସୁବାସ ଦାଶ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ଗୁହାରି'ରେ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ

**ଭୁବନେଶ୍ୱର, ୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୩ ଦିନିଆ ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦାନ କରି ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତର ପ୍ରଚାର ପ୍ରସାର କରୁଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରଥମ କଣ୍ଠଶିଳ୍ପୀ ଥିଲେ ସୁବାସ ଦାଶ। ସେ ନୀଳାଦ୍ରି ବିହାରୀ କଟକେ ଅଟକ ଓ ତୋର ଶରଣ ଗଲିରେ ମୁରଲି ଗାୟନ କରିଥିଲେ। ପରେ ମିନତୀ ଭଞ୍ଜ ପୁରାତନ ରଚନାରୁ ସରିଗଲି ହେ ଜଗନ୍ନାଥ... ଓ ବାବା ବୈକୁଣ୍ଠ ନାଥଙ୍କ ରଚନା ବଡ଼ ଠାକୁର ହେ ବେଳ ଆସି ଶେଷ ହୋଇଗଲା...ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ବିଜୟ ଜେନାଙ୍କ ଦ୍ୱାରା ତୁମେ ଅନୁଭବର ଠାକୁର ଓ କେଡ଼େ ମଧୁର ତୁମ ନାମ ରସ, ଶୁଭଦ୍ରା ଶୁଭଦର୍ଶିନୀଙ୍କ ଦ୍ୱାରା ଜୟ ଜୟ ଜଗନ୍ନାଥ ଓ ମଣିମା ଶୁଣିବା ହେଉ ଗରିବ ଡାକ, ସ୍ୱାଧୀନ କୁମାର ପ୍ରଧାନଙ୍କ ଦ୍ୱାରା ଦୁଃଖନାଶନ ହେ ସୁଖ ନ ପାଇଲି ଦିନେ ଓ ଆହେ ନୀଳ ଶୈଳ, ପ୍ରିୟଦର୍ଶିନୀ ସାହୁଙ୍କ ଦ୍ୱାରା ଦେରେ କାଳିଆ ଦେ ତୋ ପାଦେ ଶରଣ ଦେ.. ଓ କାହାକୁ ମୁଁ କରିବଇଁ ସାକ୍ଷୀରେ ଚକାଆଖି.., ପଙ୍କଜ ଜାଲଙ୍କ ଦ୍ୱାରା କେତେ ନାଟ ଲଗେଇଚ... ଓ ଦୟାକର ଦୀନବନ୍ଧୁ..., କ୍ଷଣପ୍ରଭା ବିଶୋଇଙ୍କ ଦୀନବନ୍ଧୁ ଦୈତାରୀ ଦୁଃଖ ନ ଗଲା ମୋହରି... ଓ ବୃନ୍ଦାବନେ ବଂଶୀ କେ ବଜାଇଲା.., ମାତୃପ୍ରସାଦ ଦାଶଙ୍କ ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ... ଓ ଆହେ ଦୀନବାନ୍ଧବ ଏତିକି ମାଗୁଣି ମୋର... ଏବଂ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ସହୀ ହେଲାଣି ସାହାଣ ମେଳା ଓ ଚକା ଠାକୁର... ଉପସ୍ଥାପିତ ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ଶିଳ୍ପୀମାନଙ୍କର ଭକ୍ତିପୂତ ସଙ୍ଗୀତ ପରିବେଷଣ ବେଶ ଶ୍ରୁତିମଧୁର ଥିଲା। ଶ୍ରୀନୀବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହଂସପାଳରେ ଟ୍ରାଫିକ୍ ଜାମ୍, ୨ କାର୍ ଦୁର୍ଘଟଣାଗ୍ରସ୍ତ

**ବାଲିଅନ୍ତା, ୨୩।୬(ନୀଳମାଧବ ସାହୁ)**

୧୬ନଂ. ଜାତୀୟ ରାଜପଥର ହଂସପାଳର କେନାଲ ବ୍ରିଜ୍‌ଠାରୁ କୁଆଖାଇ ନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଶୁକ୍ରବାର ପ୍ରାୟ ୩ ଘଣ୍ଟା ଧରି ଜାମ୍ ହୋଇଥିଲା। ଏଥିରେ ଭୁବନେଶ୍ୱରକୁ ଆସୁଥିବା ଗାଡ଼ି ଚାଳକ ଅଧିକ ପ୍ରଭାବିତ ହୋଇଥିଲେ। ଏହି ସମସ୍ୟା ଯୋଗୁ ବାଲେଶ୍ୱରରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆସୁଥିବା ୨ଟି କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସୂଚନା ମୁତାବକ, ହଂସପାଳ ଛକରେ ଜାତୀୟ ରାଜପଥ ଉପରେ ଏକ ଫ୍ଲାଏଓଭର ବ୍ରିଜ୍ କାର୍ଯ୍ୟ ଚାଲିଛି। ବ୍ରିଜ୍‌ର ଆପ୍ରୋଚ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ରାସ୍ତାରେ ଡଷ୍ଟ ଗଦା କରାଯାଇଛି। ଫଳରେ ହଂସପାଳ କେନାଲ ବ୍ରିଜ୍ ନିକଟରୁ ଏକ ଡାଇଭର୍ସନ ସର୍ଭିସ ରୋଡ଼କୁ ଯିବା ପାଇଁ କରାଯାଇଛି। ଡାଇଭର୍ସନ ଜାଗାଟି ସଙ୍କୁଚିତ ଓ ଉଠାଣିଥିବାରୁ ଗାଡ଼ିମୋଟର ଯାତାୟାତରେ ସମସ୍ୟା ଉପୁଜିବା ସହ ଜାତୀୟ ରାଜପଥରେ ଗତି ମନ୍ଥର ରହୁଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ହଂସପାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫ୍ଲାଏଓଭର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ହଂସପାଳ ଛକରେ ଟ୍ରାଫିକ୍ ଜାମ୍ ଭଳି ପରିସ୍ଥିତି ଦେଖାଦେଇଛି। ବର୍ତ୍ତମାନ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଚାଲିଥିବାରୁ ବହୁ ଗାଡ଼ିମୋଟର ଏହି ରାସ୍ତା ଦେଇ ପୁରୀ ଅଭିମୁଖେ ଯାଉଛି। ରାସ୍ତାରେ କୌଣସି ଗାଡ଼ି ଖରାପ ହେଲେ ତାକୁ ହଟାଇବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଟ୍ରାଫିକ ପୋଲିସ ପକ୍ଷରୁ ସେଭଳି ତତ୍ପରତା ଦେଖାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ରିଜ୍ କାର୍ଯ୍ୟ ଶେଷ ହେଲେ ଏହି ଟ୍ରାଫିକ୍ ସମସ୍ୟାରୁ ଲୋକେ ମୁକ୍ତି ପାଇବେ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର, ୪ ସେବାୟତ ଗିରଫ



**ପୁରୁଣା ଭୁବନେଶ୍ୱର, ୨୩।୬(ସୁବାସ ଚନ୍ଦ୍ର ପ୍ରଧାନ)**

ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଧୁଳିଆ ସେବାୟତମାନେ ପର୍ଯ୍ୟଟକଙ୍କୁ ଅନେକ ସମୟରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶୁକ୍ରବାର ଲିଙ୍ଗରାଜ ଥାନା ପୋଲିସ ୪ଜଣ ସେବାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋହର ମହାପାତ୍ର(୩୫), ବିର ବେହେରା(୨୭), କୃପାସିନ୍ଧୁ ମହାପାତ୍ର(୨୮)ଏବଂ ପ୍ରକାଶ କୁମାର ବଟୁ (୪୫) । ଏ ନେଇ ଥାନାରେ ନଂ.୧୬୯/୨୩ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ମନ୍ଦିରକୁ ଆସୁଥିବା ଯାତ୍ରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସମୟରେ ଏଭଳି କିଛି ସେବାୟତ ଧୁଳିଆ କାର୍ଯ୍ୟ କରିଥାନ୍ତି। ପାଳିଆ ସେବା ନ ଥାଇ ଏମାନେ ନିଶାସକ୍ତ ହୋଇ ପୂଜା କରିବା ବାହାନାରେ ମନଇଚ୍ଛା ଦକ୍ଷିଣା ଦାବି କରିଥାନ୍ତି। ନହେଲେ ବଳପୂର୍ବକ ଯାତ୍ରୀଙ୍କଠାରୁ ଟଙ୍କା ଛଡାଇ ନେଇଥାନ୍ତି। ବାହାର ପର୍ଯ୍ୟଟକମାନେ ଏଭଳି ଦୁର୍ବ୍ୟବହାରର ଅଭିଯୋଗ ସିଧା ସଳଖ ନ କରି ମନ୍ଦିର ଭିତରେ କାର୍ଯ୍ୟରତ ଟୁରିଷ୍ଟ ଅଫିସର ସୁବାସ ନାୟକଙ୍କୁ ଜଣାଇ ଆସୁଥିଲେ। ଏ ନେଇ ଶୁକ୍ରବାର ସମ୍ପୃକ୍ତ ଅଧିକାରୀଙ୍କ ଅଭିଯୋଗକ୍ରମେ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ଗିରଫ କରାଯାଇଛି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଅନ୍ୟ ୧୧ ଜଣଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# ବିମାନଯାତ୍ରାର ମଜା ନେଲେ ଛାତ୍ରୀଛାତ୍ର




**ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)**

ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ୍ ଟେବୁଲ ୨୩୦ ଓ ଭୁବନେଶ୍ୱର କୁଇନ୍ସ ଲେଡିଜ୍ ସର୍କଲ ୧୩୦ ପକ୍ଷରୁ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଷ୍ଟଡିଟୁର୍ 'ଫ୍ଲାଇଟ୍ ଅଫ୍ ଫାଣ୍ଟାସି' ଆୟୋଜନ କରାଯାଇଥିଲା। ଏହି ଟୁର୍‌ରେ ୧୪ଜଣ ଛାତ୍ରୀ, ୬ଜଣ ଛାତ୍ର ଏବଂ ୪ଜଣ ଶିକ୍ଷକ କୋଲକାତାର ବିଭିନ୍ନ ସ୍ଥାନ ବୁଲିଥିଲେ। ତେବେ ଛାତ୍ରୀଛାତ୍ରମାନେ ଯାତ୍ରାରମ୍ଭ କରିବା ପୂର୍ବରୁ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ରାଜ୍ୟପାଳ ସେମାନଙ୍କୁ ଉତ୍ସାହିତ କରିବା ସହ ବଡ ସ୍ୱପ୍ନ ଦେଖିବା ସହିତ ଭବିଷ୍ୟତରେ ଭଲ ନାଗରିକ ହେବାକୁ କହିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କୁ ବସ୍ ଯୋଗେ ବିମାନ ବନ୍ଦର ନିଆଯାଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ବିମାନବନ୍ଦରରେ ସମସ୍ତଙ୍କୁ ଭେଟି ଶୁଭକାମନା ଜଣାଇଥିଲେ। ପ୍ରଥମଥର ପାଇଁ ବିମାନରେ ଯାତ୍ରା କରୁଥିବାରୁ ଛାତ୍ରୀଛାତ୍ର ବହୁତ ଖୁସି ଅନୁଭବ କରିଥିଲେ। ଏହିଭଳି ପଦକ୍ଷେପ ନିମନ୍ତେ ରାଜ୍ୟପାଳ ଓ ବିଧାୟକ ଆୟୋଜକଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ଆଜବେଷ୍ଟସ୍ ଭାଙ୍ଗି ଚୋରି ଉଦ୍ୟମ ବିଫଳ, ଯୁବକ ଗିରଫ

**ଭୁବନେଶ୍ୱର, ୨୩।୬ (ସୂର୍ଯ୍ୟକାନ୍ତ ବେହେରା)**

ଘରର ଆଜବେଷ୍ଟସ ଭାଙ୍ଗି ଚୋରି ଉଦ୍ୟମବେଳେ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କୁ କାବୁ କରି ଭରତପୁର ପୋଲିସ ଜିମା ଦେଇଛନ୍ତି। ସେ ହେଲେ ନିରଞ୍ଜନ ଦାସ (୨୧)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ସେ ଭରତପୁର ଥାନାରେ ୩ଟି ଚୋରି ମାମଲାରେ କୋର୍ଟ ଚାଲାଣ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ତେଣୁ ଅଭ୍ୟାସଗତ ଭାବରେ ଅପରାଧରେ ଲିପ୍ତ ରହୁଥିବାରୁ ତାଙ୍କ ବିରୁଦ୍ଧରେ ସିଆର୍‌ପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି। ସୂଚନାନୁସାରେ, ଅଭିଯୁକ୍ତ ଜଣକ ଚୋରି କରିବା ଉଦ୍ଦେଶ୍ୟରେ ଶ୍ୟାମପୁର, ସାଇନଗର ଲେନ-୪ରେ ଥିବା ସୁରେନ୍ଦ୍ର ନାଥଙ୍କ ଆଉଟ୍ ହାଉସର ଆଜବେଷ୍ଟସ ଭଙ୍ଗି ଘରେ ପଶିଥିଲେ। ସେହି ସମୟରେ ଅଭିଯୋଗକାରୀ ଓ ଅନ୍ୟମାନେ ଅଭିଯୁକ୍ତକୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# କୋଟିପତି ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ ଗିରଫ

**ପ୍ରକୃତ ଆୟଠାରୁ ୧୪୫% ଅଧିକ ସମ୍ପତ୍ତି ଠାବ**

■ ଗୁରୁବାର ଏକକାଳୀନ ୧୧ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

■ ୨ ପୁଅଙ୍କ ନାମରେ ମଧ ମାମଲା ରୁଜୁ

**ଭୁବନେଶ୍ୱର, ୨୩।୬(ସତ୍ୟଜିତ୍ ରାଉତ)**


ଜୟନ୍ତୀ ବେହେରା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସ୍‌ଡବ୍ଲ୍ୟୁଓ) ଜୟନ୍ତୀ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗୁରୁବାରଠାରୁ ହୋଇଥିବା ଏହି ଚଢ଼ାଉ ଓ ଯାଞ୍ଚ ପରେ ଜୟନ୍ତୀ ଏବଂ ପରିବାର ସଦସ୍ୟଙ୍କ ନାମରେ ଥିବା ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୪୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଜୟନ୍ତୀ ଓ ଦୁଇ ପୁଅଙ୍କ ନାମରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୬/୨୦୨୩) ରୁଜୁ ହୋଇଛି। ତେବେ ଗିରଫ ପରେ ଅଭିଯୁକ୍ତା ଜୟନ୍ତୀଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଛତୁଆ ଯୋଗାଣରେ ଜୟନ୍ତୀ ବିଭିନ୍ନ ଯୋଗାଣକାରୀ ସଂସ୍ଥାଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଚଳିତ ମାସ ୬ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ବଦଳି ହୋଇ ସାମାଜିକ ମଙ୍ଗଳ ଅଧିକାରିଣୀ (ଏସ୍‌ଡବ୍ଲ୍ୟୁଓ) ଭାବେ କାର୍ଯ୍ୟ କରୁଥିଲେ ଜୟନ୍ତୀ ତାଙ୍କ ପୂର୍ବ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଗୁରୁବାର ଭିଜିଲାନ୍ସ ଟିମ୍ ଜୟନ୍ତୀଙ୍କ ଘର ସମେତ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୧୧ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୩ଟି ବହୁ ମହଲା ବିଶିଷ୍ଟ କୋଠା, ୨ ଫ୍ଲାଟ୍ ଓ ୮ ପ୍ଲଟ୍ ଠାବ ହୋଇଥିଲା। ସେହିପରି ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି, ଗୋଟିଏ ଚାରିଚକିଆ ଯାନ, ୨ ବାଇକ୍, ୨.୧୧୨ କେଜି ରୁପା ଅଳଙ୍କାର ଓ ୭.୩୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏସବୁ ସମ୍ପତ୍ତି ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ତେବେ ଛତୁଆ ଯୋଗାଣରେ ଦୁର୍ନୀତି କରି ଜୟନ୍ତୀ ଏସବୁ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେବେ ଏହି ମାମଲାରେ ଅଧିକ ତଦନ୍ତ କରି କୋର୍ଟରେ ବଳିଷ୍ଠ ଚାର୍ଜଶିଟ୍ ଦାଖଲ କରିବାକୁ ଭିଜିଲାନ୍ସ ଲକ୍ଷ୍ୟ ରଖିଛି।



ଆଡ଼ପମଣ୍ଡପରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ଶୁକ୍ରବାର ଶ୍ରଦ୍ଧାଳୁମାନେ ଲମ୍ୱାଧାଡ଼ିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟାଙ୍ଗନା ସଂଯୁକ୍ତା ପାଣିଗ୍ରାହୀଙ୍କ ୨୬ତମ ଶ୍ରାଦ୍ଧୋତ୍ସବ, ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧୋତ୍ସବ, ଓଡ଼ିଶା ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- କୋଶଳ ଟାଇମ୍ ପାକ୍ଷିକ ପତ୍ରିକା ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ଣ ୧୦ଟା ୪୫।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ଣ ୧୧ଟା।
- ଓଡ଼ିଆ ଅସ୍ମିତା ଆଲୋଚନାଚକ୍ର, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଅପରାହ୍ଣ ୪ଟା।
- ଓଁ କଳିଙ୍ଗ କଳା ପରିଷଦ ପକ୍ଷରୁ ସାଂସ୍କୃତିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ସାରସ୍ୱତ ସମାଜ ସାମାଜିକ ଅନୁଷ୍ଠାନର ୧୨ତମ ଶିଶୁ ମହୋତ୍ସବ, ସମ୍ବର୍ଦ୍ଧନା ସମାରୋହ, ବୁଦ୍ଧ ମନ୍ଦିର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- . ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ରେଏଜ୍ ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକ ଉତ୍ସବ, ଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ଅପରାହ୍ଣ ୪ଟା।

**ବାଲିଅନ୍ତା**

- ପ୍ରଭୁ ଶ୍ରୀମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ମନ୍ଦିର ପରିକ୍ରମା, ମନ୍ଦିର ପ୍ରବେଶ ଓ ଯଜ୍ଞର ପୂର୍ଣ୍ଣାହୁତି, ଦଣ୍ଡିଲୋ ଗ୍ରାମର ବାଲୁଙ୍କେଶ୍ୱର ପୀଠ, ଅପରାହ୍ଣ ୩ଟା।

## କେନ୍ଦ୍ର ସାହିତ୍ୟ ଏକାଡେମୀ
# ଯୁବ ପୁରସ୍କାରରୁ ଓଡ଼ିଶା ବାଦ୍

**ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। କିନ୍ତୁ ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଥିବା ଯୁବ ପୁରସ୍କାରରେ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ବାଦ୍ ପଡ଼ିଛି। ୨୦ଜଣିଆ ଯୁବ ପୁରସ୍କାର ତାଲିକାରେ ଓଡ଼ିଶାରୁ କେହି ନାହାନ୍ତି। ଏହା ଓଡ଼ିଆ ଭାଷା ସାହିତ୍ୟ ପାଇଁ ବଡ଼ ଦୁର୍ଭାଗ୍ୟ ବୋଲି କୁହାଯାଉଛି। ପୁରସ୍କାର ଘୋଷଣା ପୂର୍ବରୁ ତଥ୍ୟ ପ୍ରଘଟ ହୋଇଥିଲା। ପୁଣି ପୁରସ୍କାରକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ଏବେ ଏହି ଜାତୀୟ ପୁରସ୍କାର ପାଇବାରେ କୌଣସି ଓଡ଼ିଆ ଯୋଗ୍ୟ ନ ହେବା ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ବଡ଼ ଝଟ୍‌କା ଦେଇଛି। ଓଡ଼ିଶାରେ ସଫଳ ଯୁବ ଲେଖକ ନାହାନ୍ତି ନା କଙ୍କଡ଼ା ସାଜି ଗୋଡ଼ ଟାଣିବା ନୀତି କାରଣରୁ

### ପ୍ରତିକ୍ରିୟା ପ୍ରକାଶ କଲେ ସାହିତ୍ୟିକ

ପୁରସ୍କାରରୁ ବାଦ୍ ଦିଆଯାଇଛି ତାହାକୁ ନେଇ ବିଶିଷ୍ଟ ସାହିତ୍ୟିକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ତଥା ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ପୁରସ୍କାର ବନ୍ଦ କରାଯିବା ଏକାଡେମୀର ଅପରିପକ୍ୱ ନିଷ୍ପତ୍ତି। ବାଲ୍ ପୁରସ୍କାର ନେଇ ତଥ୍ୟ ପ୍ରଘଟ ହେବା ପରେ ବି ସେ ପୁରସ୍କାର ଦିଆଯାଇପାରିଲା, କିନ୍ତୁ ଯୁବ ପୁରସ୍କାର ବନ୍ଦ ହେଲା। ଏକାଡେମୀ ଚାହିଁଥିଲେ ଅନ୍ୟ କୌଣସି ପ୍ରକାରରେ କିମ୍ବା ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟ ପୁରସ୍କାର ସହ ମିଶାଇ, ନ ହେଲେ ପରବର୍ତ୍ତୀ ବର୍ଷରେ ଏବର୍ଷର ପୁରସ୍କାର ମଧ୍ୟ ଦେବାରେ କୌଣସି ଅସୁବିଧା ନାହିଁ। ବନ୍ଦ ହେବା ଉଚିତ ନିଷ୍ପତ୍ତି ନୁହେଁ ବୋଲି ଡ. ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ତଥା କଥାକାର ଡ. ଗୋରହରି ଦାସ କହିଛନ୍ତି, ଯୁବ ପୁରସ୍କାର ସମ୍ପର୍କିତ ତଥ୍ୟ ବିଚାରକ ବୈଠକ ବସିବା ଆଗରୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ କଥା ଜାଣିବା ପରେ ଏକାଡେମୀ ପକ୍ଷରୁ ପୁରସ୍କାରକୁ ରଦ୍ଦ କରାଗଲା। ପୁଣିଥରେ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ନେଇ ମୁଁ ସଭାପତିଙ୍କୁ ଚିଠି ଲେଖିଛି। କିନ୍ତୁ ପୁରସ୍କାର ସମ୍ପର୍କିତ ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଇବା ଉଚିତ ନୁହେଁ। ଭବିଷ୍ୟତରେ ଏହାକୁ କିପରି ରୋକାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ୧୩ବର୍ଷର ପୁରସ୍କାର ଇତିହାସରେ ଓଡ଼ିଆ ଭାଷା ପାଇଁ ପ୍ରଥମଥର ଏଭଳି ଘଟିଛି। ଓଡ଼ିଆ ଭାଷାରୁ କେହି ଯୁବ ପୁରସ୍କାର ନ ପାଇବା ଆମ ସାହିତ୍ୟର କ୍ଷତି ଓ ଆମ ରାଜ୍ୟ ପାଇଁ ଲଜ୍ଜାଜନକ। ପୁରସ୍କାର ପ୍ରଦାନରେ ଚଞ୍ଚକତା, ପ୍ରିୟାପ୍ରୀତି ତୋଷଣ ବା ବେଆଇନ କାର୍ଯ୍ୟର ଆଭାସ ମିଳିଲେ ସେ ବର୍ଷର ପୁରସ୍କାରକୁ ଏକାଡେମୀ ବାତିଲ କରିଦେଇଥାଏ। ସମ୍ଭବତଃ ଏଥରର ଯୁବ ପୁରସ୍କାର ପ୍ରଦାନ କ୍ଷେତ୍ରରେ ସେଭଳି କିଛି ଘଟିଛି। ମୋ ମତରେ କାହାର ଭୁଲ୍ ପାଇଁ ଗୋଟିଏ ଭାଷା ଓ ସେ ଭାଷାର ଯୋଗ୍ୟ ଯୁବ ସାହିତ୍ୟିକଙ୍କୁ ଦଣ୍ଡ ଦିଆ ନ ଯାଉ।

# ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

**ପୁରୀ, ୨୩।୬(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ନାମରେ ଏକ ଅନ୍‌ଲାଇନ ଆପ୍ ଖୋଲାଯାଇ ଠକେଇ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଶ୍ରୀମନ୍ଦିରରେ ଭୋଗ ଲଗାଇବା ଏବଂ ପୂଜା କରିବା ପାଇଁ ଭକ୍ତଙ୍କଠାରୁ ଟଙ୍କା ନିଆଯାଇ ଠକେଇ କରାଯାଉଥିବା ସୂଚନା ମିଳିଛି, ଏନେଇ ଅନ୍‌ଲାଇନରେ ବିଜ୍ଞାପନ ଦିଆଯାଇଥିବା ଜଣାପଡିବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉତ୍ସବ ନାମକ ଏହି ଆପ୍‌ରେ ଉଲ୍ଲେଖ କରାଯାଇଛି ଯେ, ଦେଶର ଯେକୌଣସି ସ୍ଥାନରୁ ଭକ୍ତ ଆପ୍ ମାଧ୍ୟମରେ ଟଙ୍କା ପଇଠ କରି ମହାପ୍ରଭୁଙ୍କ ଭୋଗ ପାଇବା ସହ ପୂଜା କରିପାରିବେ। ବୁକିଂ ପରେ ଭକ୍ତଙ୍କ ଘର ଠିକଣାରେ ଶ୍ରୀମନ୍ଦିରର ଶୁଖିଲା ଭୋଗ ଓ ନିର୍ମାଲ୍ୟ ପଠାଯିବ ବୋଲି ମଧ୍ୟ ଅଫର ଦିଆଯାଇଛି। ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଶ୍ରୀବିଗ୍ରହଙ୍କୁ ମାସିକିଆ ପୂଜା ପାଇଁ ୮,୧୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି। ସେହିଭଳି ପରିବାର ପାଇଁ ପୂଜା କରିବା ଲାଗି ୨୪୦୧ ଟଙ୍କା, ଶ୍ରୀମନ୍ଦିରରେ ବାନା ବାନ୍ଧିବା

### ମହାପ୍ରଭୁଙ୍କ ନାମରେ ଅନ୍‌ଲାଇନ ଠକେଇ ପ୍ରସଙ୍ଗ

ପାଇଁ ୨୧୫୧ ଟଙ୍କା ଏବଂ ମହାପ୍ରଭୁଙ୍କ ମସ୍ତିଷ୍କରେ ଆଟିକା ବାନ୍ଧିବାକୁ ୧୧,୫୦୧ ଟଙ୍କା ପୈଠ କରିବା ଲାଗି କୁହାଯାଇଛି। ହେଲେ ଶ୍ରୀମନ୍ଦିରରେ ଏଭଳି କୌଣସି ନୀତି ନାହିଁ। ଏହି ଅନ୍‌ଲାଇନ ଆପକୁ ସେବାୟତଙ୍କ ପକ୍ଷରୁ ବିରୋଧ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ କହିଛନ୍ତି, ଅନ୍‌ଲାଇନରେ ଏପରି ବିଜ୍ଞାପନ ଦେଖି ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା। ତେଣୁ ସେ ଏନେଇ ଉକ୍ତ ସଂସ୍ଥା ସହ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ତେବେ ସଂସ୍ଥାର କଥାବାର୍ତ୍ତାରୁ ଜଣାପଡ଼ିଥିଲା ମହାପ୍ରଭୁଙ୍କ ନାମରେ ଏହି ସଂସ୍ଥା ଠକେଇ କରୁଛି। ତେଣୁ ସେ ଏନେଇ ସିଂହଦ୍ୱାର ଥାନାରେ ଆପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଜିତ୍ ବାସୁ, ମୁଖ୍ୟ ମାର୍କେଟିଂ ଅଧିକାରୀ ଅଙ୍କିତା ଦେବ୍ ଏବଂ ମୁଖ୍ୟ ଟେକ୍ନୋଲୋଜି ଅଧିକାରୀ ପ୍ରଜତ ସାମନ୍ତଙ୍କ ବିରୋଧରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଏକ ଅନଲାଇନ ଆପ୍ ମାଧ୍ୟମରେ ମହାପ୍ରଭୁଙ୍କ ନିକଟରେ ପୂଜା କରିବା ନେଇ ବିଭିନ୍ନ ପ୍ରକାର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏପରିକି ମହାପ୍ରସାଦ ମିଳେ ବୋଲି ଉଲ୍ଲେଖ କରାଯାଇଛି। ତେବେ ଏପରି ଠକେଇ କରିବା ପାଇଁ କିଏ ଏହି ଆପ୍ କରିଛି ଏବଂ ଏନେଇ ଶ୍ରୀମନ୍ଦିର ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହା ବୁଝାପଡୁନାହିଁ। ଶ୍ରୀମନ୍ଦିର ପ୍ରଶାସନ, ପୋଲିସ, ଆଇନ ମନ୍ତ୍ରୀ, ୫-ଟି ସଚିବ କାହିଁକି ନୀରବ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସେ ଏନେଇ ସାଇବର ଥାନାରେ ଅଭିଯୋଗ କରିବେ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଏଭଳି କାର୍ଯ୍ୟ ଠିକ୍ ନୁହେଁ। ଏନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏପରି ଠକାମିରୁ ଭକ୍ତମାନେ ଦୂରେଇ ରହିବା ଉଚିତ।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ବାଲକାଟୀ,୨୩।୬(ମନୋଜ ମଣ୍ଡଳ)**

ବାଲକାଟୀରୁ ଅପହୃତା ନାବାଳିକାଙ୍କୁ ପୋଲିସ ଶୁକ୍ରବାର ବାଲିପାଟଣାରୁ ଉଦ୍ଧାର କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ବାଲିପାଟଣା ଥାନା ସରିପୁର ଗ୍ରାମର ବିକାଶ ଭୋଳ(୨୫)। ସୂଚନା ମୁତାବକ, ବାଲକାଟୀ ରଙ୍ଗଣିସାହି ଅଞ୍ଚଳରେ ଜଣୈକା ମହିଳା ପରିବାର ସହ ରୁହନ୍ତି। ଏକ ବିବାହ କାର୍ଯ୍ୟକ୍ରମରେ ଉକ୍ତ ମହିଳାଙ୍କ ୧୬ ବର୍ଷୀୟା ନାବାଳିକା ଝିଅଙ୍କ ସହ ଅଭିଯୁକ୍ତ ବିକାଶଙ୍କର ପରିଚୟ ହୋଇଥିଲା। ସପ୍ତାହ ତଳେ ବିକାଶ ନାବାଳିକାଙ୍କୁ ବାଲକାଟୀରୁ ଅପହରଣ କରି ନେଇଥିବା ନାବାଳିକାଙ୍କ ମା' ବାଲକାଟୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ. ୨୩୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ବିକାଶଙ୍କ ଫୋନ୍‌କୁ ଟ୍ରାକ୍ କରି ବାଲିପାଟଣା ଥାନା କିଆଜୋରି ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିକାଶଙ୍କୁ କାବୁ କରିଥିଲା। ପରେ ପୋଲିସ ଉକ୍ତ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶାନ୍ତନୁ



@ ବିଭୂତି



@ ସ୍ୱାଧୀନ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କାର୍‌ରେ ଗଞ୍ଜେଇ ଚୋରାଚାଲାଣ: ୩ ଗିରଫ



**ଭୁବନେଶ୍ୱର,୨୩।୬ (ସୂର୍ଯ୍ୟକାନ୍ତ ବେହେରା):** ଦାମୀ କାରରେ କନ୍ଧମାଳରୁ ପୁରୀକୁ ଗଞ୍ଜେଇ ଚୋରା ଚାଲାଣବେଳେ ଧରଳି ପୋଲିସ ୩ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମର ନିରାକର ସ୍ୱାଇଁ ଓ ଚନ୍ଦନ ପ୍ରଧାନ ଏବଂ ଅନ୍ୟଜଣେ କନ୍ଧମାଳର କମିଲ କହଁର। ଏଥିସହ ସେମାନଙ୍କଠାରୁ କାର୍ ସହ ୬୦ କେଜି ଗଞ୍ଜେଇ, ୩ ମୋବାଇଲ ଫୋନ, ନଗଦ ୧୬୨୦ ଟଙ୍କା, ଆଧାର କାର୍ଡ, ଡିଏଲ, ଏଟିଏମ କାର୍ଡ ଆଦି ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ କନ୍ଧମାଳରୁ ଗଞ୍ଜେଇ ସଂଗ୍ରହ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଡିଲରମାନଙ୍କୁ ଯୋଗାଇଥାନ୍ତି। ଗୁରୁବାର ମଧ୍ୟ ଭୁବନେଶ୍ୱରର କିଛି ଡିଲରମାନଙ୍କୁ ଗଞ୍ଜେଇ ଦେଇ ଲିଙ୍ଗିପୁର ଦେଇ ପୁରୀ ଯାଉଥିବାବେଳେ ପୋଲିସ ହାବୁଡ଼ରେ ଧରାପଡ଼ିଥିଲେ। ତେବେ ରାଜଧାନୀରେ କାହାକୁ ଗଞ୍ଜେଇ ଦିଆଯାଇଛି ଓ ପୁରୀର କାହାକୁ ଦେବାକୁ ନେଉଥିଲେ ତାହାର ଖୋଳତାଡ କରୁଛି ପୋଲିସ।

# କୋଦୁଓବେରେଣୀ-ଭାପୁର ରାସ୍ତା ଶୋଚନୀୟ

**ଖୋର୍ଦ୍ଧା,୨୩।୬ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ କୋଦୁଓବେରେଣୀଠାରୁ ନୟାଗଡ଼ ଜିଲା ଭାପୁର (ବାଇପାସ୍)କୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୧୦ କିମିର ଏହି ରାସ୍ତା ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତେବେ କୋଦୁଓ ବେରେଣୀଠାରୁ ସାଗର ଗାଁ ପର୍ଯ୍ୟନ୍ତ ଥିବା ରାସ୍ତା ଖୋର୍ଦ୍ଧା ଜିଲା ପ୍ରଶାସନ ଅଧୀନରେ ଆସୁଛି।

ବାଘମାରୀ ପଟୁ ଦଶପଲ୍ଲା ଓ ଭାପୁର ଯିବା ପାଇଁ ମୁଖ୍ୟ ସଂଯୋଗ ରାସ୍ତା ହୋଇଥିବାରୁ ଏହା ଉପରେ ଶତାଧିକ ଲୋକ ନିର୍ଭର କରୁଛନ୍ତି। ଦୈନିକ ଉକ୍ତ ରାସ୍ତା ଦେଇ ବହୁ ଦୁଇ ଓ ଚାରି ଚକିଆ ଯାନ ଚଳାଚଳ କରୁଛି। ତେବେ କୋଦୁଓବେରେଣୀଠାରୁ ୧କିମି ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଠାଏ ଠାଏ ବଡ଼ ବଡ଼ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି। ଅସରାଏ ବର୍ଷାହେଲେ ଖାଲଗୁଡ଼ିକରେ ପାଣି ଜମିରହୁଛି। ଭାରିଯାନ ଚକ ଦବିଯାଇ ଘଣ୍ଟା ଘଣ୍ଟା ଅଟକି ରହୁଛି। ଫଳରେ ଲୋକେ ଯାତାୟାତ ଲାଗି ହଇରାଣ ହେଉଛନ୍ତି। ଏହାସତ୍ତ୍ୱେ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ। ଶୁକ୍ରବାର ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଛନ୍ତି।

ଏହି ରାସ୍ତା ପାର୍ଶ୍ୱରେ କଳାପଥର-ଧଳାପଥର ବଜାର ରହିଛି। ଏହା ଏକ ପ୍ରମୁଖ ବଜାର ହୋଇଥିବାରୁ ରାତିପାହିଲେ ଆଖପାଖ ଅଞ୍ଚଳର ଲୋକେ ଏଠାକୁ ଆସିଥା'ନ୍ତି। ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡ଼ିଥାଏ। ଏହି ସମସ୍ୟା ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଛି। ଉକ୍ତ ରାସ୍ତା ଦେଇ କେବଳ ସ୍ଥାନୀୟ ବାସିନ୍ଦା ନୁହନ୍ତି, ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଯାତାୟାତ କରୁଛନ୍ତି। ବୋଲଗଡ଼ ବ୍ଲକର ଠଣାପଲ୍ଲୀ ମେଗା ୱାଟର ପ୍ରକଳ୍ପ ପରିଦର୍ଶନରେ ଯିବା ପାଇଁ ଜିଲାସ୍ତରୀୟ ଅଧିକାରୀମାନେ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ତେବେ ରାସ୍ତା ସମସ୍ୟା ପ୍ରତି ଅଧିକାରୀମାନଙ୍କର କିପରି ନଜର ପଡୁନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ରାସ୍ତା ମରାମତି ଲାଗି ପ୍ରଶାସନ ନିକଟରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଅପରପକ୍ଷେ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ରାସ୍ତାଟି ଉକ୍ତ ଅଞ୍ଚଳର ଜଣୈକ ବ୍ୟକ୍ତିଙ୍କ ସ୍ଥିତିବାନ୍ ଜମି ବୋଲି ସେ ଦାବି କରିଆସୁଛନ୍ତି। ଏପରିକି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ବିଭିନ୍ନ ସମୟରେ ଖଣ୍ଡପଡ଼ା ଡିଭିଜନ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ତେବେ ଉକ୍ତ ଜମି ସେଥିରେ ବାଧକ ସାଜୁଛି। ରାସ୍ତା ପ୍ରାରମ୍ଭରେ ଏକ ଘରୋଇ ଜମି ରହିଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀ କିପରି ଜାଣିପାରୁନାହାନ୍ତି ତାହା ସନ୍ଦେହଘେରକୁ ଆସୁଛି। ରାସ୍ତା ସମସ୍ୟା ପାଇଁ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଅଞ୍ଚଳବାସୀ ଦାୟୀ କରିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ବର୍ଷା ପାଣି ଜମି ରହିଛି।

### ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ପୂର୍ବତନ ଖଣ୍ଡପଡ଼ା ବିଧାୟକ

- ଖାଲଖମାରେ ଜମୁଛି ପାଣି, ଭାରିଯାନ ଚକ ଫସୁଛି
- ହଇରାଣ ହେଉଛନ୍ତି ଲୋକେ, ପ୍ରଶାସନ ନୀରବଦ୍ରଷ୍ଟା

ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ତୁରନ୍ତ ରାସ୍ତା ମରାମତି ପାଇଁ ନିବେଦନ କରିଛନ୍ତି। ସେ ବିଧାୟକ ଥିବାବେଳେ ୨୦୧୮-୧୯ରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାସ୍ତାର ମରାମତି ଆବଶ୍ୟକ ଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ବର୍ଷାଦିନ ଆସିଯାଇଛି। ତୁରନ୍ତ ରାସ୍ତା ନିର୍ମାଣ କରା ନ ଗଲେ ଲୋକେ ହଇରାଣ ହେବେ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ପୂର୍ତ୍ତ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# କୋଲ୍ଲୁରରେ ଡିଗ୍ନିଟି ହାଉସିଂ କଲୋନି ଉଦ୍‌ଘାଟିତ

ହାଇଦ୍ରାବାଦ,୨୩।୬
ଅଭୟ ଦାଶ



ତେଲଙ୍ଗାନାର ସାଙ୍ଗାରେଡି ଜିଲା ଅନ୍ତର୍ଗତ ପଠାନଚେରୁର କୋଲ୍ଲୁର ଅଞ୍ଚଳରେ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ (ଜିଏଚ୍ଏମ୍‌ସି) ର ଡିଗ୍ନିଟି ହାଉସିଂ କଲୋନିକୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ନିକଟରେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ, ମନ୍ତ୍ରୀ ଭେମୁଲା କେ.ଟି ରାମାରାଓ, ହରେଶ ରାଓ, ଭି.ପ୍ରଶାନ୍ତ ରେଡ୍ଡୀ, ସବିତା ଇନ୍ଦ୍ର ରେଡ୍ଡୀ, ଜିଏଚ୍ଏମ୍‌ସି ମେୟର ବିଜୟାଲକ୍ଷ୍ମୀ, ଏମ୍‌ପି ରଞ୍ଜିତ ରେଡ୍ଡୀ, କେ.ପ୍ରଭାକର, ବିଧାୟକ ଗୁଡେମ ମହିପାଲ ରେଡ୍ଡୀ, ଏମ୍ଏଲ୍‌ସି ମହେନ୍ଦ୍ର ରେଡ୍ଡୀଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଉକ୍ତ କଲୋନିରେ ମୋଟ ୧୫,୬୬୦ ୟୁନିଟ୍ ଡବଲ ବେଡ୍‌ରୁମ୍ ଉପଲବ୍ଧ ହୋଇଥିବାବେଳେ ଏହା ଦେଶର ସର୍ବବୃହତ୍ ହାଉସିଂ ପ୍ରକଳ୍ପ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏପରିକି ୧୧୧ ଏକର ବିସ୍ତୃତ ଅଞ୍ଚଳରେ ନିର୍ମିତ ଉକ୍ତ କଲୋନିରେ ୧୧୭ ଟି ବ୍ଲକ୍ ରହିଛି। ବିଶେଷକରି ୫୬୦ ବର୍ଗ ଫୁଟ ପ୍ରତି ଘରର ପରିସୀମା ହୋଇଥିବାବେଳେ ୨.୫ କି.ମି. ବ୍ୟାସାର୍ଦ୍ଧରେ ନିର୍ମିତ ଏହି କଲୋନ ପାଇଁ ମୋଟ ୧୪୮୯.୨୯ କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିଭଳି ଉକ୍ତ କଲୋନିରେ ୨୫% ଜମି ସବୁଜ ଏବଂ ଖେଳ ପଡ଼ିଆ ପାଇଁ ଚିହ୍ନିତ ହୋଇଛି। ବିଶେଷକରି ଉତ୍ସର୍ଗୀକୃତ ସାଇକେଲ ଚାଳନା ଏବଂ ଚାଲିବା ଟ୍ରାକ୍, ଓପନ୍ ଏୟାର ଜିମ୍, ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସସ୍, ଓପନ୍ ସ୍ପଟ୍ ମଇଦାନ, ପିଲାମାନଙ୍କ ପାଇଁ ଟଟ୍ ଲଟ୍ ମଲ୍ଟି ଉଦ୍ଦେଶ୍ୟ ଗ୍ରାଉଣ୍ଡ, ଓପନ୍ ଏୟାର ଅଡିଟୋରିୟମ୍ ଏବଂ ବାଥ୍‌କାମା ଘାଟ ସାମିଲ ରହିଛି। ଏହି ୨ବିଏଚ୍‌କେ ହାଉସିଂ କଲୋନିର ଅନେକ ବୈଶିଷ୍ଟ୍ୟ ରହିଛି, ଯାହା ସମାଜକୁ ଏକ ଭଲ ବାର୍ତ୍ତା ଦେବା ଭଳି ପରିବେଶ ନିର୍ମାଣ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୧ ଘଣ୍ଟାରୁ ଅଧିକ ସମୟ ମଧ୍ୟରେ ଏକ ବୈଦ୍ୟୁତିକ ଯାନ ଜରିଆରେ କର୍ପୋରେଶନର ଅଧିକାରୀ ଓ କର୍ମଚାରୀମାନେ କଲୋନିର ହିତାଧିକାରୀଙ୍କୁ ପଟ୍ଟା ପ୍ରମାଣପତ୍ର ବଣ୍ଟନ ସହ ଘରର ଚାବି ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କର ପ୍ରକଳ୍ପ ପରିଦର୍ଶନ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ଏକ ଫଟୋ ପ୍ରଦର୍ଶନୀର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କର ଅନ୍ୟ ହାଉସିଂ ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ପୋଷ୍ଟର ଜରିଆରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଛି।

## ଏଚ୍‌ପିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୩।୬

ଏଚ୍‌ପିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏଚ୍‌ପିର ନୂତନ ଉତ୍ପାଦଗୁଡିକ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଓମେନ ଓ ଭିକ୍ଟସ ଗେମିଂ ଡିଭାଇସର ଲାଟେଷ୍ଟ ଶୃଙ୍ଖଳର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ନୂତନ ଶୃଙ୍ଖଳରେ ଓମେନ ଟ୍ରାନ୍ସେଣ୍ଡ ୧୬, ଓମେନ ୧୬ ଏବଂ ଭିକ୍ଟସ ୧୬ ଲାପ୍‌ଟପ୍ ଅନ୍ତର୍ଭୁକ୍ତ ରହିଛି, ଯାହା ଗେମରମାନଙ୍କ ପାଇଁ ବାଧାହୀନ ଭାବେ ଖେଳିବା, ପ୍ରସ୍ତୁତ କରିବା ଏବଂ କାର୍ଯ୍ୟ କରିବାର ସୁଗମତା ଏବଂ ଶକ୍ତି ପ୍ରଦାନ କରୁଛି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ (ପର୍ସନାଲ ସିଷ୍ଟମ) ବିକ୍ରମ ବେଦୀ କହିଛନ୍ତି, ଭାରତର ଯୁବଗୋଷ୍ଠୀ ପିସି ଗେମିଂକୁ ଅସାଧାରଣ ଭାବେ ଗ୍ରହଣ କରୁଛନ୍ତି, ଯାହା ଭାରତକୁ ବିଶ୍ୱରେ ଏକ ଅଗ୍ରଣୀ ପିସି ଗେମିଂ ଦେଶ ଭାବେ ପ୍ରତିଷ୍ଠିତ କରିଛି । ଏହି ଧାରାକୁ ଚିହ୍ନି ଏଚ୍‌ପି ଏହାର ନୂତନ ପୋର୍ଟଫୋଲିଓ ସହିତ ହାର୍ଡୱେର ଏବଂ ସଫ୍ଟୱେରର ଏକ ବିଶ୍ୱସ୍ତରୀୟ ଇକୋସିଷ୍ଟମର ବିକାଶ ଏବଂ ସମ୍ପ୍ରସାରଣ କରୁଛି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ଏକ ପାରମ୍ପରିକ ଭାରତୀୟ ପରିଧାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନାର୍ଥ ଯୁକ୍ତରାଷ୍ଟ୍ର ଆମେରିକାର ହ୍ୱାଇଟ ହାଉସଠାରେ ଆୟୋଜିତ ରାଷ୍ଟ୍ରୀୟ ନୈଶଭୋଜି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ନୀତା ଭାରତୀୟ ପରମ୍ପରା ଓ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ରହିଥିବା ଭାରତୀୟ ହସ୍ତକଳା ଓ ହସ୍ତଶିଳ୍ପକୁ ପ୍ରଦର୍ଶିତ କରିଥିବା ରିଲାଏନ୍ସ ଫାଉଣ୍ଡେଶନର 'ସ୍ୱଦେଶ' ଅଭିଯାନର ଏକ ଆକର୍ଷଣୀୟ ସିଲ୍କ ଶାଢ଼ି ପରିଧାନ କରିଥିବା ବେଳେ ମୁକେଶ ଏକ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ଭୋଜି ଅବସରରେ ମୁକେଶ ଓ ନୀତା ଅମ୍ବାନୀ ଏବଂ ଗୁଗଲ (ଆଲ୍‌ଫାବେଟ୍)ର ସିଇଓ ତଥା ଭାରତୀୟ ବଂଶୋଦ୍ଭବ ସୁନ୍ଦର ପିଚାଇ ଏବଂ ଅଞ୍ଜଳି ପିଚାଇ ଏକ ବିଶେଷ ମୁହୂର୍ତ୍ତରେ ଫଟୋ ସୁଟ୍ କରୁଛନ୍ତି।

# ବିଶ୍ୱ ମୂଲ୍ୟ ଶୃଙ୍ଖଳକୁ ପ୍ରାଥମିକତା




ଭୁବନେଶ୍ୱର,୨୩।୬

ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ତ୍ରୟୋଦଶ ୱାର୍ଲଡ ଚାମ୍ବର ଅଫ୍ କଂଗ୍ରେସ ଜେନେଭାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଅଭିବୃଦ୍ଧିର ଲକ୍ଷ୍ୟ: କଞ୍ଚାମାଲ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବିଶେଷ ଅଧିବେଶନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଫିକିର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଆର୍ଥିକ ଅଭିବୃଦ୍ଧି ଓ ସମୃଦ୍ଧି ନିମନ୍ତେ ଅନ୍ତର୍ଜାତୀୟ ବାଣିଜ୍ୟର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ, ପ୍ରାକୃତିକ ସମ୍ପଦ ଥିବା ଦେଶଗୁଡ଼ିକ ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହିତ ସମନ୍ୱୟ ରକ୍ଷା କରିବା ନିତାନ୍ତ ଆବଶ୍ୟକ। କିନ୍ତୁ ଏହା ସହ ମୂଲ୍ୟ ଯୋଗ ଦିଗରେ ମଧ୍ୟ ପଦକ୍ଷେପ ନେବା ଜରୁରୀ। କାରଣ ବିଭିନ୍ନ ଅଧ୍ୟୟନ ଅନୁସାରେ ମୂଲ୍ୟଯୁକ୍ତ ଉତ୍ପାଦ ସହିତ ବିବିଧ ରପ୍ତାନିରୁ ଅଧିକ ଲାଭ ମିଳିଥାଏ। ସେହିଭଳି ଜନସାଧାରଣଙ୍କୁ ସଂଯୋଗ ଓ ସଶକ୍ତ କରୁଥିବା ଡିଜିଟାଲ ଭିତ୍ତିଭୂମିକୁ ଜନକଲ୍ୟାଣ ନିମନ୍ତେ ବ୍ୟବହାର ପାଇଁ ଭାରତର ଆଭିମୁଖ୍ୟ ସମ୍ପର୍କରେ ପଣ୍ଡା ଗୁରୁତ୍ୱ ଦେଇଥିଲେ। ସେ ଆହୁରି କହିଥିଲେ, ଏହା କେବଳ ଏକ ଅଭିନବ ଚିନ୍ତାଧାରା ନୁହେଁ, ବରଂ ଭାରତରେ ଏହାକୁ ଯେଉଁ ପରିମାଣରେ କାର୍ଯ୍ୟକାରୀ କରାଯାଉଛି, ତାହା ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରୁଛି।

# ଓପିଜିସିକୁ ଶ୍ରେଷ୍ଠ ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀ ପୁରସ୍କାର

ଭୁବନେଶ୍ୱର,୨୩।୬

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ଲିମିଟେଡ୍‌କୁ ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀ ଭାବେ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏନର୍ଜି ଲିଡରଶିପ୍ ସମ୍ମିଳନୀ ଏବଂ ଆୱାର୍ଡ ୨୦୨୩ ପକ୍ଷରୁ ଓପିଜିସିକୁ 'ଦ ଇକୋନୋମିକ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ନୂଆଦିଲ୍ଲୀସ୍ଥିତ ହ୍ୟାଟ୍ ରିଜେନ୍ସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇ ଓପିଜିସିର ନିର୍ଦ୍ଦେଶକ (ପରିଚାଳନା) ମାନସ ରଞ୍ଜନ ରାଉତ ଉକ୍ତ ପୁରସ୍କାର ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ବିଶେଷକରି ଟାଇମ୍ସ ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଟି ଏନର୍ଜି ଲିଡରଶିପ୍ ଆୱାର୍ଡ' ହେଉଛି ଏକ ଗୌରବମୟ ପୁରସ୍କାର।

ସେହିଭଳି ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ତଥା ଆର୍ଥିକ ପ୍ରଦର୍ଶନ ଦ୍ୱାରା ଗତ ୨ବର୍ଷ ମଧ୍ୟରେ ଓପିଜିସି ଅନେକ ବ୍ୟବସାୟିକ ମାଇଲଖୁଣ୍ଟ ହାସଲ କରିଛି। ଏହାକୁ ଦୃଷ୍ଟିରେ ରଖି ବିଚାରକମଣ୍ଡଳୀ ଚଳିତ ବର୍ଷ ପାଇଁ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ଶକ୍ତି ଉତ୍ପାଦନକାରୀ ସଂସ୍ଥା ମଧ୍ୟରେ ଓପିଜିସିକୁ ଚୟନ କରିଥିଲେ। ଏପରିକି ଆର୍ଥିକ ପରିଚାଳନା ଏବଂ ମୂଲ୍ୟ ଅନୁକୂଳତମ ପଦକ୍ଷେପ ଦ୍ୱାରା ୨୦୨୨-୨୩ ଆର୍ଥିକ ବର୍ଷରେ ଓପିଜିସି ସର୍ବୋଚ୍ଚ ୪୮% ଲାଭ ହାସଲ କରିଥିବାବେଳେ ଉନ୍ନତ ପ୍ଲାଣ୍ଟଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ୍), ସ୍ୱଳ୍ପ ପରିଚାଳନା ମୂଲ୍ୟ, ଚୂଡ଼ାନ୍ତ ଟାରିଫ୍ ମୂଲ୍ୟ ଦ୍ୱାରା ଗତ ୩ଟି ଆର୍ଥିକ ବର୍ଷରେ କ୍ଷତି ସହି ଆସୁଥିବା କମ୍ପାନୀ ୧୧୨୬ କୋଟି ଟଙ୍କା ଲାଭ କରିଛି। ଅପରପକ୍ଷରେ ଅନ୍ୟ ଏକ ପୁରସ୍କାର ବର୍ଗରେ କମ୍ପାନୀର ସକାରାତ୍ମକ ପ୍ରଭାବ ପକାଉଥିବା ତଥା ବ୍ୟବସାୟିକ ନେତୃତ୍ୱ ନେଉଥିବା କର୍ମଚାରୀ ଭାବେ ମାନସ ରଞ୍ଜନ ରାଉତଙ୍କୁ ୨୦୨୩ ବର୍ଷର ମୁଖ୍ୟ ପରିଚାଳନା (ଶକ୍ତି କ୍ଷେତ୍ର) ପାଇଁ 'ଇଟି ଏନର୍ଜି ଲିଡରଶିପ୍ ଆୱାର୍ଡ' ପ୍ରଦାନ କରାଯାଇଛି।

# ପୁରୀ ରଥଯାତ୍ରାରେ ଫ୍ରିଡମ୍ ଅଏଲ ଷ୍ଟଲ୍




ଭୁବନେଶ୍ୱର,୨୩।୬

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପୁରୀ ରଥଯାତ୍ରା ଅବସରରେ ଫ୍ରିଡମ୍ ଅଏଲର ଆକର୍ଷଣୀୟ ଫ୍ରିଡମ ଷ୍ଟଲ୍ ଗୁଣ୍ଡିଚା ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉକ୍ତ ଷ୍ଟଲ୍ ଚଳିତ ବର୍ଷର ବାହୁଡାଯାତ୍ରା ପର୍ଯ୍ୟନ୍ତ ଉପଲବ୍ଧ ରହିବ। ବିଶେଷକରି ରଥଯାତ୍ରା ଅବଧି ମଧ୍ୟରେ ଉଭୟ କାରବାର ଓ ସେବା କମ୍ପାନୀ ପକ୍ଷରୁ ସବୁ ବର୍ଗର ଗ୍ରାହକଙ୍କୁ ଯୋଗାଇଦିଆଯିବ। ଏ ସମ୍ପର୍କରେ ଫ୍ରିଡମ୍ ଅଏଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳ କହିଛନ୍ତି, ଚଳିତ ରଥଯାତ୍ରା ସମୟରେ ପ୍ରତ୍ୟେକ ଫ୍ରିଡମ୍ ଅଏଲର ୧ ଲିଟର ତେଲ କ୍ରୟ ଉପରେ ନିଶ୍ଚିତ ଉପହାର ରହିଛି। ସେହିଭଳି ବ୍ରାଣ୍ଡର ୫ ଲିଟର ସୋରିଷ ତେଲ ଜାର୍ କିଣିଲେ ଗ୍ରାହକ ଗୋଟିଏ ନନ୍‌ଷ୍ଟିକ୍ କଡ଼େଇ ମାଗଣା ପାଇବେ। ଏପରିକି ୫ଲିଟର ସନ୍ ଫ୍ଲାୱାର ତେଲ କିଣିଲେ କମ୍ପାନୀ ପକ୍ଷରୁ ଗୋଟିଏ ବାଲ୍‌ଟି ମାଗଣାରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଅପରପକ୍ଷରେ ରଥଯାତ୍ରା ପାଇଁ ପୁରୀ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ଫ୍ରିଡମ୍ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଉଛି ବୋଲି ଧଳ ମତପ୍ରକାଶ କରିଥିଲେ। ଉକ୍ତ ଷ୍ଟଲ୍ ଉଦ୍‌ଘାଟନୀ ଉତ୍ସବରେ ଜୀବନେଶ୍ୱର ବେହେରା, ପ୍ରମୋଦ ଖ୍ୱାର ଏବଂ ତ୍ରିଲୋଚନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଏମ୍‌ପିପିସିଏଲ୍ ସହ ଗ୍ରୀଡ୍‌କୋର ଚୁକ୍ତିନାମା

ଭୁବନେଶ୍ୱର,୨୩।୬

ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ମଧ୍ୟପ୍ରଦେଶ ଶକ୍ତି ନିଗମ ଲିମିଟେଡ୍ (ଏମ୍‌ପିପିସିଏଲ୍) ମଧ୍ୟରେ ନିକଟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଥିବା ଜଣାପଡିଛି। ବିଶେଷକରି ୩୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ବିନିମୟ ବ୍ୟବସ୍ଥା ମାଧ୍ୟମରେ ଆଣିବା ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପାୱାର ବ୍ୟାଙ୍କିଙ୍ଗ୍ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏପରିକି ଓଡ଼ିଶାରେ ସାମ୍ପ୍ରତିକ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ବିଦ୍ୟୁତ୍ ଶକ୍ତିର ସର୍ବୋଚ୍ଚ ଚାହିଦା ୫୪୦୦ ମେଗାୱାଟରେ ପହଞ୍ଚିଛି। ଏହି ପରିବର୍ତ୍ତିତ ଚାହିଦାକୁ ପୂରଣ କରିବା ପାଇଁ ସମ୍ପ୍ରତି ଆବଶ୍ୟକ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ରହିଛି। ତେବେ ଉତ୍ପାଦନ କେନ୍ଦ୍ରଗୁଡିକର ଆକସ୍ମିକ ବ୍ରେକ୍ ଡାଉନ୍ ଓ ଅନ୍ୟାନ୍ୟ ଜରୁରିକାଳୀନ ପରିସ୍ଥିତିର ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟବାସୀଙ୍କୁ ସ୍ଥିର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ସମ୍ପ୍ରତି ଗ୍ରୀଡ୍‌କୋ ଏମ୍‌ପିପିସିଏଲ୍‌ଠାରୁ ୩୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ବିନିମୟ ବ୍ୟବସ୍ଥା ମାଧ୍ୟମରେ ଆଣିବା ପାଇଁ ଏକ ପାୱାର ବ୍ୟାଙ୍କିଙ୍ଗ୍ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ଓ ଜୁଲାଇ ମଧ୍ୟରେ ଗ୍ରୀଡ୍‌କୋ ଏମ୍‌ପିପିସିଏଲ୍‌ଠାରୁ ୧୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ନିଶ୍ଚୟ ସଂଗ୍ରହ କରିବ ଏବଂ ଆବଶ୍ୟକ ସ୍ଥଳେ ଏହି ଅବଧି ମଧ୍ୟରେ ଯେକୌଣସି ସମୟରେ ଶକ୍ତି ବିନିମୟ ବ୍ୟବସ୍ଥା ମାଧ୍ୟମରେ ଗ୍ରୀଡ୍‌କୋ ଅଧିକ ୨୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଆଣିପାରିବ ବୋଲି ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନା ପଣ୍ଡା ଏକ ପ୍ରେସ୍ ବିବୃତିରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ପାୱାର ବ୍ୟାଙ୍କିଙ୍ଗ୍ ଏକ ନଗଦରହିତ ବ୍ୟବସ୍ଥା, ଯେଉଁଥିରେ କି କୌଣସି ଶୁଳ୍କର ଓ ଦେୟ ପୈଠ ଭିତ୍ତିକ କ୍ରୟବିକ୍ରୟ କରାଯାଏ ନାହିଁ। ଏହି ଶକ୍ତି ବିନିମୟ ବ୍ୟବସ୍ଥାରେ ବିଦ୍ୟୁତ୍ ଶକ୍ତିର ଋତୁଭିତ୍ତିକ ନିଅଣ୍ଟ ଓ ବଳକା ସ୍ଥିତିକୁ ସନ୍ତୁଳିତ କରାଯାଇଥାଏ। ଉପରୋକ୍ତ ଚୁକ୍ତିନାମା ଅନୁଯାୟୀ ଗ୍ରୀଡ୍‌କୋ ଗ୍ରୀଷ୍ମଋତୁରେ ଏମ୍‌ପିପିସିଏଲ୍‌ଠାରୁ ଯୋଗାଡ଼ କରିଥିବା ବିଦ୍ୟୁତ୍ ଶକ୍ତିର ପରିମାଣକୁ ଆଗାମୀ ଶୀତଋତୁ (ନଭେମ୍ବର ଓ ଫେବୃୟାରୀ) ମଧ୍ୟରେ ଗ୍ରୀଡ୍‌କୋ ଫେରସ୍ତ ଦେବ। ଏହି ନେଣଦେଣ ପ୍ରକ୍ରିୟା ସେହି ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବା ଆବଶ୍ୟକ ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି।

# ବାଙ୍କୀରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୩।୬




ରିଲାଏନ୍ସ ରିଟେଲ୍‌ର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର କଟକ ଜିଲା ଅନ୍ତର୍ଗତ ବାଙ୍କୀ ସହରଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ୫୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ଷ୍ଟୋର ଜରିଆରେ ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଆଦି ସୁଲଭ ମୂଲ୍ୟରେ ପାଇପାରିବେ। ସେହିଭଳି ଆଉଟ୍‌ଲେଟ୍‌ର ଉଦ୍‌ଘାଟନୀ ଅଫର ଭାବେ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ସହ ୩୯୯୯ ଟଙ୍କାର ସାମଗ୍ରୀ କିଣିଲେ ୨୪୯ ଟଙ୍କା ଦେଇ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି କଲେ ୨୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଉଲ୍ଲେଖଯୋଗ୍ୟ ବାଙ୍କୀ ସହରରେ ଟ୍ରେଣ୍ଡ୍‌ସର ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଫ୍ୟାଶନ ସାମଗ୍ରୀ ଶପିଂର ଅନୁଭୂତି ଓ ଆନନ୍ଦ ନେଇପାରିବେ ବୋଲି ଆଉଟ୍‌ଲେଟ୍ ପକ୍ଷରୁ କୁହାଯାଇଛି।


**BHUBANESWAR MUNICIPAL CORPORATION**
**E-PROCUREMENT NOTICE**

No. C-633:-
E-Mail Id: ee2@bmc.gov.in

1. Bid Reference No. : BMC-EED-II-07/2023-24 Dt.19.6.23
2. Tender Call Notice No. : No.29181 Dt. 19.06.23
3. No. of Work : 1 No.
4. Bid Value : Rs.24,04,185.00
5. Period of Completion : 60 Days

Date and Time Schedule

| Start | End | Opening |
|---|---|---|
| 11.00 A.M. of 24.6.23 | 5 P.M. of 3.7.23 | 11.00 A.M. of 4.7.23 |

6. Tender details can be seen from the procurement portal: https://www.tendersodisha.gov.in. BMC website https://www.bmc.gov.in

Sd./- Executive Engineer, Div-II
Bhubaneswar Municipal Corporation
OIPR-13002/11/0067/2324

No.C-629:

**WATCO**
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha,India
Telefax:- +91-674-2391444
E-mail:mail@watcoodisha.in/md@watcoodisha.in

**INVITATION FOR BID (IFB)**

Bid Identification No.WATCO (W)-17/2023-24, Dtd.22.06.2023
WATCO No.3699, Date:22.06.2023

01. Name of the Work : Procurement of ISI marked DI K-7, socket & spigot pressure pipes of different diameters for WATCO Division-II, Bhubaneswar
02. Types of Bid : Double Cover (Technical & Financial)
03. Estimated Cost : Rs.195.90 Lakh
04. Period of Completion : 1 (One Calendar) Month
05. Class of Contractor : Manufacturer
06. Date & time of availability of bid document in the portal : From 11.00 AM of Dt.23.06.2023 to 5.00 PM of 03.07.2023
07. Last date / time of receipt of bids in the portal : 5.00 PM of 03.07.2023
08. Date & Time of Opening of technical bids : 11.00 AM of 04.07.2023
09. Name and address of the Officer Inviting Bid :- CEO, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
10. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in.

Sd./- CEO, WATCO
OIPR-13194/11/0029/2324

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14

Letter No.-1754 **INVITATIONS FOR BIDS (IFB)** Date: 21.06.2023

NOTICE INVITATION FOR BIDS (NIFB)
E-Procurement Notice No. BP-I/02/2023-24 dt.21.06.2023

No.CAD-1048:1. Nature of Work : Infrastructure, Renovation, Pre-fab kiosk Work etc. 2. Total No. of Works : 29 Nos. 3. Value of Works : Rs. 7.00 lakhs to 363.50 lakhs. 4. Bid Security: As per NIT. 5. Class of Contractor : As Per NIT. 6. Period of Completion: 3 (Three) months to 11 (Eleven) months. 7. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of opening of Tender |
|---|---|---|---|---|
| Superintending Engineer (I/C), OTDC Ltd. | BP-I/02/2023-24 dt.21.06.2023 | From 05.07.2023 | To 19.07.2023 | 11.30 Hours of dt.20.07.2023 in the office of the Superintending Engineer (I/C), OTDC Ltd., Bhubaneswar |

Further details can be seen from the Govt. Website: www.etenderodisha.gov.in.

Sd./-Superintending Engineer (I/C), O.T.D.C. Ltd.,BBSR
OIPR-37002/11/0004/2324

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE** No. O-261
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore

"e"-Procurement Notice for Road Work | Identification No. Online Tender-Road N.C.B. No. 09 for 2023-24.
Letter No. 2424/ Date: 19.06.2023

1. Name of the work :- **Periodical Maintenance of PMGSY Road. 2.** Total No. of works :- **03 Nos. of work. 3.** Estimated Cost :- From **Rs.103.35** lakhs to **Rs.146.67** lakhs (Approximately). **4.** Eligible Class of Contractor :- 'B' & 'A' (of Odisha P.W.D.) or relevant Class of other licensing authorities (as per annexure). **5.** Period of Completion :- From 03 Calendar months for the work. **6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 09 | Dt.01.07.2023 at 11.00 A.M. | Dt.15.07.2023 upto 5.00 P.M. | Dt.14.07.2023 upto 5.00 P.M. | Dt.17.07.2023 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
OIPR-25105/11/0009/2324 Sd./- Chief Construction Engineer, R.W. Circle, Balasore

**ZILLA SWASTHYA SAMITI, KHORDHA**
(Department of Health & FW, Govt. of Odisha)

Advertisement No: 9204 / DPMUKHD Date:23.06.2023

**ADVERTISEMENT/ NOTICE**

No.E-200:Applications are invited from the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to be posted in Khordha district against the vacancies as mentioned below.

| Sl.No. | Name of the Post | Vacancy | Date of Walk-In-Interview |
|---|---|---|---|
| 1 | Senior TB Lab. Supervisor (STLS) | 1 | 07.07.2023 at 10.00 A.M. |
| 2 | Physiotherapist (IPU) | 1 | 07.07.2023 at 10.00 AM |

Interested in-house candidates of NHM only are requested to attend the Walk-In-Interview with the prescribed format along with the NOC and experience certificate issued by the concerned CDM & PHO and all certificates in support of age, qualification & experience etc. They should bring all original documents/ certificates for verification. Selection shall be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website www.khordha.nic.in and the candidate should attend the Walk-In-Interview at the DTU, Office of the Chief District Medical & Public Health Officer, Khordha on the dates mentioned against each post. The candidates are requested to register their names from 10.00 AM to 12.00 Noon, failing which their candidature shall not be considered. Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept / reject any/ all application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained. No TA/ DA shall be admissible for attending the said Walk-In-Interview.

Sd./- CDM & PHO, Khordha
OIPR-10173/11/0002/2324

# ରାଜ୍ୟକୁ କିଏ ଚଳାଉଛି: ନଡ୍ଡା

**ଭବାନୀପାଟଣାରେ ଭାଜପାର ମହାଜନସମ୍ପର୍କ ଅଭିଯାନ**

- ମୋଦିଙ୍କୁ ପ୍ରଶଂସା କଲେ କଂଗ୍ରେସକୁ କଷ୍ଟ ହୁଏ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ମିଳୁନି


ଭାଜପାର ମହାଜନସମ୍ପର୍କ ଅଭିଯାନରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳୀୟ ନେତୃବୃନ୍ଦ।

ଭବାନୀପାଟଣା,୨୩।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଶୁକ୍ରବାର ଭାଜପାର ମହାଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେଲିକପ୍ଟରରେ ପହଞ୍ଚି ପ୍ରଥମେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିଥିଲେ। ପରେ ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ ମହାଜନସମ୍ପର୍କ ଅଭିଯାନରେ ଯୋଗଦେଇଥିଲେ। ସେଠାରେ ନଡ୍ଡା ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ଓ ବିଜେଡି ଉପରେ ବର୍ଷିଥିଲେ।

ଓଡ଼ିଶାରେ ୨୩ ବର୍ଷ ହେଲା ନବୀନ ସରକାର ଚାଲିଛି, ହେଲେ ଓଡ଼ିଶା ସବୁଠାରୁ ପଛୁଆ। ଏହା ଏବେ ଗରିବ ରାଜ୍ୟ ଭାବେ ପରିଚିତ ହେଉଛି। ଓଡ଼ିଶାର ୩.୫ କୋଟି ଲୋକଙ୍କୁ ମୋଦି ରାଶନ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଘୋଟାଲା ହେଉଛି। ଯୋଗ୍ୟଙ୍କୁ ମିଳୁନି, ଅଯୋଗ୍ୟଙ୍କୁ ମିଳୁଛି। ଏହାର ତଦନ୍ତ ହେବା କଥା। ଗିରିରାଜ ସିଂହଙ୍କୁ କହିବି ତଦନ୍ତ କରିବା ପାଇଁ, ଦୁଧ କା ଦୁଧ ପାଣି କା ପାଣି ହେବ। ଯେଉଁମାନେ ଭ୍ରଷ୍ଟାଚାର କରିଛନ୍ତି ସେମାନଙ୍କୁ ଜେଲ ପଠାଯିବ। ନବୀନ ପଟ୍ଟନାୟକ ଚାହୁଁ ନାହାନ୍ତି ଆୟୁଷ୍ମାନ ଯୋଜନାରେ ଓଡ଼ିଶା ଲୋକଙ୍କୁ ସୁବିଧା ମିଳୁ। ଓଡ଼ିଶାରେ ସମସ୍ତ ରେଳ ଟ୍ରାକ ବିଦ୍ୟୁତୀକରଣ ହୋଇଛି। ଭୁବନେଶ୍ୱର, କଟକ, ପୁରୀରେ ଷ୍ଟେଶନ ଉନ୍ନତୀକରଣ ହୋଇଛି। ରାଜ୍ୟରେ ୭ଟି ମେଡିକାଲ କଲେଜ ହୋଇଛି। ୩ଟି କାର୍ଯ୍ୟକାରୀ ହୋଇଛି, ୪ଟି ଖୁବ୍‌ଶୀଘ୍ର ହେବ। କଳାହାଣ୍ଡିରେ ମଧ୍ୟ ମେଡିକାଲ କଲେଜ ହୋଇଛି। ମୁଣ୍ଡ ପିଛା ଆୟରେ ଓଡ଼ିଶା କମ୍, ଚାଷୀଙ୍କ ଆମଦାନୀରେ ବି ଓଡ଼ିଶା କମ୍, ମହିଳା ଶୋଷଣର ଶିକାର ହେଉଛନ୍ତି। ଭ୍ରଷ୍ଟାଚାରର ସରକାର ଚାଲିଛି, ୫୦ ପ୍ରତିଶତ କମିଶନରେ ଚାଲିଛି। ନବୀନ ପଟ୍ଟନାୟକ କହିଥିଲେ, ସବୁ ବ୍ଲକରେ ଶୀତଳ ଭଣ୍ଡାର ହେବ, ହୋଇଛି କି ବୋଲି ପ୍ରଶ୍ନ ପଚାରିଥିଲେ। ରାଜ୍ୟକୁ ଚଳାଉଛି କିଏ ନେତା ନା ଅଧିକାରୀ। ରାଜ୍ୟରେ ନବୀନ ବାବୁ ସରକାରରେ ଭ୍ରଷ୍ଟାଚାର ଚାଲିଛି। ବିଜେଡି ଏମ୍‌ପି ଓ ବିଧାୟକଙ୍କ କଥା କେହି ଶୁଣୁନାହାନ୍ତି। ନବୀନ ପଟ୍ଟନାୟକ ଅଧିକାରୀଙ୍କ ହାତରେ ପୂରା ଶାସନକୁ ଟେକି ଦେଇଛନ୍ତି ବୋଲି ନଡ୍ଡା କହିଥିଲେ।

ସମାନ ଭାବେ କଂଗ୍ରେସ ଉପରେ ମଧ୍ୟ ସେ ବର୍ଷିଥିଲେ। ନଡ୍ଡା କହିଥିଲେ ମୋଦିଙ୍କୁ ପ୍ରଶଂସା କଲେ କଂଗ୍ରେସକୁ କଷ୍ଟ ହୁଏ। ଶୁକ୍ରବାର ପାଟନାରେ କଂଗ୍ରେସ ସହ କିଛି ବିରୋଧୀ ଏକାଠି ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କ ଜେଜେ ମା' ଲାଲୁ, ନୀତୀଶଙ୍କୁ ଜେଲରେ ଠୁଙ୍କିଥିଲେ। ଆଜି ସେହିମାନେ ରାହୁଲଙ୍କ ସହ ସେଠାରେ ଏକାଠି ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଏକ ନୂଆ ଦିଶା ଦେଇଛନ୍ତି। ତାଙ୍କ ନେତୃତ୍ୱକୁ ସାରା ବିଶ୍ୱ ମାନୁଛି, ନୋବେଲ ବିଜେତା ପଲ୍ ରୋମର ବି ମୋଦୀଙ୍କ ପ୍ରଶଂସାରେ ଶତମୁଖ। ଖାଲି ସେତିକି ନୁହେଁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ବସ୍' କହି ସମ୍ବୋଧନ କରୁଛନ୍ତି, ଏକଥାକୁ କଂଗ୍ରେସ ହଜମ କରିପାରୁନାହିଁ। କଂଗ୍ରେସ ନେତା ମୋଦିଙ୍କୁ ସାପ, ବିଛା କହିବାକୁ ବି ପଛାଉନାହାନ୍ତି। କିନ୍ତୁ ଏକଥା ସେମାନେ ଭୁଲିଯାଉଛନ୍ତି, ଦେଶର ୧୪୦ କୋଟି ଜନତା ମୋଦିଜୀଙ୍କ ସହିତ ଅଛନ୍ତି ବୋଲି କହିଥିଲେ। ଏହାସହ ଉପସ୍ଥିତ ଜନତାଙ୍କ ଆଗରେ ମୋଦି ସରକାରଙ୍କ ୯ ବର୍ଷ ସଫଳତାର ଗୁଣଗାନ କରିଥିଲେ। ଏଥିରେ ୯ ବର୍ଷରେ ୧୮ ଲକ୍ଷ କୋଟି ଟଙ୍କା ରେଳ, ଜାତୀୟ ରାଜପଥ ଭଳି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଖର୍ଚ୍ଚ ହୋଇଛି। ସମୟ ଆସିଗଲାଣି ଆଗାମୀ ଦିନରେ ଦିଲ୍ଲୀରେ ଭାଜପା ସରକାର ହେବ ଓ ଓଡ଼ିଶାରେ ମଧ୍ୟ ସରକାର ଗଢ଼ିବ ବୋଲି କହିଥିଲେ। ଆରମ୍ଭରେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଜୟ ଜଗନ୍ନାଥ କହି ନଡ୍ଡା ନିଜ ଭାଷଣ ଆରମ୍ଭ କରିଥିଲେ। ସଭାରେ ନଡ୍ଡାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସଭାପତି ମନମୋହନ ସାମଲ,ଏମପି ଜୁଏଲ ଓରାମ, ସଙ୍ଗୀତା ସିଂହଦେଓ, ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସେଠାରୁ ଟାଉନ ହଲକୁ ଯାଇ ଦଳିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ। ଏହି ସମୟରେ ସେ ସଙ୍ଗଠନକୁ ମଜଭୁତ କରିବା, ମୋଦିଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଉପରେ ଦଳୀୟ କର୍ମୀଙ୍କୁ ବାର୍ତ୍ତା ଦେଇଥିଲେ। ସାଧାରଣ ନିର୍ବାଚନ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ନଡ୍ଡାଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି
### ସଡ଼କପଥରେ ଝାରସୁଗୁଡ଼ା ବିମାନବନ୍ଦର ଫେରିଲେ

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢୀ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଗୁରୁବାର ସମ୍ବଲପୁର ଓ ଝାରସୁଗୁଡ଼ାରେ ତାଙ୍କର କାର୍ଯ୍ୟକ୍ରମ ରହିଥିଲା। ଶୁକ୍ରବାର ବୁର୍ଲା ଏମ୍‌ସିଏଲ୍ ଗେଷ୍ଟହାଉସରୁ ବାହାରି ହେଲିକପ୍ଟର ଯୋଗେ ସେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ତେଣୁ ସେ ସଡକ ପଥରେ ଭବାନୀପାଟଣାରୁ ଝାରସୁଗୁଡା ବିମାନବନ୍ଦରକୁ ଆସିଥିଲେ। ୨୯୦ କି.ମି. ରାସ୍ତା ଅତିକ୍ରମ କରିବାକୁ ପ୍ରାୟ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ରାତି ପ୍ରାୟ ସାଢେ ୯ଟାରେ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ହେଲିକପ୍ଟର ଉଡାଣ କରିପାରି ନ ଥିଲା ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଡକ ପଥରେ ଏତେ ସମୟ ଯିବା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଚିନ୍ତାରେ ପଡିଯାଇଥିଲା। ଧର୍ମେନ୍ଦ୍ର ଝାରସୁଗୁଡ଼ାରୁ ଟ୍ରେନ୍ ଯୋଗେ ତାଳଚେର ଯାଇଥିଲେ।

## ନଡ୍ଡାଙ୍କ ନିଜ ରାଜ୍ୟ ହିମାଚଳ ପ୍ରଦେଶର ସରକାର ଏବେ କଂଗ୍ରେସ ହାତରେ: ପିସିସି ସଭାପତି

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ ଅବସରରେ ଦେଇଥିବା ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନଡ୍ଡାଙ୍କ ଗସ୍ତ ରାଜ୍ୟବାସୀଙ୍କ ଉପରେ ପ୍ରଭାବ ପକାଇବ ନାହିଁ। ଭାଜପାର କେନ୍ଦ୍ରୀୟ ନେତୃତ୍ୱ ପୂର୍ବରୁ ଓଡ଼ିଶାକୁ ଦଖଲ କରିବା ପାଇଁ ବହୁ ଆସ୍ଫାଳନ କରିଥିଲେ। ମାତ୍ର ତାହା ଫଳବତୀ ହୋଇନାହିଁ। ପୂର୍ବରୁ ୧୨୦ ସିଟ୍ ଦଖଲ କରିବା ପାଇଁ ଯେଉଁ ବାହୁସ୍ଫୋଟ ମାରିଥିଲେ ତାହା ସମ୍ଭବ ହେଲାନାହିଁ। ଦେଶବାସୀ ଅନୁଭବ କରିଛନ୍ତି, ଭାଜପାର ପ୍ରତିଶ୍ରୁତି ପାଣିରଗାର ଭଳି। ନଡ଼ାଙ୍କ ପାଦତଳେ ଆଉ ମାଟି ନାହିଁ। ତାଙ୍କର ନିଜ ରାଜ୍ୟ ହିମାଚଳ ପ୍ରଦେଶର ସରକାର ବର୍ତ୍ତମାନ କଂଗ୍ରେସ ହାତରେ। ଆଉ ତାଙ୍କ ନେତୃତ୍ୱରେ ହୋଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ମଧ୍ୟ ସେ ଧରାଶାୟୀ ହୋଇଛନ୍ତି। ନଡ଼ା ଏକ ରାଷ୍ଟ୍ରୀୟ ଦଳର ସଭାପତି ହୋଇ ନିଜର ପଦମର୍ଯ୍ୟାଦା ଓ ଶାଳୀନତାକୁ ଭୁଲିଯାଉଛନ୍ତି। କଂଗ୍ରେସ ସମ୍ପର୍କରେ ସେ ଯେଉଁ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ତାଙ୍କ ବ୍ୟକ୍ତିତ୍ୱର ଅବକ୍ଷୟ ହୋଇଛି। ଏଠାରେ ଭାଜପା ଓ ବିଜେଡି ଭାଗୁଆଳ ଭାବେ ୯ ବର୍ଷ ଶାସନ କରିଥିଲେ। ଏବେ ମଧ୍ୟ ସବୁ ନୀତିନିଷ୍ପତ୍ତିରେ ଉଭୟ ଦଳ ଏକ ଅଛନ୍ତି। ସାଧାରଣ ଜନତାଙ୍କୁ ଭୁଆଁ ବୁଲାଇବା ପାଇଁ ଭେଳିକି କରାଯାଉଛି ବୋଲି ଶରତ କହିଛନ୍ତି।

## ହତାଶ କର୍ମୀଙ୍କୁ ଉତ୍ସାହିତ କରୁଛନ୍ତି ନଡ୍ଡା: ବିଜେଡି

ଭୁବନେଶ୍ୱର,୨୩।୬(ଅନିଲ ଦାସ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଶୁକ୍ରବାର କଳାହାଣ୍ଡିଠାରେ ଆୟୋଜିତ ଦଳୀୟ ସଭାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାର ଜବାବରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଯେଉଁ ଭାଷଣ ଦେଇଛନ୍ତି ତାହା କେବଳ ହତାଶ ହୋଇପଡ଼ିଥିବା ଓଡ଼ିଶାର ଭାଜପା ନେତା ଓ କ୍ୟାଡରମାନଙ୍କୁ ଉତ୍ସାହିତ କରିବା ମୂଳ ଲକ୍ଷ୍ୟ। ଗତ ଉପନିର୍ବାଚନରେ ବିଜୁ ଜନତା ଦଳଠାରୁ ହାରିବା ସହିତ ୨୦୨୨ ଜିଲା ପରିଷଦ ନିର୍ବାଚନରେ ୩୦ଟି ଜିଲାରେ ଭାଜପା ପରାଜୟ ବରଣ କରିଛି। ଏହା ଭଲ ହୋଇଥାନ୍ତା ଯଦି ରାଷ୍ଟ୍ରୀୟ ଅଧ୍ୟକ୍ଷ କେନ୍ଦ୍ରରେ ଭାଜପା ସରକାର କେବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ପ୍ରତି ବ୍ୟକ୍ତିଙ୍କ ପାଇଁ ୫ କିଲୋଗ୍ରାମ ଚାଉଳ ଯୋଗାଇବା ଆରମ୍ଭ କରିବେ, ଯାହାକୁ କେନ୍ଦ୍ର ସରକାର ବନ୍ଦ କରିଛନ୍ତି ଓ ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଭାବରେ ନାମିତ କରିଛନ୍ତି। ଦିଲ୍ଲୀରେ ଓଡ଼ିଶା ଭାଜପା ନେତାଙ୍କ ଷଡ଼ଯନ୍ତ୍ର ଯୋଗୁ ଓଡ଼ିଶାକୁ ମିଳିବାକୁ ଥିବା ୭ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ଘରକୁ କିଭଳି ଅଟକାଇ ଦିଆଯାଇଥିଲା ସେ ବିଷୟରେ ସୂଚନା ଦେଇଥିଲେ ଭଲ ହୋଇଥାଆନ୍ତା ବୋଲି ସସ୍ମିତ କହିଛନ୍ତି।

ଏଥିସହ ଓଡ଼ିଶା ଭାଜପା ନେତାମାନେ ଯଦି ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଷୟରେ ଠିକ୍ ଭାବରେ ସୂଚନା ଦେଇଥାନ୍ତେ, ତେବେ ସେ ଏହାକୁ ନିଶ୍ଚିତ ଭାବେ ପ୍ରଶଂସା କରିଥାନ୍ତେ। କାରଣ ବିଏସ୍‌କେୱାଇରେ ମହିଳାମାନଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି, ଯାହା ଆୟୁଷ୍ମାନ ଯୋଜନାରେ ପ୍ରଦାନ କରାଯାଇଥିବା ଅର୍ଥର ୨ ଗୁଣ। ଓଡ଼ିଶାର ୪.୫ କୋଟି ଲୋକ କ୍ରମାଗତ ୫ ଥର ପାଇଁ ଏବଂ ୨୩ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇ ଆସୁଛନ୍ତି। କାରଣ ମୁଖ୍ୟମନ୍ତ୍ରୀ ସେମାନଙ୍କ ସେବା କରନ୍ତି ଏବଂ ସେମାନେ ମଧ୍ୟ ତାଙ୍କୁ ଭଲ ପାଆନ୍ତି। ସେବା ଏବଂ ଶାସନ ନ କରିବାରେ ବିଶ୍ୱାସ ରଖୁଥିବା ଲୋକମାନେ ଏହା ଠିକଣା ଭାବେ ବୁଝିଛନ୍ତି ବୋଲି ସସ୍ମିତ କହିଛନ୍ତି।

## ଅଫିସର ସୀମା ଭିତରେ ରୁହନ୍ତୁ, ନ ହେଲେ କଂଗ୍ରେସ ଶିଖାଇଦେବ: ଶରତ

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଯାହା ଖବର ମିଳୁଛି ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିଭିନ୍ନ ଜିଲା ବୁଲି ସରକାରୀ ସଭା ସମିତିରେ ବିଭିନ୍ନ ଯୋଜନାର ଘୋଷଣା ସହ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପ୍ରତିଶ୍ରୁତି ଦେଉଛନ୍ତି; ଯାହା ସାମ୍ବିଧାନିକ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି କରିବା କଥା। ମାତ୍ର ୫-ଟି ସଚିବ ନିର୍ବାଚିତ ପ୍ରତିନିଧିମାନଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼େଇ ନେଉଛନ୍ତି। ରାଜ୍ୟର ସଚେତନ ନାଗରିକ ଏହାକୁ ନାପସନ୍ଦ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ବିଡିଓ, ତହସିଲଦାର, ଜିଲାପାଳ ବା ସଚିବ ହୋଇପାରନ୍ତି, ହେଲେ ସମସ୍ତେ ନିଜ ନିଜ ସୀମା ଭିତରେ ରହି କାର୍ଯ୍ୟ ନିର୍ବାହ କରିବା କଥା। ୫-ଟି ସଚିବଙ୍କୁ ଯେତିକି କ୍ଷମତା ଦିଆଯାଇଛି ସେ ତା'ଠାରୁ ଅଧିକ ବ୍ୟବହାର କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ବିପଦ। ମୁଖ୍ୟମନ୍ତ୍ରୀ ୫-ଟି ସଚିବଙ୍କୁ ଏଭଳି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କି ନାହିଁ ତାହା ପ୍ରକାଶ କରନ୍ତୁ। ଅଫିସରମାନେ ନିଜ ସୀମା ଭିତରେ ରୁହନ୍ତୁ, ନଚେତ୍ କଂଗ୍ରେସ ତାଙ୍କୁ ସୀମା ଭିତରେ ରହି କାର୍ଯ୍ୟ କରିବା ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶିଖାଇଦେବ ବୋଲି କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

## ଉପା ସରକାର ୧୨ ଲକ୍ଷ କୋଟି ଟଙ୍କା ଦୁର୍ନୀତିରେ ସମ୍ପୃକ୍ତ ଥିଲେ: ଶାହା

ଜମ୍ମୁ, ୨୩।୬

ଦେଶରୁ ଦୁର୍ନୀତି ହଟାଇବାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏକ ଶକ୍ତ ମୂଳଦୁଆ ପକାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଜମ୍ମୁରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ପୂର୍ବରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ୧୨ ଲକ୍ଷ କୋଟି ଟଙ୍କା ଦୁର୍ନୀତିରେ ସମ୍ପୃକ୍ତ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ବ୍ୟତୀତ ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ମଧ୍ୟ ଶାହା ସମାଲୋଚନା କରିଥିଲେ। ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଯୋଗୁ ୪୨ ହଜାର ଲୋକଙ୍କ ଜୀବନ ଯାଇଛି। ଏଥିପାଇଁ କିଏ ଦାୟୀ ବୋଲି ବରିଷ୍ଠ ଭାଜପା ନେତା ଏନ୍‌ସି ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଏବଂ ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କୁ ପ୍ରଶ୍ନ କରିଛନ୍ତି। ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ନୂଆ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ ୭୦ ପ୍ରତିଶତ ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ କରାଯାଇଛି। ଜମ୍ମୁ-କଶ୍ମୀର ଏବେ ପ୍ରଗତିର ରାସ୍ତାରେ ଯାତ୍ରା ଆରମ୍ଭ କରିଛି ବୋଲି ଶାହା କହିଛନ୍ତି। ଉପା ସରକାରର ୧୦ ବର୍ଷ ଶାସନରେ ୭,୩୨୭ ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ ଏନ୍‌ଡିଏ ସରକାରଙ୍କ ୯ ବର୍ଷ ମଧ୍ୟରେ ୨,୩୫୦ ଆତଙ୍କବାଦ ଘଟଣା ଘଟିଛି। ଉପା ସରକାର ବେଳେ ୨୦୦୪ରୁ ୨୦୧୪ ମଧ୍ୟରେ ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀରରେ ୨,୦୫୬ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ଏନ୍‌ଡିଏ ସରକାର ଅମଳରେ ଏହି ସଂଖ୍ୟା ୩୭୭କୁ ହ୍ରାସ ପାଇଛି। ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ ବିଚ୍ଛିନ୍ନତାବାଦୀଙ୍କ ବନ୍ଦ ଡାକରା ୩୨କୁ କମିଥିବାବେଳେ ଟେକାପଥର ଘଟଣାରେ ୯୦ ପ୍ରତିଶତ ହ୍ରାସ ଘଟିଛି। ଜମ୍ମୁ-କଶ୍ମୀର ସ୍ଥିତିରେ ଉନ୍ନତି ଦେଖାଦେଇଛି ଏବଂ ସମାଜର ସବୁ ବର୍ଗର ଲୋକେ ସେମାନଙ୍କ ଅଧିକାର ଓ ନ୍ୟାୟ ପାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## କଂଗ୍ରେସରେ ଗୋପାଳ ମହାନ୍ତି

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିର ଲିଗାଲ ସେଲ୍ ବିଭାଗର ମୁଖ୍ୟ ଦିଗ୍‌ଦର୍ଶକ ତଥା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଶୁକ୍ରବାର କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପାଳ କହିଛନ୍ତି, ୧୯୭୭ରୁ ଜନତା ଦଳ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିଆସୁଥିଲି। ଏବେ ସେ ଅନୁଭବ କରୁଛି, ବିଜେଡି ଏକ ରାଜନୈତିକ ଦଳ ହୋଇ ନାହିଁ ବରଂ ଏକ କର୍ପୋରେଟ୍ ବଡି ଭାବେ କାର୍ଯ୍ୟ କରୁଛି। ତେଣୁ ନିଜ ସ୍ୱାଭିମାନ ରକ୍ଷାକରିବା ପାଇଁ ସେ ବିଜେଡି ଛାଡ଼ିଛନ୍ତି। କଂଗ୍ରେସର ନୀତି, ଆଦର୍ଶ, ଜାତୀୟ ଏକତା ଏବଂ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ବିଶେଷ ଭାବେ ମୋତେ ପ୍ରଭାବିତ କରିଛି ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି, ଗୋପାଳଙ୍କ ଯୋଗଦାନ କଂଗ୍ରେସ ସଙ୍ଗଠନକୁ ସମୃଦ୍ଧ କରିବ। ଏହି ଅବସରରେ ଦଳର ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

**ଫୁର୍‌ସତ**



## ଅଲିବାଗ୍‌ରେ ୧.୫ ଏକର ଜମି କିଣିଲେ ସୁହାନା

ମୁମ୍ବାଇ: ବଲିଉଡ୍ ବାଦ୍‌ଶାହ ଶାହାରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଜୋୟା ଅଖତରଙ୍କ ସହ ଫିଲ୍ମ 'ଦି ଆର୍ଚିଜ୍' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ସେ ମଧ୍ୟ ବଲିଉଡ୍ ଷ୍ଟାର୍‌ଙ୍କ ଭଳି ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ଚାଷ ପାଇଁ ମୁମ୍ବାଇର ଅଲିବାଗ୍‌ରେ ୧.୫ ଏକର ଜମିକୁ ୧୨ କୋଟି ୯୧ ଲକ୍ଷ ଟଙ୍କାରେ କିଣିଛନ୍ତି। ସେଥିମଧ୍ୟରୁ ୨୨୧୮ ବର୍ଗ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ଚାଲିଛି। ସେ ଏଥିପାଇଁ ଜୁନ୍ ୧ରେ ପଞ୍ଜୀକରଣ କରିଥିଲେ। ସୁହାନା ମଧ୍ୟ ୭୭ ଲକ୍ଷ ୪୬ ହଜାର ଟଙ୍କା ଷ୍ଟାମ୍ପ ଡ୍ୟୁଟି ଜମା କରିଛନ୍ତି। ଏହି ଜମି ଅଞ୍ଜଳି, ରେଖା ଏବଂ ପ୍ରିୟା ୩ ଭଉଣୀଙ୍କଠାରୁ କିଣାଯାଇଛି। ଏହା ପୂର୍ବରୁ ଅଲିବାଗ୍‌ରେ ଶାହାରୁଖ୍‌ଙ୍କ ମଧ୍ୟ ସମ୍ପତ୍ତି ରହିଛି। ତେବେ ପ୍ରଶଂସକ ଦୀର୍ଘ ସମୟ ଧରି ସୁହାନାଙ୍କ ବଲିଉଡ୍ ଡେବ୍ୟୁକୁ ଅପେକ୍ଷାକରି ରହିଛନ୍ତି, ଯାହା ଶୀଘ୍ର ସରିବାକୁ ଯାଉଛି। ଫିଲ୍ମ 'ଦି ଆର୍ଚିଜ୍' ଖୁବ୍‌ଶୀଘ୍ର ଓଟିଟି ପ୍ଲାଟ୍‌ଫର୍ମରେ ନଭେମ୍ବରରେ ରିଲିଜ୍ ହେବାକୁ ଯାଉଛି। ଏହାପୂର୍ବରୁ ସୁହାନା ଏକ ବ୍ୟୁଟି ପ୍ରଡକ୍ଟ 'ମେବଲିନ୍'ର ଆମ୍ବାସାଡାର ମଧ୍ୟ ହୋଇଥିଲେ।

## ରାଇନାଙ୍କ ରେଷ୍ଟୁରାଣ୍ଟ




**ଆମଷ୍ଟରଡାମ୍:** ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଲରାଉଣ୍ଡର ସୁରେଶ ରାଇନା ନିକଟରେ ତାଙ୍କ ରୁଚିକୁ ପୂରଣ କରିଥିବା କହିଛନ୍ତି। ସେ ନେଦରଲାଣ୍ଡର ରାଜଧାନୀ ଆମଷ୍ଟରଡାମ୍‌ରେ ତାଙ୍କର ଏକ ଭାରତୀୟ ରେଷ୍ଟୁରାଣ୍ଟ ଖୋଲିଛନ୍ତି। ସେ ବର୍ଷ ବର୍ଷ ଧରି ଖାଦ୍ୟ ପ୍ରତି ଥିବା ତାଙ୍କ ଭଲପାଇବା ଦେଖାଇ ଆସିଥିଲେ। ଏବେ ସେ ତାଙ୍କର ଏହି ରୁଚି ଏବଂ ଭାରତର ଅନେକ ସ୍ୱାଦକୁ ୟୁରୋପର ହୃଦୟକୁ ଆଣିବା ମିଶନରେ ଥିବା କହିଛନ୍ତି। ତାଙ୍କର ଏହି ମିଶନରେ ସମସ୍ତେ ଯୋଗଦେବା ସହ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ସେ କହିଛନ୍ତି। ସେ ଯେତେବେଳେ ସ୍ତ୍ରୀ ପ୍ରିୟଙ୍କାଙ୍କ ସହ ଆମଷ୍ଟରଡାମ୍‌ରେ ବ୍ୟାଙ୍କ ଚାକିରି କରୁଥିଲେ, ସେତେବେଳୁ ସେ ଏହି ସହରର ନିୟମିତ ପରିଦର୍ଶକ ଥିଲେ। ନିକଟରେ ରାଇନା ସ୍ତ୍ରୀ ପ୍ରିୟଙ୍କାଙ୍କ ଜନ୍ମଦିନ ପାଳନ କରିବା ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ। ପୂର୍ବତନ ଭାରତୀୟ କ୍ରିକେଟ ଦଳର ସଦସ୍ୟ ତଥା ବର୍ତ୍ତମାନ ଆମ ଆଦ୍‌ମୀ ପାର୍ଟିର ନେତା ହରଭଜନ୍ ସିଂ ଆମଷ୍ଟରଡାମ୍‌ରେ ଥିବା ଏହି ନୂଆ ରେଷ୍ଟୁରାଣ୍ଟରେ ରାଇନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେବେ ରାଇନା ୨୦୧୧ କ୍ରିକେଟ ବିଶ୍ୱକପ୍ ଏବଂ ୨୦୧୩ ଆଇସିସି ଚାମ୍ପିୟନଶିପ୍ ଟ୍ରଫି ଜିତିଥିଲେ। ଆଇସିସି ପୁରୁଷ ଟି-୨୦ରେ ରାଇନା ପ୍ରଥମ ଭାରତୀୟ ଭାବେ ଶତକ ହାସଲ କରିଥିଲେ। ସେ ୧୫ ଅଗଷ୍ଟ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ପ୍ଲାଟ୍‌ଫର୍ମରୁ ଅବସର ଘୋଷଣା କରିଥିଲେ।

## ଘୋଡ଼ାକୁ ଧୂମପାନ



**ଡେରାଡୁନ୍:** ଏକ ଘୋଡ଼ାକୁ ୨ ଜଣ ବ୍ୟକ୍ତି ଜୋର ଜବରଦସ୍ତ ଧୂମପାନ କରାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଘଟଣା ଦେଖିବାକୁ ମିଳିଛି ଉତ୍ତରାଖଣ୍ଡର କେଦାରନାଥ ମନ୍ଦିରକୁ ଯିବା ରାସ୍ତାରେ। ଗୁରୁବାର ଏହି ଭିଡିଓ ଭାଇରାଲ ହେବା ପରେ ଉତ୍ତରାଖଣ୍ଡ ପୋଲିସ ଏନେଇ ତତ୍ପରତା ଦେଖାଇ ଉକ୍ତ ୨ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଥିବା କହିଛି। କେଦାରନାଥ ଯାତ୍ରାରେ ଯାଉଥିବା କେହି ଜଣେ ଭକ୍ତ ଏହି ଭିଡିଓ କଏଦ କରି ସୋସିଆଲ ମିଡିଆରେ ଛାଡ଼ିଥିବା ଜଣାପଡିଛି। ଏହି ଘଟଣା ଲୋକଙ୍କ ମନରେ ବହୁ ଆଘାତ ଦେଇଛି। ପ୍ରାଣୀଙ୍କ ପ୍ରତି ନିର୍ଦ୍ଦୟତାର ପ୍ରମାଣ ସ୍ୱରୂପ ଏହି ଭିଡିଓ ମାଧ୍ୟମରେ ସାମ୍ନାକୁ ଆସିଛି। ଭିଡିଓରେ ୨ ଜଣ ବ୍ୟକ୍ତି ଏକ ଘୋଡ଼ାର ପାଟିରେ ଜବରଦସ୍ତ ଏକ ଗଞ୍ଜେଇ ଚିଲମ ଦେଉଛନ୍ତି। ଏଥିସହ ତା' ନାକ ବନ୍ଦକରି କିଛି ସମୟ ପରେ କାଢୁଛନ୍ତି। ଏହାପରେ ଘୋଡ଼ାଟିର ନାକରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି।



## ୫.୭ କୋଟିର ଘଣ୍ଟା ନେକ୍‌ଲେସ



ୱାଶିଂଟନ: ଅନ୍ତର୍ଜାତୀୟ ଗୀତିକାର ରିହାନା ଅନେକ ସମୟରେ ତାଙ୍କ ଜୀବନଧାରଣକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ପ୍ୟାରିସ୍‌ରେ ଆୟୋଜିତ ହେଉଥିବା ଫ୍ୟାଶନ ଶୋ' ଲୁଇସ୍ ଭୁଇଟନ୍ ମେନ୍ସ ସ୍ପ୍ରିଙ୍ଗ ୨୦୨୪ ଶୋ'ରେ ତାଙ୍କ ବନ୍ଧୁ ଏ.ପି. ରକିଙ୍କ ସହ ଯୋଗଦେଇଥିଲେ। ସେ ବେକରେ ପିନ୍ଧିଥିବା ନେକ୍‌ଲେସ୍‌କୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସେ ପିନ୍ଧିଥିବା ନେକ୍‌ଲେସରେ ଏକ ଘଣ୍ଟା ଥିବା ଦୃଶ୍ୟମାନ ହେଉଛି। ସେହି ଘଣ୍ଟାର ମୂଲ୍ୟ ୫.୭ କୋଟି ବୋଲି ଜଣାପଡିଛି। ଫ୍ୟାଶନ ସପ୍ତାହରେ ରିହାନାଙ୍କ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସେ ପିନ୍ଧିଥିବା ଘଣ୍ଟାରେ ୩୦ କ୍ୟାରଟ୍ ସୁନା ଫ୍ଲାଇଂ ଟୁର୍ବିଲନକୁ ୩୩୯ ଧଳା ଡାଇମଣ୍ଡ ସହ ସଜ୍ଜାଯାଇଥିଲା।

# ସୂର୍ଯ୍ୟାସ୍ତର ଆଭାରେ ମାମା

ବିଶେଷ ଗଦ୍ୟ



ମଣୀନ୍ଦ୍ର କୁମାର ମେହେର

ନିଜକୁ ଲାଗୁଛି ରବୀନ୍ଦ୍ରନାଥଙ୍କ ଚିତ୍ରିତ ଚରିତ୍ର କାବୁଲିଓ୍ୱାଲା ପରି। ତା'ର ତ ମିନି ସହିତ ସାକ୍ଷାତ୍ ସମ୍ଭବ ହୋଇଥିଲା ବାହାଘରବେଳେ। ମୋ' କ୍ଷେତ୍ରରେ ନାହିଁ ସେତିକି ବି ସମ୍ଭାବନା।

ବିଶ୍ୱବିଦ୍ୟାଳୟର ଯେଉଁ ପ୍ରକୋଷ୍ଠରେ ମୁଁ ରହେ କାର୍ଯ୍ୟରତ, ତାହାର ପାଖକୁ ଲାଗି ରହିଛି ମୋର ସାନଭଉଣୀ ସଦୃଶା ହେମଲତା ମାଡାମ୍‌ଙ୍କ କୋଠରି। ସେଇଠୁ ହିଁ ବାହାରି ଆସେ ଯେଉଁ ଟିକି ପରୀଟି, ତା'ର ଆତ୍ମୀୟତା ବର୍ଣ୍ଣନା କରିବାର କ୍ଷମତା ନାହିଁ ମୋର। ପ୍ରଥମେ ପ୍ରଥମେ ହେଉଥିଲା ସାମାନ୍ୟ ସଙ୍କୁଚିତ। ମାମା ମାମା ବୋଲି ସ୍ନେହରେ ଡାକିଲେ ଏକଲୟରେ ଅନାଇଲା ମୋତେ ଧୀରେ ଧୀରେ। ଆଶ୍ଚର୍ଯ୍ୟର କଥା ଯେ, ଅତି ଅଳ୍ପଦିନ ମଧ୍ୟରେ ମୋତେ ସେ ଟାଣିନେଲା ତା' ପାଖକୁ। ତିନି ବର୍ଷର ବାଳିକା। ଗୋରା ତକତକ ମୁହଁରେ ପ୍ରତିଫଳିତ ହୋଇଉଠେ ଶେଫାଳିର ଶୁଭ୍ରତା। ସେ ହସିଦେଲେ ମୋ' ଛାତି ଭିତରେ ଯେ କେତେ ଫୁଲ ଫୁଟିଯାଏ, ତାହା ଲେଖିବସିଲେ ହୋଇଯିବ ଏକ ବଗିଚା। 'ସାର୍' ସମ୍ବୋଧନ କରି ସେ ଦୌଡ଼ିଆସେ କୋଳକୁ ଡେଇଁପଡ଼ିବା ପାଇଁ। ଆଦରରେ କୋଳେଇନିଏ ମୁଁ ତାକୁ। ପ୍ରତ୍ୟେକ ଦିନ ମଧ୍ୟାହ୍ନଭୋଜନ ପରେ ମୁଁ କିଛି ମିଶ୍ରି ଖାଏ ବୋଲି ରଖିଥାଏ ଏକ ଛୋଟ ଡବାରେ। ସେହି ମିଶ୍ରି ଖାଇବା ପାଇଁ ତା'ର କି ଆଗ୍ରହ! ମୁଁ ଠିପିରେ ଦଶ ବାରଟି ଛୋଟ ଛୋଟ ମିଶ୍ରି ଖଣ୍ଡ ବଢ଼ାଇଦିଏ ତା' ହାତକୁ। ସେ ହାତରେ ଟେକିନେଇ ପାଟିରେ ଭରିଦିଏ ଅର୍ଦ୍ଧାଧିକ। ତା' ପରେ ଯାହା ରହିଗଲା ତାକୁ ଥରେ ଚାହେଁ, ତା'ପରେ ମୋତେ ଦେଖେ ହସହସ ମୁହଁରେ। ମୁଁ ଜାଣିପାରେ ତା' ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି କୁନି ମାଆଟିଏ। ଖଣ୍ଡେ ଖଣ୍ଡେ ମିଶ୍ରି ହାତରେ ଆଣି ଆଦରରେ ଖୁଆଇଦିଏ ମୋତେ। ତା'ର ଏ ଆନ୍ତରିକତା ଦିନେ ନୁହେଁ, ପ୍ରତିଦିନ ହୁଏ ଅଭିନୀତ ମୋ' ପ୍ରକୋଷ୍ଠରେ।

ତା'ର ଅଧିକାର ସାବ୍ୟସ୍ତ କରେ ସେ ଏ ଇଲାକାରେ। ମୋ' ଟେବୁଲ ଉପରେ ଥିବା ରିମୋଟ୍ କଣ୍ଟ୍ରୋଲ, ପେପରଓ୍ୱେଟ୍, ସାନିଟାଇଜର, ଅଠା ଶିଶି, ଷ୍ଟାମ୍ପପେଡ୍ ସବୁଯାକ କରିଦିଏ ଏପଟସେପଟ। ତା'ର ମାଆ ତାକୁ ଆକଟ କରୁଥା'ନ୍ତି। କିନ୍ତୁ ସିଏ ଜାଣିଛି ଯେ ଜିନିଷପତ୍ର ଇତସ୍ତତଃ କରିବାର ଅଧିକାର ତାକୁ ମୁଁ ଦେଇଛି। ସେଥିପାଇଁ ସେ ମାନେ ନାହିଁ କାହାରି କଥା। ପଚାରେ- 'ସାର୍ ତମେ ଖାଇଲଣି?' ତା'ର ମାଆ କୁହନ୍ତି- 'ଆରେ ତମେ ନୁହଁ, ଆପଣ ବୋଲି କହ।' ତା'ପରେ ସେ ଥରେ ଅଧେ କହେ 'ଆପଣ' ବୋଲି। ତା'ପରେ ସେହି ସମ୍ବୋଧନ ଭୁଲିଯାଇ 'ତମେ' ସମ୍ବୋଧନରେ ହିଁ ମୋତେ କରେ ସ୍ନେହାପ୍ଲୁତ। ଯେ କୌଣସି ପୋଷାକ ପିନ୍ଧିଲେ ବି ସେ ଦିଶେ ସୁନ୍ଦର। ତା' ପାଇଁ ମୋର ପତ୍ନୀ ତିଆରି କରିଦେଲେ ସମ୍ବଲପୁରୀ ଫ୍ରକ୍‌ଟିଏ। ତାହାକୁ ପିନ୍ଧି ସେ ଏ ସମଗ୍ର ଇଲାକାରେ ଖୁସିରେ ଦଉଡ଼େ। ଯେତେବେଳେ ମୁଁ ଓ୍ୱାଶରୁମ୍‌କୁ ଯାଉଥାଏ, ସେତେବେଳେ ବି ମୋର ଅନୁସରଣ କରିବାକୁ ଲାଗେ। ହେମଲତା ତାକୁ ଅଟକାଇ ଦିଅନ୍ତି। ଓ୍ୱାଶରୁମ୍‌ରୁ ବାହାରିଆସିବା ପରେ ଖିଲିଖିଲି ହୋଇ ସଶବ୍ଦେ ସେ ଚମକାଇଦିଏ ଆଢୁଆଳରୁ ବାହାରି ଆସି। ତାକୁ ହାତରେ ଧରି ଘୂରାଇଦିଏ ମୁଁ ଦୁଇ ତିନି ଥର। ସେତିକିରେ ତା'ର ହୋଇଯାଏ ରାମଦୋଳିରେ ଝୁଲିବା ଉତ୍ସବ। କି ହସ! କି ଉଲ୍ଲାସ! ସେ ନିଜେ ଆନନ୍ଦିତ, ନା ମୋର ବିଷାଦବୋଧକୁ ନିର୍ବାପିତ କରିଦେବା ପାଇଁ ଆସିଥିବା ଦେବୀ ସଉାଟିଏ?



ମୋର ଅବସର ଗ୍ରହଣ କରିବା ହୋଇଯାଉଛି ନିକଟତର। ମୁଁ ଦିନେ ଅନୁପସ୍ଥିତ ରହିଲେ ସେ ପଚାରେ ମାଆକୁ ତା'ର ସାର୍ ଗଲେ କୁଆଡ଼େ! ମୁଁ ଫେରିଲେ କହିବ ତା'ର ଖଣ୍ଡିଖଣ୍ଡି ଦରୋଟି ଭାଷାରେ "ମୁଁ ଖୋଜୁଥିଲି ତୁମକୁ।" ମୋ' ପାଖରୁ ତା'ର ବିଦାୟ ନେବାର ମୁହୂର୍ତ୍ତ ଭାରି ଭାବାବେଗପୂର୍ଣ୍ଣ। ସେ ସାଷ୍ଟାଙ୍ଗ ପ୍ରଣିପାତ କରେ ମୋତେ। ମୁଁ ତାକୁ ମାମା ଆୟୁଷ୍ମତୀ, ଯଶସ୍ୱିନୀ ଓ ତେଜସ୍ୱିନୀ ହୁଅ ବୋଲି କହିଲେ ସେ ଉଠେ। ପ୍ରକୋଷ୍ଠରୁ ମୋର ବାହାରୁଥାଏ। ପୁଣି ଫେରିଆସେ। ଆଉଥରେ ପୁଣି ସେହି ସାଷ୍ଟାଙ୍ଗ ପ୍ରଣିପାତ। ମୋତେ କେବେ ଲାଗେ ନାହିଁ ଯେ ଏହି ଶ୍ରେୟା, ମୋ' ମାମା ସାଧାରଣ ଝିଅଟିଏ ବୋଲି। ମୁଁ କଳ୍ପନା କରିପାରେ ଭବିଷ୍ୟତରେ ସେ ଅସାମାନ୍ୟ ପ୍ରତିଭା ତା'ର ପ୍ରଦର୍ଶନ କରିବ ନିଶ୍ଚିତ ଭାବରେ।

ଆରମ୍ଭରୁ କାହିଁକି କହୁଥିଲି କାବୁଲିଓ୍ୱାଲା କଥା? ଲେଖକଙ୍କ ଝିଅ ମିନି ସହିତ ତା'ର କେତେ ଥିଲା ନିବିଡ଼ ଆତ୍ମୀୟତା। ବହୁଦିନ ପରେ କାବୁଲିଓ୍ୱାଲା ଯେତେବେଳେ ପହଞ୍ଚିଛି ମିନିର ବାହାଘରବେଳେ, ସେତେବେଳେ ସେ ଆଉ ପୂର୍ବର ସେହି ଚଳଚଞ୍ଚଳା ନିର୍ଝରିଣୀ ହୋଇ ରହିନାହିଁ। ପରିଣତ ହୋଇଯାଇଛି ଶାନ୍ତ, ଶୀତଳ, ନିରବ, ଗମ୍ଭୀର ଓ ସ୍ଥିର ଜଳାଶୟରେ। ମୁଁ ଜାଣେ ମାମା ମୋର, ରିଟାୟାରମେଣ୍ଟ ପରେ ମୁଁ ବିଭାଗ ଛାଡ଼ି ଚାଲିଗଲେ କିଛିଦିନ ଖୋଜିବ ନିଶ୍ଚୟ। ଏହାପରେ ତା' ସହିତ ଆଉ କେବେ ହେବ ଦେଖା, ତାହାର ନାହିଁ କୌଣସି ନିଶ୍ଚିତତା। ତେବେ ଯଦି ହୁଏ ଅଚାନକ ସାକ୍ଷାତ୍, ମୋତେ ଦେଖାଯାଉଛି ଯେଉଁ ଦୃଶ୍ୟ ତାହା ହେଲା ସେ ଆଉ ମୋତେ ଚିହ୍ନିପାରୁ ନ ଥିବ। ହେମଲତା ମାଡାମ୍ ମୋ' ସହିତ ତା'ର ଘନିଷ୍ଠତା ମନେପକାଇ ଦେବାର ଆନ୍ତରିକ ଚେଷ୍ଟା କରୁଥିବେ। ମାତ୍ର ସେ ଆଉ ମୋତେ ମାଗିବ ନାହିଁ ମିଶ୍ରି। ମୋତେ ଗୋଟିଗୋଟି କରି ମିଶ୍ରି ଖଣ୍ଡ ଆଉ ଖୁଆଇ ଦେବ ନାହିଁ। ଆଢୁଆଳରୁ ବାହାରି ଆସି ଖିଲିଖିଲି ହସରେ ଆଉ ଚମକାଇ ଦେବ ନାହିଁ। ମୋର ଦୁଇ ହାତରେ ଆଉ ଦୋଳି ଝୁଲିବ ନାହିଁ। ବଡ଼ ହୋଇଯାଇଥିବ ସିଏ। ଦିଶୁଥିବ ଗମ୍ଭୀର। ପ୍ରଣାମ କରିବ ପାଦ ଛୁଇଁ ନିଶ୍ଚୟ। ହୋଇଥିବ ପ୍ରତିଭାମୟୀ। କିନ୍ତୁ ଯେଉଁ ମାମାକୁ ମୁଁ କରିଥିଲି ଅତି ଆପଣାର, ସେହି ସତେଜ ସୁଗନ୍ଧିତ ଶୁଭ୍ର ଗୋଲାପର ପାଖୁଡ଼ା ହୋଇ ଆଉ ପ୍ରସ୍ଫୁଟିତ ହେଉ ନ ଥିବ ସେ। କହୁଥିଲି ନା, କାବୁଲିଓ୍ୱାଲା ମିନିର ବାହାଘରବେଳକୁ ଆସିଲାବେଳେ ତା' ସହ ଦେଖାହୋଇଛି। ମାତ୍ର ମୋର ଅତି ପ୍ରିୟ ମାମାର ବାହାଘରକୁ ଆସିବାର ସୌଭାଗ୍ୟ ତ ନ ଥିବ। ସେହି ଶୁଭ ସମ୍ବାଦ ଶୁଣିବା ପୂର୍ବରୁ ଅସ୍ତମିତ ହୋଇଯାଇଥିବ ସୂର୍ଯ୍ୟ।

ମୋ: ୮୮୯୫୮୮୧୫୮୯

## ପୁସ୍ତକ ପରିଚୟ

### ଫକୀରମୋହନ ସେନାପତି: ଦ ମେକିଙ୍ଗ୍ ଅଫ୍ ଆନ୍ ଅଥର

**ଲେଖକ:** ଦେବେନ୍ଦ୍ର କୁମାର ଦାଶ, ଦୀପ୍ତି ରଞ୍ଜନ ପଟ୍ଟନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, ମୂଲ୍ୟ: ଟ ୩୦୦/-




ବହୁ ପ୍ରତ୍ୟାଶିତ ଆଲୋଚ୍ୟ ସମାଲୋଚନା-ଗ୍ରନ୍ଥଟି ଓଡ଼ିଶାର ଦୁଇ ବିଶିଷ୍ଟ ଗବେଷକ ଓ ବିଦ୍ୱାନ୍ ଦେବେନ୍ଦ୍ର କୁମାର ଦାଶ ଓ ଦୀପ୍ତି ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ। ଫକୀରମୋହନ ସେନାପତିଙ୍କ ମୂଳଲେଖା ଆଧାରରେ ଓଡ଼ିଆ ସାହିତ୍ୟକୁ ତାଙ୍କର ଗୁଣାତ୍ମକ ଓ ସମୟୋଚିତ ଅବଦାନ ସମ୍ପର୍କରେ ଇଂଲିଶରେ ଲିଖିତ ଏ ବହିଟି ସମ୍ଭବତଃ ଏଯାବତ୍ ଫକୀରମୋହନଙ୍କ ସାହିତ୍ୟ ଓ ଜୀବନଭିତ୍ତିକ ସବୁଠୁଁ ପ୍ରାମାଣିକ ଏକ ସମାଲୋଚନା ଗ୍ରନ୍ଥ। ଗ୍ରନ୍ଥରେ ଫକୀରମୋହନଙ୍କ ଗଳ୍ପ, ଉପନ୍ୟାସ, ଜୀବନୀ ତଥା ସମାଜ-ରାଜନୈତିକ ଓଡ଼ିଶାର ତତ୍କାଳୀନ ପ୍ରେକ୍ଷାପଟ୍ଟରେ ଗଢ଼ିଉଠିଥିବା ଫକୀରମୋହନୀୟ ସାଂସ୍କୃତିକ-ନେତୃତ୍ୱର ଯେପରି ସନ୍ଧାନୀ ଅନୁଧ୍ୟାନ କରାଯାଇଛି, ତାହା କେବଳ ଓଡ଼ିଆ ଭାଷାରେ ନୁହେଁ, ଇଂଲିଶ ଭାଷାରେ ମଧ୍ୟ ବିରଳ ବୋଲି କହିହେବ। ବହିଟିରେ ମୋଟ ୧୧ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ଫକୀରମୋହନଙ୍କ ସମକାଳୀନ ସମାଜ ସାଂସ୍କୃତିକ ସ୍ଥିତି, ତାଙ୍କ ଜନ୍ମ ଓ ଆଦ୍ୟ ଜୀବନ; ଦ୍ୱିତୀୟ ପରିଚ୍ଛେଦରେ ବାଲେଶ୍ୱରର ସାଂସ୍କୃତିକ-ଜୀବନଧାରାରେ ତାଙ୍କର ବିଜଡ଼ନ, ତୃତୀୟ ପରିଚ୍ଛେଦରେ ପାଠ୍ୟପୁସ୍ତକ ଲେଖକ ଭାବେ ଫକୀରମୋହନଙ୍କ ବିଶେଷତ୍ୱ, ପଞ୍ଚମରେ ଏକ ନୂଆ ସାହିତ୍ୟ-ଧାରାର ପ୍ରବର୍ତ୍ତକ ଫକୀରମୋହନ, ଷଷ୍ଠରେ ଅନୁବାଦକ ଫକୀରମୋହନ, ସପ୍ତମରେ କବି ଫକୀରମୋହନ, ଅଷ୍ଟମରେ ଗଳ୍ପ ଲେଖକ ଫକୀରମୋହନ, ନବମରେ ଔପନ୍ୟାସିକ ଫକୀରମୋହନ, ଦଶମରେ ଆତ୍ମଜୀବନୀ ଲେଖକ ଫକୀରମୋହନ ଓ ଏକାଦଶରେ ଏସବୁର ସଂଶ୍ଳେଷଣ ଓ ନିଷ୍କର୍ଷ ଆଲୋଚିତ। ପ୍ରତି ବ୍ୟକ୍ତି ଓ ପାଠାଗାର ପାଇଁ ବହିଟି ଏକ ଅମୂଲ୍ୟରତ୍ନ ବିବେଚିତ ହେବାର ସାମର୍ଥ୍ୟ ରଖେ।

### କବି ତୁମେ ମନେପଡ଼ ବାରମ୍ବାର

**ଲେଖକ:** ଅରବିନ୍ଦ ଗିରି
**ପ୍ରକାଶକ:** ଶ୍ରଦ୍ଧାସ୍ପଦ ଗିରି, ମୋତିଗଞ୍ଜ, ବାଲେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/-




ପ୍ରୟାତ ପ୍ରଥିତଯଶା କବି ବ୍ରଜନାଥ ରଥଙ୍କ କବିତା, କବିତ୍ୱ ଓ ଜୀବନ ସମ୍ପର୍କରେ ଆଲୋଚ୍ୟ ଗ୍ରନ୍ଥଟି ଏକ ଏପରି ସଂକଳନ, ଯହିଁରେ ଅରବିନ୍ଦ କବିଙ୍କ ସହ ନିଜର ଓତପ୍ରୋତ ସମ୍ପୃକ୍ତିକୁ ଅତି ଯତ୍ନର ସହ ବିନିଯୋଗ କରି କବିଙ୍କ ସାରସ୍ୱତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି। ମୋଟ ୧୧ଟି ପରିଚ୍ଛେଦରେ ବିଭକ୍ତ ବହିଟିରେ ସାରସ୍ୱତ ମୁରବି ଭାବେ ବ୍ରଜନାଥ, କବି ଭାବେ ବ୍ରଜନାଥ ଓ ମହାଜୀବନର ଭାଷ୍ୟକାର ଭାବେ ବ୍ରଜନାଥଙ୍କର ଅନୁଭବନିଷ୍ଠ ଆକଳନ କରାଯାଇଛି। ଅନ୍ୟ ଅନେକ ପ୍ରସଙ୍ଗ ସହ କବିଙ୍କ ସହ ଏକ ସାକ୍ଷାତ୍‌କାର ମଧ୍ୟ ଏଥିରେ ସ୍ଥାନିତ ହୋଇଛି, ଯାହା ବ୍ରଜନାଥଙ୍କ କବି-ଦୃଷ୍ଟିକୁ ବୁଝିବାରେ ପାଠକଙ୍କୁ ସହାୟତା ଦେବ। ବ୍ରଜନାଥଙ୍କୁ ନେଇ ଅରବିନ୍ଦ ବିଭିନ୍ନ ଅବକାଶରେ ଲେଖିଥିବା ନିବନ୍ଧଗୁଡ଼ିକର ଏହା ସଂକଳିତ ରୂପ ହୋଇଥିବା ସତ୍ତ୍ୱେ ପରିଚ୍ଛେଦଗୁଡ଼ିକ ପରସ୍ପର ସହ ସୁସମ୍ବନ୍ଧିତ ହୋଇପାରିଛି। ପଞ୍ଚମ ପରିଚ୍ଛେଦର ଶୀର୍ଷକକୁ ବହିର ଶୀର୍ଷକ କରାଯାଇଛି ଓ ଏଥିରେ ଗ୍ରନ୍ଥକାର ଲେଖିଛନ୍ତି: "ଯଶସ୍ୱୀ କବି ବ୍ରଜନାଥ ରଥଙ୍କ ପାର୍ଥିବ ଜଗତରୁ ବିଦାୟ ବେଶ୍ କିଛିଦିନ ହୋଇଗଲା। x x ଆନୁଷ୍ଠାନିକ ସ୍ମୃତି ଶ୍ରଦ୍ଧାଞ୍ଜଳି ମଧ୍ୟ ଶେଷ ହେଲା। ତଥାପି ସେ ଅପାସୋରା, ଅଭୁଲା।" ବହିଟିରେ ବ୍ରଜନାଥଙ୍କ ସ୍ମୃତିବିଜଡ଼ିତ କତିପୟ ଆଲୋକଚିତ୍ର ରହିଛି, ଯାହା ତାଙ୍କ ସ୍ମୃତିକୁ ଜାଗ୍ରତ କରିବାରେ ସହାୟକ। ଯେଉଁ ବ୍ରଜନାଥ ତାଙ୍କର ଏକ କବିତାରେ ପ୍ରତିଶ୍ରୁତ ଯେ ଏଠାରୁ ଗଲାପରେ ପୁଣି ସେ ଫେରିଆସିବେ, ପ୍ରଭାତୀ ତାରାର ହସରେ ଓ ଶିଶୁର ଲଳିତ କଣ୍ଠରେ- ସେହି ବ୍ରଜନାଥଙ୍କ ସ୍ମୃତି-ସମ୍ବଳିତ ଏହି ପୁସ୍ତକଟି ପାଠକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ



"କେହି ତା'ର ପୂରା ଜୀବନକୁ ବୁଝିପାରେ- ଏଥିରେ ମୁଁ ନିଶ୍ଚିତ ନୁହେଁ।"
-ବିକ୍ରମ ସେଠ୍

**ବିକ୍ରମ ସେଠ୍‌ଙ୍କ** ଜନ୍ମ ୨୦ ଜୁନ୍ ୧୯୫୨ରେ, କଲକାତାରେ। 'ଏ ସୁଟେବଲ୍ ବୟ' ପାଇଁ ପ୍ରସିଦ୍ଧ ବିକ୍ରମ ଏକାଧାରରେ ଭାରତୀୟ-ଇଂଲିଶ୍ କବିତା ଓ ଉପନ୍ୟାସର ଲେଖକ, ଯାହାଙ୍କ ରଚନାର ସ୍ୱକୀୟତା ତାଙ୍କୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ କରିପାରିଛି, ଯାହା ମଧ୍ୟରେ ଅନ୍ତର୍ଗତ 'ପଦ୍ମଶ୍ରୀ', 'ସାହିତ୍ୟ ଏକାଡେମୀ ପୁରସ୍କାର', 'ପ୍ରବାସୀ ଭାରତୀୟ ସମ୍ମାନ' ଓ 'କ୍ରସ୍‌ଓ୍ୱର୍ଡ ପୁସ୍ତକ ପୁରସ୍କାର'। 'ମ୍ୟାପିଙ୍ଗ୍‌ସ' ଓ 'ବିଷ୍ଟ୍ଲି ଟେଲର' ତାଙ୍କର ଦୁଇ ପ୍ରସିଦ୍ଧ କବିତା ପୁସ୍ତକ। ସେ କହନ୍ତି: "ବେଳେବେଳେ ମୋର ମନେହୁଏ, ଖବରକାଗଜଗୁଡ଼ିକ କେବଳ ସ୍ଥାନ ପୂରଣ କରନ୍ତି। ଲମ୍ବା ବହିର ଲେଖକମାନେ ବି ଠିକ୍ ସେଇଆ କରନ୍ତି।"

## ଦୂର ସମ୍ପର୍କ

ମିନି ଗଳ୍ପ
ପ୍ରଭଞ୍ଜନ ଦାଶ

ସେଦିନ ସନ୍ଧ୍ୟାରେ ୱାକିଂ ସାରି ଫେରୁଥିବା ବେଳେ ହଠାତ୍ ଦେଖା ହେଇଗଲା ପରେଶ ସହ ଶେଫାଳିର। ପରସ୍ପରକୁ ଦେଖି ଉଭୟେ ଯେତିକି ଖୁସି ହେଲେ ସେତିକି ଭାବବିହ୍ୱଳିତ ବି ହେଇ ପଡୁଥିଲେ। ଦୀର୍ଘ ଦଶବର୍ଷ ପରେ ଏ ମିଳନ ସେ ବି ପୁଣି ଏମିତି ଆକସ୍ମିକ ଭାବେ। ଆଶା ତ ନଥିଲା ଯେ ପୁଣି କେବେ ଦେଖା ହବ କିନ୍ତୁ ହଁ ଏମିତି ବି କେବେକେବେ ହୁଏନା କି ଆଶାଠାରୁ ବି ଢେର୍ ଅଧିକ ମିଳିଯାଏ କିଛି ଜଣଙ୍କୁ। ଖୁବ୍ ହସୁଥିଲା ଶେଫାଳି। ହସି ହସି ସେ ପଚାରୁଥିଲା, କେମିତି ଅଛ ପରେଶ? ଉତ୍ତରରେ ପରେଶ, ହଁ ସେମିତି ଭଲ। ଆଉ ତୁମେ?

ଆଉ ଟିକେ ହସିଦେଇ ଶେଫାଳି, ମୁଁ ବହୁତ ଭଲ ଅଛି। ତମ ସହ ଦେଖା ହେଇ ଖୁବ୍ ଖୁସି ଲାଗିଲା। ଏଇ ପାର୍କ ପଛରେ ମୁଁ ରହୁଛି। ଘର ନଂ ବି ସେଭେନ୍। କେତେବେଳେ ଆସିବ ନିଶ୍ଚୟ। ଠିକଣା ଦେଇ ଶେଫାଳି ଚାଲିଗଲା। ପରେଶ ମନେମନେ ଭାବୁଥିଲା ହାତକୁ



ଦି'ହାତ ହେଲେ, ଟିକିଲି ଜାଗାରେ ସିନ୍ଦୂର ନାଇଲା ପରେ ଏ ମଣିଷ କେତେ ବଦଳିଯାଏ ସତରେ! ସେଇ ଶେଫାଳି ଯିଏ ଦିନେ ମୋ' କୋଳରେ ମୁଣ୍ଡ ରଖି କେତେ କ'ଣ ଗପିଯାଉଥିଲା ମନଖୋଲି; ହେଲେ ଆଜି ସେ ନିଜ ଆଖିର ଲୁହକୁ ଲୁଚେଇ ରଖୁଛି ମୋ' ଆଖିରୁ। ସେ ନ ଦେଖେଇଲେ ବି ମୁଁ ଦେଖି ପାରୁଥିଲି ଶାଢ଼ି ଆଢୁଆଳରେ ସେ ଲୁଚେଇ ରଖୁଥିବା ନିଆଁ ଚେଙ୍କର ଦାଗକୁ। ଗୋରା ଚମରେ ସ୍ପଷ୍ଟ ଭାବେ ବାରି ହେଇ ପଡୁଥିଲା ସେ ସବୁ। ସେ ନ କହିଲେ ବି ମୁଁ ପଢ଼ିପାରୁଥିଲି ତା' ମନ ଗୋପନରେ ଥିବା ଅସଂଖ୍ୟ ଅକୁହା କଥାର ଅସହ୍ୟ ଯନ୍ତ୍ରଣାକୁ। ଟିକିଏ ହସର ପରଦା ପଛରେ ସେ କେମିତି ଲୁଚେଇ ରଖିପାରୁଛି ତା' ଅଜସ୍ର ଲୁହର ପାହାଡ଼ ସବୁ? ସତରେ ମୁଁ କ'ଣ ଏତେ ପର? ଶେଫାଳି ବି ଅଭିମାନ କରିଛି ମନେମନେ, ଯା' ଭିତରେ ତମେ କେତେ ବଦଳିଯାଇଛ ପରେଶ! ଅନ୍ୟମାନଙ୍କଠାରୁ ତୁମ ଅବସ୍ଥା, ତୁମ ପରିସ୍ଥିତି ଆଉ ସମସ୍ୟା ବିଷୟରେ ମୁଁ ସବୁ ଜାଣେ। ପାରିବାରିକ ଅଶାନ୍ତିରେ ତୁମେ କିଭଳି ଦିନ କାଟ ସେକଥା ମତେ ବେଶ୍ ଭଲ ଭାବେ ଜଣା। ହେଲେ ଆଜି ଏ କି ଅଭିନୟ ତୁମର! ମିଛକୁ ଘୃଣା କରୁଥିବା ତମେ ଆଜି ମିଛର ସାହାରା ନେଇ ଖୁବ୍ ସୁନ୍ଦର ଅଭିନୟ କରିପାରୁଛ। ମନେହେଉଛି ମୁଁ ଯେମିତି ତମର କେହି ନୁହେଁ। ଖୁବ୍ ପର। ଆଉ ଆମ ସମ୍ପର୍କ ବହୁତ ଦୂର।

ମୋ: ୭୩୨୬୯୫୯୯୯୫

## କବିତା

### ରବର

ମଧୁସୂଦନ ଦାଶ

ରବର ଯେମିତି
ପେନ୍‌ସିଲ ଗାରକୁ ଲିଭାଏ
ନିଠେଇ ନିଠେଇ ମୁଁ ସେମିତି
ମୋ ଅବିବେକର
ପେନ୍‌ସିଲ ଗାରକୁ ଲିଭାଏ
ମୋ ବିବେକ ରବରରେ
ଲୁଚେଇ ଲୁଚେଇ।

ରବର ଯେମିତି ଟାଣିଲେ ଲମ୍ବେ
ମୁଁ ବି ସେମିତି ଲମ୍ବେ ଆଉ କାହାର
ଟାଣଟାଣ ଟଣାରେ।

ରବର ଯେମିତି ବିନା ଟଣାରେ
ଜାକି ହୋଇ ରହେ
ମୁଁ ସେମିତି ଜାକି ହୋଇଥାଏ
ଆଉ କାହାର
ଦଳଦଳ ଦଂଶନ ପୀଡ଼ାରେ।

ବେଶି ଟଣାରେ
ରବର ଯେମିତି ଛିଣ୍ଡିଯାଏ
ମୁଁ ବି ସେମିତି ଛିଣ୍ଡୁଥାଏ
ମୋ ଛିଣ୍ଡାଛିଣ୍ଡା କାମନା କୋପରେ।

ରବର ଭିତରେ ପବନ ପଶିଲେ
ଯେମିତି ସେ ଫୁଲିଉଠେ
ମୁଁ ବି ସେମିତି ଫୁଲିଉଠେ
ତୋଷାମଦର ପବନ ଭର୍ତ୍ତିରେ।

ମୁଁ ଆଉ ରବର
ଗୋଟିଏ ଠିକଣା ଦୁଇଟି ଠଣା।

ମୋ: ୯୪୩୭୩୩୨୪୯୮

### ଝରିପୋକ

ଡ. ଗୌରୀଶଙ୍କର ସାହୁ

ଆକାଶରେ ଭାସୁଥାଏ କଳାକଳା ମେଘ
ମେଘ ଦେହୁ ଝରୁଥାଏ ବୁନ୍ଦାବୁନ୍ଦା ବର୍ଷା
ଟାଣ ଖରା ଛୁ' ମାରେ
ଆପଣା ବାଟରେ।

ଭିଜିଉଠେ ଡହଡହ ମାଟି
ସୁଶୀତଳ, ସୁବାସିତ ଶ୍ରାବଣ ସ୍ପର୍ଶରେ।

କେଉଁଠି ଥାଆନ୍ତି କେଜାଣି
ମାଟି ଚିରି ଉଡ଼ିଆସନ୍ତି ଥିରିଥିରି
ପତଙ୍ଗ ପାତେଳୀ
ଆମ ଘର ଚାରିପାଖେ
ଝରିପୋକ ମେଳି।
ଏତେ ଆଦର ଆଲୁଅକୁ
ଝରିପୋକଙ୍କର ଯେ
ଆମେ ଲିଭେଇ ଦେଉ
ଆମ ଉଜ୍ଜ୍ୱଳପଣ
ବିଜୁଳି ଥାଇ ବି
ଆମନ୍ତ୍ରି ଆଣୁ ଅନ୍ଧାର
ଆମ ଘର ଓ ଦୁଆର।
କିଏ କ'ଣ ଡାକେ କେବେ
ଆସ ଆସ
ପୋକଙ୍କ ସଂସାର
ଆସ ଆସ ଖୋଲି ଦେଉଛୁ
ଆମ ଝରକା କବାଟ!

ପୀରତିର କେତେ ରୂପ
କେତେ ଭେକ
ଲନ୍ଦଫନ୍ଦ ଦେଖାଦେଖି
ଲୁଚାଛପା ଫନ୍ଦି ଓ ଫିକର,
ମୁହଁ ମୋଡ଼ି ଚାଲିଯିବା
ଆଇଁଷିଆ ଆଖିର ବି
ଅନେକ ହୃଦର
ଦୋ ଦୋ ପାଞ୍ଚ
ସମୟର ସ୍ୱର
କେଉଁ ଆଇଁଷକୁ କରିବ ନିଜର ଅବା
କେଉଁ ଆଇଁଷ ବା ହେବ ସାତ ପର।
ଝରିପୋକ କ'ଣ ବୁଝେ ଏତେ କଥା
କପଟ କବିତା!

ମୋ: ୭୯୭୮୪୨୧୮୩୫

ଗୀତି-କବିତା

### ପାନ୍ଥଶାଳା

ହରିଶ୍ଚନ୍ଦ୍ର ବେହେରା

ଆଦିମ ବନାନୀ ସବୁଜ ଉଲ୍ଲାସ
ବୁକେ ଏକା ପାନ୍ଥଶାଳା
ମୃଗୟା ବିନୋଦେ କେତେ କେ ଆସନ୍ତି
ପୂରେ କି ତା' ଶୂନ୍ୟ ଡାଲା।୦।
ଜହ୍ନ ଧୋଇଦିଏ ଅନ୍ଧାରକୁ ତା'ର
ଫୁଲର ମହକ ଦେଇ
ଗେହ୍ଲେଇ ଝରଣା କୁଳୁକୁଳୁ ସ୍ୱରେ
କେତେ ଗୀତ ଯାଏ ଗାଇ
କେବେ ଇନ୍ଦ୍ରଧନୁ ପାନ୍ଥଶାଳାକୁ
କରିଦିଏ ମତୁଆଲା।୧।
ନିଶୂନ୍ ରାତିର ଅନ୍ଧାର ଭିତରେ
ନିଶା ଡାକେ ସାଇଁ ସାଇଁ
କେତେ ନିଃସଙ୍ଗତା ନ ଭୋଗିଛି ସିଏ
ନିଜ ଲୁହ ନିଜେ ପିଇ
ବନବାସୀଙ୍କର ନିରାପଦ ନିଦ
କିଏ ଆଜି ଭାଙ୍ଗିଦେଲା।୨।
ପାନ୍ଥଶାଳା କେବେ ପଚାରି ବୁଝିନି
ଜାତି ଗୋତ୍ର ଧର୍ମ ନାଆଁ
ଯିଏ ବି ଆସିଛି କୋଳେଇ ନେଇଛି
ସତେକି ରଙ୍କୁଣୀ ମାଆ
ଶତ୍ରୁ ମିତ୍ର କିଛି ବିଭେଦ ନ ରଖି
ରଖିଛି ଅନ୍ତର ଖୋଲା।୩।

ମୋ: ୯୪୩୭୮୧୩୭୦୮

ଅନୁବାଦ କବିତା

### ଏକାକୀ ନୁହନ୍ତି କେହି

ମୂଳ ରଚନା: ପି.ବି. ଶେଲି
ମର୍ମାନୁବାଦ: ଡ. ସୂଚନା ପାଢ଼ୀ

ଝରଣା ଛୁଁଇ ନଦୀ
ନଦୀ ଛୁଇଁଦିଏ ସାଗର
ପବନ ସୁଅରେ ମିଶଇ ପବନ
ମନ ସାଙ୍ଗ ହୁଏ ମନର।

ପ୍ରଣୟ ପୁଲକ ଚିର ସୁମଧୁର
ସ୍ୱର୍ଗୀୟ ଆନନ୍ଦ ନାହିଁ ତୁଳନା
ତୁମେ ଆଉ ମୁଁ, ମୁଁ ଆଉ ତୁମେ
ବୁଝି କି ବୁଝନା! କିଆଁ ଛଳନା!

ପରବତ ଲୋଡ଼େ ପ୍ରଶସ୍ତ ଆକାଶ
ଢେଉ ପରେ ଢେଉ ପଡ଼ଇ ଢଳି
ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ
ଲଗାଇ ଦିଅଇ ପ୍ରେମର ଡୋରି।

ତପନ କିରଣ ଛୁଏଁ ଧରଣୀ
ଚନ୍ଦ୍ର କିରଣ ସାଗର ଜଳ
ଅକୁହା ମନର ଭାଷା ନ ବୁଝିଲେ
ଭଲ ପାଇବାରେ ଅଛି କି ମୂଲ?

ମୋ: ୯୪୩୮୬୦୪୮୬୫

## ସ୍ୱପ୍ନର ଝଡ଼

ଅଣୁଗଳ୍ପ

ଶରତ କୁମାର ରାଉତ

ଗୋଟିଏ ସାହିତ୍ୟ ସଭାରେ ଦାଶବାବୁ ମୋତେ କିଛି ପଚାରିବାକୁ ଉଦ୍ୟତ ହେଉଥିବା ବେଳେ ହଠାତ୍ ମୁଁ ପରିଚୟ ଦେଲି, "ମୁଁ ସାଗର, ଏ ପୃଥିବୀର ଜଣେ ଲେଖକ।" ସେ ଯେପରି ମୋତେ ଲେଖକ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। କେତେକ ପ୍ରଖ୍ୟାତ ଲେଖକଙ୍କର ନାଁ ନେଇ ସେ କହିଲେ, "ମୁଁ ଏମାନଙ୍କୁ ଜାଣେ ତଥା ମୁଁ ବି ଜଣେ ସୁ-ସାହିତ୍ୟିକ ଭାବେ ଜଣାଶୁଣା। କିନ୍ତୁ ଆପଣ...?" ତାଙ୍କ କଥାରେ ଭରି ରହିଥିଲା ତାଚ୍ଛଲ୍ୟ।

ପ୍ରତ୍ୟୁତ୍ତରରେ ମୁଁ କେତେଜଣ ପ୍ରଖ୍ୟାତ ଲେଖକଙ୍କ ନାଁ ଉପସ୍ଥାପନ କରି କହିଲି, "ମୁଁ ଏମାନଙ୍କୁ ଲେଖକ ହିସାବରେ ଜାଣେ, ଅଥଚ ଆପଣଙ୍କୁ... ହଁ... ହଁ, ଆପଣ ଲେଖାଲେଖି କରୁଛନ୍ତି, ହେଲେ...।"

ସେ ସଙ୍ଗେ ସଙ୍ଗେ କହିଲେ, "ଲେଖକ ଭାବରେ ମୋର ନାଁ ଅଛି, ପତ୍ରପତ୍ରିକାରେ ପ୍ରକାଶିତ ମୋ' ଗପ, କବିତା ଓ ଅନେକ ପାଠକଙ୍କୁ ଦେଖାଇ କହିପାରିବି ଯେ ମୁଁ ଲେଖକଟିଏ।"

ମୁଁ ବି ତାଙ୍କୁ ପତ୍ରପତ୍ରିକାରେ ପ୍ରକାଶିତ ମୋର ଗପ ଓ ଅନ୍ୟାନ୍ୟ ଲେଖା ସମ୍ପର୍କରେ ଉଦାହରଣ ଦେଲି। ମୋର ଗୋଟିଏ ଗପ ସମ୍ପର୍କରେ ସେ କହିଲେ, "କୋର୍ଟ ଭିତରେ ଜଜ୍‌ଙ୍କ ସାମ୍ନାକୁ ଶବ ଯାଏନି କି କାହାକୁ ଏଭଳି କୁତ୍ସିତ ଭାବରେ ଗିରଫ କରାଯାଏନି।"

ଠିକ୍ ଏତିକିବେଳେ ଡକ୍ଟରେଟ୍ ଡିଗ୍ରୀଧାରୀ ଦାଶବାବୁ ଆମ ଭିତରେ ଉପସ୍ଥିତ ହୋଇ ପୂର୍ଣ୍ଣଚ୍ଛେଦ ଟାଣିଲେ ଆମ ଦୁହିଁଙ୍କ ଯୁକ୍ତିତର୍କରେ।

ଡ. ଦାଶ ହସି ହସି କହିଲେ, "ପ୍ରକୃତ ଲେଖକ ବା ସାହିତ୍ୟିକ ସିଏ, ଯିଏ ଜୀବନକୁ ଓ ଦୁନିଆକୁ, ସମୟକୁ ଓ ସ୍ଥାନକୁ, ଅବସ୍ଥାକୁ ଓ ଦୁର୍ଦ୍ଦଶାକୁ ଠିକ୍ ବୁଝିଛି ଓ ପ୍ରତି ଘଟଣାରେ ଅବିଚଳିତ ହୋଇ ଦିନ ବିତାଇଛି। ସେ କୌଣସି ଅବସ୍ଥାରେ ହଲ୍‌ଚଲ୍ ହୁଏନା। ସବୁଠି ସ୍ଥିର ଓ ଖୁସି। ସମାଜର ଖୁସି ସେ ଚାହେଁ। ତେଣୁ ସେ ବା କାହିଁକି କାହାର ବଦାନ୍ୟତା ପାଇବାକୁ ଆଶା କରିବ ବା ଗୁରୁତ୍ୱ ଦେବ? ସାହିତ୍ୟିକମାନେ ଜୀବନକୁ ଜୀବନ ଭଳି ବଞ୍ଚିବାର ରାସ୍ତା ଦେଖାନ୍ତି। ଏଣୁ ଆପଣମାନେ ସାହିତ୍ୟିକ ହୋଇ ପରସ୍ପର କଳି କରିବା ଆଦୌ ଠିକ୍ ନୁହେଁ। ଆପଣମାନଙ୍କର ଆହୁରି ଅନେକ ବାଟ ଯିବାର ଅଛି। ସାହିତ୍ୟିକର ସାଧନା ମୃତ୍ୟୁ ପର୍ଯ୍ୟନ୍ତ ସରେ ନାହିଁ। ସାହିତ୍ୟିକମାନେ ପରସ୍ପରର ତ୍ରୁଟି ଦେଖିବା ଉଚିତ ନୁହେଁ।

ସେ ପୁଣି ଦାଶବାବୁଙ୍କୁ ଲକ୍ଷ୍ୟ କରି ସାଗରର ଗଳ୍ପ ଉପରେ କହିଲେ, "ତାଙ୍କର ଗଳ୍ପ ଉପରେ ଆପଣ ଯେଉଁ ମନ୍ତବ୍ୟ ଦର୍ଶାଇଲେ, ତାହା ଠିକ୍ ନୁହେଁ। କାରଣ ଗଳ୍ପଟି ଗୋଟିଏ ଦୁଃସ୍ୱପ୍ନ ଓ ଶୀର୍ଷକ ଅଛି 'ସ୍ୱପ୍ନର ଝଡ଼'। ଆପଣମାନେ ନିଜ ଲେଖା ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେଖାଇବା ପରିବର୍ତ୍ତେ ଯଦି ପରସ୍ପର କଳହରେ ଲିପ୍ତ ହେବେ, ତେବେ ଅନ୍ୟମାନେ?" ଏଥର ଦୁହେଁ ଅନୁତପ୍ତ ହୋଇ ମୁହଁ ତଳକୁ ମାଡ଼ିଦେଲେ।

ମୋ: ୯୩୩୭୩୬୯୪୮



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୂର୍ବତନ ଜୁନିୟର ଷ୍ଟାର ହକି ଖେଳାଳିଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଭାରତର ପୂର୍ବତନ ଜୁନିୟର ଷ୍ଟାର ହକି ଖେଳାଳି ରାଜୀବ ମିଶ୍ରଙ୍କ ୪୫ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ତାଙ୍କ ସ୍ତ୍ରୀ ଓ ଦୁଇ ପିଲାକୁ ଛାଡ଼ି ଚାଲିଯାଇଛନ୍ତି। ବୁଧବାର ବାରାଣସୀର ସର୍ସାଉଲି ଅଞ୍ଚଳରେ ରହିଥିବା ରାଜୀବଙ୍କ ବାସଭବନରୁ ରହସ୍ୟଜନକ ଭାବେ ତାଙ୍କ ମରଶରୀରକୁ ଠାବ କରାଯାଇଥିଲା। ଘରୁ ପଚାଗନ୍ଧ ଆସିବା ପରେ ତାଙ୍କ ପଡୋଶୀ ପୋଲିସକୁ ଖବର ଦେଇଥିଲେ। ତେଣୁ କିଛିଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରାଜୀବ ବାରାଣସୀସ୍ଥିତ ନର୍ଦ୍ଦର୍ନ ରେଲୱେର ଲକ୍ଷ୍ନୌ ଡିଭିଜନରେ ଜଣେ ଚିଫ୍ ଇନ୍ସପେକ୍ଟର ଅଫ୍ ଟିକେଟ (ସିଆଇଟି)ଭାବେ କାର୍ଯ୍ୟରତ ଥିଲେ। ସେ ଏକାକୀ ରହି ଆସୁଥିଲେ। ବିହାର ରାଜ୍ୟର ହାଜିପୁର ଅନ୍ତର୍ଗତ ଲିଲୁଲାଦାବେଦ୍ ଗ୍ରାମର ରାଜୀବଙ୍କ ପିଲାଦିନର କୋଚ୍ ପ୍ରେମ୍ ଶୁକ୍ଳା କହିଛନ୍ତି, ରାଜୀବ ଥିଲେ ଅସାଧାରଣ ପ୍ରତିଭାସମ୍ପନ୍ନ ଖେଳାଳି। ଲଣ୍ଡନରେ ୧୯୯୭ ଜୁନିୟର ହକି ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ଯୋଗୁ ତାଙ୍କର ବହୁ ପ୍ରଶଂସକ ହୋଇଯାଇଥିଲେ। ରାଜୀବଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ ହୋଇଥିଲା, ଶୁକ୍ଳା ତାଙ୍କୁ ବାରାଣସୀରୁ କୋଲକାତା ଆଣିଥିଲେ। ଏଣ୍ଟାଲି ଆଥ୍‌ଲେଟିକ୍ କ୍ଲବ ମୁଖ୍ୟ ଅସିମ ଗାଙ୍ଗୁଲି ଏହି ଯୁବ ଖେଳାଳିଙ୍କୁ ସହାୟ କରିବେ ବୋଲି କହିଥିଲେ। ରାଜୀବ ବାରାଣସୀସ୍ଥିତ ସାଇ ହଷ୍ଟେଲରେ ଜଣେ ସାଧାରଣ ଖେଳାଳି ଭାବେ ଦାଖଲ ହୋଇଥିଲେ। ମାତ୍ର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଖୁବ୍ କମ୍ ସମୟ ମଧ୍ୟରେ ଜଣେ ଅସାଧାରଣ ପ୍ରତିଭା ସମ୍ପନ୍ନ ଖେଳାଳି ପାଲଟି ଯାଇଥିଲେ। ଲଣ୍ଡନରେ ଜୁନିୟର ହକି ବିଶ୍ୱକପ୍ ବେଳେ ଜର୍ମାନୀ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଏକ ଚମତ୍କାର ଡାଇଭିଂ ଗୋଲ୍ ସ୍କୋର କରିଥିଲେ ରାଜୀବ। ଏହାକୁ ସେ କେବେ ଭୁଲି ପାରିବେ ନାହିଁ ବୋଲି ଶୁକ୍ଳା କହିଛନ୍ତି। ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲରେ ହାରିଯାଇଥିଲା। ଟୁର୍ନାମେଣ୍ଟରେ ରାଜୀବ ୯ଟି ଗୋଲ ସ୍କୋର କରିଥିଲେ। ୧୯୯୮ରେ ନେଦରଲାଣ୍ଡସର ଉଟ୍ରେଚ୍‌ଠାରେ ସିନିୟର ବିଶ୍ୱକପ୍ ପୂର୍ବରୁ ତାଙ୍କ କ୍ୟାରିୟରରେ ଝଟ୍‌କା ଆସିଥିଲା। ତତ୍‌କାଳୀନ ଭାରତୀୟ ଗୋଲକିପର ଏବି ସୁବାୟାଙ୍କ ସହ ତାଙ୍କର ଧକ୍କା ହେବାରୁ ତାଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିଲା। ଉପଯୁକ୍ତ ଚିକିତ୍ସା ପାଇଁ ସେତେବେଳର ଭାରତୀୟ ହକି ମହାସଂଘ (ଆଇଏଚ୍‌ଏଫ୍) ତରଫରୁ ତାଙ୍କୁ ଆବଶ୍ୟକ ସହାୟତା ମିଳି ନ ଥିଲା। ଏଥିରେ ସେ ହତାଶ ହୋଇପଡ଼ିଥିଲେ। ପରବର୍ତ୍ତୀକାଳରେ ସେ ଜଣେ ମଦ୍ୟପ ପାଲଟିଯାଇଥିଲେ। ଶୁକ୍ଳା କହିଛନ୍ତି, ୧୯୯୮ରେ ରାଜୀବଙ୍କ ଦୁର୍ଦ୍ଦିନରେ ବର୍ତ୍ତମାନ ନିଷିଦ୍ଧ ଆଇଏଚ୍‌ଏଫ୍ ଯଦି ସହାୟତାର ହାତ ବଢ଼ାଇଥାନ୍ତା ତେବେ ଭାରତୀୟ ହକି ଜଣେ ଷ୍ଟାର ଖେଳାଳିଙ୍କୁ ହରାଇ ନ ଥାନ୍ତା।


ରାଜୀବ ମିଶ୍ର

# ୫୦୦୦ ମିଟରରେ ନମିତା, ତାରକଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୩।୬**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ସୋନାଲି ଚାନ୍ଦ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସଭାପତି ଜି.ଏସ୍. ପଟ୍ଟନାୟକ, ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହଯୋଗୀ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଷୟିକ ନିର୍ଦ୍ଦେଶକ ଲ୍ୟୁଟନାଣ୍ଟ କଲୋନେଲ ଏ. ରାଜେଶ, ଚିଫ୍ ଅପରେଟିଂ ଅଫିସର କ୍ୟାପ୍‌ଟେନ ଦୀନେଶ ସୁରୀ ପ୍ରମୁଖ ସ୍ୱତନ୍ତ୍ରଭାବେ ଆମନ୍ତ୍ରିତ ହୋଇଥିଲେ। ବିଭିନ୍ନ ବୟସ ବର୍ଗ (ଉଭୟ ମହିଳା ଓ ପୁରୁଷ)ରେ ୧୫୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ୨୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ୨୫ ପର୍ଯ୍ୟନ୍ତ ଚାଲିବ।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍‌ରେ ମୟୂରଭଞ୍ଜର ତାରକ ମାଣ୍ଡି, ମହିଳା ୫୦୦୦ ମିଟର ରେସ୍‌ରେ ବରଗଡ଼ର ନମିତା ପ୍ରଧାନ ଏବଂ ମହିଳା ଜାଭେଲିନ ଥ୍ରୋରେ ଓଡ଼ିଶା ପୋଲିସର ସସ୍ମିତା ବେହେରା ସ୍ୱର୍ଣ୍ଣ ପଦକ ପାଇଛନ୍ତି।



ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍

ସେହିପରି ୧୪ ବର୍ଷରୁ କମ୍ ବାଳକ ୬୦୦ ମିଟର ରନ୍‌ରେ କେନ୍ଦୁଝରର ସଞ୍ଜୟ ହାଁସଦା, ହାଇଜମ୍ପରେ କିଟ୍‌ର ଲଳିତ ଲାଗୁରି, ଶଟ୍‌ପୁଟ୍‌ରେ କଟକର ସତ୍ୟଜିତ ତ୍ରିପାଠୀ, ୧୬ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସୋନପୁରର ଉମେଶ ବେହେରା, ଶଟ୍‌ପୁଟ୍‌ରେ ଜଗତ୍‌ସିଂହପୁରର ମାନସ ଖଟୁଆ, ୧୮ ବର୍ଷରୁ କମ୍ ବାଳକ ହାଇଜମ୍ପରେ ପାରାଦୀପ ପୋର୍ଟର ଅମିତ ଅମନ ରାଉତ, ଶଟ୍‌ପୁଟ୍‌ରେ କଟକର ଓଁକାର ପ୍ରସାଦ ନନ୍ଦ, ୨୦ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ କିଟ୍‌ର ପଙ୍କଜ ସୋରେନ, ହାଇଜମ୍ପରେ ଜଗତ୍‌ସିଂହପୁରର ଅନନ୍ତ କୁମାର ସ୍ୱାଇଁ, ଶଟ୍‌ପୁଟ୍‌ରେ ସମୀର କୁମାର ଲେଙ୍କା ଓ ୨୩ ବର୍ଷରୁ କମ୍ ବାଳକ ୫୦୦୦ ମିଟର ରେସ୍‌ରେ ନୂଆପଡ଼ାର ରଶ୍ମି ରଞ୍ଜନ ନାୟକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ବରଗଡ଼ର ଅରୁଣା ବାରିକ, ୬୦୦ ମିଟର ରେସ୍‌ରେ ଭୁବନେଶ୍ୱରର ସୁନୀତା ପିଙ୍ଗୁଆ, ୧୬ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ଭୁବନେଶ୍ୱରର ପାର୍ବତୀ ହାଁସଦା, ଜାଭେଲିନ୍ ଥ୍ରୋରେ ଯାଜପୁରର ତେଜସ୍ୱିନୀ ଧଳ, ୧୮ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ କୋରାପୁଟର ସଞ୍ଜୁ ହାନ୍ତାଳ, ଜାଭେଲିନ ଥ୍ରୋରେ ସୁନ୍ଦରଗଡ଼ର ଅମ୍ରିତା ଡୁଙ୍ଗଡୁଙ୍ଗ, ୨୦ ବର୍ଷରୁ କମ୍ ବାଳିକା ୫୦୦୦ ମିଟର ରେସ୍‌ରେ କଟକର ସ୍ୱର୍ଣ୍ଣଲତା ଶର୍ମା, ଜାଭେଲିନ୍ ଥ୍ରୋରେ କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ, ୨୩ ବର୍ଷରୁ କମ୍ ବାଳିକା ୫୦୦୦ ମିଟର ରେସ୍‌ରେ ନୂଆପଡ଼ାର ଗୁଲାପ ରାଉତ, ଜାଭେଲିନ୍ ଥ୍ରୋରେ ସୁନ୍ଦରଗଡ଼ର ଦମୟନ୍ତୀ ଖେସ୍ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ଦ୍ୱିତୀୟ ଦିବସରେ ୧୯ ମିଟ୍ ରେକର୍ଡ

ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଦ୍ୱିତୀୟ ଦିବସରେ ମୋଟ ୧୯ଟି ମିଟ୍ ରେକର୍ଡ ସ୍ଥାପିତ ହୋଇଛି। ୧୮ ବର୍ଷରୁ କମ୍ ବାଳିକା ହାମର ଥ୍ରୋରେ କଟକର ଅଙ୍କିତା ମହାରଣା, ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡ୍‌ଲ୍ସରେ ସୁନ୍ଦରଗଡ଼ର ସବିତା ଟପ୍ପୋ, ୮୦୦ ମିଟର ରେସ୍‌ରେ ଭୁବନେଶ୍ୱରର ଲକ୍ଷ୍ମୀ ପ୍ରୀୟା କିଷାନ, ୧୬ ବର୍ଷରୁ କମ୍ ବାଳିକା ୮୦ ମିଟର ହର୍ଡ୍‌ଲ୍ସରେ ଭୁବନେଶ୍ୱରର ତୁଳସୀ ମାଝି, ୨୩ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ କଟକର ଚିରଞ୍ଜୀବ ସିଂ, ପୁରୁଷ ଶଟ୍‌ପୁଟ୍‌ରେ କଟକର ହରି ବେହେରା, ହାଇଜମ୍ପରେ ଅନୁଗୋଳର ସ୍ୱାଧୀନ ମାଝି, ୨୩ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ଭୁବନେଶ୍ୱରର ମନିଷା ମେରେଲ, ୮୦୦ ମିଟର ରେସ୍‌ରେ ସୁନ୍ଦରଗଡ଼ର ସୁସ୍ମିତା ଟିଗା ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ୮୦ ମିଟର ହର୍ଡ୍‌ଲ୍ସରେ ସୁନ୍ଦରଗଡ଼ର ମଙ୍ଗଲ ସିଙ୍କୁ, ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟର ରେସ୍‌ରେ ବରଗଡ଼ର ପ୍ରତୀକ ମହାରଣା, ୨୩ ବର୍ଷରୁ କମ୍ ବାଳିକା ହାମର ଥ୍ରୋରେ ରାଉରକେଲା ଏସପିର ଅର୍ପିତା ପରିଡ଼ା, ମହିଳା ହାମର ଥ୍ରୋରେ ପାରାଦୀପର ଦିବ୍ୟା ସାଣ୍ଡିଲ୍ୟ, ୧୮ ବର୍ଷରୁ କମ୍ ବାଳକ ହାମର ଥ୍ରୋରେ କଟକର ଓଁକାର ପ୍ରସାଦ ନନ୍ଦ, ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ରେସ୍‌ରେ କଳାହାଣ୍ଡିର ଡି.ଏମ. ଜୟରାମ, ୨୩ ବର୍ଷରୁ କମ୍ ବାଳକ ୧୦୦ ମିଟର ରେସ୍‌ରେ କିଟ୍‌ର ଲାଲୁ ପ୍ରସାଦ ଭୋଇ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ପୁରୁଣା ମିଟ୍ ରେକର୍ଡକୁ ଭାଙ୍ଗିଛନ୍ତି। ପୁରୁଷ ୧୫୦୦ ମିଟର ରେସ୍‌ରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା, ୨୩ ବର୍ଷରୁ କମ୍ ବାଳିକା ୧୫୦୦ ମିଟର ରେସ୍‌ରେ ସୁନ୍ଦରଗଡ଼ର ସୁସ୍ମିତା ଟିଗା ଓ ୨୦ ବର୍ଷରୁ କମ୍ ବାଳିକା ୧୫୦୦ ମିଟର ରେସ୍‌ରେ ଭୁବନେଶ୍ୱରର ଲକ୍ଷ୍ମୀ ପ୍ରୀୟା କିଷାନ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି।



କିଟ୍ ଇନ୍‌ଡୋର ହଲ୍‌ରେ ଉପସ୍ଥିତ ବିଭିନ୍ନ ଦଳର ଆଥଲେଟ୍।


# Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

**Luxurious 3BHK flats available for booking at Saheed Nagar (Near Empires Hotel Toward postoffice) price-1.50cr to 1.55cr. Contact: 6372944453, 9040172040.** D-74876

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK First Floor Flat in Saantarapur, Bhubaneswar. 1 Drawing, 1 Dining, 2 Bathrooms, 2 Balcony. 1000+ sqft. Carpet. 9810999723. D-0632

Tolet Purpose: Office/Godown, Area 3600sqft. place 1503/c Acharyavihar. Contact No.- 8018830098. D-0617




Spa Kerala body Massage only best Therapist @699/-, Bhubaneswar. 9337672475. D-0610

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open with new therapist full body massage/ SPA. 9937065539. D-73772

Newly open health benefits SPA special offer @ 799 Jaydev Vihar. 8018429809. D-75121

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly open Salon/ SPA with expert therapist (health benefits). 8114322659. D-75120

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, vide C.F No.-525, dated 22.06.2023, I, Sneha Panda, W/o- Akash Panda, R/o- Khaliabandh, P.O./ P.S.- Dhanupali, Dist.- Sambalpur have changed my name "Sahanaz Parween" to "Sneha Panda". Henceforth, I shall be known as "Sneha Panda" for all purposes.
Sneha Panda
D-0644

By virtue of an affidavit sworn before the Notary Public, Rourkela, I Sarita Roul, 40years, W/o. Sunakar Roul, R/o- B-36, Sanjay Nagar, Pocket-3 Sector-2, Rohini, North West, Delhi declare that my maiden name was Sarita Behura, D/o- Umesh Chandra Behura. After marriage I have changed my surname from Behura to Roul and known as Sarita Roul for all purposes. D-0641

**ଅଧ୍ୟାପକ ରଞ୍ଜିତ ପ୍ରଧାନଙ୍କ ଡକ୍ଟରେଟ୍ ଲାଭ**



ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ରଞ୍ଜିତ ପ୍ରଧାନ ସମ୍ମାନଜନକ ଡକ୍ଟରେଟ୍ (Ph.D.) ଉପାଧି ଲାଭ କରିଛନ୍ତି। ସେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ 'ଓଡ଼ିଆ ଗଳ୍ପରେ ଦାଦନ ଶ୍ରମିକ ସମସ୍ୟା' ସନ୍ଦର୍ଭଟି ରଚନାକରି ଏହି ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଗବେଷଣା ସନ୍ଦର୍ଭଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୁମୁଦରଞ୍ଜନ ପାଣିଗ୍ରାହୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ରଞ୍ଜିତ ପ୍ରଧାନ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଡୁମାଲପାଲି ଗ୍ରାମର କପିଳ ପ୍ରଧାନ ଓ ମହିମା ପ୍ରଧାନଙ୍କ ପୁତ୍ର ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ଦିଗ୍‌ଦର୍ଶକ, ପିତା-ମାତା, ସହଧର୍ମିଣୀ, ଭାଇ-ଭାଉଜ, ଭଉଣୀ-ଭିଣୋଇ, ପରିବାରବର୍ଗ ସମସ୍ତଙ୍କୁ ଦେବା ସହିତ ପାଠ ପଢ଼ିଥିବା ସମସ୍ତ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ ଶୁଭାକାଂକ୍ଷୀମାନଙ୍କୁ ପ୍ରଦାନ କରିଛନ୍ତି।
ଧ-୦୬୪୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭାରତ ଆଜି ନେପାଳକୁ ଭେଟିବ

**ବେଙ୍ଗାଲୁରୁ, ୨୩।୬**

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ଶନିବାର ନେପାଳ ସହିତ ଖେଳିବ। ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୪-୦ ଗୋଲରେ ହରାଇ ସାରିଥିବା ଭାରତ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ନେପାଳ ବିପକ୍ଷ ମ୍ୟାଚ ଜିତିଲେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଦୃଢ଼ ହୋଇଯିବ। ଏପରିକି ଅନ୍ୟ ମ୍ୟାଚରେ ଯଦି ପାକିସ୍ତାନ ବିପକ୍ଷରେ କୁଏତ ମ୍ୟାଚ ଡ୍ର ରଖେ କିମ୍ବା ବିଜୟ ହାସଲ କରେ ତେବେ ଭାରତ ସେମିଫାଇନାଲରେ ପ୍ରବେଶ କରିଯିବ। ପାକିସ୍ତାନ ବିପକ୍ଷରେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଫଳରେ ସେ ସମ୍ପୂର୍ଣ୍ଣ ଫର୍ମରେ ଥିବାର ସୂଚନା ଦେଇଛନ୍ତି।

ସାଫ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ଭାରତ ସମ୍ମାନ ଦିଏ ବୋଲି କୋଚ୍ ଇଗର ଷ୍ଟିମାକ ସ୍ପଷ୍ଟ କରିଛନ୍ତି। ତେଣୁ ଅନ୍ୟ ଦଳକଥା ବେଶୀ ଭାବିବା ଅପେକ୍ଷା ନିଜର ଶକ୍ତି ସାମର୍ଥ୍ୟ ଉପରେ ଦଳ ଅଧିକ ବିଶ୍ୱାସ କରେ ବୋଲି ସେ କହିଛନ୍ତି। ପାକିସ୍ତାନ ବିପକ୍ଷ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ଜଣେ ଖେଳାଳି ଥ୍ରୋ କରୁଥିବା ସମୟରେ ବଲ୍‌କୁ ହାତରେ ଠେଲି ଷ୍ଟିମାକ ରେଡ୍ କାର୍ଡ ପାଇଥିଲେ। ଏଥିପାଇଁ ସେ ଅନୁଶୋଚନା କରୁନାହାନ୍ତି, ବରଂ ଦଳପାଇଁ ଯାହା ହିତ ତାହା ସେ କରୁଛନ୍ତି ବୋଲି ଷ୍ଟିମାକ୍ କହିଛନ୍ତି। ରେଫରିଙ୍କ ନିଷ୍ପତ୍ତିକୁ ବିରୋଧକରି ସେ ଏପରି କରିଥିବା କହିଛନ୍ତି। ଷ୍ଟିମାକଙ୍କ ପ୍ରଶିକ୍ଷଣରେ ଭାରତ ଏହା ପୂର୍ବରୁ ନେପାଳକୁ ୪ ଥର ଭେଟିସାରିଛି। ଏଥିରୁ ୩ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଛି। ଶେଷଥରପାଇଁ ୨୦୨୧ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ପରସ୍ପର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ନେପାଳକୁ ୩-୦ ଗୋଲରେ ହରାଇ ଭାରତ ରେକର୍ଡ ୮ ଥରପାଇଁ ଚାମ୍ପିୟନ ହୋଇଥିଲା। ସେହି ମ୍ୟାଚରେ ସୁନୀଲ ଛେତ୍ରୀ, ସୁରେଶ ସିଂ ୱାଙ୍ଗଜାମ୍ ଓ ସହଲ ଅବଦୁଲ ସମଦ ଗୋଲ ସ୍କୋର କରିଥିଲେ। ତେବେ ନୂଆ କୋଚ୍ ଭିନ୍‌ସେଞ୍ଜୋ ଆଲବର୍ଟୋ ଆନେସେଙ୍କ ପ୍ରଶିକ୍ଷଣରେ ନେପାଳ ପ୍ରଦର୍ଶନରେ ଉନ୍ନତି ହୋଇଛି। ଆନେସେଙ୍କ ପ୍ରଶିକ୍ଷଣରେ ଗୋକୁଲମ କେରଳ ୨୦୨୧ ଓ ୨୦୨୨ରେ କ୍ରମାଗତ ଆଇ-ଲିଗ୍ ଟାଇଟଲ ଜିତିଥିଲା। ଅନ୍ୟପକ୍ଷରେ ଇଟାଲିଆନ କୋଚ୍ ଆନେସେ କହିଛନ୍ତି ଯେ, "ଗତ ୭ ମ୍ୟାଚରେ ଗୋଲ ବରଣ କରି ନ ଥିବା ଭାରତୀୟ ଦଳକୁ ଆମେ ଭେଟିବାକୁ ଯାଉଛୁ। ଆଇଏସ୍‌ଏଲ୍ ପରି ଲିଗ୍ ଖେଳୁଥିବା ଅନେକ ଦକ୍ଷ ଖେଳାଳି ଏହି ଦଳରେ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚ ଆମପାଇଁ କଷ୍ଟସାଧ୍ୟ ହେବ। ତେବେ ଆମେ ଆମ ଦକ୍ଷତା ଅନୁସାରେ ଖେଳିବୁ"।




**କାର୍ଯ୍ୟସୂଚୀ**

ପାକିସ୍ତାନ ବନାମ କୁଏତ୍
ସମୟ: ଅପରାହ୍ନ ୩ଟା ୩୦
ଭାରତ ବନାମ ନେପାଳ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

# ସତ୍ୟବତୀଙ୍କ ଡବଲ୍ ଗୋଲ: ଓଡ଼ିଶା ବିଜୟୀ



ଭୁବନେଶ୍ୱର, ୨୩।୬
(ତପନ ସ୍ୱାଇଁ)

ପଞ୍ଜାବର ଅମୃତସରରେ ଚାଲିଥିବା ହିରୋ ସିନିୟର ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଶୁକ୍ରବାର ୨-୦ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ୨ଟି ଯାକ ଗୋଲ ସ୍କୋର କରିଥିଲେ ସତ୍ୟବତୀ ଖାଡ଼ିଆ। ସେ ମ୍ୟାଚର ୨୭ ଓ ୮୭ତମ ମିନିଟରେ ଗୋଲ ଦୁଇଟି ଦେଇଥିଲେ। ଓଡ଼ିଶା ଇତିମଧ୍ୟରେ ୫ଟି ମ୍ୟାଚ ଖେଳି ସାରିଥିବାବେଳେ ୪ ବିଜୟ ଓ ୧ ପରାଜୟ ସହ ୧୨ ପଏଣ୍ଟ ପାଇଛି। ଫଳରେ ଦଳ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତାମିଲନାଡୁ ୫ ମ୍ୟାଚରୁ ୧୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ କର୍ନାଟକ ୪ ପଏଣ୍ଟ ଲେଖାଏ ଏବଂ ପଞ୍ଜାବ ୩ ପଏଣ୍ଟ ପାଇ ପଛକୁପଛ ରହିଛନ୍ତି।

# କାନାଡା ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଚିଲି ରାଜଧାନୀ ସାଣ୍ଟିଆଗୋଠାରେ ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପୁଲ୍ 'ସି'ରେ ବେଲ୍‌ଜିୟମ, କାନାଡା ଓ ଜର୍ମାନୀ ସହିତ ସ୍ଥାନ ପାଇଛି। ନଭେମ୍ବର ୨୯ରେ କାନାଡା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ




କରିବ। ଏହାପରେ ଜର୍ମାନୀ ଓ ବେଲ୍‌ଜିୟମକୁ ଯଥାକ୍ରମେ ଡିସେମ୍ବର ୧ ଓ ୨ ତାରିଖରେ ଭେଟିବ। ପ୍ରତିଯୋଗିତା ପୂର୍ବରୁ ଏଫ୍‌ଆଇଏଚ୍ ପକ୍ଷରୁ ନୂଆ ଜୁନିୟର ମହିଳା ବିଶ୍ୱ ର୍‌ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି। ତଦନୁସାରେ ଭାରତ ୬ଷ୍ଠ ସ୍ଥାନରେ ରହିଛି। ନେଦରଲାଣ୍ଡ୍ସ ଶୀର୍ଷରେ ରହିଥିବାବେଳେ ଆର୍ଜେଣ୍ଟିନା, ଜର୍ମାନୀ, ଇଂଲଣ୍ଡ ଓ ଆମେରିକା ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଜୁନିୟର ମହିଳା ଏସିଆ କପ୍ ଜିତିଥିବାରୁ ଭାରତ ପ୍ରଥମଥରପାଇଁ ବିଶ୍ୱକପ ଜିତିବ ବୋଲି ଆଶା ଜାତ ହୋଇଛି। ଗତ ସଂସ୍କରଣରେ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଇଂଲଣ୍ଡଠାରୁ ହାରିଯାଇଥିବାରୁ ଭାରତ ଅଳ୍ପକେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ପ୍ରତି ପୁଲ୍‌ର ଦଳଗୁଡ଼ିକ ପରସ୍ପର ସହିତ ୩ଟି ଲେଖାଏ ମ୍ୟାଚ ଖେଳିବେ। ୪ ଦଳରୁ ଶୀର୍ଷ ଦୁଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ଦଳଗୁଡ଼ିକ କ୍ଲାସିଫିକେଶନ ପର୍ଯ୍ୟାୟ ଖେଳିବେ।

**କେଉଁ ପୁଲ୍‌ରେ କିଏ**

ପୁଲ୍ 'ଏ': ଅଷ୍ଟ୍ରେଲିଆ, ଚିଲି, ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା
ପୁଲ୍ 'ବି': ଆର୍ଜେଣ୍ଟିନା, କୋରିଆ, ସ୍ପେନ୍, ଜିମ୍ବାୱେ
ପୁଲ୍ 'ସି': ବେଲ୍‌ଜିୟମ, କାନାଡା, ଜର୍ମାନୀ, ଭାରତ
ପୁଲ୍ 'ଡି': ଇଂଲଣ୍ଡ, ଜାପାନ, ନ୍ୟୁଜିଲାଣ୍ଡ, ଆମେରିକା

# ଭାରତୀୟ ଟେଷ୍ଟ ଦଳରେ ଜୟସ୍ୱାଲ, ଗାଏକ୍ୱାଡ୍

## ପୂଜାରାଙ୍କ ପାଇଁ ସମ୍ଭାବ୍ୟ ରାସ୍ତା ବନ୍ଦ

ନୂଆଦିଲ୍ଲୀ, ୨୩।୬(ପି.ଟି.)

ଭାରତ-ୱେଷ୍ଟଇଣ୍ଡିଜ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁଲାଇ ୧୨ରୁ ରୋସେଉଠାରେ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦିଆଯାଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସାମିଲ କରାଯାଇଛି। ଶିବ ସୁନ୍ଦର ଦାସଙ୍କ ନେତୃତ୍ୱାଧୀନ ଚୟନ ପ୍ୟାନେଲ ଆଗାମୀ ୨ ବର୍ଷର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ (୨୦୨୩-୨୫)କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ହୋଇଛି। ଫଳରେ ପୂଜାରାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ସରି ଆସୁଥିବା ସୂଚନା ମିଳିଛି।

### ଶାମିଙ୍କୁ ବିଶ୍ରାମ, ମୁକେଶ ସାମିଲ

ଟେଷ୍ଟ ସହ ଭାରତୀୟ ଦିନିକିଆ ଦଳ ମଧ୍ୟ ଘୋଷଣା କରାଯାଇଛି। ରୋହିତ ଶର୍ମା ଉଭୟ ଦଳର ନେତୃତ୍ୱ ନେବେ। ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ପୂର୍ବ ମ୍ୟାଚରେ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିଥିବା ଅଜିଙ୍କ୍ୟ ରାହାନେଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଛି। ମହମ୍ମଦ ଶାମିଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଇଛି। ଅର୍ଥାତ୍ ତାଙ୍କୁ ଟେଷ୍ଟ କିମ୍ବା ଦିନିକିଆ ଦଳରେ ସାମିଲ କରାଯାଇନାହିଁ। ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବା ଉମେଶ ଯାଦବଙ୍କୁ ବାଦ୍



ଯଶସ୍ୱୀ ଜୟସ୍ୱାଲ



ଋତୁରାଜ ଗାଏକ୍ୱାଡ୍



ମୁକେଶ କୁମାର

ଦିଆଯାଇଥିବାବେଳେ କୋଲକାତା ଦ୍ରୁତ ବୋଲର ମୁକେଶ କୁମାରଙ୍କୁ ସୁଯୋଗ ମିଳିଛି। ଐତିହାସିକ ଅଷ୍ଟ୍ରେଲିଆ ଗସ୍ତ ପରଠାରୁ ବାଦ୍ ପଡ଼ି ଆସୁଥିବା ନବଦୀପ ସଇନୀଙ୍କୁ ଏଥର ସାମିଲ କରାଯାଇଛି। କାରିବିୟନ ଟ୍ରାକ୍‌ରେ ସେ ଉପାଦେୟ ହେବେ ବୋଲି ଆଶା କରାଯାଉଛି। ନୂଆକରି ସାମିଲ ହୋଇଥିବା ୩ ଖେଳାଳି ଜୟସ୍ୱାଲ, ଗାଏକ୍ୱାଡ୍ ଓ ମୁକେଶ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଅବସରରେ ଭାରତୀୟ ଦଳର ଷ୍ଟାଣ୍ଡବାଇ ଖେଳାଳି ଥିଲେ। ଘରୋଇ କ୍ରିକେଟର ଗତ କିଛି ସିଜନରେ ଏମାନେ ସ୍ଥିର ପ୍ରଦର୍ଶନ ଦେଇ ଆସୁଛନ୍ତି। ଦିନିକିଆ ଦଳରେ ସେପରି କିଛି ବିସ୍ମୟ ଦେଖିବାକୁ ମିଳିନାହିଁ। ୧୭ ଜଣିଆ ଦଳ ସ୍ୱାଭାବିକଭାବେ ମନୋନୀତ ହୋଇଛନ୍ତି। ଆହତ ଯଶପ୍ରୀତ୍ ବୁମ୍‌ରା, ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ନାହାନ୍ତି। ଏହି ୩ ଜଣଙ୍କୁ ମିଶାଇ ୨୦ ଜଣିଆ କୋର୍ ଦଳରୁ ଆଗାମୀ ବିଶ୍ୱକପ ପାଇଁ ଖେଳାଳି ଚୟନ ହେବେ।

### ପୂଜାରାଙ୍କ ପ୍ରତ୍ୟାବର୍ତ୍ତନ କଷ୍ଟକର ହେବ

ଏହା ପୂର୍ବରୁ ରାହାନେଙ୍କ ସହ ପୂଜାରା ଯେତେବେଳେ ଶ୍ରୀଲଙ୍କା ବିପକ୍ଷ ସିରିଜରୁ ବାଦ୍ ପଡ଼ିଥିଲେ ସେତେବେଳେ ତତ୍କାଳୀନ ଚୟନ କମିଟି ମୁଖ୍ୟ ଚେତନ ଶର୍ମା କହିଥିଲେ ଯେ, ତାଙ୍କ ପାଇଁ ପଥରୁଦ୍ଧ ହୋଇନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ଭଲ ପ୍ରଦର୍ଶନ କରି ସେ ପୁଣି ଫେରିପାରିବେ। ପୂଜାରା ସସେକ୍ସ ପକ୍ଷରୁ କାଉଣ୍ଟି କ୍ରିକେଟ ଖେଳି ସ୍ଥିର ପ୍ରଦର୍ଶନ ଦେବାରୁ ୨୦୨୨ରେ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ପାଇଁ ଡାକରା ପାଇଥିଲେ। ଏହାପରେ ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ କ୍ୟାରିୟରର ୧୦୦ତମ ଟେଷ୍ଟ ମଧ୍ୟ ଖେଳିଥିଲେ। ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଫଳତା ପରେ ତାଙ୍କ ସୁଯୋଗ କ୍ଷୀଣ ହୋଇଥିଲା। ମାତ୍ର ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଚୟନକର୍ତ୍ତାମାନେ ଦଳରେ ବିଶେଷ ପରିବର୍ତ୍ତନ କରିବାକୁ ଚାହୁଁ ନ ଥିଲେ। ମାତ୍ର ଓଭାଲରେ ଦୁଇଟିଯାକ ଇନିଂସରେ ବିଫଳତା ତାଙ୍କ ଭାଗ୍ୟ ନିର୍ଣ୍ଣୟ କରିଥିଲା। ଡବ୍ଲ୍ୟୁଟିସି ଫାଇନାଲ ଅବସରରେ ଶିବ ସୁନ୍ଦର ଦାସ ଲଣ୍ଡନରେ ଥିଲେ। ତେଣୁ ସେ ନିଶ୍ଚିତ ଚୟନ ପ୍ୟାନେଲର ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଆଲୋଚନା କରିଥିବେ।

### ଓପନ କରିପାରନ୍ତି ଜୟସ୍ୱାଲ, ଗାଏକ୍ୱାଡ୍

ଆଗାମୀ ସିରିଜରେ ଜୟସ୍ୱାଲ ଓ ଗାଏକ୍ୱାଡ୍ ଇନିଂସ ଓପନ କରିପାରନ୍ତି କିମ୍ବା କେହିଜଣେ ତୃତୀୟ ସ୍ଥାନରେ ଖେଳିପାରନ୍ତି। ଅବଶିଷ୍ଟ ଭାରତ ଏକାଦଶ ପକ୍ଷରୁ ମଧ୍ୟପ୍ରଦେଶ ବିପକ୍ଷ ଇରାନୀ କପ୍‌ରେ ୨୧୩ ଓ ୧୪୪ ରନ କରିଥିବା ମୁମ୍ବାଇର ବାମହାତୀ ବ୍ୟାଟର ଜୟସ୍ୱାଲଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ ହେବା ସମ୍ଭାବନା ଦୃଢ଼। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ଆଭରେଜ ୮୦.୨୧ ରହିଛି।

**ଭାରତୀୟ ଟେଷ୍ଟ ଦଳ**

ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ୍, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), କେ.ଏସ. ଭରତ, ଇଶାନ କିଷନ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଅକ୍ଷର ପଟେଲ, ମହମ୍ମଦ ସିରାଜ, ମୁକେଶ କୁମାର, ଜୟଦେବ ଉନାଡକଟ୍, ନବଦୀପ ସଇନୀ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ, ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ଶାର୍ଦ୍ଦୂଳ ଠାକୁର, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଜୟଦେବ ଉନାଡକଟ୍, ମହମ୍ମଦ ସିରାଜ, ଉମ୍ରାନ ମଲିକ, ମୁକେଶ କୁମାର।

# ଓସିଏଲ୍: ଲାୟନ୍ସ, ଜାଗୁଆର୍ସ ବିଜୟୀ

**ଭୁବନେଶ୍ୱର, ୨୩।୬:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ୨ଟି ଓସିଏଲ୍ (ଓଡ଼ିଶା କ୍ରିକେଟ ଲିଗ୍) ମ୍ୟାଚରେ ଲାୟନ୍ସ ଓ ଜାଗୁଆର୍ସ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଲାୟନ୍ସ ୪ ଉଇକେଟରେ ଓଡ଼ିଶା ପୁମାସକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁମାସ ୧୮ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ସର୍ବାଧିକ ୪୪ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରଦୀପ ପ୍ରଧାନ ୪ଟି ଓ ରିତେଶ ପ୍ରିୟରଞ୍ଜନ ୩ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଲାୟନ୍ସ ୧୭.୨ ଓଭରରେ ୬ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ନେଇଥିଲା। ବିପ୍ଲବ ସାମନ୍ତରାୟ ୩୬ ଓ ଅମିନ ଖାଁ ୩୫ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଜାଗୁଆର୍ସ ୮ ଉଇକେଟରେ ଓଡ଼ିଶା ଟାଇଗର୍ସକୁ ହରାଇ ଦେଇଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଟାଇଗର୍ସ ୧୭.୧ ଓଭରରେ ମାତ୍ର ୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ପ୍ରଶାନ୍ତ ଠାକ୍କର ୩ଟି ଏବଂ ପପୁ ରାୟ ଓ ସୟଦ ଜାକି ୨ଟି ଲେଖାଏ ଉଇକେଟ ନେଇ ଟାଇଗର୍ସ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୫୮ ରନ ବିଜୟ ଲକ୍ଷ୍ୟକୁ ଜାଗୁଆର୍ସ ମାତ୍ର ୨ ଉଇକେଟ ହରାଇ ୮.୪ ଓଭରରେ ହାସଲ କରି ନେଇଥିଲା। ଶ୍ରେୟାଂଶ ଭରଦ୍ୱାଜ ୨୪ ରନକରି ଅପରାଜିତ ରହିଥିଲେ। ପରାଜିତ ଦଳର ବି. ଶିବା ୨ଟି ଯାକ ଉଇକେଟ ନେଇଥିଲେ।

# ଟ୍ରାଏଲ୍‌ରୁ ୬ କୁସ୍ତିଯୋଦ୍ଧାଙ୍କୁ ରିହାତି ଅନୁଚିତ

ନୂଆଦିଲ୍ଲୀ, ୨୩।୬ (ପି.ଟି.)

ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ହେବାକୁଥିବା ସିଲେକ୍ସନ ଟ୍ରାଏଲ୍‌ରୁ ୬ ଜଣ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାଙ୍କୁ ଛାଡ଼ କରାଯିବା ଉଚିତ ହୋଇ ନାହିଁ ବୋଲି ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଯୋଗେଶ୍ୱର ଦତ୍ତ କହିଛନ୍ତି। ଏଥିପାଇଁ ସେ ବର୍ତ୍ତମାନ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସାମୟିକ ପରିଚାଳନା ଦାୟିତ୍ୱରେ ଥିବାର ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଆଡହକ୍ କମିଟିକୁ କଡ଼ା ସମାଲୋଚନା ମଧ୍ୟ କରିଛନ୍ତି। କମିଟି ଜୁନ୍ ୧୬ରେ ଭିନେଶ ଫୋଗଟ, ବଜରଙ୍ଗ ପୁନିଆ, ତାଙ୍କ ସ୍ତ୍ରୀ ସଙ୍ଗୀତା ଫୋଗଟ, ସାକ୍ଷୀ ମଲିକ, ତାଙ୍କ ସ୍ୱାମୀ ସତ୍ୟବ୍ରତ କାଡିଆନ୍ ଏବଂ ଜିତେନ୍ଦ୍ର କିନ୍‌ହାଙ୍କ ସହ ଯୋଗାଯୋଗ କରିଥିଲେ।



ଯୋଗେଶ୍ୱର ଦତ୍ତ

ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ସେମାନଙ୍କୁ କେବଳ ସେମାନଙ୍କ କାଟେଗୋରିରେ ଟ୍ରାଏଲ୍ସର ବିଜେତାଙ୍କ ସହ ମୁକାବିଲା କରିବାକୁ ହେବ। ଏହି ୬ଜଣ କୁସ୍ତିଯୋଦ୍ଧାମାନଙ୍କ ଅନୁରୋଧ କ୍ରମେ ଏକ ମାତ୍ର ବାଉଟ ଟ୍ରାଏଲ ଅଗଷ୍ଟରେ ହେବ ବୋଲି ମଧ୍ୟ କମିଟି ପ୍ରତିଶ୍ରୁତି ଦେଇଛି। ଯୋଗେଶ୍ୱର କହିଛନ୍ତି ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱାଧୀନ କମିଟିର ଏହି ପଦକ୍ଷେପ ଦ୍ୱାରା ଦେଶର ଜୁନିୟର କୁସ୍ତିଯୋଦ୍ଧାଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଆଡହକ୍ କମିଟି କେଉଁ ମାନଦଣ୍ଡକୁ ଆଧାର କରି ଏହି ୬ଜଣ କୁସ୍ତିଯୋଦ୍ଧାଙ୍କୁ ଟ୍ରାଏଲରୁ ରିହାତି ପ୍ରଦାନ କରିଛି ତାହା ବାଖାପଡୁନାହିଁ। ପ୍ରଥମାବସ୍ଥାରେ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଗଠନ କରାଯାଇଥିବା ୬ ଜଣିଆ ସଦସ୍ୟ ବିଶିଷ୍ଟ ନିରୀକ୍ଷଣ କମିଟିର ଅଂଶବିଶେଷ ଥିଲେ ଯୋଗେଶ୍ୱର। ସେ କହିଛନ୍ତି, ଆଡହକ୍ କମିଟି ଯଦି କେତେଜଣ କୁସ୍ତିଯୋଦ୍ଧାଙ୍କ ପ୍ରତି କେହାଲ ମନୋଭାବ ଦେଖାଉଛନ୍ତି ତେବେ ଆହୁରି କେତେଜଣ ମଧ୍ୟ ହକ୍ ଦାର ଅଛନ୍ତି।

**ଟାଇପେ ଓପନ୍ ବ୍ୟାଡ୍‌ମିଣ୍ଟନ**

# କ୍ୱାର୍ଟରଫାଇନାଲରେ ହାରିଲେ ପ୍ରଣୟ

**ଟାଇପେ, ୨୩।୬ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ଟାଇପେ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ୫ମ ସିଡ୍ ହଂକଂର ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସଙ୍କଠାରୁ ୧୯-୨୧, ୮-୨୧ରେ ହାରିଯାଇଛନ୍ତି। ପ୍ରଣୟଙ୍କ ପରାଜୟ ପରେ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ମ୍ୟାଚରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ପ୍ରଥମ ଗେମ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା। ମାତ୍ର ଦ୍ୱିତୀୟ ଗେମ୍‌ରେ ପ୍ରଣୟ ତାଙ୍କ ଲୟ ହରାଇ ବସିଥିଲେ।

# ଚ୍ୟାଲେଞ୍ଜ କପ୍ ଭଲିବଲ: ସେମିରେ ଭାରତ



ଏକ ମ୍ୟାଚ ଅବସରରେ ଆକ୍ରମଣରେ ଭାରତୀୟ ଖେଳାଳି।

ଭୁବନେଶ୍ୱର, ୨୩।୬
(ତପନ ସ୍ୱାଇଁ)

ଭାରତୀୟ ସିନିୟର ମହିଳା ଭଲିବଲ ଦଳ ଇଣ୍ଡୋନେସିଆର ଇଷ୍ଟ ଜାଭାସ୍ଥିତ ଗ୍ରେସିକ୍‌ଠାରେ ଚାଲିଥିବା ୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜ କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରିଲିମିନାରୀ ରାଉଣ୍ଡରେ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ ପରବର୍ତ୍ତୀ ୨ଟି ଗ୍ରୁପ୍ ମ୍ୟାଚରେ ଫିଲିପାଇନ୍ସ ଓ ଆୟୋଜକ ଇଣ୍ଡୋନେସିଆଠାରୁ ହାରି ଯାଇଥିଲା। ତେବେ ନିଜ ଗ୍ରୁପ୍‌ରେ ଦ୍ୱିତୀୟ ଶ୍ରେଷ୍ଠ ଦଳଭାବେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସେମିରେ ଭାରତ ଶନିବାର ଭିଏତନାମକୁ ଭେଟିବ। ଏହି ଲିଗ୍ ଓ ନକ୍‌ଆଉଟ ଭିତ୍ତିକ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଚାଇନିଜ ଟାଇପେ, ହଂକଂ, ଇଣ୍ଡୋନେସିଆ, ଭାରତ, ଇରାନ, ମକାଉ, ମଙ୍ଗୋଲିଆ, ଫିଲିପାଇନ୍ସ, ଭିଏତନାମ ଓ ଉଜ୍‌ବେକିସ୍ତାନ ଆଦି ୧୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରିଲିମିନାରୀ ରାଉଣ୍ଡରେ ଭାରତ ଗ୍ରୁପ୍ 'ସି'ରେ ଅଷ୍ଟ୍ରେଲିଆକୁ ହରାଇବାପରେ ଗ୍ରୁପ୍ 'ଇ'ରେ ଇଣ୍ଡୋନେସିଆ ଓ ଫିଲିପାଇନ୍ସ ସହିତ ଖେଳିଥିଲା।

# ଅଲିମ୍ପିକ ଦିବସ ପାଳିଲା ହକି ଇଣ୍ଡିଆ

ନୂଆଦିଲ୍ଲୀ, ୨୩।୬

ଶୁକ୍ରବାର ସମଗ୍ର ବିଶ୍ୱରେ ଅଲିମ୍ପିକ ଦିବସ ପାଳନ ହୋଇଛି। ଏହି ଅବସରରେ କ୍ରୀଡ଼ାବିତ୍‌ଙ୍କ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ହକି ଇଣ୍ଡିଆ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅଲିମ୍ପିକ ଦିବସ ପାଳନର ବିଷୟବସ୍ତୁ 'ଲେଟ୍ ଅସ୍ ମୁଭ୍' ରଖାଯାଇଥିଲା। ହକି ଇଣ୍ଡିଆର ସଦସ୍ୟ ୟୁନିଟ୍‌ଗୁଡ଼ିକ ତରଫରୁ ବିଭିନ୍ନ କାର୍ଯ୍ୟକଳାପର ଆୟୋଜନ ହୋଇଥିଲା, ଯଥା ପ୍ରଦର୍ଶନୀ ହକି ମ୍ୟାଚ, ମିନି ହକି ଟୁର୍ନାମେଣ୍ଟ, କାୟାକିଂ, ରୋଲର ସ୍କେଟିଂ, ଅଲିମ୍ପିକ ଦିବସ ଉପରେ କୁଇଜ୍, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା। ଆଥଲେଟିକ ସାମର୍ଥ୍ୟ ଥାଉ ଅବା ନ ଥାଉ ପୁରୁଷ ହେଉ ଅବା ମହିଳା ସମସ୍ତ ବୟସବର୍ଗର ବ୍ୟକ୍ତି ବିଶେଷଙ୍କୁ କ୍ରୀଡ଼ା ସହ ସଂଶ୍ଳିଷ୍ଟ କରିବା ଲାଗି ଉତ୍ସାହିତ କରିବା ହେଉଛି ଅଲିମ୍ପିକ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୁଡୁଚେରୀ ହକି ପକ୍ଷରୁ ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଏବଂ ହକି ଟୁର୍ନାମେଣ୍ଟ କରାଯାଇଥିଲା। ଖେଳର ପ୍ରମୋଟ ପାଇଁ ହକି ଝାଡ଼ଖଣ୍ଡ ଓ ହକି ରାଞ୍ଚି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚର ଆୟୋଜନ କରାଯାଇଥିଲା। ଆହୁରି ମଧ୍ୟ ବହୁ ସଦସ୍ୟ ୟୁନିଟ ଯଥା ହରିୟାଣା, ଆସାମ, ଗୋଆ, ଓଡ଼ିଶା, ଜମ୍ମୁ ଓ କଶ୍ମୀର, ଛତିଶଗଡ଼, ଦାଦ୍ରା ନଗର ହାବେଲି ଏବଂ ଦାମନ ଓ ଦିଉ, ଆନ୍ଧ୍ର ପ୍ରଦେଶ, ଅରୁଣାଞ୍ଚଳ ଏବଂ ମିଜୋରାମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ହକି ବେଙ୍ଗଲ ପକ୍ଷରୁ ଆୟୋଜିତ ଏକ ଗଣଦୌଡ଼ରେ ପୋଲିସ କର୍ମଚାରୀ ଭାଗ ନେଇଥିଲେ। ହକି ରାଜସ୍ଥାନ ଅଲିମ୍ପିକ ଦିବସ ସଚେତନତା ଗଣ ଦୌଡ଼, ବୃକ୍ଷରୋପଣ ଏପରକି କାୟାକିଂର ଆୟୋଜନ କରିଥିଲା। ହକି କୋଲକାତା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଟ୍ରେନିଂ ସେସନରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଅଟକାଇବା ଲାଗି ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଲୋକେ କ୍ରୀଡ଼ାକୁ ଯେପରି ସେମାନଙ୍କର ଏକ ଜୀବନ ଶୈଳୀର ଏକ ଅଂଶବିଶେଷ ଭାବେ ଗ୍ରହଣ କରିବା ଲାଗି ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବେ ସେ ଦିଗରେ ଆମ ସଦସ୍ୟ ୟୁନିଟ୍‌ଗୁଡ଼ିକର କାର୍ଯ୍ୟକଳାପ ପ୍ରଶଂସନୀୟ। ଶାରିରୀକ ଦକ୍ଷିା, ଶିକ୍ଷା, ସଂସ୍କୃତିର ବିକାଶ ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ହେଉଛି ଅଲିମ୍ପିକ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ପ୍ୟାରିସ ଅଲିମ୍ପିକ୍ସ ମଶାଲ ୪୦୦ ସହର ପରିକ୍ରମା କରିବ

ପ୍ୟାରିସ, ୨୩।୬(ଏପି)

ପ୍ୟାରିସ ଅଲିମ୍ପିକ୍ସର ଆୟୋଜକ ଗଣ ଶୁକ୍ରବାର ମଶାଲ ରିଲେର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। କଲ୍‌ଡ୍ରନ୍‌ରେ ଅଗ୍ନି ସଂଯୋଗ ପୂର୍ବରୁ ଅଲିମ୍ପିକ ମଶାଲ ୬୮ରୁ ଅଧିକ ଦିନ ବିଶ୍ୱର ୪୦୦ଟି ସହର ପରିକ୍ରମା କରିବ। ଆୟୋଜକ କମିଟି ସଭାପତି ଟୋନି ଇଷ୍ଟାନ୍‌ଗ୍ୱେଟ୍ କହିଛନ୍ତି, ପରମ୍ପରା ଅନୁସାରେ ଆସନ୍ତା ବର୍ଷ ଏପ୍ରିଲ ୧୬ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍‌ର ପୁରାତନ ଅଲିମ୍ପିଆରେ ସୂର୍ଯ୍ୟଙ୍କ କିରଣରୁ ମଶାଲରେ ଅଗ୍ନି ସଂଯୋଗ କରାଯିବ। ଏଥେନ୍ସକୁ ହସ୍ତାନ୍ତର ପୂର୍ବରୁ ଏହା ଦେଶ ସାରା ପରିକ୍ରମା କରିବ। ଏପ୍ରିଲ ୨୭ରେ ମଶାଲ ଏଥେନ୍ସ ପ୍ରସ୍ଥାନ କରି ବେଲେମ ନାମକ ଏକ ଜାହାଜରେ ୨,୬୦୦ ବର୍ଷର ପୁରାତନ ଗ୍ରୀକ୍ ଉପନିବେଶ ଫ୍ରେଞ୍ଚ ବନ୍ଦର ମର୍ସିଲି ଅଭିମୁଖେ ଯାତ୍ରା କରିବ। ବେଲେମ ପ୍ରଥମେ ୧୮୯୬ରେ ବ୍ୟବହାର କରାଯାଇଥିଲା। ସେହିବର୍ଷ ଆଧୁନିକ ଅଲିମ୍ପିକ ପ୍ରତ୍ୟାବର୍ତ୍ତନ କରିଥିଲା। ଜାହାଜଟି ମର୍ସିଲିରେ ମେ' ୮ ତାରିଖରେ ପହଞ୍ଚିବ।









ଅଲିମ୍ପିକ୍ ଦିବସ ପାଳନ ଅବସରରେ ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ଭାରତର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଭିନ୍ନଭିନ୍ନ କାର୍ଯ୍ୟକ୍ରମ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




To locate your nearest store and know more on 6366920017. Buy online at tanishq.co.in or Download our App *Conditions apply.

**Showrooms at:** S.R Central Mall - Jeypore, Master Canteen Square & Chandrashekharpur - Bhubaneswar, Cantonment Road-Cuttack, Keshar Bhavan at Main Road- Rourkela, City high School Road - Brahmapur, Buddharaja Road-Sambalpur, Amalapada-Angul, Vivekanand Marg-Balasore, Beheremal Chowk-Jharsuguda, Grand Road-Puri, Chorda Road Bypass-Jajpur Road, Bhatli Chowk Road-Bargarh.